

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.119, Tuesday, 18 August 2026, Puri, Pages - 21, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୯, ମଙ୍ଗଳବାର, ୧୮ ଅଗଷ୍ଟ ୨୦୨୬, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.119, Tuesday, 18 August 2026, Puri, Pages - 21, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୯, ମଙ୍ଗଳବାର, ୧୮ ଅଗଷ୍ଟ ୨୦୨୬, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





ଅମୃତ ଦୁନିଆ
The Amruta Dunia
RNI No. ODIODI / 2014 / 56157 www.amrutadunia.org

Selfie ଦୁନିଆ
ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୫୦୮୪ ହ୍ୱାଟସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

Vol.13, Issue.119, Tuesday, 18 August 2026, Puri, Pages - 21, Rs. 9/-
ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୯, ମଙ୍ଗଳବାର, ୧୮ ଅଗଷ୍ଟ ୨୦୨୬, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

# ୧୨୬ ଗାଁ ଜଳବନ୍ଦୀ, ୯୪୧ଟି ଘର ଭାଙ୍ଗିଛି

## ୪୨,୨୧୬ ହେକ୍ଟର ଚାଷ ଜମିରେ ପାଣି ମାଡ଼ିଛି

ଭୁବନେଶ୍ୱର(ବ୍ୟୁରୋ)

ଲଘୁଚାପ ଜନିତ ବର୍ଷା ଯୋଗୁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ଉପୁଜିଛି। ସୋମବାର ଅପରାହ୍ଣ ସୁଦ୍ଧା ବନ୍ୟାରେ ୬ଟି ଜିଲ୍ଲାରେ ୬୬ଟି ବ୍ଲକର ୪୪୮ଟି ଗ୍ରାମପଞ୍ଚାୟତର ୧୩୦୪ଟି ଗାଁ, ୧୦ଟି ପୌରାଞ୍ଚଳର ୬୪ଟି ୱାର୍ଡ ପ୍ରଭାବିତ ହୋଇଛି। ଏଥିରେ ମୋଟ୍ ୭,୮୫,୧୯୯ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ତେବେ ଏହି ବନ୍ୟାରେ କାହାରି ମୃତ୍ୟୁ ହୋଇନଥିବା ସ୍ୱତନ୍ତ୍ର ରିଲିଫ କମିସନରଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଛି। ବୈତରଣୀ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ, ସାଳନ୍ଦୀ ନଦୀରେ ବନ୍ୟା ଯୋଗୁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଭାବିତ ହୋଇଥିବାବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଜିଲ୍ଲାରେ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ପ୍ରଭାବିତଙ୍କୁ ଯେପରି ଶୁଖିଲା ଓ ରନ୍ଧା ଖାଦ୍ୟ ସୁବିଧାରେ ଯୋଗାଇ ଦିଆଯିବ ସେଥିପାଇଁ ୬ଟି ଜିଲ୍ଲାରେ ୫୩୧ଟି ରିଲିଫ କେନ୍ଦ୍ର ଖୋଲିଛି। ଲୋକଙ୍କୁ ଉଦ୍ଧାର ପାଇଁ ୬ଟି ଜିଲ୍ଲାରେ ମୋଟ୍ ୩୯ଟି ଓଡ୍ରାଫ୍ ଟିମ୍, ୭ଟି ଏନ୍‌ଡିଆରଏଫ୍ ଟିମ୍, ୫୩ଟି ଅଗ୍ନିଶମ ଟିମ୍ ମୁତୟନ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୯୪୧ଟି ଘର ଭାଙ୍ଗିଥିବା ଏବଂ ୪୨,୨୧୬.୭ ହେକ୍ଟର ଚାଷ ଜମିରେ ପାଣି ମାଡ଼ିଥିବା ପ୍ରାରମ୍ଭିକ ରିପୋର୍ଟରୁ ଜାଣିବାକୁ ମିଳିଛି। ଏସ୍ଆରସିଙ୍କ ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକର ୯୭ଟି ଗ୍ରାମପଞ୍ଚାୟତର ୪୫୩ଟି ଗାଁ, ୨ଟି ସହରାଞ୍ଚଳର ୧୯ଟି ୱାର୍ଡର ୨,୦୩,୮୭୮ଜଣ ପ୍ରଭାବିତ ହୋଇଛନ୍ତି। ୬୦ଟି ଗାଁ ଜଳାର୍ଣ୍ଣବ ହୋଇଥିବାବେଳେ ୬୧,୪୧୮ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ୬୯ଟି ଘର ବର୍ଷା ଓ ବନ୍ୟାରେ ନଷ୍ଟ ହୋଇଛି। ୧୬ହଜାର ହେକ୍ଟର ଚାଷ ଜମିରେ ପାଣି ମାଡ଼ିଥିବାରୁ ଫସଲ ନଷ୍ଟ ହୋଇଛି। ସେହିପରି ଭଦ୍ରକ ଜିଲ୍ଲାରେ ୪ଟି ବ୍ଲକର ୩୯ଟି ଗ୍ରାମପଞ୍ଚାୟତର ୧୩୪ଟି ଗାଁ, ଗୋଟିଏ ସହରାଞ୍ଚଳର ୪ଟି ୱାର୍ଡର ୧,୯୬,୨୪୦ଜଣ ପ୍ରଭାବିତ ହୋଇଛନ୍ତି। କୌଣସି ଗାଁ ଜଳାର୍ଣ୍ଣବ ହୋଇନଥିଲେ ବି ୧,୦୭,୭୭୩ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ୧୬୨୩ ହେକ୍ଟର ଚାଷ ଜମିରେ ପାଣି ମାଡ଼ିଥିବାରୁ ଫସଲ ନଷ୍ଟ ହୋଇଛି। ଯାଜପୁର ଜିଲ୍ଲାରେ ୧୦ଟି ବ୍ଲକର ୧୧୭ଟି ■ ପୃଷ୍ଠା-୧୫

### ଯାଜପୁର ଓ ଭଦ୍ରକ ବନ୍ୟାଞ୍ଚଳରେ ମୁଖ୍ୟମନ୍ତ୍ରୀ

# ରିଲିଫ୍ ଓ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ନିର୍ଦ୍ଦେଶ

- ବୋଟ୍ ଓ ବାଇକ୍‌ରେ ବନ୍ୟାବିପନ୍ନଙ୍କ ପାଖରେ ସିଏମ୍
- ପ୍ରଭାବିତଙ୍କ ପାଇଁ ପ୍ରସ୍ତୁତ ରନ୍ଧାଖାଦ୍ୟର ମାନ ଯାଞ୍ଚକଲେ
- ୬ ଜିଲ୍ଲାର ୭ ଲକ୍ଷ ୮୫ ହଜାର ଲୋକ ପ୍ରଭାବିତ
- ବନ୍ୟା ସ୍ଥିତି ପାଇଁ ଯାଜପୁରରେ ଆଜି ସ୍କୁଲ ଛୁଟି



ଯାଜପୁର/ଭଦ୍ରକ(ଅମୃତ ମିଡ଼ିଆ)

ଲଗାଣ ବର୍ଷା ଓ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ଯୋଗୁଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଛି। ବିଶେଷକରି ଉତ୍ତର ଓଡ଼ିଶାର ଅନେକ ଜିଲ୍ଲା ବନ୍ୟା ପ୍ରଭାବିତ ହୋଇଥିବା ବେଳେ ହଜାର ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପ୍ରଶାସନ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲାର ୧୨ଟି, ଭଦ୍ରକର ୪ଟି, ଯାଜପୁରର ୧୦ଟି, କେନ୍ଦୁଝରର ୧୩ଟି, ମୟୂରଭଞ୍ଜର ୨୨ଟି ଏବଂ କେନ୍ଦ୍ରାପଡ଼ାର ୫ଟି ବ୍ଲକ୍ ବନ୍ୟା ପ୍ରଭାବିତ ହୋଇଛି।ବନ୍ୟା ଯୋଗୁଁ ମୋଟ ୪୪୮ଟି ପଞ୍ଚାୟତର ୧୩୦୪ଟି ଗାଁ ପ୍ରଭାବିତ ହୋଇଛି। ଏଥିସହ ୧୦ଟି ସହରାଞ୍ଚଳର ୬୪ଟି ୱାର୍ଡ ମଧ୍ୟ ବନ୍ୟା ପ୍ରଭାବିତ ହୋଇଥିବା ସୂଚନା ମିଳିଛି।ବନ୍ୟା ପ୍ରଭାବରେ ରାଜ୍ୟରେ ପ୍ରାୟ ୭ ଲକ୍ଷ ୮୫ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଜନଜୀବନର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ୨ ଲକ୍ଷ ୭୭ ହଜାର ଲୋକଙ୍କୁ ଉଚ୍ଚ ଓ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଜୋରଦାର କରାଯାଇଛି। ଲୋକଙ୍କୁ ଉଦ୍ଧାର କରିବା ଓ ଆବଶ୍ୟକ ସହାୟତା ଯୋଗାଇବା ପାଇଁ ୩୯ଟି ଓଡ୍ରାଫ୍ ଟିମ୍, ୭ଟି ଏନ୍‌ଡିଆରଏଫ୍ ଟିମ୍ ଏବଂ ୫୩ଟି ଅଗ୍ନିଶମ ଟିମ୍ ମୁତୟନ କରାଯାଇଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଜିଲ୍ଲା ଗସ୍ତରେ ଆସି ଦଶରଥପୁର ବ୍ଲକ୍‌ର କସପା ଓ ତରପଦା ପଞ୍ଚାୟତ ଅନ୍ତର୍ଗତ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ବନ୍ୟା ପରିସ୍ଥିତି ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ରାମଚନ୍ଦ୍ରପୁର, ବାଲଦା ଓ ଡୋଭାବିଲ୍ ଗ୍ରାମର ବନ୍ୟା ପ୍ରଭାବିତ ଲୋକଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା, ଆବଶ୍ୟକତା ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ବନ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀ ପ୍ରଭାବିତଙ୍କ ପାଇଁ ପ୍ରସ୍ତୁତ ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଏଥିସହ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ତ୍ୱରିତ ଓ ପର୍ଯ୍ୟାପ୍ତ ରିଲିଫ୍ ସହାୟତା, ନିରାପଦ ପାନୀୟ ଜଳ ଏବଂ ଆବଶ୍ୟକ ସ୍ୱାସ୍ଥ୍ୟସେବା ନିରବଚ୍ଛିନ୍ନ ଭାବେ ଯୋଗାଇଦେବା ସହ ବନ୍ୟା ପରିସ୍ଥିତି ଉପରେ ୨୪ ଘଣ୍ଟିଆ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ଅବସରରେ ମନ୍ତ୍ରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସୁରେଶ ପୂଜାରୀ, ମନ୍ତ୍ରୀ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୂର୍ଯ୍ୟବଂଶୀ ସୂରଜ, ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପ୍ରଦୀପ ବଳ ସାମନ୍ତ, ଯାଜପୁର ଲୋକସଭା ସାଂସଦ ଡଃ. ରବିନ୍ଦ୍ର ନାରାୟଣ ବେହେରା, ଏବଂ ରାଜ୍ୟସଭା ସାଂସଦ ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ବିଧାୟିକା, ବିଞ୍ଝାରପୁର ଶ୍ରୀମତୀ ପ୍ରମିଳା ମଲ୍ଲିକ, ବିଧାୟକ, ବଡ଼ଚଣା ଅମର କୁମାର ନାୟକ, ବିଧାୟକ, କୋରେଇ ଆକାଶ ଦାସନାୟକ, ବିଧାୟକ ଧର୍ମଶାଳା ହିମାଂଶୁ ଶେଖର ସାହୁ, ଏବଂ ବିଧାୟିକା, ଯାଜପୁର ଶ୍ରୀମତୀ ସୁଜାତା ସାହୁ, ସମାଜ ସେବୀ ଗୌତମ ରାୟ ପ୍ରମୁଖ ସାମିଲ ଥିଲେ। ପ୍ରଶାସନିକ ସ୍ତରରେ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ■ ପୃଷ୍ଠା-୧୫

## ରାକ୍ଷୀ ପୂର୍ଣ୍ଣମୀରେ ମିଳିବ ସୁଭଦ୍ରାର ୫ମ କିସ୍ତି

ଭୁବନେଶ୍ୱର(ବ୍ୟୁରୋ)

ସୁଭଦ୍ରା ହିତାଧିକାରୀଙ୍କ ପାଇ ଖୁସି ଖବର। ଆସନ୍ତା ୨୮ ତାରିଖ ରାକ୍ଷୀ ପୂର୍ଣ୍ଣମୀରେ ମିଳିବ ସୁଭଦ୍ରାର ୫ମ କିସ୍ତି। ନୟାଗଡ଼ରେ ରାଜ୍ୟସ୍ତରୀୟ ସମାବେଶରେ ଏହି ଟଙ୍କା ପ୍ରଦାନ କରାଯିବ। ଏ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଓଡ଼ିଶା ସରକାରଙ୍କ ମହିଳା କଲ୍ୟାଣ ଯୋଜନା ‘ସୁଭଦ୍ରା ଯୋଜନା’ର ଯୋଗ୍ୟ ହିତାଧିକାରୀମାନେ ଆସନ୍ତା ଅଗଷ୍ଟ ୨୮ ତାରିଖ, ରକ୍ଷାବନ୍ଧନ ଅବସରରେ ପଞ୍ଚମ କିସ୍ତିର ଆର୍ଥିକ ସହାୟତା ପାଇବେ। ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ଯେ, ଏକ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଦିଆଯିବ ସୁଭଦ୍ରା ଟଙ୍କା। ଅଗଷ୍ଟ ୨୮ ତାରିଖ ସୁଦ୍ଧା ଯେଉଁମାନେ ଆବେଦନ କରିଥିବେ ସେମାନଙ୍କୁ ମିଳିବ ସୁଭଦ୍ରା ଟଙ୍କା। ସେ କହିଛନ୍ତି, ଜିଲ୍ଲା ପ୍ରଶାସନ ପକ୍ଷରୁ ଯାଞ୍ଚ ହୋଇ ସୁପାରିସ କରାଯାଇଥିବା ଆବେଦନଗୁଡ଼ିକ ମଧ୍ୟ ପଞ୍ଚମ କିସ୍ତିରେ ସାମିଲ ହେବ।

### ଭାଗଚାଷୀଙ୍କୁ ମିଳିବ ଆଇନଗତ ସ୍ୱୀକୃତି

# ଫେବୃୟାରୀ-ମାର୍ଚ୍ଚ ସୁଦ୍ଧା ଆସିବ ଆଇନ

ଭୁବନେଶ୍ୱର(ବ୍ୟୁରୋ)



ଯୁଗଳ ମହାପାତ୍ର କମିଟି ସୁପାରିଶ

ରାଜ୍ୟରେ ଦୀର୍ଘବର୍ଷ ଧରି ନିଜର ହକ୍ ଓ ପରିଚୟ ପାଇଁ ସଂଘର୍ଷ କରୁଥିବା ଲକ୍ଷ ଲକ୍ଷ ଭାଗଚାଷୀଙ୍କୁ ଖୁବଶୀଘ୍ର ଆଇନଗତ ସ୍ୱୀକୃତି ମିଳିବ। ଏପରିକି ଆସନ୍ତା ଫେବୃୟାରୀ-ମାର୍ଚ୍ଚ ସୁଦ୍ଧା ବିଧାନସଭାରେ ଏ ସଂକ୍ରାନ୍ତ ବିଲ୍ ମଧ୍ୟ ଆସିବ। ରାଜ୍ୟରେ ପ୍ରକୃତ ଚାଷ କରୁଥିବା ଭାଗଚାଷୀମାନଙ୍କୁ ସରକାରୀ ସହାୟତା, ଋଣ ଓ କ୍ଷତିପୂରଣ ଯୋଗାଇବା ସହ ଜମିମାଲିକଙ୍କ ସ୍ୱାର୍ଥ ରକ୍ଷା କରିବା ଦିଗରେ ଏହି ପ୍ରସ୍ତାବିତ ଆଇନ ସହାୟକ ହେବ। ପୂର୍ବତନ ମୁଖ୍ୟ ସଚିବ ଯୁଗଳ କିଶୋର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରଶାସନିକ ଓ ଶାସନ ସଂସ୍କାର କମିଟି ଏହି ସୁପାରିଶ କରିଛନ୍ତି। ‘ପ୍ରକୃତ ଚାଷୀଙ୍କୁ ସ୍ୱୀକୃତି - ଓଡ଼ିଶାରେ ସମାବେଶୀ ଜମି ଲିଜ୍ ସଂସ୍କାର’ ଜରିଆରେ ରାଜ୍ୟରେ ନୂଆ ଜମି ଲିଜ୍ ଆଇନ ପ୍ରଣୟନ ପାଇଁ କମିଟି ସୁପାରିସ କରିଛି ।ଏହି କମିଟିରେ ପୂର୍ବତନ ବରିଷ୍ଠ ପ୍ରଶାସକ ଓ.ପି. ଅଗ୍ରୱାଲ ଓ ଟି.ଏମ୍ ବିଜୟଭାସ୍କର ସଦସ୍ୟ ରହିଥିବାବେଳେ ଭୂସଂସ୍କାର ବିଶେଷଜ୍ଞ ପ୍ରଣବ ଆର. ଚୌଧୁରୀ ଓ ରାଜସ୍ୱ ବିଶେଷଜ୍ଞ ଧୀରେନ କୁମାର ଦାଶ ବୈଷୟିକ ପରାମର୍ଶଦାତା ଭାବେ କାର୍ଯ୍ୟ କରିଛନ୍ତି। ସରକାରଙ୍କ ନିକଟରେ ମହାପାତ୍ର କମିଟି ଦାଖଲ କରିଥିବା ନିଜର ରିପୋର୍ଟରେ ରାଜ୍ୟର ଭାଗଚାଷୀଙ୍କୁ ସୁରକ୍ଷା ଦେବା ସହ ଜମି ମାଲିକଙ୍କ ସ୍ୱାର୍ଥ ରକ୍ଷା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଭାଗଚାଷୀଙ୍କୁ କୌଣସି ପରିସ୍ଥିତିରେ ଜମିର ମାଲିକାନା ଅଧିକାର ମିଳିବ ନାହିଁ। ଜମି ଉପରେ ମୂଳ ମାଲିକଙ୍କ ଅଧିକାର ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ। ନିର୍ଦ୍ଦିଷ୍ଟ ଅବଧି ପାଇଁ ଚାଷ ଉଦ୍ଦେଶ୍ୟରେ ଜମି ଚୁକ୍ତିନାମା (ଲ୍ୟାଣ୍ଡ ଲିଜିଂ ଏଗ୍ରିମେଣ୍ଟ) ବ୍ୟବସ୍ଥା ଲାଗୁ କରିବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ଉଭୟ ପକ୍ଷଙ୍କ ମଧ୍ୟରେ ବିଶ୍ୱାସ ବଢ଼ାଇବ। ବିନା ଷ୍ଟାମ୍ପ ଡ୍ୟୁଟିରେ କେବଳ ନାମମାତ୍ର ଶୁଳ୍କ ଦେଇ ଗ୍ରାମ ରାଜସ୍ୱ ଅଧିକାରୀ, ସରପଂଚ, ବ୍ୟାଙ୍କ ଅଫିସର କିମ୍ବା ନୋଟାରୀଙ୍କ ଜରିଆରେ ଏହି ଚୁକ୍ତି ସରଳ ଭାବେ ପ୍ରମାଣିତ ହୋଇପାରିବ। ବ୍ୟାଙ୍କ ଓ ସମବାୟ ସମିତି ଜରିଆରେ ପ୍ରକୃତ ଚାଷ କରୁଥିବା ବ୍ୟକ୍ତିଙ୍କୁ ସହଜରେ ଫସଲ ଋଣ ମିଳିବା ନିମନ୍ତେ ଆନୁଷ୍ଠାନିକ ବ୍ୟବସ୍ଥା ହେବା ସହ ■ ପୃଷ୍ଠା-୧୫

# ଭିଜିଲାନ୍ସ ଜାଲରେ ଡାକ୍ତର

ଭୁବନେଶ୍ୱର(ବ୍ୟୁରୋ)

ଭୁବନେଶ୍ୱରର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର କ୍ୟାପିଟାଲ ହସ୍ପିଟାଲରେ ଏକ ବଡ଼ଧରଣର ଦୁର୍ନୀତିର ପର୍ଦ୍ଦାଫାସ ହୋଇଛି । ହସ୍ପିଟାଲର ଜଣେ ସହକାରୀ ସର୍ଜନ ଡାକ୍ତର ସତ୍ୟଜିତ୍ ବେହେରାଙ୍କୁ ଓଡ଼ିଶା ଭିଜିଲାନ୍ସ ବିଭାଗ ୩୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଧରିଛି । ଜଣେ ଅସହାୟ ରୋଗୀ ସହାୟକ ଏନଜିଓ କର୍ମଚାରୀଙ୍କ ମାସିକ ଦରମା ବିଲ୍ ପାସ୍ କରାଇବା ପାଇଁ ସେ ଏହି ଲାଞ୍ଚ ନେଉଥିଲେ । କ୍ୟାପିଟାଲ ହସ୍ପିଟାଲର କାଜୁଆଲ୍ଟି ବିଭାଗରେ ଆସୁଥିବା ଅଜଣା, ନିରାଶ୍ରୟ ଏବଂ ଅସହାୟ ରୋଗୀମାନଙ୍କୁ ସହାୟତା ଯୋଗାଇବା ପାଇଁ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ନିୟୋଜିତ କରାଯାଇଥିଲା । ଏହି ଏନଜିଓ ଅଧୀନରେ କାମ କରୁଥିବା କର୍ମଚାରୀମାନଙ୍କର ଗତ ଦୁଇ ମାସର ଅର୍ଥାତ୍ ଜୁନ୍ ଏବଂ ଜୁଲାଇ ୨୦୨୬ ଦରମା ବିଲ୍ ଉଠାଇବା ପାଇଁ କାର୍ଯ୍ୟ ପ୍ରମାଣପତ୍ରରେ ଦସ୍ତଖତ କରିବା ଆବଶ୍ୟକ ଥିଲା । କିନ୍ତୁ ଡାକ୍ତର ସତ୍ୟଜିତ୍ ବେହେରା ଏହି ପ୍ରମାଣପତ୍ରରେ ଦସ୍ତଖତ କରିବା ପାଇଁ ଏନଜିଓ କର୍ମଚାରୀଙ୍କଠାରୁ ଗତ ଜୁନ୍ ମାସରୁ ବାରମ୍ବାର ପଇସା ମାଗି ହଇରାଣ କରୁଥିଲେ । ଶେଷରେ ଡାକ୍ତର ଜଣକ ୩୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ । ଲାଞ୍ଚ ଦାବି ଏବଂ ନିର୍ଯ୍ୟାତନା ଅତିମାତ୍ରାରେ ବଢ଼ିଯିବାରୁ ଏନଜିଓର କର୍ମଚାରୀ ଜଣକ ଏ ସମ୍ପର୍କରେ ଓଡ଼ିଶା ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଯୋଜନା ମୁତାବକ, ଆଜି ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଜାଲ୍ ବିଛାଇ ଡାକ୍ତର ସତ୍ୟଜିତ୍ ବେହେରାଙ୍କୁ ଅଭିଯୋଗକାରୀଙ୍କଠାରୁ ୩୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ କାବୁ କରିଥିଲା । ଅଭିଯୁକ୍ତ ଡାକ୍ତରଙ୍କ ନିକଟରୁ ସେହି ଲାଞ୍ଚ ଟଙ୍କାକୁ ସମ୍ପୂର୍ଣ୍ଣ ଜବତ କରାଯାଇଛି । ଲାଞ୍ଚ ମାମଲାରେ ଧରାପଡ଼ିବା ପରେ ଭିଜିଲାନ୍ସ ପକ୍ଷରୁ ଡାକ୍ତର ସତ୍ୟଜିତ୍ ବେହେରାଙ୍କ ସମ୍ପତ୍ତି ଓ ଆୟ ବହିର୍ଭୂତ ମାମଲାର ଯାଞ୍ଚ ପାଇଁ ତାଙ୍କର ତିନୋଟି ଭିନ୍ନ ଭିନ୍ନ ଠିକଣାରେ ଏକକାଳୀନ ଚଢ଼ଉ ଜାରି ରହିଛି । ଏହି ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ପି.ଏସ୍. କେସ୍ ନମ୍ବର ୧୯ ଦଫା ୭ ପି.ସି. (ସଂଶୋଧନ) ଆଇନ, ୨୦୧୮ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି ।

## ଜେଏସ୍ଏସ୍‌ସି ସିଜିଏଲ୍ ସମେତ ସମସ୍ତ ପରୀକ୍ଷା ବାତିଲ୍

ରାଞ୍ଚି

ଝାଡ଼ଖଣ୍ଡରେ ୨୪ ଦିନ ଧରି ଚାଲିଥିବା ଛାତ୍ର ଆନ୍ଦୋଳନ ପରେ ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି । ପ୍ରାରମ୍ଭିକ ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଟିଡ଼ିପିଏଲ ଏଜେନ୍ସି ମାଧ୍ୟମରେ ହୋଇ ଥିବା ଜେଏସଏସସି ସିଜିଏଲ ସମେତ ସମସ୍ତ ପରୀକ୍ଷା ଓ ସେଗୁଡ଼ିକର ଫଳାଫଳକୁ ବାତିଲ କରିବାକୁ ଘୋଷଣା କରିଛନ୍ତି। ଏହାସହ ୨୦୧୪ ମସିହାରୁ ଏପର୍ଯ୍ୟନ୍ତ ହୋଇଥିବା ସମସ୍ତ ନିଯୁକ୍ତି ପରୀକ୍ଷାରେ ହୋଇଥିବା ଅନିୟମିତତାର ସିଆଇଡ଼ି ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହି ନିଷ୍ପତ୍ତି ପରେ ରାଞ୍ଚିର ଜୟପାଲ ସିଂହ ମୁଣ୍ଡା ଷ୍ଟାଡିୟମରେ ଦୀର୍ଘ ଦିନରୁ ଧାରଣାରେ ବସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଝଲକ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ,ପ୍ରତିଯୋଗିତାମୂଳକ ପରୀକ୍ଷାରେ ହୋଇଥିବା ହେରଫେର ଓ ପେପର ଲିକ୍ ମାମଲାକୁ ନେଇ ରାଜ୍ୟସାରା ଆଶାୟୀ ପରୀକ୍ଷାର୍ଥୀମାନେ, ଗତ ୨୪ ଦିନ ହେବ ରାଜଧାନୀ ରାଞ୍ଚିର ରାଜରାସ୍ତାରେ ଆନ୍ଦୋଳନ କରୁଥିଲେ। ଏହାପୂର୍ବରୁ ମନ୍ତ୍ରୀମଣ୍ଡଳୀୟ ଟିମ୍ ସହ ଛାତ୍ରମାନଙ୍କ ଆଲୋଚନା ନିଷ୍ଫଳ ହୋଇ ଥିଲା।

### ତେଜିଲା ରାଜନୈତିକ ବୟାନବାଜି

# ଏମ୍ଏମ୍‌ଡିଆର୍ ସଂଶୋଧନ ବିଲ୍‌କୁ ନେଇ କେଁ

**ରାଜ୍ୟର ସ୍ୱାର୍ଥ ସହ ସାଲିସ୍ କରାଯିବ ନାହିଁ। ଏଭଳି ହେଲେ ଆମେ ଚୁପ୍ ବସିବୁ ନାହିଁ ବୋଲି ବିଜେଡି ନେତା ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଜେପି ସରକାର ବିନା ଆଲୋଚନାରେ ସଂସଦରେ ଏମ୍‌ଡିଏମ୍‌ଆର ବିଲ୍ ପାରିତ କଲେ। ଓଡ଼ିଶାର ୨୦ ବିଜେପି ସାଂସଦ ଚୁପ୍ ରହିଲେ। ଏହାଦ୍ୱାରା ରାଜ୍ୟ କୋଟି କୋଟି ଟଙ୍କା ହରାଇବ। ଭିତ୍ତିଭୂମି ବିକାଶ ଲାଗି ଏବେ ଅର୍ଥର ଅଭାବ ଦେଖାଦେବ ବୋଲି ବିଜେଡି ଅଭିଯୋଗ କରିଛି। କଂଗ୍ରେସ ମଧ୍ୟ ସମାନ ଯୁକ୍ତି ବାଢ଼ିଛି। ଏହାକୁ ନେଇ ରାଜନୀତି ତେଜୁଥିବା ବେଳେ କିଛି ଅସୁବିଧା ନାହିଁ ବୋଲି ଶାସକ ଦଳ ଯୁକ୍ତି ବାଢ଼ିଛି।**









- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧୀ ଦଳ ନେତା
- ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି
- ରାଜ୍ୟର ଆର୍ଥିକ ସ୍ୱାୟତ୍ତତା ପାଇଁ ବିଲ୍ ବଡ଼ ବିପଦ

ଭୁବନେଶ୍ୱର (ବ୍ୟୁରୋ)

ସଂସଦରେ ପାରିତ ଖଣି ଓ ଖଣିଜ ସଂଶୋଧନ ବିଲ୍-୨୦୨୬କୁ ନେଇ ଓଡ଼ିଶା ରାଜନୀତି ସରଗରମ। ବିନା ଆଲୋଚନାରେ କିଭଳି ବିଲ୍ ପାସ୍ ହେଲା, ତାକୁ ନେଇ ବି ପ୍ରଶ୍ନ ଉଠିଛି। ଖଣିଜ ସମ୍ପଦରେ ସମୃଦ୍ଧ ଓଡ଼ିଶାର ଆର୍ଥିକ ସ୍ୱାୟତ୍ତତା ଓ ଟିକସ ଆଦାୟ କ୍ଷମତା ଉପରେ ଏହି ବିଲ୍ ବଡ଼ ଆଘାତ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଓଡ଼ିଶା ଆଉ ଖଣିଜ ସମ୍ପଦ ଉପରେ ଲାଭ ପାଇବନି ଓ କେନ୍ଦ୍ର ଏସବୁର ଏକପାଖିଆ ଦାୟିତ୍ୱ ନେବ ବୋଲି କୁହାଯାଇଛି। ବିଜେପିର ୨୦ ସାଂସଦ ଏନେଇ ନୀରବ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଆଗାମୀ ଦିନରେ ଏହାକୁ ବଡ଼ ପ୍ରସଙ୍ଗ କରିବାକୁ ବିଜେଡି ଘୋଷଣା କରିଥିବା ବେଳେ ବିଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଛି ଶାସକ ଦଳ।

ସଂସଦରେ ଖଣି ଓ ଖଣିଜ ସଂଶୋଧନ ବିଲ୍-୨୦୨୬ ପାରିତ ହେବା ପରେ ଓଡ଼ିଶାରେ ଏହାକୁ ନେଇ ରାଜନୈତିକ ବୟାନବାଜି ଜୋର ଧରିଛି। ପ୍ରଥମେ ବିଜେଡି ଏହି ପ୍ରସଙ୍ଗ ଉଠାଇଥିବା ବେଳେ ଏବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖିଛନ୍ତି। ନବୀନ ନିଜ ଚିଠିରେ କହିଛନ୍ତି, ଏହି ବିଲ୍ ଓଡ଼ିଶାର ଆର୍ଥିକ ସ୍ୱାୟତ୍ତତା ପାଇଁ ବଡ଼ ବିପଦ। ଖଣିଜ ସମ୍ପଦରେ ଭରପୂର ଓଡ଼ିଶାକୁ ଏହାଦ୍ୱାରା ବଡ଼ ଆର୍ଥିକ କ୍ଷତି ସହିବାକୁ ପଡ଼ିପାରେ। ତେଣୁ ବିଲ୍‌କୁ ନେଇ ଆଲୋଚନା ପାଇଁ ତୁରନ୍ତ ସର୍ବଦଳୀୟ ବୈଠକ ଡାକିବା ସହ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ନବୀନ ଦାବି କରିଛନ୍ତି।

ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଏମ୍ଏମ୍‌ଡିଆର ସଂଶୋଧନ ବିଲ୍‌କୁ ବିରୋଧ କରିଛନ୍ତି। ବିଲ୍ ଉପରେ ଆଲୋଚନା ପାଇଁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ସେ ମଧ୍ୟ ଦାବି କରିଛନ୍ତି। ବିରୋଧୀଙ୍କ ଅଭିଯୋଗ ମଧ୍ୟରେ କେନ୍ଦ୍ର ଖଣି ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ବିଲ୍ ଯୋଗୁଁ କୌଣସି ରାଜ୍ୟର ଆର୍ଥିକ କ୍ଷତି ହେବ ନାହିଁ ବୋଲି ଖଣି ବିଭାଗ ସ୍ପଷ୍ଟ କରିଛି। ଓଡ଼ିଶାର ଖଣି ମନ୍ତ୍ରୀ ମଧ୍ୟ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ସମାନ ମତ ରଖିଛନ୍ତି। ତେବେ ଏହାର ସୁଫଳ ପାଇଁ ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତି ଓ ଠିକ୍ ରଣନୀତି ଆବଶ୍ୟକ ବୋଲି କହିଛନ୍ତି ପୂର୍ବତନ ପ୍ରଶାସକ।

ଏପଟେ ଏହି ବିଲ୍ ଯୋଗୁଁ ଓଡ଼ିଶା ବର୍ଷକୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର କ୍ଷତି ସହିବ ବୋଲି ବିରୋଧୀ ଦାବି କରୁଛନ୍ତି। ତେବେ ସଂସଦରେ ବିଲ୍ ପାରିତ ହେବା ସମୟରେ ଓଡ଼ିଶାର ୨୦ ଜଣ ସାଂସଦଙ୍କ ଭୂମିକା କ'ଣ ଥିଲା ଏବଂ ସେମାନେ ଦିଲ୍ଲୀରେ କାହିଁକି ଚୁପ୍ ରହିଲେ, ତାକୁ ନେଇ ମଧ୍ୟ ଏବେ ପ୍ରଶ୍ନ ଉଠିଛି।






# ଅସୁରକ୍ଷିତ କର୍ମକ୍ଷେତ୍ର ଓ ବ୍ୟବସ୍ଥାଗତ ତ୍ରୁଟି

**ଧୀରେ ଧୀରେ ଖୋଲୁଛି ଗୁମର। ବ୍ୟବସ୍ଥାଗତ ତ୍ରୁଟିକୁ ନେଇ ପଶ୍ଚିମବଙ୍ଗର ଶୁଭେନ୍ଦୁ ସରକାର ଏବେ ଆର ଜି କର ହସ୍ପିଟାଲରେ ଘଟିଥିବା ଲୋମଟାଙ୍କୁରା କାଣ୍ଡର ତ୍ରୁଟିକୁ ନେଇ ପୁଣି ଥରେ ତଦନ୍ତ କରିବା ପରେ ସବୁକିଛି ପଦାକୁ ଆସିବ ବୋଲି କୁହାଯାଉଛି। କୋଲକାତାର ଆର.ଜି. କର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଅଗଷ୍ଟ ୯, ୨୦୨୪ରେ ଜଣେ ୩୧ ବର୍ଷୀୟା ପୋଷ୍ଟ ଗ୍ରାଜୁଏଟ୍ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ଏହି ଭୟଙ୍କର ଅପରାଧ କର୍ମକ୍ଷେତ୍ରରେ ସୁରକ୍ଷା ଦାବି କରି ମେଡିକାଲ ପେଷାଦାରମାନଙ୍କ ଦ୍ୱାରା ଦେଶବ୍ୟାପୀ ପ୍ରତିବାଦର ସୂତ୍ରପାତ କରିଥିଲା। ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରୟ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଛି। ଏହି ସମୟରେ, ପ୍ରମାଣ ନଷ୍ଟ ଏବଂ ଜରୁରୀକାଳୀନ ଶବଦାହ ଅଭିଯୋଗକୁ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ତଦନ୍ତ ଜାରି ରହିଛି। ଆକ୍ରମଣର ଶିକାର ହୋଇଥିବା ପୀଡ଼ିତାଙ୍କ ମୃତଦେହ ଏକ ସେମିନାର ରୁମରୁ ମିଳିଥିଲା। ହସ୍ପିଟାଲ ଏବଂ ପୋଲିସ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଳମ୍ବ ଏବଂ ଘଟଣାକୁ ଚପାଇଦେବାର ଆଶଙ୍କା ଦେଶବ୍ୟାପୀ ବ୍ୟାପକ ଧର୍ମଘଟ ଏବଂ ଜନଆକ୍ରୋଶ ସୃଷ୍ଟି କରିଥିଲା। ଟିଏମ୍‌ସି ପରେ ଏବେ ବିଜେପି ସରକାର ୱେଷ୍ଟବେଙ୍ଗଲରେ କ୍ଷମତାକୁ ଫେରିଥିବା ବେଳେ ଏହି ମାମଲାର ଆମୂଳଚୂଳ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଉଛି।**

ସୁଶାନ୍ତ କୁମାର ଦାସ

ଏକ ଭୟଙ୍କର ଘଟଣା ଯାହା ଜନସଚେତନତାକୁ ଦୋହଲାଇ ଦେଇଛି, କୋଲକାତାର ଆର.ଜି. କର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ୨୦୨୪ ଅଗଷ୍ଟ ୯ ତାରିଖରେ ଜଣେ ମହିଳା ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା କରାଯାଇଥିଲା। ଅଗଷ୍ଟ ୧୮ ତାରିଖରେ, ପୂର୍ବରୁ ମାମଲାରୁ ଶୁଣାଣି କରୁଥିବା କୋଲକାତା ହାଇକୋର୍ଟଙ୍କ ବ୍ୟତୀତ ଭାରତର ସୁପ୍ରିମକୋର୍ଟ ଏହି ମାମଲାରେ ସ୍ୱତଃପ୍ରବୃତ୍ତ ଜ୍ଞାନ ଅଧିକାର ଗ୍ରହଣ କରିଥିଲେ। ଏହି ସମୟ ମଧ୍ୟରେ, କୋଲକାତା ହାଇକୋର୍ଟ ଏହି ମାମଲାରେ ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇସାରିଥିଲେ।

## ସୁପ୍ରିମକୋର୍ଟରେ ହୋଇଛି ୪ଥର ଶୁଣାଣି

ଏପର୍ଯ୍ୟନ୍ତ ଏହି ମାମଲାର ସୁପ୍ରିମକୋର୍ଟରେ ଚାରିଥର ଶୁଣାଣି ହୋଇଛି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ବିଚାରପତି ଜେ.ବି. ପାର୍ଦିୱାଲା ଏବଂ ବିଚାରପତି ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୦୨୪ ଅଗଷ୍ଟ ୨୦ ତାରିଖରେ ପ୍ରଥମ ଥର ପାଇଁ ଏହି ମାମଲାର ଶୁଣାଣି କରିଥିଲେ। ଶୁଣାଣି ସମୟରେ ଖଣ୍ଡପୀଠ ସରକାରୀ ହସ୍ପିଟାଲଗୁଡ଼ିକରେ ଡାକ୍ତରମାନଙ୍କ ପାଇଁ ନିରାପଦ କାର୍ଯ୍ୟ ପରିବେଶର ଅଭାବ ନେଇ ଗଭୀର ଚିନ୍ତା ପ୍ରକଟ କରିଥିଲେ। ଏହି ସମସ୍ୟାର ସମାଧାନ ପାଇଁ ସେମାନେ ଡାକ୍ତରମାନଙ୍କ ନିରାପତ୍ତା ନିମନ୍ତେ ଏକ ପ୍ରୋଟୋକଲ୍ ପ୍ରଣୟନ କରିବା ପାଇଁ ଏକ ଜାତୀୟ ଟାସ୍କଫୋର୍ସ ଗଠନ କରିଥିଲେ ଏବଂ ସିବିଆଇକୁ ଏହାର ତଦନ୍ତର ଏକ ସ୍ଥିତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟ ୨୨ ତାରିଖରେ ଦ୍ୱିତୀୟ ଦିନର ଶୁଣାଣି ସମୟରେ, ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଥିଲେ ଯେ, ସ୍ୱାଭାବିକ ଅବସ୍ଥା ଫେରିବା ଉଚିତ୍। କୋର୍ଟର କକ୍ଷଟି ଅନେକ ଡାକ୍ତର ସଂଘର ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀମାନଙ୍କ ଦ୍ୱାରା ପରିପୂର୍ଣ୍ଣ ଥିଲା। ଯୌନ ନିର୍ଯାତନା ଏବଂ ଲିଙ୍ଗଗତ ହିଂସାଜନିତ ଘଟଣାଗୁଡ଼ିକ ଆମର ଅନ୍ତରାତ୍ମାକୁ ଦୋହଲାଇ ଦେଇଥାଏ, ଯାହା ଆମକୁ ଏହା ଚିନ୍ତା କରିବାକୁ ବାଧ କରେ ଯେ, ଆମେ ଆଦୌ କୌଣସି ଅଗ୍ରଗତି କରିଛୁ କି ନାହିଁ। ୧୯୯୭ ମସିହାରେ, ସୁପ୍ରିମକୋର୍ଟଙ୍କ 'ବିଶାଖା' ରାୟ କର୍ମକ୍ଷେତ୍ରରେ ଯୌନ ନିର୍ଯାତନାରୁ ରକ୍ଷାପାଇବା ପାଇଁ ମାର୍ଗଦର୍ଶିକା ସ୍ଥାପନ କରିଥିଲା। ତଥାପି ୨୭ ବର୍ଷ ପରେ, କୋର୍ଟକୁ ନିଜ କର୍ମକ୍ଷେତ୍ରରେ ଜଣେ ଯୁବ ଡାକ୍ତରଙ୍କ ଅମାନୁଷିକ ଦୁଷ୍କର୍ମ ଓ ହତ୍ୟାର ଭୟାବହ ବାସ୍ତବତାର ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟପକ୍ଷରେ, ନିର୍ଭୟା, ଦିଶା, ହାଥରସ, ମଣିପୁର ଏବଂ ଅସଂଖ୍ୟ ଅନ୍ୟାନ୍ୟ ଘଟଣାର କଳାଛାୟା ବଡ଼ ଆକାରରେ ଆଚ୍ଛାଦିତ ହୋଇ ରହିଛି।

## ସିବିଆଇକୁ ମାମଲା ହସ୍ତାନ୍ତର

କଲିକତା ହାଇକୋର୍ଟ ଏହି ତଦନ୍ତକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରିଥିଲେ। ପୂର୍ବତନ କଲେଜ ଅଧ୍ୟକ୍ଷ ସନ୍ଦୀପ ଘୋଷ ଏବଂ ଅନ୍ୟମାନେ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଯାଞ୍ଚ ଓ ଗିରଫଦାରୀର ସମ୍ମୁଖୀନ ହୋଇଥିଲେ। ଏକ କୋଲକାତା କୋର୍ଟ ମୁଖ୍ୟ ଦୋଷୀ ସଞ୍ଜୟ ରୟକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପୀଡ଼ିତାଙ୍କ ଶବଦାହରେ ହୋଇଥିବା ଜରୁରୀକାଳୀନ ପଦକ୍ଷେପ ଏବଂ ପ୍ରକ୍ରିୟାଗତ ଅନିୟମିତତା ସହିତ ଜଡିତ ସ୍ଥାନୀୟ ରାଜନୈତିକ ବ୍ୟକ୍ତିମାନଙ୍କର ନୂତନ ଗିରଫଦାରୀକୁ ନେଇ ତଦନ୍ତ ଏବଂ ରାଜନୈତିକ ହଲଚଲ ଜାରି ରହିଛି।

## ଟିଏମ୍‌ସିର ପୂର୍ବତନ ବିଧାୟକ ଗିରଫ

ପଶ୍ଚିମବଙ୍ଗର ବହୁଚର୍ଚ୍ଚିତ ଆରଜି କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ମହିଳା ଜୁନିୟର ଡାକ୍ତରଙ୍କ ଦୁଷ୍କର୍ମ ଓ ହତ୍ୟା ମାମଲାରେ ପଶ୍ଚିମବଙ୍ଗ ପୋଲିସ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୀଡିତାଙ୍କ ତରବରିଆ ଅନ୍ତିମ ସଂସ୍କାର ଅଭିଯୋଗରେ ତୃଣମୂଳ କଂଗ୍ରେସର ପୂର୍ବତନ ବିଧାୟକ ତଥା ବିଧାନସଭାର ପୂର୍ବତନ ମୁଖ୍ୟ ସଚେତକ ନିର୍ମଳ ଘୋଷଙ୍କୁ ଗିରଫ କରାଯାଇଛି। ନିର୍ମଳ ଘୋଷ ଉତ୍ତର ୨୪ ପରଗଣା ଜିଲ୍ଲାର ପାଣିହାଟି ବିଧାନସଭା ଆସନର ପୂର୍ବତନ ବିଧାୟକ ରହିଥିଲେ। ପୋଲିସର ସୂଚନା ଅନୁସାରେ, ଗୁରୁବାର ତାଙ୍କୁ ଓଡ଼ିଶାର ଏକ ହୋଟେଲ୍‌ରୁ ଗିରଫ କରାଯାଇଛି।

## କାହିଁକି ଗିରଫ ହେଲେ ନିର୍ମଳ ଘୋଷ

ଏହି ଗିରଫଦାରୀର ମୁଖ୍ୟ କାରଣ ହେଉଛି ପୀଡ଼ିତାଙ୍କ ମୃତଦେହର ତରବରିଆ ଅନ୍ତିମ ସଂସ୍କାର ସମ୍ପର୍କିତ ଅଭିଯୋଗ। ଅଭିଯୋଗ ଅନୁସାରେ, ୯ ଅଗଷ୍ଟ ୨୦୨୪ ରାତିରେ ପାଣିହାଟି ଅଞ୍ଚଳର ଏକ ଶ୍ମଶାନଘାଟରେ ପୀଡ଼ିତାଙ୍କ ମୃତଦେହର ଅନ୍ତିମ ସଂସ୍କାର କରାଯାଇଥିଲା। ଏଥିରେ ନିର୍ଦ୍ଧାରିତ ପ୍ରକ୍ରିୟା ପାଳନ କରାଯାଇ ନଥିବା ଅଭିଯୋଗ ରହିଛି। ଏହା ଦ୍ୱାରା ମୃତଦେହର ପୁଣିଥରେ ପୋଷ୍ଟମର୍ଟମ ଯେପରି ହୋଇନପାରିବ ତାହା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅଭିଯୋଗର ତଦନ୍ତ ଏବେ ବାରାକପୁର ପୋଲିସ କମିଶନରେଟ୍ କରୁଛି।



## ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗରେ ନୂଆ ମାମଲା

ଚଳିତ ସପ୍ତାହରେ ପୀଡ଼ିତାଙ୍କ ବାପା ଖରଦହ ଥାନାରେ ଏକ ନୂଆ ଅଭିଯୋଗ ଦାଖଲ କରିଥିଲେ। ଏହା ଆଧାରରେ ପୋଲିସ ନୂଆ ଭାବରେ ଏଫଆଇଆର ରୁଜୁ କରିଥିଲା। ଏହି ଏଫଆଇଆରରେ ନିର୍ମଳ ଘୋଷଙ୍କ ସହ ପାଣିହାଟି ପୌରପାଳିକାର ସ୍ଥାନୀୟ ଟିଏମସି କାଉନସିଲର ସୋମନାଥ ଦେ ଏବଂ ପୀଡ଼ିତାଙ୍କ ପଡ଼ୋଶୀ ସଞ୍ଜୀବ ମୁଖାର୍ଜୀଙ୍କ ନାମ ମଧ୍ୟ ରହିଛି। ଅଭିଯୋଗରେ କୁହାଯାଇଛି ଯେ, ଏହି ତିନିଜଣଙ୍କ ଉପସ୍ଥିତିରେ ୨୦୨୪ ଅଗଷ୍ଟ ୯ ରାତିରେ ପୀଡ଼ିତାଙ୍କ ମୃତଦେହର ଅନ୍ତିମ ସଂସ୍କାର ହୋଇଥିଲା। ଏଥିରେ ନିର୍ଦ୍ଧାରିତ ନିୟମ ଓ ପ୍ରକ୍ରିୟା ପାଳନ କରାଯାଇନଥିବା ଅଭିଯୋଗ ହୋଇଛି।

## ଫେରାର ଥିଲେ ନିର୍ମଳ ଘୋଷ

ନୂଆ ଏଫଆଇଆର ରୁଜୁହେବା ପରେ ନିର୍ମଳ ଘୋଷ ଫେରାର ହୋଇଯାଇଥିଲେ। ପୋଲିସଠାରୁ ବଞ୍ଚିବା ପାଇଁ ସେ ଏକ ନୂଆ ମୋବାଇଲ୍ ସିମ୍ କାର୍ଡ ବ୍ୟବହାର କରୁଥିବା ମଧ୍ୟ ସୂଚନା ମିଳିଛି। ବାରାକପୁର ପୋଲିସ କମିଶନରେଟ୍‌ର ଜଣେ ଅଧିକାରୀଙ୍କ ମତ ଅନୁସାରେ, ବୁଧବାର ସନ୍ଧ୍ୟାରେ ତଦନ୍ତକାରୀଙ୍କୁ ନିର୍ମଳ ଘୋଷ ଓଡ଼ିଶାରେ ଲୁଚିଥିବା ନେଇ ସୂଚନା ମିଳିଥିଲା। ଏହାପରେ ବାରାକପୁର ପୋଲିସ କମିଶନରେଟ୍‌ର ଏକ ଟିମ୍ ଓଡ଼ିଶାରେ ପହଞ୍ଚିଥିଲା। ଗୁରୁବାର



ଏକ ହୋଟେଲରେ ଚଢ଼ାଉ କରି ସେଠାରୁ ନିର୍ମଳ ଘୋଷଙ୍କୁ ଗିରଫ କରାଯାଇଥିଲା। ଘୋଷଙ୍କୁ ପ୍ରଥମେ ଓଡିଶାର କୋର୍ଟରେ ହାଜର କରାଯିବ। ଏହାପରେ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ରାତାରାତି କୋଲକତା ନିଆଯିବାର ଅଛି। ଶୁକ୍ରବାର ତାଙ୍କୁ ବାରାକପୁର ଜିଲ୍ଲା କୋର୍ଟରେ ହାଜର କରାଯିବ ବୋଲି ସୂଚନା ମିଳିଛି।

## ଶବଦାହ ବେଳେ ପରିବାରର କେହିନଥିଲେ

ତଦନ୍ତରୁ ଏହା ମଧ୍ୟ ପ୍ରକାଶ ପାଇଛି ଯେ, ୯ ଅଗଷ୍ଟ ୨୦୨୪ ରାତିରେ ପୀଡିତାଙ୍କ ଶରୀରର ଶୀଘ୍ରଦାହ ସଂସ୍କାର ସମୟରେ ନିର୍ଦ୍ଧାରିତ ଶବଦାହ ଫି ମଧ୍ୟ ଛାଡ଼ କରାଯାଇଥିଲା। ଏହା ବ୍ୟତୀତ, ପୀଡିତାଙ୍କ ପରିବାରର କୌଣସି ସଦସ୍ୟଙ୍କ ଦସ୍ତଖତ ବିନା ଶବଦାହ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ଅଭିଯୋଗ କରାଯାଇଛି ଯେ, ଏହି ପ୍ରକ୍ରିୟା ପଛରେ ଉଦ୍ଦେଶ୍ୟ ଥିଲା ଦ୍ୱିତୀୟ ପୋଷ୍ଟମର୍ଟମର ସମ୍ଭାବନାକୁ ଦୂର କରିବା। ଏହା ମଧ୍ୟ ଅଭିଯୋଗ କରାଯାଇଛି ଯେ, ପୋଷ୍ଟମର୍ଟମ ଏବଂ ପଞ୍ଚନାମା ପ୍ରକ୍ରିୟା ମଧ୍ୟ ଅବହେଳା ସହିତ କରାଯାଇଥିଲା ଏବଂ ସନ୍ଦେହଜନକ ଭାବରେ ସଂକ୍ଷିପ୍ତ ଥିଲା। ଜାଣିଶୁଣି ତରବରିଆ ଭାବେ ଏସବୁ କାମ କରାଯାଇଥିବା କୁହାଯାଉଛି। ଏଥିରେ ପୀଡ଼ିତ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ପ୍ରମାଣ ଲୁଚାଇବା ପାଇଁ ପରିବାର ସଦସ୍ୟଙ୍କ ସମ୍ମତି ବିନା ଶୀଘ୍ର ଶବଦାହ କରାଯାଇଥିଲା। ମୃତ ଡାକ୍ତରଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ପାଇଁ ଏକ କାର୍ଯ୍ୟକ୍ରମରେ ଯୋଗଦେବା ସମୟରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଶବଦାହ ସମ୍ବନ୍ଧୀୟ ପରିସ୍ଥିତିରେ ଏକ ପୃଥକ୍ ମାମଲା ପଞ୍ଜୀକରଣ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେବାର ଦୁଇଦିନ ପରେ ଏହି ଘଟଣା ଘଟିଛି। ଏହି ମାମଲାରେ ଘୋଷ, ଦେ ଓ ମୁଖାର୍ଜୀଙ୍କ ଭୂମିକାର ତଦନ୍ତ କରାଯିବ ବୋଲି ପୁଲିସ କହିଛି। ଏହି ମାମଲା ଏବେ କୋଲକାତା ହାଇକୋର୍ଟରେ ବିଚାରାଧୀନ ଅଛି।







# ୮୦ତମ ସ୍ୱାଧୀନତା ଦିବସ ପାଳିତ



**ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା କପିଲାଭଟା ଗାଁରେ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ର ମିଳିତ ଆନୁକୂଲ୍ୟରେ ୮୦ ତମ ସ୍ୱାଧୀନତା ଦିବସ ମହା ଆଡ଼ମ୍ବର ରେ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଅରୁଣ ବାରିକ ଙ୍କ ଅଧକ୍ଷତା ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଟଙ୍କଧର ବିଶ୍ୱାଳଙ୍କ ସଂଯୋଜନା ରେ ମୁଖ୍ୟ ଅତିଥି ଭାବେ କପିଳାଭଟା ସରପଞ୍ଚ ତୁଳସେ ଭୋଇ, ସମ୍ମାନୀୟ ଅତିଥି ଭାବେ ସମିତି ସଭ୍ୟ କେଦାର ଭୋଇ,ହାଇସ୍କୁଲ ପରିଚାଳନା କମିଟି ର ସଭାପତି ପରମେଶ୍ୱର ମହାନନ୍ଦ,ବିଦ୍ୟାଳୟ ପରିଚାଳନା କମିଟି ର ଅଧକ୍ଷ ଯୁବରାଜ ହଂସ, ଯୁପି ସ୍କୁଲ ଏସଏମସି ଚେୟାରମ୍ୟାନ ପ୍ରଫୁଲ୍ଲ ବିଶି , ବିଶିଷ୍ଟ କଣ୍ଠଶିଳ୍ପୀ ଦୁର୍ଦ୍ଦକ୍ଷ ହଂସ, ଆଲୁମନି କମିଟି ର ସଭାପତି ତଥା ସମାଜସେବୀ ହୁଲେଶ୍ୱର ହଂସ, ପୂର୍ବତନ ସମିତି ସଭ୍ୟ ମଧୁସୂଦନ ସାହୁ,ସମାଜସେବୀ ସୁବାଷ ବେହେରା, ନାଏବ ସରପଞ୍ଚ ଝସକେତନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଉଭୟ ବିଦ୍ୟାଳୟ ର ୧୦ ଟି ପ୍ୟାରେଡ଼ ଦଳ ଅଂଶ ଗ୍ରହଣ କରିଥିବା ବେଳେ ସ୍ୱାଧୀନତା ଦିବସ ପାଳନ ହେବା ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ କୃତୀ ପ୍ରତିଯୋଗୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ଏବଂ ପରେ ବିଭିନ୍ନ ସ୍କୁଲ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକ କରି ପରିବେଷଣ ହୋଇଥିଲା ।

**ମୁଖିଗୁଡ଼ା ଓଏଚ୍‌ପିସିକୁ ନେଇ ନୂଆ ଆଶା**

# ୬୦୦ ମେଗାୱାଟ୍ ପମ୍ପଡ ଷ୍ଟୋରେଜ୍ ପ୍ରକଳ୍ପରେ ପ୍ରଶାସନିକ ସମନ୍ୱୟ ଜରୁରୀ

**{ ଜଳବିଦ୍ୟୁତ୍, ପରିବେଶ ଓ ସ୍ଥାନୀୟ ବିକାଶକୁ ଏକାଠି କରି ଆଗକୁ ବଢ଼ିବା ଆବଶ୍ୟକ; ପୁରୁଣା ପ୍ରକଳ୍ପର ଅଭିଜ୍ଞତା ଓ ନୂଆ ଯୋଜନାର ସ୍ୱଚ୍ଛତା ଉପରେ ଗୁରୁତ୍ୱ }**

**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲାର ମୁଖିଗୁଡ଼ା ଅଞ୍ଚଳରେ ଥିବା ଉପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ କେବଳ ବିଦ୍ୟୁତ୍ ଉତ୍ପାଦନର ଏକ କେନ୍ଦ୍ର ନୁହେଁ, ବରଂ କଳାହାଣ୍ଡିର ଜଳସମ୍ପଦ, ସିଚାଇ ଓ ଶକ୍ତି ବ୍ୟବସ୍ଥା ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ ପ୍ରକଳ୍ପ। ଓଡ଼ିଶା ଜଳବିଦ୍ୟୁତ୍ ଶକ୍ତି ନିଗମର ତଥ୍ୟ ଅନୁଯାୟୀ, ପ୍ରକଳ୍ପରେ ୧୫୦ ମେଗାୱାଟ୍ କ୍ଷମତାର ୪ଟି ୟୁନିଟ୍ ରହିଛି ଏବଂ ମୋଟ ସ୍ଥାପିତ କ୍ଷମତା ୬୦୦ ମେଗାୱାଟ୍। ୧୯୭୮ରେ ଶିଳାନ୍ୟାସ ହୋଇଥିବା ଏହି ପ୍ରକଳ୍ପ ୨୦୦୧ ଡିସେମ୍ବର ୮ରେ ଦେଶକୁ ସମର୍ପିତ ହୋଇଥିଲା।

ବର୍ତ୍ତମାନ ମୁଖିଗୁଡ଼ାର ଗୁରୁତ୍ୱ ଆହୁରି ବଢ଼ିବାର କାରଣ ହେଉଛି ପ୍ରସ୍ତାବିତ ୬୦୦ ମେଗାୱାଟ୍ ଉପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ। ନିଗମ ପକ୍ଷରୁ



ଏହି ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି, ଭୂପୃଷ୍ଠ ସର୍ବେକ୍ଷଣ ଓ ଭୂବୈଜ୍ଞାନିକ ଯାଞ୍ଚ ସମ୍ପର୍କିତ କାର୍ଯ୍ୟ ଚାଲିଥିବା ତଥ୍ୟ ସାମ୍ନାକୁ ଆସିଛି। ତେଣୁ ଏହା କେବଳ ଏକ ନୂଆ ବିଦ୍ୟୁତ୍ ପ୍ରକଳ୍ପ ନୁହେଁ; ଭବିଷ୍ୟତରେ ରାଜ୍ୟର ଶକ୍ତି ସଂରକ୍ଷଣ ଓ ଶକ୍ତି ଯୋଗାଣ ବ୍ୟବସ୍ଥାରେ ଏହାର ଭୂମିକାକୁ ନେଇ ମଧ ଗୁରୁତ୍ୱ ରହିଛି। ଏଭଳି ବୃହତ୍ ପ୍ରକଳ୍ପ କେବଳ ଗୋଟିଏ ବିଭାଗର ଦାୟିତ୍ୱରେ ସୀମିତ ରହିଲେ ଚାଲିବ ନାହିଁ। ଜଳସମ୍ପଦ ବିଭାଗ, ଶକ୍ତି ବିଭାଗ, ଓଏଚ୍‌ପିସି, ଜିଲ୍ଲା ପ୍ରଶାସନ, ପରିବେଶ ସମ୍ପର୍କିତ କର୍ତ୍ତୃପକ୍ଷ, ରାଜସ୍ୱ ବିଭାଗ ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କ ମଧ୍ୟରେ ଯଥେଷ୍ଟ ସମନ୍ୱୟ ରହିବା ଆବଶ୍ୟକ। ଜମି, ଜଳ, ପରିବେଶ, ପୁନର୍ବାସ, ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ଓ ନିର୍ମାଣ କାର୍ଯ୍ୟ—ପ୍ରତ୍ୟେକ ଦିଗରେ ସମ୍ପୃକ୍ତ ବିଭାଗ ମଧ୍ୟରେ ସ୍ପଷ୍ଟ ଦାୟିତ୍ୱ ବଣ୍ଟନ ରହିବା ଆବଶ୍ୟକ।

ବିଶେଷକରି ମୁଖିଗୁଡ଼ା ଭଳି ଅଞ୍ଚଳରେ ଜଳସମ୍ପଦ ଓ ଜନଜୀବନ ପରସ୍ପର ସହ ଜଡ଼ିତ ଥିବାରୁ ପ୍ରକଳ୍ପ ସମ୍ପର୍କିତ ଯେକୌଣସି ନିଷ୍ପତ୍ତିରେ ସ୍ଥାନୀୟ ପ୍ରଶାସନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରକଳ୍ପର ଆବଶ୍ୟକ ଅନୁମୋଦନ, ଜମିର ସ୍ଥିତି, ପରିବେଶ ଅନୁମତି ଓ ଅନ୍ୟାନ୍ୟ ଆଇନଗତ ପ୍ରକ୍ରିୟା ସ୍ପଷ୍ଟ ଭାବେ ଆଗକୁ ବଢ଼ିଲେ ଭବିଷ୍ୟତରେ ବିବାଦ କମିବା ସହ କାର୍ଯ୍ୟାନ୍ୱୟନ ମଧ ଦ୍ରୁତ ହୋଇପାରିବ।

ନୂଆ ପ୍ରକଳ୍ପ ଉପରେ ଗୁରୁତ୍ୱ ଦେବା ସହ ପୁରୁଣା ୬୦୦ ମେଗାୱାଟ୍ ପ୍ରକଳ୍ପର ରକ୍ଷଣାବେକ୍ଷଣ, ଯନ୍ତ୍ରପାତିର ନବୀକରଣ ଓ ସୁରକ୍ଷା ବ୍ୟବସ୍ଥାକୁ ମଧ ଗୁରୁତ୍ୱ ଦେବା ଦରକାର। ମୁଖିଗୁଡ଼ା ପ୍ରକଳ୍ପରେ ବିଭିନ୍ନ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ସମୟ ସମୟରେ ଟେଣ୍ଡର ହେଉଥିବାରୁ ପ୍ରତ୍ୟେକ କାର୍ଯ୍ୟର ଅନୁମାନିତ ମୂଲ୍ୟ, ଚୁକ୍ତି ମୂଲ୍ୟ, କାମ ପାଇଥିବା ସଂସ୍ଥା, କାର୍ଯ୍ୟ ଆଦେଶ ଓ ଅର୍ଥ ପ୍ରଦାନର ସ୍ଥିତି ଦଲିଲଭିତ୍ତିକ ଭାବେ ଉପଲବ୍ଧ ରହିବା ଆବଶ୍ୟକ। ଏହା ଦ୍ୱାରା କେବଳ ସ୍ୱଚ୍ଛତା ବଢ଼ିବ ନୁହେଁ, ଭବିଷ୍ୟତରେ କୌଣସି ଅନାବଶ୍ୟକ ଅଭିଯୋଗ କିମ୍ବା ସନ୍ଦେହକୁ ମଧ ଏଡ଼ାଇହେବ।

# ଲେଖକ ପରିଷଦ ଓ ସମ୍ବାଦ ସାହିତ୍ୟଘର ପକ୍ଷରୁ ବୃକ୍ଷରୋପଣ

**କଳାହାଣ୍ଡି(ଅମୃତ ମିଡିଆ):** ସାହିତ୍ୟ ହିଁ ମାନବୀୟ ସମ୍ବେଦନାର ମାର୍ମିକ ଅନ୍ତରାତ୍ମା କୁ ପରିମାର୍ଜିତ କରେ। ସମାବେଶୀ ରାଷ୍ଟ୍ର ଗଠନ ନିମନ୍ତେ ଛାତ୍ରଛାତ୍ରୀ ତଥା ଯୁବ ସମାଜ ସାହିତ୍ୟ ମନସ୍କ ହେବା ଅତ୍ୟନ୍ତ ସୁଖପ୍ରଦ। ଯେଉଁ ସଭ୍ୟତା ର ସାହିତ୍ୟ ଯେତେ ସୁଦୃଢ ସେମାନେ ସେତେ ବିକଶିତ। ବିଶ୍ୱ ମାନଚିତ୍ରରେ ପରିପୁଷ୍ଟ ସାହିତ୍ୟ ର ପ୍ରତିନିଧିତ୍ୱ ଯୁଗେ ଯୁଗେ ମାନବିକତାର ମନ୍ତ୍ରକୁ ଶାନ୍ତି ପଥରେ ଅଗ୍ରସର କରିପାରିଛି। ମାଟି, ମାଁ, ମଣିଷ ର ସ୍ୱର କୁ ଲେଖନୀ ମୁନରେ ପରିସ୍ଫୁଟନ ସମୟ ଆହ୍ୱାନ ବୋଲି ମତପ୍ରକାଶ ପାଇଛି। ବଲାଙ୍ଗୀର ଜିଲ୍ଲା ଲେଖକ ପରିଷଦ ଓ ସମ୍ବାଦ ସାହିତ୍ୟ ଘର



ସଇଁତଳା ର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଶିକ୍ଷା ସଦନ ପରିସରରେ ସାରସ୍ୱତ ସମାରୋହ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ପରିଷଦର ସଭାପତି ଜୟ କୁମାର ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନ ରେ ସମ୍ପାଦକ ସୁଶାନ୍ତ ବାଗ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଉପସଭାପତି ଭିକାରୀ ଚରଣ ମିଶ୍ର ଙ୍କ ଆବାହକତ୍ୱରେ ପ୍ରତିଷ୍ଠିତ ଜନବାଦୀ ଗାଳ୍ପିକ ମନୋଜ ମହାନ୍ତି, ଔପନ୍ୟାସିକ ଆଦିତେଶ୍ୱର ମିଶ୍ର, ବିଜୟ ପ୍ରଧାନ, ଯାଜ୍ଞସେନୀ ସାହା ପ୍ରମୁଖ ସ୍ୱରଚିତ ଗଳ୍ପ ପଠନ କରିଥିଲେ। ସାମାଜିକ କାର୍ଯ୍ୟକର୍ତ୍ତା ମୃତ୍ୟୁଞ୍ଜୟ ସାହୁ ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷାନୁଷ୍ଠାନ ର ପ୍ରାଚୀର ପତ୍ରିକା ନ୍ତଧାରା' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସାହିତ୍ୟ ଘର ସଭାପତି ପ୍ରମୋଦ ବୈଠାରୁ ତଥା ସମ୍ପାଦକ ବରୁଣ ସାହୁ ମଞ୍ଚାସୀନ ଥିବା ବେଳେ ଶିକ୍ଷା ସଦନର ପ୍ରତିଷ୍ଠାତା ଗୈତମ କ୍ଷେତୀ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କବିତା ଆସରରେ କବି ରସରାଜ ଅଚ୍ୟୁତ ପୁରୋହିତ ଅଧକ୍ଷତା କରିଥିଲେ। ଅଧାପକ ଦିଲୀପ ପଶାୟତ, ସନ୍ଦୀପ କୁଅଁର, ମଧୁସୂଦନ ଦାଶ ମଞ୍ଚାସୀନ ଥିବା ବେଳେ କବି ଅର୍ଜୁନ ସାହୁ, ପୁଷ୍ପାଞ୍ଜଳୀ ମେହେର ଓ ଆହ୍ଲାଦିନୀ ପାଣିଗ୍ରାହୀ ସଂଯୋଜନା କରିଥିଲେ। ପରିଷଦର ଉପଦେଷ୍ଟା ଶିକ୍ଷାବିତ୍ ସନାତନ ଠାକୁର ଙ୍କ ସମେତ ସର୍ବଶ୍ରୀ କବି ହେମନ୍ତ ଦାସ, ବୃନ୍ଦାବନ କୁମ୍ଭାର, ପଞ୍ଚାନନ ତାଣ୍ଡି, ଲକ୍ଷ୍ମୀକାନ୍ତ ବିଭାର, ଦିଲ୍ଲିପ କୁମାର ପୁରୋହିତ, ମଳୟ ତ୍ରିପାଠୀ, ବିଜୟ ତ୍ରିପାଠୀ, କବି ସୁଶାନ୍ତ ବାଗ ପ୍ରମୁଖ ଙ୍କ ସହିତ ୫୦ ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ।

# ରେଳ ଉପଭୋକ୍ତା ସଂଘ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ବଲାଙ୍ଗୀର(ଅମୃତ ମିଡିଆ):** ରେଳ ଉପଭୋକ୍ତ ସଂଘ ଓ ରେଳବାଇ ପ୍ରଶାସନ ର ମିଳିତ ଉଦ୍ୟମରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଂଘର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରେଳ ଷ୍ଟେସନର ପ୍ରବେଶ ପଥ ର ଉଭୟ ପାର୍ଶ୍ୱରେ ଗୁଆ ଗଛ ଓ ଗୋଟିଏ ପାର୍ଶ୍ୱରେ କରଞ୍ଜ ଓ ନିମ୍ବ ଗଛ ଗୁଡିକ ରୋପଣ କରାଯାଇଥିଲା । ଭବିଷ୍ୟତରେ ଯାତ୍ରୀମାନେ କିପରି ଛାଇ ଟିକିଏ ପାଇପାରିବେ ଓ ଆଗାମୀ ପିଢୀ ଷ୍ଟେସନର ସୌନ୍ଦର୍ଯ୍ୟକରଣ ପାଇଁ ସଚେତନ ରହିବା ଉଚିତ ବୋଲି ଶ୍ରୀ ମିଶ୍ର କହିଥିଲେ। ତତ୍ ସହ ଷ୍ଟେସନର ସମ୍ମୁଖ ଭାଗରେ ୧୦ଟି ଗୁଆ ଗଛ ଓ ପ୍ରସ୍ଥାନ ହେବା ପଛରେ ଅନେକ ବୃକ୍ଷରୋପଣ କରାଯାଇଥିବା । ରେଳବାଇ ପ୍ରଶାସନ ତରଫରୁ ଇଂ. ମନୋଜ କୁମାର ଓଝା, ବ୍ୟବସାୟିକ ନିରୀକ୍ଷକ ନବୀନ ଦାଶ,



ଆରପିଏଫ୍ ତରଫରୁ ଅଫିସର କୁନା ବାରିକ, ହିରାଲାଲ ସିଂ, ଦୁଷ୍ମନ୍ତ ମାଝି, ସଂଘ ତରଫରୁ ସଂପାଦକ ବିମଳ ଚକ୍ରବର୍ତ୍ତି, ମୋତିଲାଲ ସାହୁ, ଗୋପବନ୍ଧୁ ପୁରୋହିତ, ଦିବାକର ହୋତା, ପର୍ଶୁରାମ ନାୟକ, ହରେକୃଷ୍ଣ ତ୍ରିପାଠି, ସୁରେଶ ଅଗ୍ରୱାଲ ଙ୍କ ସହ ଶିବ ଗୌଡ, ରାଜୁ ପ୍ରଧାନ, ସୀତାକାନ୍ତ ପରୁଆ ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ ରେ ସହଯୋଗ କରିଥିଲେ ।

# ବ୍ଲକସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ

**ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ସର୍ବସାଧାରଣ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ମହାସମାରୋହ ରେ ପାଳିତ ହୋଇଯାଇଛି ।ଏଥିରେ ବଙ୍ଗୋମୁଣ୍ଡା ବିଡ଼ିଓ ନିତୁଶ୍ରୀ ମେହେରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ଅଧକ୍ଷା ରଞ୍ଜୁବାଳା ବେହେରା ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ ।ସମ୍ମାନୀୟ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ଉପାଧକ୍ଷ କେଶବ ନାରାୟଣ ଜୈନ, ଏବିଡ଼ିଓ ସୁଶାନ୍ତ ପାଣି, ଜିପିଡ଼ିଓ ପୁରୁଷୋତ୍ତମ ମାଝୀ, ବିଏସଏସଓ ସଞ୍ଜିତ ସୁନାଙ୍କ ସହ କାର୍ଯ୍ୟକ୍ରମରେ ବ୍ଲକ କର୍ମଚାରୀ ଓ ଅନେକ ସାମାଜିକ ସଂଗଠନର କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ।୧୪ ଗୋଟି ପ୍ୟାରେଡ଼ ଦଳ ଭାଗ ନେଇଥିଲେ । ଉପସ୍ଥାପକ ସୁଶୀଲ ପୋଡ଼ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ସେହିପରି ସରକାରୀ,



ବେସରକାରୀ ଅନୁଷ୍ଠାନ ଗୁଡିକ ରେ ମଧ ପତାକା ଉତ୍ତୋଳନ କରାଯାଇଥିଲା । ସେହିପରି ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ରଶ୍ମିରଞ୍ଜନ ପୁଟେଲ,ଦୀପକ ଦାସ ଯାଦବଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ଼ଃ ନାରାୟଣ ମିଶ୍ର ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ ।

# ସାଇଟ୍ କଲେଜରେ ସ୍ୱାଧୀନତା ଦିବସ ପାଳିତ

**ବଲାଙ୍ଗୀର(ଅମୃତ ମିଡିଆ):** ସଦାଇପାଲି ସାଇଟ କଲେଜ, ପଲ୍ଲିଶ୍ରୀ ଷ୍ଟଡିୟମ ଠାରେ ୮୦ ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି । ସୁଶ୍ରୀ ଶିକ୍ଷାନୁଷ୍ଠାନ ସମୂହ ସାଇଟ ଡିପ୍ଲୋମା ଇଂଜିନିୟରିଂ, ସାଇଟ-ଏମ୍.ଏସ୍.ସି, ବି.ଏସ.ସି, ଜି.ଏନ.ଏମ, ଏ..ଏନ.ଏମ ନର୍ସିଂ, ସୁଶ୍ରୀ ଆଇ.ଟି.ସି, ସୁଶ୍ରୂୀ ଡି.ଏମ୍.ଏଲ୍.ଟି/ ଡି.ଏମ୍.ଆର୍.ଟି, ପଲ୍ଲିଶ୍ରୀ ହାଇସ୍କୁଲ, ସୁଲୋଚନା ଦେବୀ ଶୀଶୁ ମନ୍ଦିର ଓ ଭଗବତୀ କୌସଲ୍ୟା ସ୍କୁଲ ଅଫ ନର୍ସିଂ ର ବି.ଏସ.ସି, ନର୍ସିଂ ଛାତ୍ରୀଛାତ୍ର ବୃନ୍ଦ ପ୍ୟାରେଡ ରେ ଅଂଶଗ୍ରହଣ କରିଥିଲେ । ବିଶିଷ୍ଟ ସମାଜସେବୀ ତଥା ସାଇଟ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ମୁଖ୍ୟ ଅତିଥି ରୁପେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ ଏବଂ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ । ଡ. ମିଶ୍ର ଭାଷଣ ପ୍ରଦାନ ପୂର୍ବକ ଛାତ୍ରୀ ଛାତ୍ର ଙ୍କ ଉଜ୍ୱଳ ଭବିଷ୍ୟତ କାମନା କରି ନିଜେ ଭଲ କାମ କରି ଆଗକୁ ଆଗକୁ ଚାଲିବା ଏବଂ ପଛକୁ ଚାହିଁଲେ ଝୁଣ୍ଟି ପଡିବା । ତେଣୁ ସତର୍କତା ସହ ପ୍ରତ୍ୟେକ କାମ କରିବାକୁ ସେ ପରାମର୍ଶ ଦେଇଥିଲେ।



ପଲ୍ଲିଶ୍ରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାକୁର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଆଜିର ସମ୍ମାନୀତ ଅତିଥି ରାମଜୀ ଯୁବକ ସଂଘର ସଭାପତି ଡ. ପ୍ରମୋଦ କୁମାର ମିଶ୍ର ଙ୍କ ସହିତ ସାଇଟ ଡିପ୍ଲୋମା ଇଂଜିନିୟରିଂ ଅଧ୍ୟକ୍ଷା ନମିତା ପଟେଲ, ସାଇଟ ନର୍ସିଂ ପ୍ରିନସିପାଲ ସ୍ନିଗ୍ଧାମିନତି ଦାନୀ, ଭଗବତୀ କୌସଲ୍ୟା ନର୍ସିଂ ପ୍ରିନସିପାଲ ବିନୋଦିନୀ ଦାଶ, ସାଇଟ ନର୍ସିଂ ଉପ-ଅଧ୍ୟକ୍ଷା ଲୋପାମୁଦ୍ରା ମିଶ୍ର, ସୁଶ୍ରୀ ଆଵ.ଟି.ସି. ପ୍ରିନସିପାଲ ଇଂ.ସନ୍ତୋଷ କୁମାର ବ୍ରହ୍ମା, ସୁଲୋଚନା ଦେବୀ ଶିଶୁ ମନ୍ଦିର ପ୍ରଧାନ ଗୁରୁଜୀ ପ୍ରଫୁଲ୍ଲ କୁମାର ମିଶ୍ର, ସାଇଟ ଡିପ୍ଲୋମା ଇଂଜିନିୟରିଂ ଭାଇସ-ପ୍ରିନସିପାଲ ଶ୍ରୀ ଦୁଖିଶ୍ୟାମ ପଣ୍ଡା ପ୍ରମୁଖ ମନ୍‌ଚାସିନ ଥିଲେ । ସ୍ୱାଧିନତା ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ସହ ପ୍ୟାରେଡ ରେ ଯୁଗ୍ମ ଭାବରେ ଭଗବତୀ କୌସଲ୍ୟା ନର୍ସିଂ ଓ ସାଇଟ କଲେଜ ବି.ଏସ୍.ସି ନର୍ସିଂ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହ ସାର୍ଟିଫିକେଟ ପ୍ରଦାନ କରାଯିବା ସଙ୍ଗେସଙ୍ଗେ ମିଷ୍ଟାନ ବଣ୍ଟନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରିଶେଷରେ ସାଇଟ ର ଖେଳ ସଂଯୋଜକ ସୁନିଲ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

## ହରିଶଙ୍କରରେ ଦର୍ଶନ ବେଳେ ଅଘଟଣ

# ହୃଦ୍‌ଘାତରେ ମହିଳାଙ୍କ ମୃତ୍ୟୁ

**ଖପ୍ରାଖୋଲ(ଅମୃତ ମିଡିଆ) ଅଶୋକ କୁମାର ବାଗ:** ବଲାଙ୍ଗୀର ଜିଲ୍ଲାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ହରିଶଙ୍କରଠାରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ମନ୍ଦିର ଦର୍ଶନ ଓ ପୂଜାର୍ଚ୍ଚନା ପରେ ଜଣେ ମହିଳା ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ିଯିବା ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ବରଗଡ଼ ଜିଲ୍ଲା ଭେଡେନ ଥାନା ଅନ୍ତର୍ଗତ ବରପଦର ଗ୍ରାମର ସୁମିତ୍ରା କର୍ମୀ (୫୬) ରବିବାର ନିଜ ପରିବାର ସଦସ୍ୟ ଓ ପଡ଼ୋଶୀମାନଙ୍କ



ସହ ହରିଶଙ୍କର ମନ୍ଦିର ଦର୍ଶନ ପାଇଁ ଆସିଥିଲେ। ପୂଜାର୍ଚ୍ଚନା ସାରି ପ୍ରାୟ ଦିନ ୨ଟା ସମୟରେ ମନ୍ଦିର ପରିସରରେ ଥିବାବେଳେ ହଠାତ୍ ସେ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ଓ ସାଥିରେ ଥିବା ବ୍ୟକ୍ତିମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କର ଚିକିତ୍ସା କରିଥିଲେ ମଧ ଶେଷରେ ସୁମିତ୍ରାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖପ୍ରାଖୋଲ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି। ମୃତାଙ୍କ ପୁଅ ବିକ୍ରମ କର୍ମୀଙ୍କ କହିବାନୁଯାୟୀ, ତାଙ୍କ ମା' ପୂର୍ବରୁ ହୃଦ୍‌ରୋଗରେ ପୀଡ଼ିତ ଥିଲେ। ହୃଦ୍‌ରୋଗ ଯୋଗୁଁ ଏହି ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି। ଦର୍ଶନ ପାଇଁ ହରିଶଙ୍କର ଆସିଥିବା ସୁମିତ୍ରାଙ୍କ ଏଭଳି ଅକାଳ ମୃତ୍ୟୁ ପରିବାର ଓ ସମ୍ପର୍କୀୟଙ୍କ ମଧ୍ୟରେ ଶୋକର ଛାୟା ଖେଳାଇ ଦେଇଛି।

# ସଦର ମହକୁମାରେ ସ୍ୱାଧୀନତା ଦିବସ ପାଳିତ

**ବଲାଙ୍ଗୀର(ଅମୃତ ମିଡିଆ):** ବଲାଙ୍ଗୀର ସଦରମହକୁମାରେ ଆଜି ୮୦ତମ ସ୍ୱାଧୀନତା ଦିବସ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ସ୍ଥାନୀୟ ମନୋହରପୁର ରିଜର୍ଭ ପୋଲିସ ପଡ଼ିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ମୁଖ୍ୟ ସମାରୋହରେ ମାନ୍ୟବର ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମନ୍ତ୍ରୀ ଶ୍ରୀ ସୂରଜ ନିଜର ବକ୍ତବ୍ୟରେ ସ୍ୱାଧୀନତା ସଂଗ୍ରାମୀ, ଶହୀଦ ଓ ବରପୁତ୍ରମାନଙ୍କ ମହାନ ତ୍ୟାଗକୁ ସ୍ମରଣ କରିବା ସହ ସେମାନଙ୍କ ଆଦର୍ଶରେ ଏକ ସମୃଦ୍ଧ ଓ ଶକ୍ତିଶାଳୀ ଭାରତ ଗଠନ ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଓଡ଼ିଶା ଓ ଓଡ଼ିଆ ଲୋକଙ୍କ ସାମଗ୍ରିକ ବିକାଶ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ବୋଲି ପ୍ରକାଶ କରି ସେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷକ କଲ୍ୟାଣ ଏବଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ ଜନକଲ୍ୟାଣକାରୀ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । କ୍ରୀଡ଼ା କ୍ଷେତ୍ରର ବିକାଶ ପାଇଁ ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ, ପ୍ରତି ବ୍ଲକରେ ଷ୍ଟାଡିୟମ୍ ନିର୍ମାଣ ଏବଂ 'ସିଏମ୍ ଟ୍ରଫି' ଭଳି ପଦକ୍ଷେପ ନିଆଯାଉଛି ବୋଲି ସେ



କହିଥିଲେ। ଏଥିସହ ବଲାଙ୍ଗିରର କ୍ରୀଡ଼ା ପ୍ରତିଭା ପାୟଲ ନାଗଙ୍କ ସଫଳତାକୁ ଭୂୟସୀ ପ୍ରଶଂସା କରି ଯୁବପିଢ଼ିଙ୍କୁ ଶିକ୍ଷା, ଦକ୍ଷତା ବିକାଶ ଓ କ୍ରୀଡ଼ା ପ୍ରତି ଅଧିକ ଆଗ୍ରହୀ ହେବାକୁ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ସୁରକ୍ଷା ସହ 'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମ ଏବଂ ବରପୁତ୍ରମାନଙ୍କ ସ୍ମୃତି ସୁରକ୍ଷା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବିକଶିତ ଓଡ଼ିଶା ଏବଂ ସଶକ୍ତ ଭାରତ ଗଠନରେ ଯୁବପିଢ଼ିଙ୍କ ସମେତ ସମସ୍ତଙ୍କର ସକ୍ରିୟ ଭୂମିକା ନିତାନ୍ତ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ।

ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଏବଂ ପ୍ୟାରେଡରେ ଅଂଶଗ୍ରହଣ କରି ଶ୍ରେଷ୍ଠତା ପ୍ରଦାନ କରିଥିବା ଦଳଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ। ପରେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଫଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜୀ, ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, ଉପଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ଜିଲ୍ଲାର ବିଭିନ୍ନ ପଦାଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜ୍ୟୋତି ପ୍ରକାଶ ସାହୁ ସଂଯୋଜନା କରିଥିବାବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସ୍ୱାଧୀନତା ଦିବସ ଅବସରରେ ସକାଳେ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଧର୍ମଗଡ଼ରେ ଶିବ ମହାପୁରାଣ କଥା, ୫୧ ଯୋଡ଼ିଙ୍କ ରୁଦ୍ରାଭିଷେକ

**କଳାହାଣ୍ଡି(ଅମୃତ ମିଡିଆ):** ପବିତ୍ର ଶ୍ରାବଣ ମାସ ଅବସରରେ ଧର୍ମଗଡ଼ରେ ଶ୍ରୀ ଶ୍ୟାମ ପରିବାର ପକ୍ଷରୁ ସାତ ଦିନିଆ ଶିବ ମହାପୁରାଣ କଥା ଓ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଗଷ୍ଟ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଶିବ ମହାପୁରାଣ କଥା ଶ୍ରବଣ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦୁଇ ଦିନ ୫୧ ଯୋଡ଼ି ବ୍ରତୀଙ୍କୁ ନେଇ ବିଶେଷ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ବଜରଙ୍ଗ ଅଗ୍ରୱାଲ ଓ ତାଙ୍କ ଧର୍ମପତ୍ନୀ ରୀଙ୍କୁ ଦେବୀ ଅଗ୍ରୱାଲ ଦାୟିତ୍ୱ ତୁଲାଇଥିଲେ। ବ୍ୟାସ ଭାବେ ଋଷିପୁତ୍ର ସିଦ୍ଧାର୍ଥ ରାଜ ଜୀ ଓ ପଣ୍ଡିତମାନଙ୍କ ଦ୍ୱାରା ପୂଜାପାଠ ଓ ଶିବ ମହାପୁରାଣ କଥା ପରିବେଷଣ କରାଯାଇଥିଲା। ଶିବ ମହାପୁରାଣ ଭଗବାନ ଶିବଙ୍କ ମହିମା, ଲୀଳା ଓ ତତ୍ତ୍ୱ ଉପରେ ଆଧାରିତ ଏକ ପବିତ୍ର ଧାର୍ମିକ ଗ୍ରନ୍ଥ। କଥା ପ୍ରସଙ୍ଗରେ



ଭଗବାନ ଶିବଙ୍କ ସ୍ୱରୂପ, ସୃଷ୍ଟିର ରହସ୍ୟ, ମାତା ପାର୍ବତୀଙ୍କ ସହ ବିବାହ, ଗଣେଶ ଓ କାର୍ତ୍ତିକେୟଙ୍କ ଜନ୍ମ ସମେତ ଶିବଙ୍କ ବିଭିନ୍ନ ଲୀଳା ସମ୍ପର୍କରେ ବ୍ୟାଖ୍ୟା କରାଯାଇଥିଲା। ରୁଦ୍ରାଭିଷେକ ସମୟରେ ଶିବଲିଙ୍ଗ ଉପରେ ଗଙ୍ଗାଜଳ, କ୍ଷୀର, ଦହି, ଘୃତ, ମହୁ, ଆଖୁରସ ଓ ପଞ୍ଚାମୃତ ଆଦି ଅର୍ପଣ କରାଯାଇଥିଲା। ବୈଦିକ ମନ୍ତ୍ରୋଚ୍ଚାରଣ ଓ 'ଓଁ ନମଃ ଶିବାୟ' ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଉଠିଥିଲା। ଧାର୍ମିକ ବିଶ୍ୱାସ ଅନୁଯାୟୀ ରୁଦ୍ରାଭିଷେକ ଦ୍ୱାରା ଭଗବାନ ଶିବଙ୍କ କୃପା ସହ ମାନସିକ ଶାନ୍ତି ଓ ଆତ୍ମିକ ଶୁଦ୍ଧି ଲାଭ ହୋଇଥାଏ। କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ କିଶୋର ଅଗ୍ରୱାଲ, ଧର୍ମପତ୍ନୀ ସୁନିତା ଦେବୀ ଅଗ୍ରୱାଲ, ଲଳିତ ଅଗ୍ରୱାଲ, ଅନିତା ଦେବୀ ଅଗ୍ରୱାଲ, ମୃତ୍ୟୁଞ୍ଜୟ ଅଗ୍ରୱାଲ, ସୀତାରାମ ଅଗ୍ରୱାଲ, ସୁଶୀଳା ଅଗ୍ରୱାଲ, ବିଷ୍ଣୁ ଅଗ୍ରୱାଲ, ସାରଳା ଦେବୀ, ଚଞ୍ଚଳା ଅଗ୍ରୱାଲ, ଚିରଞ୍ଜୀବ ଅଗ୍ରୱାଲ ଓ ଘନଶ୍ୟାମ ଅଗ୍ରୱାଲଙ୍କ ସମେତ ଶ୍ରୀ ଶ୍ୟାମ ପରିବାରର ସଦସ୍ୟମାନେ ସହଯୋଗ କରିଥିଲେ। ଶ୍ରାବଣ ମାସରେ ଆୟୋଜିତ ଏହି ଧାର୍ମିକ ଅନୁଷ୍ଠାନ ଧର୍ମଗଡ଼ରେ ଭକ୍ତିମୟ ପରିବେଶ ସୃଷ୍ଟି କରିବା ସହ ଧର୍ମ ଓ ଆଧ୍ୟାତ୍ମିକତାର ବାର୍ତ୍ତା ପ୍ରଦାନ କରିଥିଲା।

## ସମ୍ପାଦକୀୟ...

# ଲୋକସଭାରେ ରାଷ୍ଟ୍ରଗୀତ

ସଂସଦର ମୌସୁମୀ ଅଧିବେଶନର ଶେଷଦିନରେ ଲୋକସଭାରେ ପ୍ରଥମଥର ପାଇଁ ଯେଉଁ ଘଟଣା ଘଟିଛି,ତାହା ଦେଶରେ ଗୋଟାଏ ନୂଆ ଇତିହାସ ସୃଷ୍ଟି କରିଛି। ଯାହାର ସୁଦୂରପ୍ରସାରୀ ପ୍ରଭାବ ଆଗକୁ ଆଗକୁ ଅନୁଭୂତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଗୁରୁବାର ଦେଶର ପାର୍ଲିଆମେଣ୍ଟର ଲୋୟର ହାଉସ୍‌ରେ ଗାନ କରାଯାଇଛି 'ବନ୍ଦେ ମାତରମ'। ଯାହା କି ସଂସଦୀୟ ଇତିହାସରେ ପ୍ରଥମ ଘଟଣା। ଯାହାକୁ ସଂସଦରେ ସମସ୍ତଙ୍କ ଦ୍ୱାରା ଗାନ କରାଯାଇଥିଲା। କାହାରି ପକ୍ଷରୁ କୌଣସି ବିରୋଧାଭାଷର ଚିହ୍ନବର୍ଣ୍ଣ ବି ନଥିଲା। ଯେହେତୁ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ଏଇମାତ୍ର କିଛି ପୂର୍ବରୁ ବନ୍ଦେ ମା'ତରମକୁ ରାଷ୍ଟ୍ରୀୟ ଗୀତର ମର୍ଯ୍ୟାଦା ପ୍ରଦାନ କରାଯିବା ସହ ଗୀତଗାନକୁ ଆଇନଗତ ସୁରକ୍ଷା ମଧ୍ୟ ପ୍ରଦାନ କରାଯଇଛି। ତେବେ ବନ୍ଦେ ମାତରମ ଏବଂ ସେ ସମ୍ବନ୍ଧିତ ଏକ ବିଲ୍ ଯାହା କି ଜୁଲାଇ ମାସର ଶେଷ ଭାଗରେ ସଂସଦ ଭବନର ଉଭୟ ଗୃହରେ ଆଗତ ହୋଇ ପାସ୍ ହେବା ପରେ ଅଗଷ୍ଟରେ ବିଲ୍ ପାସ ହୋଇଛି। ଶେଷରେ ରାଷ୍ଟ୍ରପତିଙ୍କ ଦ୍ୱାରା ବିଲ ପାସ୍ ହେଲା ପରେ ଏବେ ସାରା ଦେଶରେ ଖେଳିଯାଇଛି ଖୁସିର ଲହରୀ। ସବୁଠାରୁ ବେଶି ଖୁସି ହୋଇଛନ୍ତି ଦିଲ୍ଲୀବାସୀ। ତେବେ ଲୋକସଭାରେ ସାଂସଦ ମଧ୍ୟ ଯେଉଁମାନେ ସଂସଦ ଭିତରେ ବନ୍ଦେ ମାତରମ୍ ଗାନ ସମୟରେ ଉପସ୍ଥିତ ରହି ସମସ୍ତେ ଏକ ସ୍ୱରରେ ସେହି ମହନୀୟ ଗୀତକୁ ଗାନ କରିଥିଲେ। ଯେଉଁଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଗୃହମନ୍ତ୍ରୀ ଅମିତ ଶାହ ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଥିଲେ ଉପସ୍ଥିତ। ବିରୋଧୀ କଂଗ୍ରେସର ମଧ୍ୟ ଥିଲା ଦୃଢ଼ ସମର୍ଥନ। ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀଙ୍କ ସହ ଖଣ୍ଡାଧାରରେ କଥା କହୁଥିବା, କିନ୍ତୁ କାମରେ ନୁହେଁ ମଲ୍ଲିକାର୍ଜ୍ଜୁନ୍ ଖଡ଼୍‌ଗେ ମହାଶୟ ମଧ୍ୟ ଉପସ୍ଥିତ ଥିଲେ। ତେବେ ସେ ସମୟରେ କଂଗ୍ରେସ ପକ୍ଷରୁ ସେହି ଗୀତ ଗାୟନ ଉପରେ ସାମାନ୍ୟ ବିରୋଧାଭାଷ ପ୍ରକାଶ ପାଇଥିଲା। ଯେଉଁଥିରେ ସୋନିଆ ଗାନ୍ଧୀ ବି ଥିଲେ ସାମିଲ୍ । ବନ୍ଦେ ମାତରମ ଭଳି ଏକ ଜାତୀୟତାବୋଧକ ଏବଂ ଦେଶାତ୍ମବୋଧକ ଗୀତର ଗାୟନକୁ ଯେ କେହି ବି ହସି ହସି ମୁକ୍ତ ସ୍ୱରରେ ସମର୍ଥନ ଦେଇପାରେ। ଅଥଚ କଂଗ୍ରେସ ପକ୍ଷରୁ ବିରୋଧାଭାଷ କେବେ ବି ଗ୍ରହଣୀୟ ହୋଇନପାରେ । ଯାହାକୁ ନେଇ ସାରା ଦେଶରୁ କଂଗ୍ରେସ ପ୍ରତି ଉଠିଛି ଅସନ୍ତୋଷର ସ୍ୱର। ତେବେ ବିଶେଷ କଥା ହେଲା ସ୍ୱାଧିନତାର ଦୀର୍ଘ ୮୦ ବର୍ଷ ପରେ ଏତେ ବଡ଼ ଗୋଟାଏ ମର୍ଯ୍ୟାଦାଜନକ ରାଷ୍ଟ୍ରୀୟ ଗୀତର ଗାୟନ ନେଇ ସରକାର କାହିଁକି ବିଚାର କଲେ ? ଏମିତି କେମିତି ହେଲା ? ଏତେ ବଡ଼ ଗୋଟାଏ ମର୍ଯ୍ୟାଦାଜନକ ରାଷ୍ଟ୍ରୀୟ ଗୀତର ଗାୟନ ନେଇ ବର୍ଷ ଧରି ପ୍ରକୃତରେ ସଂସଦରେ ସେହିଭଳି ସଂଗୀତ ଗାନ ପଛରେ କାରଣ କ'ଣ ହୋଇପାରେ? ଯାହା କି ଏବେ ସାରା ଦେଶରେ ହୋଇଛି ଚର୍ଚ୍ଚାର ବିଷୟ। ସଂସଦରେ ଏଭଳି ଏକ ଜାତୀୟ ମାନର , ଉଚ୍ଚମାନର ଗାନକୁ ଯେବେ ସାରା ଦେଶରୁ ଶ୍ରଦ୍ଧା ଓ ସମ୍ମାନର ସହ ସ୍ୱାଗତ କରାଯାଇଛି, ସେବେ କଂଗ୍ରେସର ବିରୋଧ ନିଶ୍ଚିତରୂପେ ବିରୋଧୀ ପକ୍ଷର ଭୂମିକା ବୋଲି କୁହାଯାଇପାରେ। ତେବେ ଅବଶୋସର ବିଷୟ ଯେ ବଙ୍କିମ୍ ଚନ୍ଦ୍ରଙ୍କ ବାନାର୍ଜୀଙ୍କ ଦ୍ୱାରା ନଭେମ୍ବର ୧୮୭୫ରେ ବନ୍ଦେ ମାତରମ ଭଳି ଏକ ମର୍ଯ୍ୟାଦାଜନକ ରାଷ୍ଟ୍ରୀୟ ଗୀତର ରଚନାର ଦୀର୍ଘ ଏତେ ବର୍ଷ ପରେ ସଂସଦର ମୌସୁମୀ ଅଧିବେଶନର ଶେଷ ଦିନରେ ସାଂସଦମାନଙ୍କ ଦ୍ୱାରା ସମବେତ ସ୍ୱରରେ ଗାନ କେବଳ ପରିବେଶକୁ ସୁନ୍ଦର କରିନାହିଁ ବରଂ ସଂସଦରେ ଉପସ୍ଥିତ କେତେକ ନକଲି ସାଂସଦଙ୍କୁ ସଚେତନ ଏବଂ ସଂଯତ କରାଇଛି ଯାହା ଫଳରେ ସେମାନେ ଆଗାମୀ ଦିନରେ ସେମାନଙ୍କ ସଂସଦୀୟ ପଦ ମର୍ଯ୍ୟାଦା ରକ୍ଷା କରିବା ସହ ଭାରତ ମାତା ପ୍ରତି ସେମାନଙ୍କର କର୍ତ୍ତବ୍ୟବୋଧକୁ ସଠିକ୍ ଭାବେ ଅନୁଭବ କରି ପାରିବେ । ଯାହାର ଫଳ ସ୍ୱରୂପ ଭାରତ ଅତି ଦ୍ରୁତ ପଥରେ ଆଗେଇ ଚାଲିବ ପ୍ରଗତି ପଥରେ ।

## ଜ୍ଞାନାମୃତ

### କୃତୀ ଛାତ୍ର

ପ୍ରଶ୍ନଟା ବି ଥିଲା ଅତି ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକ ମଧ୍ୟ ସେହି ପ୍ରଶ୍ନର ଉତ୍ତର ଅତି ସହଜରେ ଏବଂ ସରଳ ଭାଷାରେ ଦେବା ପାଇଁ ଆଗ୍ରହ ପ୍ରକାଶ କଲେ। ଛାତ୍ର-ଛାତ୍ରୀଙ୍କ ପ୍ରଶ୍ନ ଥିଲା ଯେ ଜାପାନୀମାନେ ଏତେ ଆଗରେ କାହିଁକି। ଅତୀତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ସାରା ବିଶ୍ୱର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ବିଶ୍ୱର ବିଭିନ୍ନ ଦେଶ ସମୂହ ଭାରୀ ପରିମାଣରେ କ୍ଷତିଗ୍ରସ୍ତ ହୋଇଯାଇଥାଲେ। ଯାହା ମଧ୍ୟରେ ଜାପାନ୍ ବି ଥିଲା ଯାହାର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ପୂରାପୂରି ନଷ୍ଟଭ୍ରଷ୍ଟ ହୋଇଯାଇଥିଲା। ଜାପାନବାସୀ ଯେ ଆଉଥରେ ପୁଣି ଉଠିବେ , ସେମାନେ ଯେ ଆଉଥରେ ପୁଣି ସେମାନଙ୍କ ପୂର୍ବ ଅବସ୍ଥାକୁ ଫେରି ଆସିବେ, ଏହି କଥା ପୃଥିବୀରେ କେହି ବି ଅନୁମାନ କରି ନଥିଲେ। ଅଥଚ ସବୁ କଥା ଓଲଟପାଲଟ ହୋଇଗଲା। ସମସ୍ତଙ୍କ ଅନୁମାନ ପୂରା ଫେଲ ମାରିଗଲା। ଜାପାନ କିନ୍ତୁ ଧୀରେ ଧୀରେ ଉଠିଲା, ଜାପାନ୍ କିନ୍ତୁ ଧୀରେ ଧୀରେ ଅତି ଉପରକୁ ଉଠିଲା। ଏତେ ଉପରକୁ ଉଠିଲା, ଯାହାକି ଦୁନିଆ ପାଇଁ ଗୋଟାଏ ଉଦାହରଣ ପାଲଟିଗଲା। ହେଲେ କେମିତି ? ଏତେ ନଷ୍ଟ ଭ୍ରଷ୍ଟ ପରେ ଏତେ ଉପରକୁ କେମିତି ଉଠିଲା ଜାପାନ୍ ? ଏହି ପ୍ରଶ୍ନର ଉତ୍ତରରେ ଶିକ୍ଷକ ଅତି ସହଜରେ ଏହିଭଳି କିଛି ଉତ୍ତର ଦେଲେ ଯେ ଜାପାନୀମାନେ କେବେ ବି ଏତେ ସହଜରେ ହାର୍ ମାନନ୍ତି ନାହିଁ। ଥରେ ଯାହା କରିବା ପାଇଁ ନିଷ୍ପତ୍ତି ନିଅନ୍ତି, ତାହା କୌଣସି ବି ଉପାୟରେ ପୂରଣ କରିବା ଉପରେ ସେମାନଙ୍କର ଜୀ ଜାନ୍ ଲଗାଇଦିଅନ୍ତି । କଳେ ବଳେ କଉଶଳେ ସେମାନେ ସେହି କାମକୁ ଅତି ସଫଳତାର ସହିତ ସମ୍ପନ୍ନ କରିବା ପାଇଁ ସେମାନଙ୍କ ସମସ୍ତ ବୁଦ୍ଧିବଳ ଲଗାଇଦିଅନ୍ତି ଏବଂ ଯେଯାବତ୍ ସେମାନେ ତାଙ୍କ ଲକ୍ଷ୍ୟ ହାସଲରେ ସଫଳ ହୋଇପାରନ୍ତି ନାହିଁ, ସେ ଯାବତ୍ ସେମାନେ ସେହି କାମରୁ ତାଙ୍କ ମନ ଏବଂ ଶରୀରକୁ କେବେ ବି ହଟାଇ ଦିଅନ୍ତି ନାହିଁ। ଏ ପ୍ରସଙ୍ଗରେ ଶିକ୍ଷକ ଜଣେ ଜାପାନୀ ଛାତ୍ରର ଉଦାହାରଣ ଦେଇ କହିଲେ ଯେ ଗୋଟାଏ ଗବେଷଣାଗାରରେ କୌଣସି କାରଣରୁ କାମଟିକୁ ଅଧା ପନ୍ତରିଆ ପକାଇଦେଇ ଜଣେ ଛାତ୍ର ଚାଲିଗଲା ପରେ ସେହି ଅଧାପନ୍ତରିଆ କାମକୁ ପୂରା କରିବା ପାଇଁ କେହି ଆଗଭର ନ ହେବାରୁ ଶେଷରେ ଜଣେ ଜାପାନୀ ଛାତ୍ର କିନ୍ତୁ ଆଗ୍ରହର ସହିତ ସେହି କାମରେ ହାତଦେଲେ। ସେବେ ଅନ୍ୟ ଛାତ୍ରମାନେ କିନ୍ତୁ ତାଙ୍କୁ ସେ କାର୍ଯ୍ୟ ଏକପ୍ରକାର ଅସମ୍ଭବ ବୋଲି କହି ତାଙ୍କ ମନରେ ଗୋଟାଏ ଛନକା ପୂରାଇଦେଇଥିଲେ। ଅର୍ଥାତ ତାଙ୍କୁ ଡରାଇଦେଇଥିଲେ। ତେବେ ଜାପାନୀ ଛାତ୍ରଜଣଙ୍କ କିନ୍ତୁ ସେହି ଅସମ୍ଭବ କଥାଟାକୁ ଧରିନେଲା। କାରଣ ଜାପାନୀମାନେ ଏତେ ସହଜରେ କୌଣସି କଥାରେ ହାର୍ ମାନନ୍ତି ନାହିଁ। ଜାପାନୀ ଛାତ୍ର ବି ସେହି ଗବେଷଣା କାମରେ ହାତଦେଇ ଶେଷରେ ସଫଳତା ହାସଲ କଲେ।

# 'ଶିକ୍ଷିତ ଅଜ୍ଞତା ହେଉଛି ଦର୍ଶନର ଶେଷ ଏବଂ ଧର୍ମର ଆରମ୍ଭ'



**ଉମାଶଙ୍କର ପ୍ରସାଦ**

ମଣିଷ ଜୀବନର ସବୁଠାରୁ ବଡ଼ ଯାତ୍ରା ହେଉଛି ଅଜ୍ଞାନରୁ ଜ୍ଞାନ ଆଡ଼କୁ, ଏବଂ ପୁଣି ଜ୍ଞାନରୁ ଆଉ ଏକ ପ୍ରକାର ଅଜ୍ଞାନ ଆଡ଼କୁ ଫେରିବା। ଏହି ଦ୍ୱିତୀୟ ଅଜ୍ଞାନକୁ ହିଁ କୁହାଯାଏ ଶିକ୍ଷିତ ଅଜ୍ଞତା' - Docta Ignorantia।ଶିକ୍ଷିତ ଅଜ୍ଞତା ହେଉଛି ଦର୍ଶନର ଶେଷ ଏବଂ ଧର୍ମର ଆରମ୍ଭ' — ଏହି ଗୋଟିଏ ବାକ୍ୟ ମଧ୍ୟରେ ମଣିଷ ମନର ସମ୍ପୂର୍ଣ୍ଣ ବିକାଶ ଲୁଚି ରହିଛି। ଏହା ତର୍କରୁ ବିଶ୍ୱାସ ଆଡ଼କୁ, ପ୍ରଶ୍ନରୁ ଆତ୍ମସମର୍ପଣ ଆଡ଼କୁ ଯିବାର କାହାଣୀ।ଦର୍ଶନର ଆରମ୍ଭ:- ପ୍ରଶ୍ନରୁ

ଦର୍ଶନ ଶବ୍ଦର ଅର୍ଥ ହେଲା ନ୍ତଜ୍ଞାନର ଅନୁସନ୍ଧାନ'। ଜଣେ ଦାର୍ଶନିକ ସବୁକିଛି ଉପରେ ପ୍ରଶ୍ନ କରେ। ନ୍ତମୁଁ କିଏ ? ସତ୍ୟ କ'ଣ ? ଈଶ୍ୱର ଅଛନ୍ତି କି ? ଦୁଃଖ କାହିଁକି ?' ଶତାବ୍ଦୀ ଧରି ଦର୍ଶନ ତର୍କ, ଯୁକ୍ତି ଓ ବିଜ୍ଞାନ ମାଧ୍ୟମରେ ଏହି ପ୍ରଶ୍ନର ଉତ୍ତର ଖୋଜିଛି। ସକ୍ରେଟିସ୍ ପ୍ରଶ୍ନ କଲେ, ଡେକାର୍ଟ ସନ୍ଦେହ କଲେ, ବିଜ୍ଞାନ ବ୍ରହ୍ମାଣ୍ଡକୁ ପରମାଣୁ ଓ ସୂତ୍ରରେ ଭାଙ୍ଗି ଦେଲା। ଦର୍ଶନର କାମ ହେଲା ସବୁକିଛିକୁ ବିଶ୍ଳେଷଣ କରିବା। ଏହା ପ୍ରମାଣ ଚାହେଁ, ସ୍ପଷ୍ଟତା ଚାହେଁ। ମନ ଦ୍ୱାରା ରହସ୍ୟକୁ ଜୟ କରିବାକୁ ଚାହେଁ।୨. ଦର୍ଶନର ଶେଷ:-- ଶିକ୍ଷିତ ଅଜ୍ଞତାକିନ୍ତୁ ଯେତେ ଆଗକୁ ଯାଆନ୍ତୁ ଦର୍ଶନ, ସେତେ ଗୋଟିଏ କାନ୍ଥ ସାମ୍ନାରେ ଅଟକିଯାଏ। ପଦାର୍ଥ ବିଜ୍ଞାନ ଯେତେ ଗଭୀରକୁ ଯାଏ, କ୍ୱାଣ୍ଟମ୍ ଦୁନିଆ ସେତେ ରହସ୍ୟମୟ ହୁଏ। ମନସ୍ତତ୍ୱ ଯେତେ ଅଧ୍ୟୟନ କରେ, ଚେତନା ସେତେ ଦୂରକୁ ଖସିଯାଏ। ଈଶ୍ୱରଙ୍କୁ ଯେତେ ପରିଭାଷା ଦିଅ, ତାହା ସେତେ ଛୋଟ ଲାଗେ। ଶେଷରେ ଜ୍ଞାନୀ ବ୍ୟକ୍ତି ଗୋଟିଏ ସତ୍ୟ ଉପଲବ୍ଧି କରେ:- - ନ୍ତମୁଁ ଜାଣେ ଯେ ମୁଁ କିଛି ଜାଣେନି'। ଏହା ହେଉଛି ଶିକ୍ଷିତ ଅଜ୍ଞତା। ଏହା ମୂର୍ଖତା ନୁହେଁ। ଏହା ସମସ୍ତ ଜ୍ଞାନ ଶେଷ କରିବା ପରେ ମିଳିଥିବା ପ୍ରଜ୍ଞା। ମଣିଷ ମନ ଓ ତର୍କ ଦ୍ୱାରା ଅନନ୍ତ, ପରମ ସତ୍ୟକୁ ସମ୍ପୂର୍ଣ୍ଣ ଭାବେ ବୁଝିପାରିବ ନାହିଁ — ଏହି ଉପଲବ୍ଧି। ଏଠାରେ ଦର୍ଶନ ଶେଷ ହୋଇଯାଏ। କାରଣ ଦର୍ଶନ ଉତ୍ତର ବିନା ଆଗକୁ ବଢ଼ିପାରେ ନାହିଁ, ଆଉ ଏଠାରେ ଶେଷ ଉତ୍ତର ନାହିଁ — କେବଳ ନୀରବତା ଅଛି।ଧର୍ମର ଆରମ୍ଭ ହୋଇଥାଏ ଆତ୍ମସମର୍ପଣ ରୁ। ଏହି

ଧର୍ମ ଉତ୍ତର ରୁ ଆରମ୍ଭ ହୁଏ ନାହିଁ, ଏହା ଆରମ୍ଭ ହୁଏ ସମର୍ପଣରୁ। ଯେତେବେଳେ ମନ ହାରିଯାଏ, ହୃଦୟ ଖୋଲେ। ଯେତେବେଳେ ଯୁକ୍ତି ଫେଲ୍ ହୁଏ, ବିଶ୍ୱାସ ଆରମ୍ଭ ହୁଏ। ଯେତେବେଳେ ପ୍ରଶ୍ନ ବନ୍ଦ ହୁଏ, ଅନୁଭୂତି ଆରମ୍ଭ ହୁଏ।ଜଣେ ଦାର୍ଶନିକ ପଚାରେ, ଈଶ୍ୱର କ'ଣ ?' ଜଣେ ଧାର୍ମିକ ଲୋକ କୁହେ, ନ୍ତମୁଁ ନମନ କରେ, ମୁଁ ଭଲ ପାଏ, ମୁଁ ଅନୁଭବ କରେ।' ଆମ ଶାସ୍ତ୍ରରେ ମଧ୍ୟ ଏହା ଅଛି। ଉପନିଷଦରେ ଅଛି ନ୍ତନେତି ନେତି' — ଏହା ନୁହେଁ, ତାହା ନୁହେଁ। ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ କୁହନ୍ତି, ନ୍ତସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ' — ସମସ୍ତ ତର୍କ ଛାଡ଼ି ମୋ ଶରଣକୁ ଆସ। ବୌଦ୍ଧ ଧର୍ମରେ ଧ୍ୟାନ, ସୂଫୀମାନଙ୍କରେ ଫନା — ସବୁ ଗୋଟିଏ କଥା କୁହନ୍ତି:-- ମନର ସୀମା ପାର କର। ଧର୍ମ ଜ୍ଞାନ ବିରୋଧୀ ନୁହେଁ। ଏହା ହେଉଛି ନ୍ତଜ୍ଞାନ ପରବର୍ତ୍ତୀ' ଅବସ୍ଥା। ଯେତେବେଳେ ତୁମେ ଯଥେଷ୍ଟ ଶିଖିସାରି ଜାଣିଯାଅ ଯେ ଶିଖିବାର ବି ଗୋଟିଏ ସୀମା ଅଛି, ସେତେବେଳେ ଧର୍ମ ଆରମ୍ଭ ହୁଏ।

ଜ୍ଞାନରୁ ପ୍ରଜ୍ଞା ଆଡ଼କୁ ଗତି,ଜ୍ଞାନ ମୁଣ୍ଡକୁ ପୂରଣ କରେ। ପ୍ରଜ୍ଞା ମୁଣ୍ଡକୁ ଖାଲି କରେ। ଜ୍ଞାନ ସତ୍ୟକୁ ଅଧିକାର କରିବାକୁ ଚାହେଁ। ପ୍ରଜ୍ଞା ସତ୍ୟ ଦ୍ୱାରା ଅଧିକୃତ ହେବାକୁ ଚାହେଁ। ଜଣେ ବୈଜ୍ଞାନିକ ବିଜ୍ଞାନ ଦ୍ୱାରା ବୁଝାଇ ପାରେ ଫୁଲ କେମିତି ବଢ଼େ। ଜଣେ କବି ଫୁଲକୁ ଅନୁଭବ କରାଇ ପାରେ। ଆଉ ଜଣେ ଭକ୍ତ ସେହି ଫୁଲକୁ ଈଶ୍ୱରଙ୍କୁ ଅର୍ପଣ କରେ। ତିନୋଟି ଯାକ ସତ। କିନ୍ତୁ ତୃତୀୟଟି ଆରମ୍ଭ ହୁଏ ଯେତେବେଳେ ପ୍ରଥମ ଦୁଇଟି ନିଜ ସୀମା ସ୍ୱୀକାର କରେ।

ପରିଶେଷରେ ନିଜ ମତରେ ଏତିକି କହିବି, ଦର୍ଶନ ହେଉଛି ପିଠିରେ ପ୍ରଶ୍ନର ବୋଝ ଧରି ପର୍ବତ ଚଢ଼ିବା ପରି।

ନ୍ତଶିକ୍ଷିତ ଅଜ୍ଞତା ' ହେଉଛି ଶିଖରରେ ପହଞ୍ଚି ଜାଣିବା ଯେ ଏହି ପର୍ବତର ଶେଷ ନାହିଁ। ଆଉ ନ୍ତଧର୍ମ' ହେଉଛି ସେହି ଶିଖରେ ନୀରବରେ ବସି ଆକାଶକୁ ନିଜ ଆଡ଼କୁ ଆସିବାକୁ ଦେବା।ଶିକ୍ଷିତ ଅଜ୍ଞତା' ହେବାର ଅର୍ଥ ହେଲା ଯେତେ ଜ୍ଞାନୀ ହେବା ଯେ ତର୍କ ଛାଡ଼ି ଜୀବନ ଆରମ୍ଭ କରିପାରିବା। ଏହା ଅସ୍ଥିର ଚିନ୍ତାର ଶେଷ ଏବଂ ଶାନ୍ତିପୂର୍ଣ୍ଣ ଅସ୍ତିତ୍ୱର ଆରମ୍ଭ।

ଦର୍ଶନ ଆମକୁ ଧର୍ମ ପାଇଁ ପ୍ରସ୍ତୁତ କରେ — ଈଶ୍ୱରଙ୍କୁ ଦେଇ ନୁହେଁ, ବରଂ ଏହା ଶିଖାଏ ଯେ ତୁମେ ଈଶ୍ୱରଙ୍କୁ ଧରିପାରିବ ନାହିଁ। ଆଉ ଯେଉଁ ଦିନ ତୁମେ ଏହା ସ୍ୱୀକାର କରିବ, ସେହି ଦିନ ହିଁ ତୁମେ ସତରେ ତାଙ୍କୁ ଭେଟିବାକୁ ପ୍ରସ୍ତୁତ।

ନ୍ତଜ୍ଞାନୀ ଜାଣେ ସେ କେତେ କମ୍ ଜାଣେ'

ଆଉ ସେହି କମ୍ ମଧ୍ୟରେ ହିଁ ସବୁକିଛି ଲୁଚି ରହିଛି।

ଖୋରଧା
୬୩୭୦୬୭୫୫୬୨

# ନବମ ରାଷ୍ଟ୍ରପତି-ଡକ୍ଟର ଶଙ୍କର ଦୟାଲ୍ ଶର୍ମା



**ଅକ୍ଷୟ କୁମାର ରାଉତ**

ଦେଶଭକ୍ତ ,ଚିନ୍ତାନାୟକ ,ମାତୃଭକ୍ତ,ପରୋପକାରୀ,ମାନବପ୍ରେମୀ,ନିର୍ଭିକ ସଂଗ୍ରାମୀ ଜନନାୟକ ଶଙ୍କର ଦୟାଲ ଭୋପାଳ ନଗରୀର ମଧ୍ୟଭାଗରେ ବାଲି ଗଳିର ପଣ୍ଡିତ ଖୁସୀଲାଲ ଶର୍ମା ଓ ସୁଭଦ୍ରା ଦେବୀ ଙ୍କ କୋଳ ମଣ୍ଡନ କରି ୧୯୧୮ ମସିହା ଅଗଷ୍ଟ ୧୯ ତାରିଖରେ ଜନ୍ମ ନେଲେ। ତାଙ୍କର ପିତା ଖୁସିଲାଲ ସବୁବେଳେ ଭଗବାନ ଶଙ୍କର ଙ୍କୁ ପୂଜା ଆରଧନା କରୁଥିବାରୁ ପ୍ରଥମ ପୁତ୍ର ର ନାମ ଶଙ୍କର ଦୟାଲ ଦେଇଥିଲେ। ପୁତ୍ରର ଜାତକରୁ ପଣ୍ଡିତ ଖୁସିଲାଲ ଜାଣିଥିଲେ ଯେ ପୁଅ ଦିନେ ବଡ ମଣିଷ ହେବ ଓ ଜାତିର ନାମ ଟେକ ରଖିବ। ଶଙ୍କର ଛୋଟ ଥିବା ସମୟରେ ତାଙ୍କର ମା ସୁଭଦ୍ରା ଦେବୀ ଆଖି ବୁଜି ଦେଲେ । ଖୁସିଲାଲ ପରିବାରର ଦାୟିତ୍ୱ ସମ୍ଭାଳିବା ପାଇଁ ଲେଖାରେ ଶାଳୀ ସମ୍ପତ୍ ବାଇ ଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସମ୍ପତ୍ ବାଇ ଚାରୋଟି ପୁଅଜନ୍ମ ଦେଲେ ଶମ୍ଭୁ,ଶିବ,ଇଶ,ଓ ସୋମେଶ ଘରର ବଡ ପୁଅ ଶଙ୍କର ପ୍ରତି ଟିକିଏ ହେଲେ ସ୍ନେହ ଶ୍ରଦ୍ଧା , ମା ସମ୍ପତ୍ ଊଣା କରୁ ନଥିଲେ ।ଶଙ୍କର ଦୟାଲଙ୍କର ପିତା ବୈଷ୍ଣବ ଧର୍ମ ଗ୍ରହଣ କରିଥିବାରୁ ,ପରିବାରରେ ସର୍ବଦା ପୂଜା-ପାଠ,ବ୍ରତ,ଉପବାସ,ନାମ କୀର୍ତନ ଚାଲିଥାଏ ।ଏହି ଧାର୍ମିକ ଭାବନା ଶଙ୍କରଙ୍କ ଉପରେ ପଡିଥିଲା। ତେଣୁ ଶଙ୍କର କହୁଥିଲେ ଭୋଜନ ଓ ପୂଜା ଦୁଇଟି ଯାକ ଜୀବନ ପାଇଁ ଆବଶ୍ୟକ। ଭୋଜନ ଶରୀରକୁ ଶକ୍ତି ଯୋଗାଏ ଓ ପୂଜା ପାଠ ଆତ୍ମାକୁ ସୁଦୃଢ଼ କରିଥାଏ। ଭୋପାଳର ରାମକୃଷ୍ଣ ପାଠଶାଳାରେ ଶଙ୍କର ଦୟାଲପାଠପଢା ଆରମ୍ଭ କରିଥିଲେ। ପାଠପଢା ସହିତ ଖେଳକୁଦ ଓ କୁସ୍ତିରେ ସେ ଧୁରନ୍ଧର ଥିଲେ। ଭୋପାଳରେ ରହି ସେ ଆଇ.ଏ. ପରିକ୍ଷାରେ ଉତୀର୍ଣ୍ଣ ହେଲେ। ଆଗ୍ରାର ସେଣଟଜୋନସ୍ କଲେଜରେ ନିଜର ପଢାପଢି ସହିତ ସାହିତ୍ୟ,କଳା ସଂସ୍କୃତି ବହିମାନ ପାଠାଗାରରୁ ଆଣି ପଢାପଢି କରୁଥିଲେ ।ଆଗ୍ରାରୁ ବି.ଏ. ପାଶ୍ କରି ଲକ୍ଷ୍ନୌ ବିଶ୍ୱ ବିଦ୍ୟାଳୟରେ ପାଠ ପଢିଲେ। ସେଠାରେ ସେ ହିନ୍ଦି,ଇଂରାଜୀ ଓ ସଂସ୍କୃତରେ ଏମ.ଏ ପାଶ୍ କରିଥିଲେ। ତାପରେ ସେ ଏଲ୍.ଏଲ୍.ବି.ଓ ଏଲ୍.ଏଲ୍.ଏମ୍.ଉପାଧି ଲାଭ କଲେ। ପାଠପଢା ପରେ ସେ ସେହି ବିଶ୍ୱ ବିଦ୍ୟାଳୟରେ ଅଧ୍ୟାପନ କରିଥିଲେ ।ଚାକିରୀ ପରେ ତାଙ୍କ ପରିବାରର ଆର୍ଥିକ ସମସ୍ୟା ଟିକେ ଦୂର ହୋଇ ପାରିଲା। ଅଧିକ ପଢିବା ଓ ଜାଣିବା ପାଇଁ ଶଙ୍କର ଦୟାଲ ବିଦେଶ ଯାତ୍ରା କରିଥିଲେ। ଲଣ୍ଡନରୁ ବାରିଷ୍ଟରି ସାଧାରଣ ପ୍ରଶାସନରେ ଡିପ୍ଲୋମା ,ଏଫ.ଆର.ସି ଉପାଧି ଲାଭ କରି କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଆଇନ ଡକ୍‌ଟରେଟ ଉପାଧି ଲାଭ କଲେ । ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟରୁ କେତେକ ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ବିଦେଶରୁ ଉଚ୍ଚ ଶିକ୍ଷା ଲାଭ କରି ସେ ଭାରତକୁ ଫେରିଆସିଲେ ।ଲେକ୍ଷ୍ନୌ ବିଶ୍ୱ ବିଦ୍ୟାଳୟରେ ଅଧ୍ୟାପନା କଲେ ।ଶଙ୍କର ଦୟାଲ ନିଜ ଜୀବନରେ ଦୁଇ ଥର ବିବାହ କରିଥିଲେ। ପ୍ରଥମେ ବାଲ୍ୟ ବିବାହ ସାବିତ୍ରୀ ଦେବୀଙ୍କ ସହିତ ହୋଇଥିଲା ଗୋଟିଏ ପୁତ୍ର ସନ୍ତାନ ଜନ୍ମ ଦେବା ପରେ ସାବିତ୍ରୀ ଦେବୀ ପ୍ରାଣ ତ୍ୟାଗ କରିଥିଲେ ।ତେଣୁ ଶଙ୍କର ଦଲାଲ ଦ୍ୱିତୀୟ ବିବାହ ବିମଳା ଦେବୀ ଙ୍କ ସହିତ କରିଥିଲେ ।ବିମଳାଙ୍କ ଗର୍ଭରୁ ଗୋଟିଏ ପୁଅ ଓ ଦୁଇଟି ଝିଅ ଜନ୍ମ ହୋଇଥିଲେ। ବିମଳା ଦେବୀ ରଜସ୍ଥାନର ଏକ ଆଭିଜାତ୍ୟ ଶକ୍ଷିତ ପରିବାରୁ ଆସିଥିଲେ ।ସେ ଜଣେ ଧର୍ମ ପରାୟଣା ,ପତିବ୍ରତା ନାରୀ ଥିଲେ। ଶଙ୍କର ଦୟାଲ ଙ୍କ ରାଜନୈତିକ ଜୀବନ ସାଥୀ ଥିଲେ। ଶଙ୍କର ଦୟାଲ ବ୍ରାହ୍ମଣ ହୋଇପୂଜା ପାଠ ପ୍ରତିଦିନ କରୁଥିଲେ ।ଖାଇବା ପୂର୍ବରୁ ଖାଦ୍ୟକୁ ଈଶ୍ୱରଙ୍କୁ ସମର୍ପଣ କରୁଥିଲେ। ଧର୍ମ ନାମରେ ଛୁଆଁ ଅଛୁଆଁ କୁ ସେ ବିଶ୍ୱାସ କରୁନ୍ତି ନାହିଁ। ଛୋଟ ବେଳୁ ଶଙ୍କର ଦୟାଲଗୁରୁଜନ ମାନଙ୍କୁ ଭକ୍ତି କରୁଥିଲେ ।ଯେଉଁ ସମୟରେ ଗାନ୍ଧି ଟୋପି ପନ୍ଧିବାକୁ ଲୋକେଭୟ କରୁଥିଲେ ସେହିସମୟରୁସେ ଟୋପିପିନ୍ଧୁଥିଲେ ।ଭାରତ ସ୍ୱାଧୀନ ହେଲାପରେ କେତେଗୁଡିଏ ଛୋଟ ଛୋଟ ଦେଶୀୟ ରାଜ୍ୟ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରୁଥାଆନ୍ତି। ଭୋପାଳରେ ଅତ୍ୟାଚାରି ନବାବ ହମୀଦ୍ ଉଲ୍ଲାହଖାଁ ଶାସନ କରୁଥିଲେ। ନବାବ ସ୍ୱାଧୀନତା ଆନ୍ଦୋଳନକୁ ବିରୋଧ ଓ ଇଂରେଜ ଙ୍କୁ ସମର୍ଥନ କରୁଥିଲେ। ଭି.ପି.ମେନନ୍ ମଧ୍ୟ ଭୋପାଳକୁ ଭାରତରେ ମିଶାଇ ପାରିଲେ ନାହିଁ। ଏହିଭଳି ପରିସ୍ଥିତି ଭିତରେ ପ୍ରଜା ମଣ୍ଡଳ ଆନ୍ଦୋଳନ ଆରମ୍ଭ ହୋଇଗଲା। ଏହି ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ଶଙ୍କର ଦୟାଲ ।ଏହିଖବର ପାଇ ମା ସମ୍ପତ୍ ବାଇ ଅଧିକ ବ୍ୟସ୍ତ ହୋଇ ପଡିଲେ। ଅତ୍ୟାଚାରି ନବାବର କଠୋର ଶାସନ ମା ମନକୁ ଶଙ୍କିତ କରୁଥିଲା। ଆନ୍ଦୋଳନରେ ଶଙ୍କର ଦୟାଲ ଙ୍କ ସହିତ ଲାଲ ସିଂହ,ଭୈରବ ପ୍ରସାଦ ଓ ଉଦ୍ଧବ ଦାସ,ମେହେଟ୍ଟା ମଧ୍ୟ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ନବାବ ଆନ୍ଦୋଳନ କାରୀଙ୍କ ଉପରେ ଦମନ ଲୀଳା ଆରମ୍ଭ କରିଦେଲେ। ପୋଲିସ୍ ଗୋଳି ମାଡରେ ଅନେକ ସହିଦ ହୋଇଗଲେ। ଅତ୍ୟାଚାରି ନବାବ ଲୋକ ଶକ୍ତି ଆଗରେ ହାର ମାନିଲେ। ଶଙ୍କର ଦୟାଲ ଜେଲ ଗଲେ କିନ୍ତୁ ତାଙ୍କ ଜନ୍ମ ମାଟି ଭୋପାଳ ରାଜ ଶାସନରୁ ମୁକ୍ତ ହୋଇ ସବୁଦିନ ପାଇଁ ସ୍ୱାଧୀନ ଭାରତରେ ଯୋଗ ହୋଇଗଲା।୧୯୪୯ ମସିହା ଜୁନ୍ ୧ ତାରିଖରେ ଭୋପାଳ ଦେଶୀୟ ରାଜ୍ୟଟି ବିଧିବଦ୍ଧ ଭାବରେ ଭାରତ ସହିତ ମିଶିଲା ।ଶଙ୍କର ଦୟାଲ ଭୋପାଳ କଂଗ୍ରେସ କମିଟିର ଅଧ୍ୟକ୍ଷ ହୋଇ ବେସରିୟା ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ହେଲେ। ଭୋପାଳର ନବଗଠିତ ମନ୍ତ୍ରୀ ମଣ୍ଡଳର ନେତା ଭାବେ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ ।ଶଙ୍କର ଦୟାଲ ମାତ୍ର ୩୪ ବର୍ଷ ବୟସରେଙ୍କ ଏଭଳି ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ ।ପରବର୍ତୀ ସମୟରେ ଶଙ୍କର ଦୟାଲ ମଧ୍ୟପ୍ରଦେଶ ରାଜ୍ୟର ଶିକ୍ଷା,ଲୋକନିର୍ମାଣ,ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ହୋଇଥିଲେ। ମଧ୍ୟପ୍ରଦେଶ କଂଗ୍ରେସ କମିଟିର ଅଧ୍ୟକ୍ଷ ଭାବେ ସେ ନିର୍ବାଚିତ ହେଲେ। ଏସ୍.ନିଜଲିଙ୍ଗପା ତାଙ୍କୁ କେନ୍ଦ୍ରିୟ କମିଟିର ମହାମନ୍ତ୍ରୀ ପଦରେ ଅବସ୍ଥାପିତ କରିଥିଲେ। ନିଜଲିଙ୍ଗପା ଓ ଇନ୍ଦିରାଗାନ୍ଧୀ ଙ୍କ ମଧ୍ୟରେ ମତ ପାର୍ଥକ୍ୟ ହେବାରୁ କଂଗ୍ରେସ ଦୁଇ ଭାଗ ହୋଇଗଲା। ଶଙ୍କର ଦୟାଲ ଇନ୍ଦିରା ଗାନ୍ଧୀଙ୍କ ନୀତିକୁ ସମର୍ଥନ କରି କଂଗ୍ରେସ(ଆର)ରେ ଯୋଗ ଦେଲେ। ଏପରି ସମୟ ଆସିଲା ଶଙ୍କର ଦୟାଲ ଦଳର ଅଧ୍ୟକ୍ଷ ହେଲେ। ଏହି ସମୟରେ ବ୍ୟାଙ୍କ ଗୁଡିକ ରାଷ୍ଟ୍ରୀୟକରଣ ହେଲା। ଅଧ୍ୟକ୍ଷ ପଦରେ ଦୁଇବର୍ଷ କାର୍ଯ୍ୟ କରି ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀ ମଣ୍ଡଳରେ ସଂଚାର ମନ୍ତ୍ରୀ ଭାବରେ କାର୍ଯ୍ୟ କଲେ। ମନ୍ତ୍ରୀ ଭାବରେ ପଂଚମ ପଂଚବାର୍ଷିକ ଯୋଜନାରେ ୩୧ ହଜାର ନୂଆ ଡାକଘର ଖୋଲାଇଥିଲେ ।ଏହାପରେ ଶଙ୍କର ଦୟାଲ ଆନ୍ଧ୍ରପ୍ରଦେଶ,ପାବ ଓ ମହାରାଷ୍ଟ୍ର ର ରାଜ୍ୟପାଳ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ ।ଆନ୍ଧ୍ରର ରାଜ୍ୟପାଳ ଥିବା ସମୟରେ ଉଗ୍ରପନ୍ଥୀ ମାନେ ତାଙ୍କ ଝିଅ ଗୀତାଳି ଓ ଜ୍ୱାଇଁ ଲଳିତ ମାକନଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ ।ଏହି ଦୁଃଖ କୁ ସେ ଧୈର୍ଯ୍ୟ ର ସହିତ ସହିଗଲେ।୧୯୮୭ ମସିହା ଜୁଲାଇ ମାସରେ ସେ ଭାରତର ଅଷ୍ଟମ ଉପରାଷ୍ଟ୍ରପତି ହେଲେ ।ଏହି ସମୟରେ ଭାରତର ପ୍ରଧାନ ମନ୍ତ୍ରୀ ଥିଲେ ରାଜୀବ ଗାନ୍ଧୀ । ମାଆ ସମ୍ପତ୍ ଦେବୀଙ୍କ ମନରେ ଚିନ୍ତା ପଶିଛି। ସେ ଆଉ ପୁଅ ମନ ପସନ୍ଦର ଲଡୁ,ବାଇଗଣ ଭର୍ତା,ଆମ୍ବ ଓ ସୀତାଫଳ ଖୁଆଇ ପାରିବେନି ।ସବୁ ଖାଦ୍ୟ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା ଓ ନୀରିକ୍ଷା ହେବ । ସେ ଅବୁଝା ମାଆର ପୁଅ ଆମ ଭାରତର ନବମ ରାଷ୍ଟ୍ରପତ ଡକ୍ଟର. ଶଙ୍କର ଦୟାଲ ଶର୍ମା ।ଶଙ୍କର ଦୟାଲ ଶର୍ମା ରାଷ୍ଟ୍ରପତି ନିର୍ବାଚନରେ ରାମଜେଠାମାଳିନୀ ଓ ଯୋଗିନ୍ଦର ସିଂହ ଧରତିପାପକଡଙ୍କ ସହିତ ଲଢିଲେ ଏବଂ ୬ ଲକ୍ଷ ୭୫ ହଜାର ୮ ଶହ ଚଉଷଠି ଭୋଟ ପାଇଁ ନବମ ରାଷ୍ଟ୍ରପତି ଭାବେ ୧୯୯୨ ମସିହା ଜୁଲାଇ ୨୫ ତାରିଖରେ ଶପଥ ଗ୍ରହଣ କରିଥିଲେ। ତାଙ୍କର ଅଗାଧ ଜ୍ଞାନ ପାଇଁ ଦେଶ ତଥା ବିଦେଶର ବହୁ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ। ସମୟର ସଦୁପେଯୋଗ ସହିତ ଲେଖିବା ଓ ପଢିବା ଥିଲା ତାଙ୍କ ଜୀବନର ନିଶା। ସେ ଅଧିକ ଶୁଣନ୍ତି କମ୍ କଥା କୁହନ୍ତି। ସେ ସମସ୍ତ ବିଚାର ବିବେକ ଦ୍ୱାରା କାର୍ଯ୍ୟ କରୁଥିଲେ। ଶଙ୍କର ଦୟାଲ ଦେଶ କଥା ବୁଝିବା ସହିତ ନିଜ ପରିବାରର କଥା ମଧ୍ୟ ବୁଝୁଥିଲେ। ନିଜର ମାତୃଭୂମି ପାଇଁ ବହୁ କାର୍ଯ୍ୟ କରି ୧୧୯୭ ମସିହା ଜୁଲାଇ ୨୫ ତାରିଖ ସେ ରଷ୍ଟ୍ରପତି ପଦରୁ ଅବସର ଗ୍ରହଣ କଲେ। ସବୁଦିନପାଇଁ ରାଷ୍ଟ୍ରପତିଭବନର ସୌନ୍ଦର୍ଯ୍ୟକୁ ପଛରେ ପକାଇ ଦିଲ୍ଲୀ ସ୍ଥିତ ତେଇଶି ସଂପଦର ଜଙ୍ଗ ବାସ ଭବନରେ ନିଜର ପରିବାର ସହିତ ରହି ଦେଶ ସେବା ଜନହିତକର କାର୍ଯ୍ୟ ରେମନ ପ୍ରାଣ ଢାଳୀ ଦେଲେ ।ସେଦିନ ଥିଲା ୧୯୯୯ ମସିହା ଡିସେମ୍ବର ମାସ ୨୬ ତାରିଖ ହଠାତ୍ ତାଙ୍କ ଦେହ ଅସୁସ୍ଥ ହୋଇପଡିଲା ।ଡାକ୍ତର ଙ୍କର ବହୁ ଚେଷ୍ଟା ସତ୍ତ୍ୱେ ତାଙ୍କର ପ୍ରାଣ ବାୟୁ ଉଡିଯାଇଥିଲା ।ତାଙ୍କର ମର ଶରୀରକୁ ଯମୁନା ନଦୀକୂଳରେ ୨୧ ଥର ତୋପ ସଲାମୀ ଓ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟଦାରେ ବେଦ ମନ୍ତ୍ର ପାଠ ଦ୍ୱାରା ଦାହ କରାଗଲା । ତାଙ୍କର ପୁତ୍ର ଆସୁତୋଷ ଶର୍ମା ମୁଖାଗ୍ନି ଦେବା ସମୟରେ ମାଆ ସମ୍ପତ୍ ଦେବୀ ଉପସ୍ଥିତ ଥିଲେ। ଶଙ୍କର ଦୟାଲ ହଜିଗଲେ ସତ ମାତ୍ର ତାଙ୍କର କାର୍ଯ୍ୟ ପାଇଁ ସେ ଚିରଦିନ ଭାରତ ମାତାର ବରପୁତ୍ର ଭାବେ ଅମର ହୋଇ ରହିଗଲେ।

ପାରାଦ୍ୱୀପ ଗଡ,କୁଜଙ୍ଗ
ଜଗତ୍‌ସିଂହପୁର
ମୋ -୯୯୩୭୬୯୧୪୭୫

# ଆମ କ୍ଷୁଦ୍ର ବାଡ଼ି ଜମିରେ ପରିବାଶାଗ ଆଦି ଚାଷ



**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଆଜିକାଲି ଆମ ଜଗତସିଂହପୁର ଉପକଣ୍ଠ ଗ୍ରାମ ମାନଙ୍କରେ ଲୋକଙ୍କୁ ଫସଲ ନଷ୍ଟକାରୀ ମାଙ୍କଡ଼ ଷଣ୍ଢଙ୍କ ଉତ୍ପାତ ବହୁ ବାଧିବାରୁ ବାଡ଼ିଘର ମାନଙ୍କରେ ଆଉ ପନିପରିବାର ଚାଷ ପ୍ରତି ମନ ଦେଉନାହାନ୍ତି। ଅନେଶତ ବାତ୍ୟା ମହାବାତ୍ୟା ନଡ଼ିଆ, ଆମ୍ବ, ପଣସ, ଓଉ, ଆତ, ନେହୁଆ ପରି ବହୁ ଫଳ ଗଛ ନଷ୍ଟ ହୋଇଗଲା, ବହୁତ ଚାଳ ଘର ନଷ୍ଟ ହୋଇଯିବାରୁ ଚାଳଘର ଉପରେ ମାଡ଼ି ଫଳଶୀଳ, ଲାଉ, କଖାରୁ, ପାଣିକଖାରୁ, ଲଟାପୋଇ, ଶିମ୍ବ ଆଦି ଫସଲ ଦୁର୍ଲଭ ହୋଇଗଲା। ବାଡ଼ି ବଗିଚାରେ ଯେଉଁ ସବୁ ପରିବା ଚାଷ ଅନେକ କଷ୍ଟ ଯତ୍ନରେ ହେଉଥିବା ବାଇଗଣ, ଲଙ୍କା, ଭେଣ୍ଡି, ଆଳୁ, ସାରୁ, ମାଟିଆଳୁ, ବୁଦୀ, ପୋଇ ମାଟିରେ ମାଡ଼ିବା କଖାରୁ, ଫୁଟି ତରଭୁଜ, ଭାଡ଼ିରେ ମାଡ଼ିବା ପୋଇ, କାକୁଡ଼ି, କୁନ୍ଦୁରି, କାଙ୍କଣ, ଝୁଡ଼ଙ୍ଗ, ଶିମ୍ବ, ଛଚିନ୍ଦ୍ରା, ଲାଉ କଖାରୁ ଆଉ ବିଭିନ୍ନ ପ୍ରକାର ଶାଗରେ ଖଡ଼ା, କୋଶଳା, ଲେଉଟିଆ, ବଥୁଆ, କଳମ୍ବ, ପୋଦିନା ଏତେ ରକମର ପରିବା ଶାଗ ଆମ ଗ୍ରାମରେ ହେଉଥିଲା। ବିଶେଷ କରି ଆମ ଜଗତସିଂହପୁରରେ ଥିବା ସୋମନାଥ ହାଟରେ ପ୍ରତି ମଙ୍ଗଳବାର ଓ ଶନିବାର ଉକ୍ତ ପରିବା ମାନ ବିଶେଷ ଉପଲବ୍ଧ ହେଉଥିଲା। କାଗେଜୀ, ଟଭା ଲେମ୍ବୁ, ଓଉ, ଆମ୍ବେଡ଼ା, ଆମ୍ବ ପ୍ରାୟ ଅନେକଙ୍କ ବାଡ଼ିରେ ହେଉଥିଲା ଏଥିରେ ଉତ୍ତମ ଖଟା ଆଚାର ଅନେକଙ୍କ ଘରେ ବ୍ୟବହୃତ ଏବେ ବି ହେଉଛି। ଏପରି ସମୟ ଆସିଛି ଲେକେ କର୍ମବିମୁଖ ପୁଣି ମାଙ୍କଡ଼ ଷଣ୍ଢଙ୍କ ଉତ୍ପାତ ସବୁ ତଛ ନଛ କରିଦେଉଥିବାରୁ ଲୋକେ ଏସବୁ ପ୍ରତିବିମୁଖ। ସରଳରେ ଲୋକେ କିଣିଖିଆ ହୋଇଗଲେଣି। ଗ୍ରାମରେ ଗୋରୁ ଗାଈ ଦୁର୍ଲଭ। ଗୋରୁ ଚରାଇବା ଏବେ ପୁଣି ଜଟିଳ ପରିସ୍ଥିତି, ଗୋଚର ଭୂମି ନାହିଁ, ପଡ଼ିଆ ନାହିଁ, ଧାନର ବୁଣା କିଆରୀ ଆଉ ନାହିଁ ସର୍ବତ୍ର ରୁଆ ଧାନ, ବୁଣାଧାନରେ ବୁଆଓ ନାଳୀ ଘାସ ଯାହା ଗୋରୁମାନେ କ୍ଷେତ୍ରରେ ପଶି ଚର୍ବର କଲେ ଧାନ ପିଲ ଭଲ ହେଉଥିଲା ଓ ଘାସ କମିଯାଉଥିଲା। ପରେ ବେହୁଷଣ ବେଳେ ଘାସ ମୂଳ ନଷ୍ଟ ହୋଇ କାଦୁଅରେ ଶଢ଼ି ସବୁଜ ସାର ଧାନ ଗଛ ପାଇଁ ହେଉଥିଲା। ଗୋରୁଗାଈଙ୍କ ଗୋବର ମୁତ୍ର ପ୍ରତ୍ୟକ୍ଷକୁ ଗୋବରରୁ ଜାଳେଣି ଘଷିରୁ ପାଉଁଶର ଖତ ଧାନବିଲକୁ ଉର୍ବର କରୁଥିଲା। ବଳଦ ଦ୍ୱାରା ଚାଷର ସବୁ କାମ ହେଉଥିଲା। ଧାନର ନଡ଼ା, ମୁଗ, ବିରିର ବୋଡି, ଚୋପା ଗୋଖାଦ୍ୟରେ ଲାଗୁଥିଲା। କିନ୍ତୁ ଏପରି ସମୟ ଏସବୁ ନିଶ୍ଚିନ୍ନ ଅଭାବକୁ ଚାଷର ଢ଼ଙ୍ଗ ବଦଳିଯିବାକୁ ଏପରି ପଶୁ ପାଳନରେ ବହୁ ସମସ୍ୟା ଯୋଗୁ ଲୋକେ ଚିନ୍ତା ବଦଳାଇ ଦେଉଛନ୍ତି। ନୂଆ ନୂଆ ଚାଷ ପ୍ରଣାଳୀର ମଞ୍ଜି ବିହନ ଉପଲବ୍ଧ ହେଲାଣି। ପାରମ୍ପରିକ ବିହନ ବୁଡ଼ା ପରିସ୍ଥିତି କୃଷକଙ୍କ ଉପରେ ଲଦାଗଲାଣି। ଲଳିତା ଚାଷ ଧାନ କ୍ଷେତ୍ରରେ ଧାନ ରୁଆ ପର୍ବରୁ ଉଠି ସାରିଥାଏ। ଲଳିତା ପତ୍ର ଧାନ କ୍ଷେତ୍ର ଉତ୍କୃଷ୍ଟ ସବୁଜ ସାର ରୂପେ କାମ କରୁଥିଲା। ଲଳିତାରୁ ଝୋଟ ଯାହା ଚାଷୀଙ୍କ ଏକ ଅର୍ଥଦ ଫସଲ ବସ୍ତୁ ଥିଲା। ଧାନ ବିଲ ଗୁଡ଼ିକର ହିଡ଼ରେ ଧନିଚା ଗଛ ହେଉଥିଲା ଯାହାର ପତ୍ର ସବୁଜ ସାର ତାହା ବି ନାହିଁ। ଧାନ ବିଲରେ ଚୁନା ମାଛ ବର୍ଷା ଦିନରେ ବହୁତ ହେଉଥିଲେ ଲୋକେ ହିଡ଼ରେ ଅନ୍ଧୁଲି ବସାଇ ଧରୁଥିଲେ। ବହୁ ଚୁନା ମାଛ ଶୁଖୁଆ ଲୋକେ କାର୍ତ୍ତିକ ମାସରେ କରୁଥିଲେ। ତାହା ବି ଏବେ ବି ବିରଳ। ଧନକୁଟା ଢ଼ିଙ୍କି ଘରେ ଘରେ ଥିଲା ଏହା ଏବେ ବିରଳ। ଗ୍ରାମରେ ହଳର ବସି ଧାନକୁଟା ଢ଼ିଙ୍କି ବିକଳ୍ପରେ କରାଯାଉଥିଲା, ଧାନ ଉଷୁଆଁ ପାଇଁ ଜାଳଅଭାବ କାହାରି ଅମାର ନାହିଁ, ଛାଣ ଗଦା ନାହିଁ, ଲୋକେ ଧାନ ବିକ୍ରି କରିସେଇର କୁଟା ଚାଉଳକିଣି ଖାଇଲେଣି। ସବୁଆଡ଼େ ନାହିଁର ଉପସ୍ଥିତି।

ସମ୍ପାଦକ 'ନିୟତି' ଅରୁଣୋଦୟ
୯୪୩୭୧୦୩୧୨୫୩





## ଖଣ୍ଡପଡ଼ାରେ ୮୦ତମ ସ୍ୱାଧୀନତା ଦିବସ ପାଳିତ





**ଖଣ୍ଡପଡ଼ା (ଅମୃତ ମିଡିଆ) :** ସାରା ଦେଶରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ୮୦ତମ ସ୍ୱାଧୀନତା ଦବିସ ପାଳନ ପରିପ୍ରେକ୍ଷୀରେ ହରଘର ତ୍ରିରଙ୍ଗା ପାଳନକୁ ନେଇ ସାରା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ତ୍ରିରଙ୍ଗାରେ ରଙ୍ଗାୟିତ ହୋଇଥିବା ବେଳେ ଖଣ୍ଡପଡ଼ା ସହରାଂଚଳ ସମେତ ସମଗ୍ର ବ୍ଲକ୍ ଅଂଚଳରେ ଦେଶର ସ୍ୱାଧୀନତା ଦିବସ ଧୁମ୍‌ଧାମ୍‌ରେ ପାଳିତ ହୋଇଥିବା ଜଣାଯାଇଛି । ପ୍ରତିବର୍ଷ ଭଳି ଖଣ୍ଡପଡ଼ା ସହରାଂଚଳରେ ସ୍ୱାଧୀନତା ଦିବସ ପାଳନ ପରିପ୍ରେକ୍ଷୀରେ ସ୍ଥାନୀୟ ମଧୁବନ କ୍ରୀଡ଼ାଙ୍ଗନ ପରିସରରେ ପତାକା ଉତୋଳନ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ଓ ଜନସାଧାରଣଙ୍କ ଉପସ୍ଥିତିରେ କରାଯାଇଥିଲା । ପାରମ୍ପରିକ ରୀତି ଅନୁଯାୟୀ ଖଣ୍ଡପଡ଼ା ବିଧାୟକ ତଥା ନୟାଗଡ଼ ଜିଲ୍ଲା ଉନ୍ନୟନ କମିଟି ଅଧ୍ୟକ୍ଷ ଇଂ. ଦୁଷ୍ମ' କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିଥିଲେ । ଏହି ଜାତୀୟ ଦିବସ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ବିଶ୍ୱବିସ୍ମୃତ ତ୍ରିପାଠୀ, ଏନ୍‌ଏସି ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ଥାନାଧିକାରୀ କିର୍ତିବାସ ହରିଚନ୍ଦନ, ପଠାଣିସାମ' ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ.ସ୍ୱଚ୍ଛସଳିତା ମହାପାତ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ । ଖଣ୍ଡପଡ଼ା ସହରାଂଚଳର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମିଳିତ ପ୍ୟାରେଡ୍ କରିଥିବା ବେଳେ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଶାତ୍ମ ବୋଧକ ଓ ଭଜନ ସଂଗୀତରେ ନୃତ୍ୟ ପରିବେଷଣ କରିଥିଲେ । ଚଳିତ ବର୍ଷ ଖଣ୍ଡପଡ଼ା ତହସିଲ ଅ'ର୍ଗତ ୩ଗୋଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଶେଷ କରି ବକ୍ତୃତା, ପ୍ୟାରେଡ଼ ଓ ମନୋରନ ଧର୍ମି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବାର ଦେଖାଯାଇଥିଲା । ସେହିପରି ବ୍ଲକ୍ କାର୍ଯ୍ୟାଳୟରେ ଅଧକ୍ଷା ଉପମା ବେହେରାଙ୍କ ସହିତ ସ୍ଥାନୀୟ ବିଡ଼ିଓ ଅଙ୍କୁର ଅଭିଳାଷ, ଖଣ୍ଡପଡ଼ା ଥାନାରେ ଥାନାଧିକାରୀ କୃତିବାସ ହରିଚନ୍ଦନ, ପୋଲିସ୍ ଉପଖଣ୍ଡ କାର୍ଯ୍ୟାଳୟରେ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ସରୋଜ କୁମାର ସାହୁ, କଂଗ୍ରେସ କାର୍ଯ୍ୟାଳୟରେ ନେତ୍ରୀ ବିନୋଦିନୀ ମହା', ମା'ଉମାଦେବୀ ଘରୋଇ ମୋଟର ଆସୋସିଏସନ୍‌ର ସଭାପତି ଚିତରନ ମିଶ୍ରଙ୍କ ସହିତ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ଦୁଷ୍ମ' କୁମାର ସ୍ୱାଇଁ ଯୋଗଦେଇ ପତାକା ଉତୋଳନ କରିଥିଲେ । ସେହିଭଳି ବନାଚଂଳ ଅଧିକାରୀ ଦିଲ୍ଲିପ କୁମାର ପଟ୍ଟନାୟକ, ପୂର୍ତବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ପରିସରରେ ସହକାରୀ ନିର୍ବାହୀ ଅଧିକାରୀ ରାଧେଶ୍ୟାମ କାଲୋ ପ୍ରମୁଖ ଜାତୀୟ ପତାକା ଉତୋଳନ କରିଥିବା ବେଳେ ବାକିଥିବା ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, କୋର୍ଟ, ସବ୍‌ଜେଲ୍, ଡ଼ାକ୍ତରଖାନା, ଏନ୍‌ଏସି କାର୍ଯ୍ୟାଳୟ, ପୋଷ୍ଟଅଫିସ୍, ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସମସ୍ତ ଅନୁଷ୍ଠାନ ଗୁଡ଼ିକରେ ମଧ ଜାତୀୟ ପତାକା ଉତୋଳନ କାର୍ଯ୍ୟ କରାଯାଇଥିଲା । ପ୍ରାତଃ କାଳରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ରାମଧୁନ୍ କାର୍ଯ୍ୟ କରାଯାଇ ନଗର ପରିକ୍ରମା କରାଯାଇଥିବା ସମୟରେ ଛାତ୍ରଛାତ୍ରୀମାନଙ୍କ ସହ ଉପସ୍ଥିତ ଜନସାଧାରଣଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା । ସୂଚନା ଥାଉକି ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କ ମନରେ ଉଙ୍କି ମାରିଥିବା ଦେଶପ୍ରେମ ଚଳିତ ବର୍ଷ କାର୍ଯ୍ୟକ୍ରମ ମଧ୍ୟରେ ପ୍ରବଳ ବର୍ଷା ସତ୍ତ୍ୱେ କୌଣସି ପ୍ରକାର ବ୍ୟତିକ୍ରମ ହୋଇନଥିବା ପରିଲକ୍ଷିତ ହୋଇଥିଲା ।

## ସମାଜସେବୀ ତଥା ଶିକ୍ଷକ ବିନାୟକ ସାହୁଙ୍କ ଦ୍ୱାଦଶାହରେ ସ୍ମୃତିସଭା



**ଖଣ୍ଡପଡା (ଅମୃତ ମିଡ଼ିଆ) :** ସେଥିଲେ ଜଣେ ଛାତ୍ରବତ୍ସଳ ଓ ଆଗଧାଡ଼ିର ଶିକ୍ଷାଗୁରୁ । ତତ୍‌ସଙ୍ଗେ ସମାଜସେବାରେ ନିଜକୁ ଉତ୍ସର୍ଗ କରି ବହୁ ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ସେ ଜଡ଼ିତଥାଇ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ । ତାଙ୍କର ଅକାଳ ବିୟୋଗରେ ସାରା ଖଣ୍ଡପଡ଼ାର ହଜାର ହଜାର ଛାତ୍ରଛାତ୍ରୀ ଶୋକଗ୍ରସ୍ତ ହୋଇଥିବା ବେଳେ ସେମାନଙ୍କ ପରିବାରରେ ପିତାମାତାଙ୍କ ମନରେ ପ୍ରବଳ ପ୍ରଭାବ ପକାଇଥିବା ଦେଖାଯାଇଛି । ଗତ ୧୭ ତାରିଖ ସୋମବାର ଦିନ ତାଙ୍କର ଦ୍ୱାଦଶାହରେ ସାମ' ଚନ୍ଦ୍ରଶେଖର ସ୍ମୃତିମନ୍ଦିର ଓ ପାଠାଗାର ସମ୍ମୁଖରେ ଏକ ସ୍ମୃତିଚାରଣ ଓ ଶ୍ରଦ୍ଧାଳୀ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ତଥା ନୟାଗଡ଼ ଉନ୍ନୟନ କମିଟିର ଅଧ୍ୟକ୍ଷ ଇଂ. ଦୁଷ୍ମ' କୁମାର ସ୍ୱାଇଁ, ସମ୍ମାନୀତି ଅତିଥି ଭାବେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ତଥା ରାଜା ସିଦ୍ଧିର୍ଥଶେଖର ସିଂହମର୍ଦ୍ଦରାଜ, ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ବରିଷ୍ଠ ଆଇନ୍‌ଜୀବି ମାଧବ ପ୍ରସାଦ ମିଶ୍ର, ସମାଜସେବୀ, କାଶିନାଥ ଦାସ, ଶିକ୍ଷାବିତ୍ ଆର୍ତତ୍ରାଣ ମିଶ୍ର, ରସ୍ମିତା ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଦୀର୍ଘ ଜୀବନ ପଥର ସମାଜସେବାକୁ ଭିତିକରି ସ୍ମୃତିଚାରଣ କରିଥିଲେ । ଉକ୍ତ ସଭାରେ ସେ ଜଣେ ସୁସଙ୍ଗଠକ, ଦକ୍ଷ ଶିକ୍ଷାବିତ୍ ଭାବେ ତାଙ୍କୁ ଶ୍ରଦ୍ଧାଳୀ ଜ୍ଞାପନ କରାଯାଇଥିଲା । ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ବିନାୟକ ସାହୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଳୀ ଜଣାଇଥିଲେ । ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମ' ସଭାର ପ୍ରାରମ୍ଭରେ ୨ମିନିଟ୍ ନୀରବପ୍ରାର୍ଥନା କରାଯାଇଥିଲା । 'ସ୍ମୃତିରେ ବିନାୟକ' ଶିର୍ଷକ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିବା ବେଳେ ତାଙ୍କର କାର୍ଯ୍ୟକଳାପକୁ ନେଇ ବିଭିନ୍ନ ସ୍ମୃତିସଜ୍ଜିତ ଫଟୋ ଚିତ୍ର ପଦର୍ଶିତ ହୋଇଥିଲା । ସହରାଂଚଳ ମଧ୍ୟସ୍ଥ ବହୁ ଜ୍ଞାନୀ ଗୁଣି ବ୍ୟକ୍ତିବିଶେଷ, ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ଓ ବୁଦ୍ଧିଜୀବିମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସଂନ୍ଧ୍ୟାରେ ଦ୍ୱାଦସାହ ପରିପ୍ରେକ୍ଷୀରେ କଳାକାରମାନଙ୍କ ଦ୍ୱାରା ସଂକୀର୍ତନ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା ।

## ଟ୍ରାକ୍ଟର ତଳେ ଚାପିହୋଇ ଯୁବକଙ୍କ ମୃତ୍ୟୁ



**ରଘୁନାଥପୁର (ଅମୃତ ମିଡିଆ) :** ଜଗତସିଂହପୁର ଜିଲ୍ଲା ଅଧିନସ୍ଥ ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ରାଢଙ୍ଗ ଗ୍ରାମର ରାସେସ ସ୍ୱାଇଁ ଆଜି ଦିନ ପ୍ରାୟ ୧୨ ଟା ସମୟରେ ଚାଷ ଜମିରୁ ରାସ୍ତାକୁ ଉଠିବା ପାଇଁ ଟ୍ରାକ୍ଟର ଚଳାଉ ଥିବା ବେଳେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ଓଲଟି ପଡ଼ିଲା । ଯାହା ଫଳରେ ରାଜେଶ୍ ଟ୍ରାକ୍ଟର ତଳେ ଚାପି ହୋଇଗଲା । ବିଲରେ ଥିବା ପାଣିରେ ରାସେଶ୍ ର ମୁହଁ ବୁଡି ରହିଲା । ଯାହା ଫଳରେ ରାସେସ୍ ସ୍ୱାଇଁ ଶ୍ୱାସରୁଦ୍ଧ ହୋଇ ତତକ୍ଷଣାତ୍ ମୃତ୍ୟୁ ବରଣ କଲେ । ବିଲରେ ଥିବା ଲୋକମାନେ ବହୁ କଷ୍ଟରେ ରାସେଶକୁ ଟ୍ରାକ୍ଟର ତଳୁ ଉଦ୍ଧାର କରିଥିବା ସତ୍ତ୍ୱେ ରାସେଶକୁ ବଞ୍ଚାଇ ପାରି ନଥିଲେ । ଘଟଣା ସମ୍ପର୍କରେ ପୂର୍ବତନ ସରପଞ୍ଚ ଦେବୀ ପ୍ରସାଦ ମହାରଣା ଥାନାକୁ ସୂଚନା ପ୍ରଦାନ କରିବା ସହିତ ରାସେଶ୍ ପରିବାରକୁ ସହଯୋଗ କରିବା ପାଇଁ ନିବେଦନ କରିଥିଲେ । ଏହା ପରେ ରାସେଶ୍ ଶବକୁ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମେଡିକାଲ ପଠା ଯାଇଥିଲା । ସରପଞ୍ଚ ସୁଶିଲ ବାରିକ୍ ମେଡିକାଲ ସହାୟତା ପାଇଁ ଉଦ୍ୟମ କରିଥିଲେ । ପ୍ରକାଶ ଥାଉ କି ରସେଶ୍ ସ୍ୱାଇଁ ନିଜେ ଜଣେ ଡ୍ରାଇଭର ଥିଲେ ଏବଂ ଘରର ରୋଜଗାରର ଏକମାତ୍ର ସ୍ରୋତ ଥିଲେ । ରାସେସ ସ୍ୱାଇଁ ର ଏଭଳି ଅକାଳ ବିୟୋଗରେ ସମସ୍ତ ଗ୍ରାମବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି ।

## ମିଳିତ ପରେଡ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀଙ୍କୁ ବାସନ୍ଦ



**ଟାଙ୍ଗୀ -ଚୌଦ୍ୱାର (ଅମୃତ ମିଡ଼ିଆ) :** ଚଳିତ ବର୍ଷ ୮୦ ତମ ସ୍ୱାଧୀନତା ଦିବସ ସାରା ରାଜ୍ୟରେ ପାଳନ କରାଯାଉଥିବା ବେଳେ ଏହାର ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି କଟକ ଜିଲ୍ଲା ଚୌଦ୍ୱାର ପୌରପାଳିକାରେ କ୍ଷ ସୂଚନା ମୁତାବକ ପ୍ରତି ବର୍ଷ ଚୌଦ୍ୱାର ପୌରପାଳିକା ତରଫରୁ ଏକ ମିଳିତ ପରେଡ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥାଏ କ୍ଷ ଗତ କିଛି ଦିନ ତଳେ ଏହି ମିଳିତ ପରେଡ କାର୍ଯ୍ୟକ୍ରମ ହେବ କି ନାହିଁ ବୋଲି ଦ୍ୱନ୍ଦ ଲାଗିରହିଥିବା ବେଳେ ଚୌଦ୍ୱାର କଟକ ବିଧାୟକ ଶ୍ରୀ ସୌଭିକ ବିଶ୍ୱାଳ ଏକ ସ୍ୱତନ୍ତ୍ର ବୈଠକ ପୌରପାଳିକାରେ ଡାକିଥିଲେ କ୍ଷ ସରକାରୀ ନିୟମ ଅନୁଯାଇ ଯାହା ଅର୍ଥ କରାଯାଇପାରିବ ତାହା ଚୌଦ୍ୱାର ପୌରଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର ଏହି ବୈଠକ ବକ୍ତବ୍ୟ ରଖିଥିଲେ କ୍ଷ କିନ୍ତୁ ବୈଠକ ଶେଷ ହେବା ପରେ ଯେଉଁ ନିମନ୍ତ୍ରଣ ପତ୍ର ପୌରପାଳିକା ପକ୍ଷରୁ ଛପାଯାଇଥିଲା ସେଥିରେ ପୌରାଧକ୍ଷା ଓ ଉପାଧାକ୍ଷ ଙ୍କ ନାମ ଲିଖିତ ଥିବା ବେଳେ ନିର୍ବାହୀ ଅଧିକାରୀ ଙ୍କ ନାମ ନଥିଲା କ୍ଷ ଏବଂ ସ୍ୱାଧୀନତା ଦିବସରେ ପୌରପାଳିକାରେ ଜାତୀୟ ପତାକା ଉତ୍ତୋଳନ ଓ ପରେଡ କାର୍ଯ୍ୟକ୍ରମ ରେ ନିର୍ବାହୀ ଅଧିକାରୀ ଙ୍କ ଅନୁପସ୍ଥିତକୁ ନେଇ ଅଂଚଳରେ ଆଲୋଡନ ସୃଷ୍ଟି କରିଛି କ୍ଷ ଅନ୍ୟ ପକ୍ଷରେ ବିଧାୟକ ଓ ଅଧକ୍ଷା ଓ ଉପାଧାକ୍ଷଙ୍କ କଥା କଟି କୁ ନେଇ ଏହି ଘଟଣା ଘଟିଛି କିମ୍ବା ନିର୍ବାହୀ ଅଧିକାରୀ ନାମ ଲିଖିତ ନହେବାରୁ ଏହି ଘଟଣା ଘଟିଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି କ୍ଷ ପୂର୍ବରୁ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ରେ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିବା ବେଳେ କାହିଁକି ଉପସ୍ଥିତ ରହିଲେ ନାହିଁ ତାହା ଅଂଚଳର ବୁଦ୍ଧିଜୀବୀ ଙ୍କ ମହଲରେ ଚର୍ଚ୍ଚା ଜୋରଧରିଛି କ୍ଷ ଅନ୍ୟ ପକ୍ଷ ରେ ନିର୍ବାହୀ ଅଧିକାରୀ ସେହି ଦିନ ଅନ୍ୟ କାର୍ଯ୍ୟକ୍ରମ ରେ ଯୋଗଦେଇଥିବା ବେଳେ ବିଧାୟକ ଓ ଅଧକ୍ଷା ଙ୍କ ରାଜନୈତିକ ପଶାପାଲି ରୁ ସେ ନିଜକୁ ଦୁରେଇ ରଖିଛନ୍ତି ତାହା ବି ସଂନ୍ଦେହ ଘେରରେ ରହିଛି ।

## ରଘୁନାଥପୁରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ



**ରଘୁନାଥପୁର (ଅମୃତ ମିଡିଆ) :** ଦେଶର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଗତକାଲି ରଘୁନାଥପୁର ବ୍ଲକ ସହିତ ତହସିଲ, କୋର୍ଟ, ପୋଲିସ ଷ୍ଟେସନ, ଡ଼ାକ୍ତରଖାନା,ପ୍ରାଣିଧନ ଚିକିତ୍ସାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗ, ରଘୁନାଥପୁର ପ୍ରେସ କ୍ଲବ, ସର୍ବଶିକ୍ଷା ଅଭିଯାନ, କୃଷି କାର୍ଯ୍ୟାଳୟ, ପୁରଣ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ନାରାୟଣ ଉପ୍ରା ବିଦ୍ୟାଳୟ ସମେତ ସମସ୍ତ ସ୍କୁଲ, ବ୍ୟାଙ୍କ, ଇଲେକ୍ଟ୍ରି ଅଫିସ, ଗ୍ରାମ୍ୟ ଓ ପାନୀୟ ଜଳ ବିଭାଗ, ରଘୁନାଥପୁର ପଞ୍ଚାୟତ ଅଫିସ୍, ପୁରଣ ଓଡ଼ପଡ଼ା ପଞ୍ଚାୟତ, ଜଗନ୍ନାଥପୁର ପଞ୍ଚାୟତ ସହିତ ସମସ୍ତ ପଞ୍ଚାୟତ ଅଫିସ୍, ବିଜେପି କାର୍ଯ୍ୟାଳୟ, କଂଗ୍ରେସ କାର୍ଯ୍ୟାଳୟରେ ମହା ସମାରୋହରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ରଘୁନାଥପୁର ବ୍ଲକ କାର୍ଯ୍ୟାଳୟରେ ଅଧକ୍ଷା ଲକ୍ଷ୍ମୀ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଯୋଗଦେଇ ଆଜିର ଏହି ସ୍ୱାଧୀନତା ଦିବସରେ ଦେଶକୁ ସ୍ୱାଧୀନ ଆଣି ଦେଇଥିବା ସେହି ଦିଗମ୍ବତ ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ ଆତ୍ମ ବଳିଦାନକୁ ସଦା ସର୍ବଦା ସ୍ମରଣ କରିବା ଉଚିତ୍ ବୋଲି କହିଥିଲେ । ଏଥି ସହିତ ସ୍ୱାଧୀନତା କେବଳ ଉତ୍ସବ ପାଳନର ବିଷୟ ନୁହେଁ, ଏହା ଆମର ଦାୟିତ୍ୱର କଥା ମଧ୍ୟ ।ଦେଶର ଉନ୍ନତି ପାଇଁ ଆମେ ସଚ୍ଚୋଟ, ଦାୟିତ୍ୱବାନ ଓ ଦେଶପ୍ରେମୀ ନାଗରିକ ହେବା ଆବଶ୍ୟକ ବୋଲି ସେ କହିଥିଲେ । ଏଥିରେ ବିଡିଓ ବିରେଞ୍ଚି ନାରାୟଣ ବେହେରାଙ୍କ ସମେତ ଏବିଡିଓ ପାୟଲ ମହାପାତ୍ର, ସହକାରୀ ଯନ୍ତ୍ରୀ, କ୍ୟାସିୟର ସୁଶାନ୍ତ କୁମାର ବିଶ୍ୱାଳ, ଜିପିଓ ବିଶ୍ୱଜିତ ମହାପାତ୍ର, ସମାଜସେବୀ କିଶୋର ମୃଦୁଲୀ, ବିପିସି ଶଶାଙ୍କ ଶେଖର ସ୍ୱାଇଁ, ବିପିଏମ୍ ଲିପିକା ଷଡ଼ଙ୍ଗୀ, ଜଗନ୍ନାଥପୁର ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଛାତ୍ର ଛାତ୍ରୀ ଓ ଗୁରୁଜୀ ଗୁରୁମା ମାନେ ଯୋଗ ଦେଇଥିଲେ । ସେହିପରି ତହସିଲରେ ତହସିଲଦାର ରାଜଲକ୍ଷ୍ମୀ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ରଘୁନାଥପୁର ଗ୍ରାମ ନ୍ୟାୟାଳୟରେ ନ୍ୟାୟାଧିକାରି ସସ୍ମିତା ସେଠୀ, ଥାନାରେ ଆଇଆଇସି ପ୍ରେମଜିତ ଦାସ, ଡାକ୍ତରଖାନାରେ ସୁପରିଟେନଡେଣ୍ଟ ଡାକ୍ତର ସୁକାନ୍ତ କୁମାର ଦଳେଇ, ପ୍ରାଣୀଧନ ଚିକିତ୍ସାଳୟରେ ଡ଼ାକ୍ତର ଚିନ୍ମୟ ସାହୁ, ଇଲେକ୍ଟ୍ରିକାଲ ସବଡିଭିଜନରେ ଏସଡିଓ ହରେକୃଷ୍ଣ ମାଝୀ ପତାକା ଉତ୍ତୋଳନ କରି ଥିଲେ ।

## କୁକୁଡ଼ା ଭାଡିରୁ ୮ଫୁଟ ଲମ୍ବର ଅଜଗର ଉଦ୍ଧାର



**ନୀଳଗିରି (ଅମୃତ ମିଡ୍ରିଆ) :** ଲଗାଣ ବର୍ଷା ଯୋଗୁଁ ନିକଟସ୍ଥ ପାହାଡ଼ରୁ ଖାଦ୍ୟ ଅନ୍ୱେଷଣ ପାଇଁ ବାରମ୍ବାର ବିଷଧର ସର୍ପ ସହିତ ଜଙ୍ଗଲ ଜନ୍ତୁ ମାନେ ଖସି ଆସି କେତେ ବେଳେ ଗୁହାଳ ଘରେ ତ ଆଉ କେତେବେଳେ କୁକୁଡ଼ା ଭାଡ଼ିରେ ପସି ଯାଇ କୁକୁଡ଼ା ଖାଇବା ସହିତ ମଣିଷ ମାନେ ମଧ ଆକ୍ରମଣର ଶିକାର ହେଉଥିବାର ନଜିର ରହିଛି । ଏପରି ଘଟଣା ଘଟିଛି ନୀଳଗିରି ଏନ୍ ?ଏସି ଅଧୀନ ୪ ନମ୍ବର ଓ୍ୱାର୍ଡ ମିରିଗିଣି ଗ୍ରାମରୁ ପ୍ରାୟ ଆଠ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରାଯାଇଛି । ସାପଟି ଉକ୍ତ ଗ୍ରାମର ପ୍ରଦୀପ କୁମାର ପ୍ରଧାନଙ୍କ କୁକୁଡ଼ା ଭାଡି ଭିତରେ ପସି ୭ଟି ଅଣ୍ଡା ଖାଇବା ସହ ଦୁଇଟି କୁକୁଡ଼ାକୁ ମାରି ଗିଳିଦେଇଥିଲା ।ଶ୍ରୀ ପ୍ରଧାନ କୁକୁଡ଼ା ଭାଡି ମଧ୍ୟରେ ଏତେ ବଡ଼ ଓ ମୋଟା ସାପ ଦେଖି ଭୟରେ ସ୍ନେକ୍ ହେଲ୍ପଲାଇନ ସଦସ୍ୟ ହରେକୃଷ୍ଣ ରାଉତଙ୍କୁ ଖବର ଦେଇଥିଲେ । ଶ୍ରୀ ରାଉତ ଖବର ପାଇ ତୁରନ୍ତ ସେଠାରେ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ବନବିଭାଗକୁ ହସ୍ତାନ୍ତର କରିଥିଲେ । ପରେ ସାପଟିକୁ କୁଲଡିହା ଜଙ୍ଗଲ ମଧ୍ୟରେ ଛାଡ଼ିଦିଆଯାଇଛି । ଏବେ ଲଗାଣ ବର୍ଷା ଯୋଗୁଁ ନିକଟସ୍ଥ ଜଙ୍ଗଲରୁ ଅଜଗର ତଥା ଅନ୍ୟାନ୍ୟ ସାପ ଓହ୍ଲାଇ ଆସି ଜଙ୍ଗଲ ଓ ନଦୀ, ନାଳ, କେନାଲ୍ ନିକଟସ୍ଥ ଜନବସତିରେ ପ୍ରବେଶ କରୁଛନ୍ତି । ଏଣୁ ଏଥିପ୍ରତି ସତର୍କ ଓ ସଚେତନ ରହିବାକୁ ଶ୍ରୀ ରାଉତ କହିଛନ୍ତି ।

## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର କାର୍ଯ୍ୟବନ୍ଦ ଆନ୍ଦୋଳନ




**ଜୟପୁର (ଅମୃତ ମିଡିଆ) :** ଓଡିଶା ଗ୍ରାମିଣ ବ୍ୟାଙ୍କ କର୍ମଚାରି ଓ ଅଫିସର ମାନେ ଆଜି କାଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ଓଡିଶା ଗ୍ରାମିଣ ବ୍ୟାଙ୍କ ସଂଘର ଆହ୍ୱାନରେ ୨୦ ଦଫା ଦାବି ନେଇ ଏହି ଆନ୍ଦୋଳନ କୁ ଓହ୍ଲାଇଛନ୍ତି ଅଫିସର ଓ କର୍ମଚାରି ସଂଘ । ଏହି ଅନ୍ଦୋଳନ କୁ ଅବସର ପ୍ରାପ୍ତ ଅଫିସର ଓ କର୍ମଚିରି ସଂଘ ସମର୍ଥନ କରିଛି । ରାଜ୍ୟରେ ୯୭୯ ଶାଖାରେ ୨ ହଜାର ୨ ଶହ କର୍ମଚାରି ଅଫିସର କାଯ୍ୟ ଆନ୍ଦୋଳନ କରୁଥିବା ବେଳେ ଅବିଭକ୍ତ କୋରାପୁଟ ଜିଲାର ରାୟଗଡା, ମାଲକାନଗିରି, ନବରଙ୍ଗପୁର, ଓ କୋରାପୁଟ ଜିଲାରେ ୯୦ଟି ଶାଖାରେ ପ୍ରାୟ ୫ ଶହ ଜଣ କର୍ମଚାରି କାଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି । ଏଓଜିବିଓ ଏବଂ ଓଜିବିଇଏକୁ ସ୍ୱୀକୃତି ଦେବା, ଅଫିସର ମାନଙ୍କୁ ବଦଳି କରିବା , ମନମୁଖୀ ଭାବେ ବଦଳି କୁ ସଂଶୋଧନ କରିବା, ବଦଳି ନିୟମ ପ୍ରଣୟନ କରିବା, କର୍ମଚାରି ରୁଣରେ ସୁଧ ହାର ହ୍ରାସ କରିବା, ପଦୋନ୍ନତି ରେ ସ୍ୱଛତା ବଜାୟ ରଖିବା, ପ୍ରୟୋଜିତ ବ୍ୟାଙ୍କ ସହିତ ସମକକ୍ଷ ଅନ୍ୟାନ୍ୟ ଭତ୍ତା ପ୍ରଦାନ କରିବା, ଓଡିଶା ଗ୍ରାମୀଣ ବ୍ୟାଙ୍କ ଶାଖାରେ ଏସି ଲଗାଇବା, ପଯ୍ୟାପ୍ତ ପ୍ରତ୍ୟକ୍ଷ ନିଯୁକ୍ତି ଦେବା, ପିଏଫ ଅବଦାନ ଫେରସ୍ତ କରିବା, ସମସ୍ତ କର୍ମଚାରିଙ୍କ ପାଇଁ ଗୋଷ୍ଠୀ ଜୀବନକାଳୀନ ବୀମା କରିବା, ଶାଖାରେ ମୌଳିକ ଭିତ୍ତି ଭୂମି ଯୋଗାଇ ଦେବା, ସୁରକ୍ଷା କର୍ମି ନିୟୋଜିତ କରିବା ନଗଦ ପ୍ରେରଣ ସମୟରେ ନଗଦ ଭେନ ଏବଂ ୧ କୋଟି ଜୀବନ ବୀମା ଦେବା, ପ୍ରାରମ୍ଭିକ ନିଯୁକ୍ତି ତାରିଖରୁ ସବଷ୍ଟାଫ ନିୟମିତ କରିବା ଆଦି ଦାବି ରହିଛି । ଅଫିସର ସଂଘର ଆଞ୍ଚଳିକ ସମ୍ପାଦକ ଉଦିତ ନାରାୟଣ ମିଶ୍ର, କର୍ମଚାରି ସଂଘର ଆଞ୍ଚଳିକ ସମ୍ପାଦକ ଲିଙ୍ଗରାଜ ନାୟକଙ୍କ ନେତ୍ ?ତ୍ୱରେ କାଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଛି । ଏହି କାଯ୍ୟ ବନ୍ଦ ଆନ୍ଦୋଳନ ରେ ଏଲ୍ କଟେଶ୍ୱର ରାଓ , ରୋହିତ ପଟ୍ଟନାୟକ ,ସମୀର ଭୁମିଆ, ପ୍ରମୋଦ କୁମାର ସାମଲ, ଅମ୍ରିତ ମିଶ୍ର ରହିଥିବା ବେଳେ ଅବସର ପ୍ରାପ୍ତ କର୍ମଚାରି ସଂଘର ପ୍ରତାପ ଦାସ, ସତ୍ୟ ମିଶ୍ର, ଚନ୍ଦ୍ରକାନ୍ତ ବିଶ୍ୱା. ସୁନିଲ ପଟ୍ଟନାୟକ, ଶିଶିର ପାଢୀ, ପ୍ରହଲ୍ଲାଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ପାରାଦୀପ ବିଜେଡି ଉପସଭାପତି ଉଲ୍ଲାସ କୁମାର ବିଶ୍ୱାଳଙ୍କ ପରଲୋକ



**ପାରାଦୀପ (ଅମୃତ ମିଡିଆ) :** ପାରାଦୀପ ନଗର ବିଜେଡିର ଉପସଭାପତି ତଥା ପୂର୍ବତନ ବିଜେଡି ବିଧାୟକଙ୍କ ପାରାଦୀପ ପ୍ରତିନିଧି ଉଲ୍ଲାସ କୁମାର ବିଶ୍ୱାଳ (୫୭) ଙ୍କର ଭୁବନେଶ୍ୱରସ୍ଥିତ ସ୍ୱର୍ଶ ହସପିଟାଲରେ ଅଗଷ୍ଟ ୧୪ ତାରିଖ ଶୁକ୍ରବାର ରାତି ୨ଟା ସମୟରେ ପରଲୋକ ହୋଇ ଯାଇଛି । କ୍ୟାନ୍ସର ରୋଗରେ ପୀଡିତ ଶ୍ରୀ ବିଶ୍ୱାଳ ବର୍ଷାଧିକ କାଳ ଧରି ଚିକିତ୍ସିତ ହୋଇ ଆସୁଥିବା ବେଳେ ହଠାତ୍ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖା ଦେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ଡାକ୍ତର ଚିକିତ୍ସା ଜାରି ରଖିଥିଲେ ହେଁ ଅଗଷ୍ଟ ୧୪ ତାରିଖ ଶୁକ୍ରବାର ବିଳମ୍ବିତ ରାତିରେ ଶ୍ରୀ ବିଶ୍ୱାଳ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ହସପିଟାଲରୁ ତାଙ୍କ ପାର୍ଥିବ ଶରୀର ପାରାଦୀପସ୍ଥିତ ତାଙ୍କ ବାସ ଭବନକୁ ଅଣା ଯାଇଥିଲା । କିଛି ସମୟ ପରେ ସେଠାରୁ ନୂଆବଜାର କଲୋନୀସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ କାର୍ଯ୍ୟାଳୟକୁ ତାଙ୍କ ପାର୍ଥିବ ଶରୀର ନିଆ ଯାଇଥିଲା । ସେଠାରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ,ବିଜେଡି ପାରାଦୀପ ନଗର ସଭାପତି କୁମରବର ନାୟକ, ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲ,ବିଜେଡି ନାରୀ ନେତ୍ରୀ ସବିତା ମହାପାତ୍ର,ଚପଳା ସ୍ୱାଇଁ, ନଗର ବିଜେଡି ସମ୍ପାଦକ ଶଙ୍କର ପ୍ରସାଦ ରାଉତ,ଯୁବ ନେତା ଆଲୋକ ମହାପାତ୍ର, ପ୍ରକାଶ ପରିଡ଼ା,ଅଟଳ ପରିଡ଼ା, ସଞ୍ଜୟ ମହାନ୍ତି, କମଳ ଲୋଚନ ଦାସ, ସମୀର ସାହୁ,ଗୋଲେଖ ସାହୁ, ବିଜୟ ରାଉତ,ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ,ରାକେଶ କୁମାର ପଟ୍ଟନାୟକ, କଂଗ୍ରେସ ପାରାଦୀପ ନଗର ସଭାପତି କେଦାର ନାଥ ବିଶ୍ୱାଳ, ସରୋଜ ପ୍ରଧାନ, ବିଜୟ କୁମାର ସେଠୀ,ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ପାରାଦୀପ ପୌର ପରିଷଦର ପାରିଷଦ ବୃନ୍ଦଙ୍କ ସମେତ ଦଳ ମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀ ଓ ବନ୍ଦରାଞ୍ଚଳର ସଚେତନ ବୁଦ୍ଧିଜୀବୀ ଜନସାଧାରଣ ସ୍ୱର୍ଗତ ବିଶ୍ୱାଳଙ୍କ ଅନ୍ତିମ ଦର୍ଶନ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଥିଲେ । ପରବର୍ତ୍ତୀ ସମୟରେ ଏକ ସୁସଜ୍ଜିତ ଯାନରେ ପାର୍ଥିବ ଶରୀରକୁ ଶୋଭା ଯାତ୍ରାରେ ତାଙ୍କ ଜନ୍ମ ସ୍ଥାନ ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଡ଼ାହାଣିଖିଆ ଗ୍ରାମ ଶ୍ମଶାନକୁ ନିଆଯାଇ ଭାଇ,ବନ୍ଧୁ,ଜ୍ଞାତି ସହୋଦରଙ୍କ ଗହଣରେ ଅନ୍ତିମ ସତ୍କାର କରାଯାଇଥିଲା । ଏଠାରେ ସୂଚନା ଥାଉ କି, ବିଜୁ ଜନତା ଦଳକୁ ତୃଣମୂଳ ସ୍ତରରୁ ମଜଭୁତ୍ କରି ଗଢ଼ି ତୋଳିବା ଦିଗରେ ସ୍ୱର୍ଗତ ବିଶ୍ୱାଳ ଙ୍କ ଗିରିତ୍ୱପୂର୍ଣ୍ଣ ଭୂମିକା ରହିଥିଲା କ୍ଷ ଜଣେ ଅମାୟିକ, ମିଷ୍ଟଭାଷୀ,ପରୋପକାରୀ ବ୍ୟକ୍ତି ଭାବେ ସର୍ବସାଧାରଣରେ ସ୍ୱର୍ଗତ ବିଶ୍ୱାଳ ସୁପରିଚିତ ଥିଲେ । ସ୍ୱର୍ଗତ ବିଶ୍ୱାଳଙ୍କ ବିୟୋଗରେ ପାରାଦୀପ,କୁଜଙ୍ଗ ସମେତ ସମଗ୍ର ଜଗତସିଂହପୁର ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି ।

## ଭୀମଭୋଇ ହସ୍ପିଟାଲ ପରିଦର୍ଶନରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର



**ବଲାଙ୍ଗୀର(ଅମୃତ ମିଡିଆ):** ଭୀମ ଭୋଇ ମେଡିକାଲ କଲେଜ ଓ ହସପିଟାଲ କୁ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ମେଡିକାଲ କଲେଜ ଓ ହସପିଟାଲ କୁ ଯାଇ ରୋଗୀ ଓ ତାଙ୍କ ଆତ୍ମୀୟ ପରିଜନଙ୍କୁ ଭେଟି ସେଠାରେ ଚାଲିଥିବା ଚିକିତ୍ସା ସଂପର୍କରେ ପଚାରି ବୁଝିଛନ୍ତି । ଯେହେତୁ ହସପିଟାଲ ର ସମସ୍ୟା ନେଇ ଜନସାଧାରଣଙ୍କ ଅଭିଯୋଗ ଦିର୍ଘଦିନର ତେଣୁ ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା, ପର୍ଯ୍ୟାପ୍ତ ଡାକ୍ତର ଓ ନର୍ସ, ଔଷଧ, ପରିମଳ ବ୍ୟବସ୍ଥା, ଜରୁରିକାଳିନ ସେବା ତଥା ସର୍ବୋପରି ଡାକ୍ତରଙ୍କ ଦ୍ୱାରା ଉତ୍ତମ ଚିକିତ୍ସା ପ୍ରଦାନ କୁ ନିଶ୍ଚିତ କରିବା ହିଁ ଏଭଳି ପରିଦର୍ଶନର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ମିଶ୍ର କହିଥିଲେ । ସମସ୍ୟା ଗୁଡିକର ତାଲିକା ପ୍ରସ୍ତୁତ କରି ସରକାର ଓ ପ୍ରଶାସନ ଉପରେ ଦାୟିତ୍ୱ ନିର୍ଦ୍ଧାରଣ କରିବା ତା ସହ ଅତି ବିଶେଷଜ୍ଞ ଡାକ୍ତର ଶିଘ୍ର ନିୟୋଜିତ କଲେ ଏ ଅଂଚଳର ଲୋକେ ଉଚ୍ଚତର ଶିକ୍ଷା ପାଇଁ ବୁର୍ଲା କିମ୍ବା କଟକ ଯାଇ ଯେପରି ଖର୍ଚ୍ଚାନ୍ତ ନ ହେବେ ସେ ସବୁ ର ସୁବ୍ୟବସ୍ଥା ଶିଘ୍ର କରିବାକୁ ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରିବେ ବୋଲି ଶ୍ରୀ ମିଶ୍ର ଶଲ୍ୟ ଚିକିତ୍ସା ବିଭାଗକୁ ଯାଇ ବିଭିନ୍ନ ରୋଗୀଙ୍କୁ ଭେଟି ଚିକିତ୍ସା ଉପରେ ପଚାରି ବୁଝିଥିଲେ ।

## ରେଳ ଉପଭୋକ୍ତା ସଂଘ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ



**ବଲାଙ୍ଗୀର(ଅମୃତ ମିଡିଆ):** ରେଳ ଉପଭୋକ୍ତ ସଂଘ ଓ ରେଳବାଇ ପ୍ରଶାସନ ର ମିଳିତ ଉଦ୍ୟମରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଂଘର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରେଳ ଷ୍ଟେସନର ପ୍ରବେଶ ପଥ ର ଉଭୟ ପାର୍ଶ୍ୱରେ ଗୁଆ ଗଛ ଓ ଗୋଟିଏ ପାର୍ଶ୍ୱରେ କରଞ୍ଜ ଓ ନିମ୍ବ ଗଛ ଗୁଡିକ ରୋପଣ କରାଯାଇଥିଲା । ଭବିଷ୍ୟତରେ ଯାତ୍ରୀମାନେ କିପରି ଛାଇ ଟିକିଏ ପାଇପାରିବେ ଓ ଆଗାମୀ ପିଢୀ ଷ୍ଟେସନର ସୌନ୍ଦର୍ଯ୍ୟକରଣ ପାଇଁ ସଚେତନ ରହିବା ଉଚିତ ବୋଲି ଶ୍ରୀ ମିଶ୍ର କହିଥିଲେ । ତତ୍ ସହ ଷ୍ଟେସନର ସମ୍ମୁଖ ଭାଗରେ ୧୦ଟି ଗୁଆ ଗଛ ଓ ପ୍ରସ୍ତାନ ହେବା ପଛରେ ଅନେକ ବୃକ୍ଷରୋପଣ କରାଯାଇଥିବା । ରେଳବାଇ ପ୍ରଶାସନ ତରଫରୁ ଇଂ. ମନୋଜ କୁମାର ଓଝା, ସଂଘ ତରଫରୁ ସଂପାଦକ ବିମଲ ଚକ୍ରବର୍ତ୍ତି, ମୋତିଲାଲ ସାହୁ, ଗୋପବନ୍ଧୁ ପୁରୋହିତ, ଦିବାକର ହୋତା, ପର୍ଶୁରାମ ନାୟକ, ହରେକୃଷ୍ଣ ତ୍ରିପାଠି, ସୁରେଶ ଅଗ୍ରୱାଲ ଙ୍କ ସହ ଶିବ ଗୌଡ, ରାଜୁ ପ୍ରଧାନ, ସୀତାକାନ୍ତ ପରୁଆ ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ ରେ ସହଯୋଗ କରିଥିଲେ ।

# ଓଭରଟେକ୍ ବେଳେ ବସ୍ ଦୁର୍ଘଟଣା: ୨ ମୃତ, ୧୨ ଆହତ

**ଯୁଯୁମୁରା(ଅମୃତ ମିଡିଆ):** ଓଭରଟେକ୍ କରିବାକୁ ଯାଇ ଘଟିଲା ଭୟଙ୍କର ଦୁର୍ଘଟଣା । ସମ୍ବଲପୁରଜିଲ୍ଲା ଯୁଯୁମୁରା ଥାନା ଅନ୍ତର୍ଗତ ୫୫ ନମ୍ବର ଜାତୀୟ ରାଜପଥର କଂସର-ଗରଗଡ଼ବାହାଲ ମଝିରେ ରବିବାର ରାତି ପ୍ରାୟ ୩ଟା ୩୦ରେ ଓଏସ୍ଆରଟିସିର ଭଲ୍‌ଭୋ ବସ୍ ଓ ଏକ ଟ୍ରକ୍ ମଧ୍ୟରେ ଧକ୍କା ହୋଇ ଜଣେ ମହିଳା ଓଡ଼ିଶା ଟ୍ୟାକ୍ସସେସନ୍ ଆଣ୍ଡ ଆକାଉଣ୍ଟସ୍ ସର୍ଭିସ (ଓଟିଏଏସ୍) ଟ୍ରେନିଙ୍କ ସମେତ ୨ ଜଣଙ୍କ ଜୀବନ ଯାଇଛି । ଦୁର୍ଘଟଣାରେ ଅନ୍ୟ ୧୨ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ମୃତକଦ୍ୱୟ ହେଲେ ଏସ୍‌ବିଆଇ ପଦ୍ମପୁର ଶାଖାର ସହକାରୀ ଶାଖା ପରିଚାଳକ ଦୀପକ ଦାସ (୪୨) ଏବଂ ଓଟିଏଏସ୍ ଟ୍ରେନି ବୁର୍ଲାର ପ୍ରୀତିସୁମନ ପ୍ରଧାନ (୨୭) । ମୃତ ଦୀପକ ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ୍ ଦର୍ଲିଗୁଡ଼ାର ମୂଳବାସିନ୍ଦା ଓ ସେ ପଦ୍ମପୁରରେ ପରିବାର ସହ ରହୁଥିଲେ । ସେହିପରି ମୃତ



ପ୍ରୀତି କଟକ ସିଟି ଜିଏସ୍‌ଟି ବିଭାଗରେ ଟ୍ରେନି ଅଫିସର ଥିଲେ । ଏହି ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି । ଆହତଙ୍କ ଚିକିତ୍ସା ମାଗଣାରେ କରାଯିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି । ସୂଚନା ମୁତାବକ ପୁରୀରୁ ଭୁବନେଶ୍ୱର, ସମ୍ବଲପୁର ହୋଇ ବରଗଡ଼ ଜିଲ୍ଲା ପଦ୍ମପୁର ଯାଉଥିବା ଓଏସ୍ଆରଟିସିର ଭଲ୍‌ଭୋ ବସ୍ 'ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍' (ଓଡି୦୨ସି୧୫-୨୫୫୭) ଦ୍ରୁତଗତିରେ ଆସି ଏକ ଟ୍ରକ୍ (ଓଡି୨୧ୟୁ-୪୩୪୦)କୁ ଓଭରଟେକ୍ କରୁଥିଲା । ଏହି ସମୟରେ ଟ୍ରକ୍ ସହ ବସ୍‌ର ଜୋରଦାର ଧକ୍କା ହୋଇଥିଲା । ଏଥିରେ ବସ୍‌ର ସାମନା ପଟ ଓ ବାମପାର୍ଶ୍ୱ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା । ଖବର ପାଇ ଯୁଯୁମୁରା ଥାନା ପୁଲିସ ବସ୍ ଭିତରେ ଫସିରହିଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସହ ଆହତ ୧୨ ଜଣଙ୍କୁ ଆମ୍ବୁଲାନ୍ସରେ ବୁର୍ଲା ଭିମସାରକୁ ପଠାଇଥିଲା । ଏଥିରୁ ୫ ଜଣ ନୟାଗଡ଼ ଜିଲ୍ଲାର ସନ୍ଧ୍ୟାରାଣୀ ଶତପଥୀ, ପୁଅ ଅମୃତୟ ଶତପଥୀ, ସମ୍ବଲପୁର ଅଇଁଠାପାଲିର ଶ୍ରୀୟାଶ୍ରୀ ରଥ, ଭୁବନେଶ୍ୱରର ଲିପିକା ଦାଶ, ତାଙ୍କ ସ୍ୱାମୀ ମହେଶ ପ୍ରସାଦ ଦାସ ସମ୍ବଲପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ଆହତଙ୍କ ମଧ୍ୟରୁ ୩ ମହିଳା ସନ୍ଧ୍ୟାରାଣୀ, ଶ୍ରୀୟାଶ୍ରୀ ଓ ଲିପିକାଙ୍କ ଅସ୍ତ୍ରୋପଚାର କରାଯାଇଛି । ଓଭରଟେକ୍ ବେଳେ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା, ଏଥିରେ କାହାର ତ୍ରୁଟି ରହିଛି ଏବଂ ଅନ୍ୟ କୌଣସି କାରଣ ଥିଲା କି ନାହିଁ, ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି । ଆରଟିଓ ରାମଦାସ ଟୁଡୁ କହିଛନ୍ତି, ତାଙ୍କ ନିର୍ଦ୍ଦେଶରେ କନିଷ୍ଠ ଏମ୍‌ଭିଆଇ ଦୁର୍ଘଟଣାର ତଦନ୍ତ କରିଛନ୍ତି । ବସ୍ ତ୍ରୁଟିପୂର୍ଣ୍ଣ ଭାବେ ଦ୍ରୁତ ଓଭରଟେକ୍ କରିବା ସମୟରେ ଏହି ଦୁର୍ଘଟଣା ଘଟିଛି । ତେଣୁ ବସ୍ ଚାଳକଙ୍କ ଲାଇସେନ୍ସ ବାତିଲ ପାଇଁ ସୁପାରିସ କରାଯିବ । ଚାଳକ ସାମାନ୍ୟ ସାବଧାନ ହୋଇଥିଲେ ଏତେ ବଡ଼ ଦୁର୍ଘଟଣା ଘଟିନଥାଆନ୍ତା ବୋଲି ଆରଟିଓ ମତ ଦେଇଛନ୍ତି ।

## ହୀରାକୁଦ ଜଳଭଣ୍ଡାର : ପୁଣି ଖୋଲିଲା ୫ ଗେଟ୍



**ସମ୍ବଲପୁର(ଅମୃତ ମିଡିଆ):** ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ବର୍ଷା ପରିମାଣ ବୃଦ୍ଧି ଯୋଗୁ ହୀରାକୁଦ ଜଳଭଣ୍ଡାରକୁ ପୁଣିଥରେ ଅତ୍ୟଧିକ ବନ୍ୟାଜଳ ପ୍ରବେଶ କରିବା ଆରମ୍ଭ କରିଛି । ଫଳରେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ପାଇଁ ସୋମବାର ସକାଳେ ପୁଣି ୫ଟି ସ୍ଲୁଇସ ଗେଟ୍ ଖୋଲାଯାଇଛି । ଫଳରେ ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରୁ ବାମ ପାର୍ଶ୍ୱର ୫ ଓ ଦକ୍ଷିଣ ପାର୍ଶର ୨ଟି ମିଶି ମୋଟ୍ ୭ଟି ସ୍ଲୁଇସ୍ ଗେଟ୍ ଜରିଆରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି । ବର୍ତ୍ତମାନ ପୂର୍ବାହ୍ନ ସାଢ଼େ ୯ଟା ସମୟରେ ପ୍ରାପ୍ତ ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୧୯.୦୨ ଫୁଟକୁ ବୃଦ୍ଧି ପାଇଥିବା ବେଳେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୧ ହଜାର ୨୪୦ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଛି । ଅପରପକ୍ଷରେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୧ ଲକ୍ଷ ୪୨ ହଜାର ୨୮୪ ଘନଫୁଟ ଜଳ ନିଷ୍କାସିତ ହେଉଛି । ସେଥିମଧ୍ୟରୁ ୭ଟି ସ୍ଲୁଇସ୍ ଗେଟ୍ ଜରିଆରେ ୧ ଲକ୍ଷ ୦୯ ହଜାର ୧୪୪ ଘନଫୁଟ ଏବଂ ବିଭିନ୍ନ କେନାଲ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲ ଓ ଶିଳ୍ପଭିତ୍ତିକ ବ୍ୟବହାର ପାଇଁ ମୋଟ ୩୩,୧୪୦ ଘନଫୁଟ ଜଳ ନିଷ୍କାସିତ ହେଉଛି ।

# ସହର ମଝିରେ ରାସ୍ତା ବନ୍ଦକରି ଚାଲିଛି ନିର୍ମାଣ କାମ

**କଳାହାଣ୍ଡି(ଅମୃତ ମିଡିଆ):** ଭବାନୀପାଟଣା ସହରର ହାର୍ଟ ଅଫ୍ ଦି ଟାଉନ୍ ଭାବେ ପରିଚିତ ମାଣିକେଶ୍ୱର ମନ୍ଦିରରୁ ଗାନ୍ଧୀ ଛକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ରାସ୍ତା ଅବରୋଧ କରି ଘର ନିର୍ମାଣ କାମ ଚାଲିଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ରାସ୍ତା ଉପରେ ବାଲି, ଗେଟି, ସିମେଣ୍ଟ, ମିକ୍ସଚର ମେସିନ୍, ଲିଫ୍ଟ ଏବଂ ବଡ଼ ବଡ଼ ଲୁହା ଏଙ୍ଗଲ୍ ରଖାଯାଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହେବା ସହ ସାଧାରଣ ଲୋକଙ୍କ ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନ ଉଠିଛି । ସହରର ଏଭଳି ବ୍ୟସ୍ତ ମୁଖ୍ୟ ରାସ୍ତାକୁ ନିର୍ମାଣ କାମ ପାଇଁ ଅବରୋଧ କରିବାକୁ ସମ୍ପୃକ୍ତ ଘର ମାଲିକ କେଉଁ ବିଭାଗରୁ ଅନୁମତି ନେଇଛନ୍ତି, ପୌରପାଳିକା ପକ୍ଷରୁ ରାସ୍ତା ବ୍ୟବହାର କିମ୍ବା ଅବରୋଧ ପାଇଁ କୌଣସି ଅନୁମତି ଦିଆଯାଇଛି କି ନାହିଁ—ତାହା ସ୍ପଷ୍ଟ ହେବା ଆବଶ୍ୟକ । ଅନ୍ୟପଟେ ରାସ୍ତା କଡ଼ରେ ବଡ଼ ଲୁହା ଏଙ୍ଗଲ୍, ଲିଫ୍ଟ ଓ ଭାରୀ ଯନ୍ତ୍ରପାତି ବ୍ୟବହାର ହେଉଥିବାରୁ କୌଣସି ନିର୍ମାଣ ସାମଗ୍ରୀ ଖସି ଯାଇ ଯାତାୟାତ କରୁଥିବା ଲୋକଙ୍କ ଉପରେ ପଡ଼ିଲେ ଦାୟୀ କିଏ ହେବ, ସେନେଇ ମଧ୍ୟ ପ୍ରଶ୍ନ ଉଠିଛି । ଏହି ଘଟଣାରେ ଭବାନୀପାଟଣା ଟାଉନ୍ ଥାନା ପୁଲିସର କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ପ୍ରଶ୍ନ ଉଠୁଛି । ଯଦି ପୂର୍ବରୁ ଅଭିଯୋଗ କିମ୍ବା ସୂଚନା ଥିଲା, ତେବେ ପୁଲିସ ପକ୍ଷରୁ କଣ



- ନିର୍ମାଣ ସାମଗ୍ରୀରେ ଅବରୋଧ ମୁଖ୍ୟରାସ୍ତା
- ଲୋକଙ୍କ ସୁରକ୍ଷା ନେଇ ପ୍ରଶ୍ନ
- ଟାଉନ୍ ଥାନା ପୋଲିସର କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଉଠିଲା ପ୍ରଶ୍ନ
- ଉଚ୍ଚସ୍ତରୀୟ ଯାଞ୍ଚ ଦାବି

ପଦକ୍ଷେପ ନିଆଯାଇଥିଲା, ଘଟଣାସ୍ଥଳରେ ଯାଞ୍ଚ କରାଯାଇଥିଲା କି ନାହିଁ ଏବଂ ଯାତାୟାତ ଓ ଲୋକଙ୍କ ସୁରକ୍ଷା ପାଇଁ କାହିଁକି ପ୍ରଭାବୀ ପଦକ୍ଷେପ ନିଆଯାଇନାହିଁ—ତାହାର ମଧ୍ୟ ତଦନ୍ତ ଆବଶ୍ୟକ । ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଚସ୍ତରୀୟ ଯାଞ୍ଚ କରାଯାଇ ନିର୍ମାଣ ଅନୁମତି, ରାସ୍ତା ଅବରୋଧର ଅନୁମତି, ନିର୍ମାଣ ସୁରକ୍ଷା ବ୍ୟବସ୍ଥା ଏବଂ ପୁଲିସ ଓ ପୌରପାଳିକାର ଭୂମିକା ସମ୍ପର୍କରେ ତଥ୍ୟ ସାମ୍ନାକୁ ଆଣିବା ସହ ନିୟମ ଉଲ୍ଲଂଘନ ହୋଇଥିଲେ ସମ୍ପୃକ୍ତ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଉଚ୍ଚସ୍ତରୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି । ସେହିପରି ସମ୍ପୃକ୍ତ ଘର ମାଲିକ, ପୌରପାଳିକା ଏବଂ ଟାଉନ୍ ଥାନା ପୁଲିସର ପକ୍ଷ ମଧ୍ୟ ସାର୍ବଜନୀନ କରାଯିବା ଆବଶ୍ୟକ ।

## ବ୍ରିଜ୍‌ତଳୁ ମିଳିଲା ଯୁବକଙ୍କ ମୃତଦେହ

**ବରଗଡ଼(ଅମୃତ ମିଡିଆ):** ବରଗଡ଼ ସହର ଉପକଣ୍ଠରେ ପ୍ରବାହିତ ଜୀରାନଦୀ ବ୍ରିଜତଳୁ ସୋମବାର ସକାଳୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି । ମୃତ ଯୁବକ ଜଣକ ହେଲେ, ସ୍ଥାନୀୟ ଅମ୍ବାପାଲିର ଜୁଗନୁ ସୁନା(୩୫) । ତେବେ କିଭଳି ସ୍ଥିତିରେ ତାଙ୍କ ମୃତ୍ୟୁ ହୋଇଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଜୀରାନଦୀରେ ମୃତଦେହ ପଡ଼ିଥିବା ଖବର ପାଇ ସ୍ଥାନୀୟ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ । ଏହାପରେ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଯାଇଛି । ପୋଲିସ ଏହାର କାରଣ ଜାଣିବା ପାଇଁ ତଦନ୍ତ ଚଳାଇଛି ।



## ରାଷ୍ଟ୍ରପତି ଭବନରେ ଲଇକେରା ବ୍ଲକର ଝିଅ ଭେଷମତୀ ନାଏକ



**ଲଇକେରା(ଅମୃତ ମିଡିଆ):** ଦକ୍ଷତା ବିକାଶକୁ ଆଧାର କରି ସଫଳତାର ଶିଖର ଛୁଇଁଥିବା ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ତିଲେଇମାଲ ଗ୍ରାମର ଭେଷମତୀ ନାଏକଙ୍କ ସଫଳତା ଏବେ ସମଗ୍ର ଜିଲ୍ଲା ପାଇଁ ଗର୍ବର ବିଷୟ ପାଲଟିଛି । ଡିଡିୟୁ-ଜିକେୱାଇ ଅଧୀନରେ ପ୍ରଶିକ୍ଷଣ ନେଇ ସଫଳ କର୍ମଜୀବନ ଗଢ଼ିଥିବା ଭେଷମତୀଙ୍କୁ ସ୍ୱାଧୀନତା ଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ କଲ୍ଚରାଲ୍ ସେଣ୍ଟରରେ ଆୟୋଜିତ ପ୍ରତିଷ୍ଠିତ 'ଆଟ୍-ହୋମ୍' ରିସେପସନ୍‌ରେ ଯୋଗଦେବା ପାଇଁ ଆମନ୍ତ୍ରଣ ମିଳିଛି । ଭେଷମତୀ ୨୦୧୬ ମସିହାରେ ଓରମାସ ମାଧ୍ୟମରେ ଡିଡିୟୁ-ଜିକେୱାଇ ଯୋଜନା ଅଧୀନରେ ହସ୍ପିଟାଲିଟି କ୍ଷେତ୍ରରେ ପ୍ରଶିକ୍ଷଣ ନେଇଥିଲେ । ଭୁବନେଶ୍ୱରସ୍ଥିତ ପିଆଇଏ ମଲ୍ଟି କେୟାର ସର୍ଭିସେସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ ତାଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ପାରିବାରିକ ଓ ଆର୍ଥିକ ପରିସ୍ଥିତି ଯୋଗୁଁ ଉଚ୍ଚଶିକ୍ଷା ଜାରି ରଖିପାରିନଥିବା ଭେଷମତୀ ଦକ୍ଷତା ବିକାଶକୁ ନିଜ ଜୀବନର ନୂଆ ଦିଗ ଭାବେ ବାଛି ନେଇଥିଲେ । ପ୍ରଶିକ୍ଷଣ ପରେ ସେ ତାମିଲନାଡୁର ଉଟିରେ ମାସିକ ୬ ହଜାର ଟଙ୍କା ଦରମାରେ ନିଜର କର୍ମଜୀବନ ଆରମ୍ଭ କରିଥିଲେ । ନିଷ୍ଠା, ପରିଶ୍ରମ ଓ ଅଭିଜ୍ଞତା ବଳରେ ପ୍ରାୟ ଏକ ଦଶନ୍ଧି ଧରି ଆଗକୁ ବଢ଼ିବା ପରେ ବର୍ତ୍ତମାନ ସେ ସମ୍ବଲପୁରସ୍ଥିତ ଆଇଆଇଏମ୍‌ରେ କାର୍ଯ୍ୟରତ ଅଛନ୍ତି । ଏବେ ତାଙ୍କର ମାସିକ ଆୟ ପ୍ରାୟ ୩୫ ହଜାର ଟଙ୍କା । ନିଜ ଆୟରେ ପରିବାରକୁ ସହଯୋଗ କରିବା ସହ ଆର୍ଥିକ ସ୍ୱାବଲମ୍ବନ ହାସଲ କରିଛନ୍ତି ସେ । ଏହି ସଫଳତା କେବଳ ଭେଷମତୀଙ୍କ ବ୍ୟକ୍ତିଗତ ଉପଲବ୍ଧି ନୁହେଁ, ବରଂ ଗ୍ରାମୀଣ ଯୁବକ-ଯୁବତୀଙ୍କ ପାଇଁ ଦକ୍ଷତା ବିକାଶ କିପରି ନିଯୁକ୍ତି ଓ ସ୍ୱାବଲମ୍ବନର ଦ୍ୱାର ଖୋଲିପାରେ, ତାହାର ଏକ ଉଜ୍ଜ୍ୱଳ ଉଦାହରଣ । ଓଡ଼ିଶା ସରକାରଙ୍କ ସହଯୋଗରେ ଓରମାସ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଡିଡିୟୁ-ଜିକେୱାଇ ଯୋଜନାର ସଫଳତାର ଏକ ପ୍ରେରଣାଦାୟୀ ଚିତ୍ର ଭାବେ ଭେଷମତୀଙ୍କ ଯାତ୍ରାକୁ ଦେଖାଯାଉଛି । ରାଷ୍ଟ୍ରପତି ଭବନର 'ଆଟ୍-ହୋମ୍' ରିସେପସନ୍‌କୁ ନିମନ୍ତ୍ରଣ ପାଇବା ପରେ ଅଗଷ୍ଟ ୧୪ ତାରିଖରେ ଭେଷମତୀ ନାଏକ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଭେଟିଥିଲେ । ଜିଲ୍ଲାପାଳ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ ଓରମାସର ଡେପୁଟୀ ସିଇଓ ଶ୍ରୀ ଯୁବରାଜ ସାହୁ ମଧ୍ୟ ଉପସ୍ଥିତ ଥିଲେ । ଗ୍ରାମର ଜଣେ ସାଧାରଣ ଯୁବତୀ ଭାବେ ଆରମ୍ଭ କରି ଦକ୍ଷତା ବିକାଶ, ନିଯୁକ୍ତି ଓ ନିରନ୍ତର ପରିଶ୍ରମ ମାଧ୍ୟମରେ ଆଜି ରାଷ୍ଟ୍ରପତି ଭବନର ଆମନ୍ତ୍ରିତ ଅତିଥି ହେବା ଭେଷମତୀଙ୍କ ସଫଳତାର ଏକ ଅନନ୍ୟ ଅଧ୍ୟାୟ । ତାଙ୍କର ଏହି ସଫଳତା ଝାରସୁଗୁଡ଼ା ସମେତ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଛି ।

## ସିଦ୍ଧିବିନାୟକ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ

**ବଲାଙ୍ଗୀର(ଅମୃତ ମିଡିଆ):** ପେଲେସ ଲାଇନ "ଶାନ୍ତି ମାର୍ଗ" ରେ ନିର୍ମାଣାଧୀନ ସିଦ୍ଧିବିନାୟକ ମନ୍ଦିର ପ୍ରକାଶ ଚନ୍ଦ୍ର ଚୋପଦାରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯଇଛି । ଆସନ୍ତା ଗଣେଷ ପୂଜା ଦିନ ଶ୍ରୀ ଗଣେଷ ମୁର୍ତ୍ତି ପ୍ରାଣ ପ୍ରତିଷ୍ଠା ହୋଇ ତିନି ଦିନ ବ୍ୟାପି ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ । ଦିର୍ଘ ବର୍ଷରୁ ମନ୍ଦିର ନିର୍ମାଣ ହୋଇ ଅସମ୍ପୂର୍ଣ୍ଣ ଭାବରେ ରହିଯାଇଥିଲା । ସୂଚନାଯୋଗ୍ୟ ଯେ ୨୩.୦୩.୨୦୧୮ ରେ ମନ୍ଦିରର ରନ୍ମୁଦ ସମ୍ପୁର୍ଣ୍ଣ ହୋଇସାରିଛି । କମିଟି ତରଫରୁ ପ୍ରକାଶ ଯେ ଆସନ୍ତା ସେପ୍ଟେମ୍ବର ୧୨ ରୁ ୧୪ ତାରିଖରେ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ସହ ବଡ ଧୁମଧାମରେ ମନ୍ଦିର ପ୍ରତିଷ୍ଠା ସହ ଶ୍ରୀ ଗଣେଷଙ୍କ ପ୍ରାଣ ପ୍ରତିଷ୍ଠା ହୋଇ ସିଂହାସନରେ ପ୍ରଭୁ ଆସୀନ



ହେବେ । ଏହି ବୈଠକରେ ବିମଲ ଚୋପଦାର, ପ୍ରଦୀପ କୁମାର ଚୋପଦାର (କୁନୁ), ରମେଶ ଚନ୍ଦ୍ର ସାହୁ, ଅନୁପ ଚୋପଦାର, ରାଜ କିଶୋର ସାହୁ, ଆଶିଷ ସାହୁ, ଭଗବାନ ସରାଫ, ଶୁଶାନ୍ତ ଚୋପଦାର, କୈଳାସ ଚନ୍ଦ୍ର ଚୋପଦାର, ତ୍ରିନାଥ ସାହୁ, ଜୟକୃଷ୍ଣ ସାହୁ, ପ୍ରତାପ ସାହୁ, ଅଶୋକ ସାହୁ, ଦିବ୍ୟସିଂ ସାହୁ, ବିଦେଶୀ ସାହୁ, ଦାଶରଥି ସାହୁ, ବିଶ୍ୱକର୍ମା ରଙ୍କ, ନିତ୍ୟାନନ୍ଦ ସାହୁ, ବିକାଶ ନନ୍ଦ ଓ ସୁଧୀର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ସଭା ଶେଷରେ ଦିବ୍ୟସିଂ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଭବ୍ୟ ସ୍ୱାଧୀନତା ଦିବସ ପାଳିତ



**ବଲାଙ୍ଗୀର(ଅମୃତ ମିଡିଆ):** ବଲାଙ୍ଗିର ଜିଲ୍ଲା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଶାନ୍ତିପଡା ସ୍ଥିତ ତେଲି ସମାଜ ଭବନ ଠାରେ ଭବ୍ୟ ଆୟୋଜନ ମଧ୍ୟରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସଭାପତି ଉମାକାନ୍ତ ସାହୁଙ୍କ ଅଧକ୍ଷତା ରେ ଆୟୋଜିତ ଏହି ସମାରୋହରେ ସମ୍ପାଦକ ପ୍ରଦୀପ ସାହୁ, ଉପଦେଷ୍ଟା ଅଙ୍ଗିରା ସାହୁ, ସାଂଗଠନିକ ସମ୍ପାଦକ ବିକାଶ ରଂଜନ ସାହୁ ଙ୍କ ସମେତ ସମାଜର ବହୁ ପଦାଧିକାରୀ ଓ ସଦସ୍ୟ ଉପସ୍ଥିତ ଥିଲେ । ଜିଲ୍ଲାର ୧୪ଟି ବ୍ଲକ ଓ ଗୋଟିଏ ନଗର କମିଟିରୁ ପ୍ରାୟ ୫୦୦ ଜଣ ମହିଳା, ପୁରୁଷ ଓ ଶିଶୁ ଏହି ସମାରୋହରେ ଯୋଗ ଦେଇଥିଲେ । ସର୍ବ ପ୍ରଥମେ ଜାତୀୟ ପତାକା ଉତ୍ତୋଳନ କରାଯାଇ ସ୍ୱାଧୀନତା ସଂଗ୍ରାମୀ ଓ ଦେଶର ମହାନ ବ୍ୟକ୍ତିତ୍ୱମାନଙ୍କୁ ସ୍ମରଣ କରାଯାଇଥିଲା । ଏହା ପରେ ତେଲି ଜାତିର ଅଧିଷ୍ଠାତା ପ୍ରଭୁ ଶିବଶମ୍ଭୁଙ୍କୁ ପୂଜାର୍ଚ୍ଚନା କରାଯାଇ ସାଧାରଣ ସଭାର ଶୁଭାରମ୍ଭ ହୋଇଥିଲେ । ସାଧାରଣ ସଭାରେ ସମାଜର ଏକତା, ସଂଗଠନକୁ ସୁଦୃଢ଼ କରିବା ଏବଂ ସମାଜର ପ୍ରତ୍ୟେକ ସଦସ୍ୟ ସଦସ୍ୟଙ୍କ ମଧ୍ୟରେ ପରସ୍ପର ସହଯୋଗ ଓ ଭାଇଚାରାର ମନୋଭାବ ଜାଗ୍ରତ କରିବା ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ତେଲି ସମାଜର ବରିଷ୍ଠ ବ୍ୟକ୍ତିତ୍ୱ ଚୈତନ୍ୟ ସାହୁ, ନରହରି ସାହୁ, ଅଙ୍ଗିରା ସାହୁ, ହୀରାବତୀ ସାହୁ ଓ ଫିରୋଜ ସାହୁଙ୍କୁ ସମାଜ ପକ୍ଷରୁ ସମ୍ମାନିତ କରାଯାଇଥିଲା । ସେହିପରି ବିଭିନ୍ନ କ୍ଷେତ୍ରରେ ଗୌରବ ଅର୍ଜନ କରିଥିବା ମୋନାଲିସା ସାହୁ, ସ୍ମରଣିକା ସାହୁ, ରୋଶନୀ ସାହୁ ଓ ସଂକେତ ସାହୁ ଟ୍ରଫି, ଉ ରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମାଜ ପକ୍ଷରୁ ସମ୍ମାନିତ କରାଯାଇଥିଲା । ସଭାରେ ଜିଲ୍ଲାର ସମସ୍ତ ବ୍ଲକ ଓ ପଂଚାୟତ ସ୍ତରରେ ବସବାସ କରୁଥିଲା ତେଲି ସମାଜର ପରିବାର ଗୁଡିକୁ ସଂଗଠନ ସହିତ ଯୋଡିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସମାଜର ପ୍ରତ୍ୟେକ ସଦସ୍ୟ ସୁଖଦୁଃଖ ରେ ପରସ୍ପରର ସହଯୋଗୀ ହୋଇ ଏକ ସୁଦୃଢ଼ ଓ ଏକତାବଦ୍ଧ ସମାଜ ଗଠନ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ଏଥିସହ ଶାନ୍ତିପଡା ସ୍ଥିତ ସମାଜ ଭବନର ନିର୍ମାଣ କାର୍ଯ୍ୟକୁ ଆଗେଇ ନେବା ପାଇଁ ସମସ୍ତଙ୍କ ସହଯୋଗ ଓ ସହଭାଗିତା ଆବଶ୍ୟକ ବୋଲି ସମ୍ପାଦକ ପ୍ରଦୀପ ସାହୁ ମତ ପ୍ରକାଶ କରିଥିଲେ । ଶେଷରେ ଫିରୋଜ ସାହୁ ଉପସ୍ଥିତ ସମସ୍ତ ଅତିଥି, ସମାଜର ପଦାଧିକାରୀ, ସଦସ୍ୟ ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କଳାହାଣ୍ଡିରେ ବିଦେଶୀ ଗବେଷକ ଲୁଇସ୍ ଲାଫ୍ରାନ୍ସ

**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲାକୁ ସ୍ପେନର ବରିଷ୍ଠ ଖବରଦାତା, ଗବେଷକ ତଥା ବ୍ଲଗର ଲୁଇସ ଲାଫ୍ରାନ୍ସ ପରିଦର୍ଶନରେ ଆସିଛନ୍ତି । ଏହି ଗସ୍ତ ସମୟରେ ସେ ଜିଲାର ବିଭିନ୍ନ ଲୋକନୃତ୍ୟ, ଲୋକସଂସ୍କୃତି, ଦେବୀପୀଠ ଓ ପ୍ରାକୃତିକସ୍ଥଳୀ ପରିଦର୍ଶନ କରି ସ୍ଥାନୀୟ କଳା, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛନ୍ତି । ଶୁକ୍ରବାର ପ୍ରଥମ ଦିନରେ ସେ ଜିଲାର ଲୋକକଳା ଗ୍ରାମ ଭାବେ ପରିଚିତ ଜୁନାଗଡ଼ ବ୍ଲକର ଛୋରିଆଗଡ଼ରେ ପହଞ୍ଚି ଘୁମୁରା ନୃତ୍ୟ ପରିବେଷଣ ଦେଖିଥିଲେ । ଏହାସହ ଘୁମୁରା କଳାକାରମାନଙ୍କୁ ଭେଟି ଏହି ପାରମ୍ପରିକ ନୃତ୍ୟର ଇତିହାସ, ପରମ୍ପରା ଓ ଏହାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ସେ କାଠ କାରିଗରି ପାଇଁ ପ୍ରସିଦ୍ଧ ଧର୍ମଗଡ଼ ବ୍ଲକର ଖଏରପଦର ଗ୍ରାମରେ ପହଞ୍ଚିଥିଲେ । ସେଠାରେ କାଠରେ ନିର୍ମିତ ବିଭିନ୍ନ ମୂର୍ତ୍ତି ଓ କାଠ ଶିଳ୍ପକଳା ଦେଖିବା ସହ କାରିଗରମାନଙ୍କ ସହ ଆଲୋଚନା କରିଥିଲେ । କାଠ କାରିଗରୀର



ପାରମ୍ପରିକ ଶୈଳୀ, କାରିଗରମାନଙ୍କ ଜୀବନଯାପନ ଓ ଏହି ଶିଳ୍ପର ବିଭିନ୍ନ ଦିଗ ସମ୍ପର୍କରେ ସେ ତଥ୍ୟ ନେଇଥିଲେ । ଅପରାହ୍ନରେ ଲୁଇସ ଲାଫ୍ରାନ୍ସ କେସିଙ୍ଗା ବ୍ଲକର ଗୁର୍ଜିମୁଣ୍ଡାସ୍ଥିତ ମା' ଯୋଗମାୟାଙ୍କ ପୀଠରେ ପହଞ୍ଚିଥିଲେ । ପୀଠ ନିକଟରେ ଥିବା ପ୍ରସିଦ୍ଧ ଦେବଗୁମ୍ଫା (ପ୍ରାକୃତିକ ଗୁମ୍ଫା)ରେ ଥିବା ବିଶାଳ ଶିବଲିଙ୍ଗ ଦର୍ଶନ କରିବା ସହ ବିରିପୁଡ଼ା ପାହାଡ଼ ଓ ଗୁମ୍ଫାର ଐତିହାସିକ ଓ ପ୍ରାକୃତିକ ବିଶେଷତା ସମ୍ପର୍କରେ ବୁଝିଥିଲେ । ପରେ ସେ ଦେବୀ ଯୋଗମାୟା ଓ ପ୍ରଭୁ ପାତାଳେଶ୍ୱରଙ୍କ ଦର୍ଶନ କରିବା ସହ ମନ୍ଦିର ନିକଟରେ ଥିବା ଔଷଧୀୟ ବୃକ୍ଷ ଉଦ୍ୟାନ ପରିଭ୍ରମଣ କରିଥିଲେ । ଦେବୀ ଯୋଗମାୟା ଓ ପ୍ରଭୁ ପାତାଳେଶ୍ୱରଙ୍କ ଉତ୍ପତ୍ତି, ପୀଠର ଐତିହ୍ୟ ଏବଂ ପାରିପାର୍ଶ୍ୱିକ ପରିବେଶର ସଂରକ୍ଷଣ ଓ ପରିଚାଳନା ସମ୍ପର୍କରେ ସେ ମା' ଯୋଗମାୟା ଦେବୀପୀଠ ଓ ଦେବଗୁମ୍ଫା ଚାରିଟେବଲ ଟ୍ରଷ୍ଟର କର୍ମକର୍ତ୍ତାମାନଙ୍କଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ । ପ୍ରକୃତି କୋଳରେ ଦେବଦେବୀଙ୍କ ଅବସ୍ଥିତି ଏବଂ ପୀଠର ଶାନ୍ତ, ମନୋରମ ପରିବେଶ ତାଙ୍କୁ ବେଶ ଅଭିଭୂତ କରିଥିଲା । ନିଜର ଭ୍ରମଣ କାହାଣୀରେ ଯୋଗମାୟା ପୀଠ ଓ ଦେବଗୁମ୍ଫା ସମ୍ପର୍କରେ ପ୍ରମୁଖ ଭାବେ ଉଲ୍ଲେଖ କରିବେ ବୋଲି ଲୁଇସ ଲାଫ୍ରାନ୍ସ କହିଥିବା ତାଙ୍କ ଗାଇଡ୍ ମନୋଜ ଭୋଇ ସୂଚନା ଦେଇଛନ୍ତି । ସ୍ପେନର କାଟାଲୋନିଆ ଅଞ୍ଚଳର ବାର୍ସିଲୋନା ନିବାସୀ ଲୁଇସ ଲାଫ୍ରାନ୍ସ ସମ୍ପ୍ରତି ପଶ୍ଚିମ ଓଡ଼ିଶା ଗସ୍ତରେ ଅଛନ୍ତି । କଳାହାଣ୍ଡିର ଲୋକକଳା, ଲୋକସଂସ୍କୃତି, ପାରମ୍ପରିକ ଶିଳ୍ପ ଓ ପ୍ରାକୃତିକ ଐତିହ୍ୟ ପ୍ରତି ତାଙ୍କ ଆଗ୍ରହ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ବେଲଜିୟମ ଓ ସ୍ୱିଜରଲାଣ୍ଡର ଜେନେଭାରୁ ଏକାଧିକ ପର୍ଯ୍ୟଟକ ଯୋଗମାୟା ପୀଠ ପରିଦର୍ଶନରେ ଆସିଥିଲେ । ନିକଟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ଏହି ପୀଠ ପରିଦର୍ଶନ କରି ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ନେଇ ଘୋଷଣା କରିଥିଲେ ।




# ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ସାର ଅନିୟମିତତାର ପରଦା ଉଠିଲା

# ଚିଠି ପରେ ଚିଠି, ନିଲମ୍ବନ ନିର୍ଦ୍ଦେଶ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

## ସାହାରପଡ଼ା ଲ୍ୟାମ୍ପସ୍‌ରେ ଚାଷୀଙ୍କ ଅଭିଯୋଗ ଶୁଣିଲେ ତଦନ୍ତ ଅଧିକାରୀ



**ବାରିପଦା /ସାହାରପଡ଼ା (ଅମୃତମିଡିଆ):** କେନ୍ଦୁଝର ଜିଲ୍ଲା, ସାହାରପଡ଼ା ଲ୍ୟାମ୍ପସ୍‌ରେ ସାର କାରବାରକୁ ନେଇ ଉଠିଥିବା ଅନିୟମିତତା ଅଭିଯୋଗ ଏବେ ତଦନ୍ତର ମୁଖ୍ୟ ପର୍ଯ୍ୟାୟରେ। ଗୋଟିଏ ପଟେ ସରକାରୀ ଦସ୍ତାବେଜରେ ଅନିୟମିତତା ନେଇ ଜୁନ୍ ମାସରୁ ଗୋଟିଏ ପରେ ଗୋଟିଏ ଚିଠି ଏବଂ ନିଲମ୍ବନ ପାଇଁ ନିର୍ଦ୍ଦେଶ ଜାରି ହୋଇଥିବା ବେଳେ, ଅନ୍ୟପଟେ ଏବେ ଚାଷୀଙ୍କ ଅଭିଯୋଗକୁ ନେଇ ଔପଚାରିକ ତଦନ୍ତ ଆରମ୍ଭ ହୋଇଛି। ୫ ଜୁନ୍‌ର ଚିଠିରେ ସାର ବିକ୍ରି ସୀମା ଉଲ୍ଲଂଘନ, ଷ୍ଟକ୍‌ରେ ଅନିୟମିତତା, ଭୌତିକ ମହଜୁଦ ଓ ରେକର୍ଡ ମଧ୍ୟରେ ତାରତମ୍ୟ, ସାର ବିକ୍ରି ଅନୁମତି ନବୀକରଣ ନହେବା, ସିସିଟିଭି ଅଚଳ ରହିବା ଓ ହିସାବ ବହି ଠିକ୍ ଭାବେ ରଖାନଯିବା ଭଳି ବିଭିନ୍ନ ଅଭିଯୋଗ ଉଲ୍ଲେଖ ହୋଇଥିବା ଦସ୍ତାବେଜରୁ ଜଣାପଡୁଛି। ଏହା ପରେ ୯ ଜୁନ୍‌ର ଚିଠିରେ ତଦନ୍ତ ଶେଷ ହୋଇ ଦୋଷପତ୍ର ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ତତ୍କାଳୀନ ପରିଚାଳନା ନିର୍ଦ୍ଦେଶିକାଙ୍କୁ ନିଲମ୍ବନ କରିବା ସହ ଅନୁପାଳନ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଥିବା ଦେଖାଯାଉଛି। କିନ୍ତୁ ୧୮ ଜୁଲାଇର ଚିଠିରେ ପୂର୍ବ ନିର୍ଦ୍ଦେଶର ଅନୁପାଳନ ରିପୋର୍ଟ ମିଳିନଥିବା ଉଲ୍ଲେଖ ସହ ପୁଣି ଥରେ ପଦକ୍ଷେପ ନେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ଏଠାରୁ ହିଁ ଉଠୁଛି ବଡ଼ ପ୍ରଶ୍ନ—ନିଲମ୍ବନ ନିର୍ଦ୍ଦେଶ ଯଦି ହୋଇଥିଲା, ତେବେ ତାହାର ବାସ୍ତବ କାର୍ଯ୍ୟକାରିତା କେଉଁଠି, ଅନୁପାଳନ ରିପୋର୍ଟ କାହିଁକି ଦାଖଲ ହୋଇନଥିଲା। ଏପଟେ ୫ ଅଗଷ୍ଟର ତଦନ୍ତ ନୋଟିସ୍ ଅନୁଯାୟୀ ସାହାରପଡ଼ା ଲ୍ୟାମ୍ପସ୍‌ରେ ଅଭିଯୋଗ ଉପରେ ତଦନ୍ତ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ତଦନ୍ତ ସମୟରେ ଚାଷୀ ଓ ଅଭିଯୋଗକାରୀ ତଦନ୍ତ ଅଧିକାରୀଙ୍କ ସମ୍ମୁଖରେ ନିଜ ନିଜ ଅଭିଯୋଗ ରଖିଥିଲେ। ତଦନ୍ତ ଅଧିକାରୀ ନିହାର ରଞ୍ଜନ ମିଶ୍ର ଚାଷୀ ଓ ଅଭିଯୋଗକାରୀଙ୍କ କଥା ଶୁଣିବା ସହ ସମ୍ପୃକ୍ତ କାଗଜପତ୍ର ଓ ରେକର୍ଡ ଯାଞ୍ଚ କରିଥିବା ଜଣାପଡ଼ିଛି। ତଦନ୍ତ ସମୟରେ ସାର କାରବାରରେ ଥିବା ଅନିୟମିତତା ସମ୍ପର୍କରେ ଚାଷୀମାନଙ୍କୁ ତଦନ୍ତ ଅଧିକାରୀ ସ୍ପଷ୍ଟ ଭାବେ ମତ ଦେଇଥିବା ଚାଷୀମାନେ କହିଛନ୍ତି। ତେବେ ଏହାର ଆଇନଗତ ଓ ପ୍ରଶାସନିକ ସତ୍ୟତା ତଦନ୍ତ ରିପୋର୍ଟ ପରେ ହିଁ ସ୍ପଷ୍ଟ ହେବ। ଲାଇସେନ୍ସ ନଥିଲେ ସାର ଆସିଲା କିପରି ? ଆସିଥିବା ସାର ଗୋଟିଏ ଦିନରେ ଚାଷୀଙ୍କୁ ମିଳିଲା କେମିତି, ତଦନ୍ତରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସାମ୍ନାକୁ ଆସିଛି। ରେକର୍ଡ ଅନୁଯାୟୀ ୨୨ ମେ ୨୦୨୬ରେ ୟୁରିଆ ଓ ଡିଏପି ସାର ଗ୍ରହଣ କରାଯାଇଥିବା ଏଣ୍ଟ୍ରି ରହିଛି ଏବଂ ୨୩ ମେରେ ବଣ୍ଟନ ଦର୍ଶା ଯାଇଛି। ଯଦି ସେହି ସମୟରେ ବୈଧ ସାର ବିକ୍ରି କିମ୍ବା ସଂରକ୍ଷଣ ଲାଇସେନ୍ସ ନଥିଲା, ତେବେ ସାର ଲ୍ୟାମ୍ପସ୍‌କୁ କିପରି ଆସିଲା, କିଏ ଗ୍ରହଣ କଲା, କେଉଁଠି ରଖାଗଲା, ଏହାର ଚାଲାଣ ଓ ଷ୍ଟକ୍ ରେକର୍ଡ କ'ଣ କହୁଛି—ଏସବୁ ଏବେ ତଦନ୍ତର ଗୁରୁତ୍ୱ ପୂର୍ଣ୍ଣ ପ୍ରଶ୍ନ।

## ୨୯ ଚାଷୀଙ୍କ ନାମରେ ସାର; ପ୍ରକୃତରେ ମିଳିଲା କାହାକୁ

୨୩ ମେର ବଣ୍ଟନ ଖାତାରେ ୨୯ ଜଣ ଚାଷୀଙ୍କ ନାମରେ ସାର ଦିଆଯାଇଥିବା ଏଣ୍ଟ୍ରି ଥିବା ଦାବି କରାଯାଇଛି। ହେଲେ ଖାତାରେ ଯେଉଁ ନାମ ରହିଛି ଆହାରପଡା ଗ୍ରାମର ଉମେଶ ଚନ୍ଦ୍ର ମହାନ୍ତ, ଖଡ଼ିବେଡା ଗ୍ରାମର ହିମାଂଶୁ ଶେଖର ମହାନ୍ତ, ସାହାରପଡା ଗ୍ରାମର ସଞ୍ଜୟ କୁମାର ମହାନ୍ତ, ଆହାରପଡା ଗ୍ରାମର ଶିବାଜୀ ଗୌତମ ମହାନ୍ତ ବର୍ମା, ଗୋରାଣ୍ଡିଯୋଡି ଗ୍ରାମର ବୁଲୁ ବାରିକ, ତିଳବେଡା ଗ୍ରାମର ଅରୁଣ କୁମାର ମହାନ୍ତ, ଗୋରାଣ୍ଡିଯୋଡି ଗ୍ରାମର ବିବେକ ମହାନ୍ତ, ନିଶ୍ଚିନ୍ତପୁର ଗ୍ରାମର ସୁଦର୍ଶନ ମହାନ୍ତ, ପିପିଳିଆ ଗ୍ରାମର ସୁଶାନ୍ତ ମହାନ୍ତ, ବେଲସରେଇ ଗ୍ରାମର ସର୍ବେଶ୍ୱର ମହାନ୍ତ, ଗୋଧିନାଳି ଗ୍ରାମର ହେମନ୍ତ ତଣ୍ଡି ଙ୍କ ସମେତ ସମୁଦାୟ ୨୯ ଜଣଙ୍କୁ ସାର ଯୋଗାଇ ଦିଆ ଯାଇଛି। ଏଠାରେ ଆଉ ଏକ ବଡ଼ ଅଭିଯୋଗ ସାମ୍ନାକୁ ଆସିଛି ଯେ, ଯେଉଁମାନଙ୍କୁ ସାର ଦିଆଯାଇଛି ସେହି ଚାଷୀ ମାନଙ୍କର ଜମି ଅଛି ତ, ଗୋଟିଏ ଚାଷୀକୁ ୪-୫ ବସ୍ତା ସାର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏ ମାନେ ଧାନ ଚାଷ କରିଛନ୍ତି ତ, ନା ବୋଇତାଲୁ ଚାଷରେ ପଡିଛି ସାର ଏହା ବି ତଦନ୍ତ ରହିବା ପାଇଁ ଦାବି ହେଉଛି। ତେଣୁ ଷ୍ଟକ୍ ରେଜିଷ୍ଟର, ଚାଲାଣ, ବିକ୍ରି ଖାତା, ଚାଷୀଙ୍କ ରସିଦ ଏବଂ ପ୍ରକୃତ ପ୍ରାପ୍ତିକୁ ମେଳ କରି ଯାଞ୍ଚ କରା ଯାଇଛି । ସାର ନମିଳି ଚାଷୀ ବେସରକାରୀ ଦୋକାନ ମୁହାଁରେ ସରକାରୀ ବ୍ୟବସ୍ଥାରେ ସାର ଉପଲବ୍ଧ ନହେବାରୁ ଚାଷୀମାନେ ବେସରକାରୀ ଦୋକାନରୁ ଅଧିକ ଦାମରେ ସାର କିଣୁଥିବା ଅଭିଯୋଗ ମଧ୍ୟ ରହିଛି। ସାହାରପଡ଼ା ବ୍ଲକ୍‌ର ୮ଟି ଲ୍ୟାମ୍ପସ୍ ମଧ୍ୟରୁ ୫ଟି ଅଚଳ ଥିବା ଅଭିଯୋଗ ଚାଷୀଙ୍କ ସମସ୍ୟାକୁ ଆହୁରି ଗୁରୁତର କରିଛି। ଚାଷୀଙ୍କ ସିଧା ପ୍ରଶ୍ନ—ସରକାରୀ ଦରରେ ସାର ମିଳିବ କେବେ, ଅଚଳ ଲ୍ୟାମ୍ପସ୍‌ଗୁଡ଼ିକ ସଚଳ ହେବ କେବେ, ଏବେ ୧୩ ଅଗଷ୍ଟର ତଦନ୍ତ ଓ ତାହା ପରବର୍ତ୍ତୀ ରିପୋର୍ଟ ଉପରେ ଚାଷୀଙ୍କ ନଜର। ଅଭିଯୋଗ ସତ କି ମିଥ୍ୟା, କିଏ ଦାୟୀ ଏବଂ କାହା ବିରୋଧରେ କ'ଣ ପଦକ୍ଷେପ ହେବ; ତାହା ତଦନ୍ତ ରିପୋର୍ଟ ହିଁ ସ୍ପଷ୍ଟ କରିବ। ଚିଠି ଆସିଲା, ନିର୍ଦ୍ଦେଶ ଆସିଲା, ନିଲମ୍ବନ ପାଇଁ ଆଦେଶ ଆସିଲା,କିନ୍ତୁ କାର୍ଯ୍ୟାନୁଷ୍ଠାନ କେବେ ? ସାର ପାଇଁ ଚାଷୀ ଯେତେବେଳେ ଦୋକାନ ଦୋକାନ ବୁଲୁଛନ୍ତି, ସେତେବେଳେ ସରକାରୀ ଫାଇଲ୍‌ରେ ଅଟକିଥିବା ନିର୍ଦ୍ଦେଶର ଶେଷ ପରିଣାମ କ'ଣ ହେବ- ଏହା ଏବେ ଦେଖିବାକୁ ବାକି ରହିଲା ବୋଲି ସାହାରପଡ଼ା ଚାଷୀମନେ କହିଛନ୍ତି ।

# ଜିଲ୍ଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ

## ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପାଇଲେ ମହାରାଜା ଶ୍ରୀରାମଚନ୍ଦ୍ର ସ୍ମୃତି ସମ୍ମାନ

**ବାରିପଦା(ଅମୃତମିଡିଆ):** ଦୀର୍ଘ ୪୪ ବର୍ଷ ଧରି ଭାଷା, ସାହିତ୍ୟ , ସଂସ୍କୃତି , କଳା ଓ ଆଧାତ୍ମିକ ଚେତନାର ବିକାଶ ପାଇଁ କାର୍ଯ୍ୟ କରୁଥିବା ପ୍ରତିଶ୍ରୁତି ପ୍ରତିଷ୍ଠାନ ତରଫରୁ ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଏକ ବହୁଭାଷୀ କବି ସମ୍ମିଳନୀ ଓ



ସମ୍ବର୍ଦ୍ଧନା ଉତ୍ସବ ସଦଭାବନା ସଭା ଗୃହ ଠାରେ ପ୍ରତିଷ୍ଠାନର ସ୍ଥାୟୀ ସଭାପତି ଡା. ପାର୍ଥ ସାରଥୀ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ସତ ସାହିତ୍ୟର ସର୍ଜନା ପ୍ରଚାର ମାଧ୍ୟମରେ ଏକ ସୁସ୍ଥ ସମାଜ ଗଠନ କରାଯାଇ ପାରିବ ବୋଲି କହିଥିଲେ । ଉତ୍ସବରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି, ଜିଲ୍ଲାଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟବକ୍ତା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କବିତା ସତ୍ୟ ଓ ବାସ୍ତବତା କଳ୍ପନା ଓ ସୌନ୍ଦର୍ଯ୍ୟବୋଧର ସମନ୍ୱୟରେ ସାର୍ବଜନୀନତା ଲାଭ କରିଥାଏ ବୋଲି ଉଲ୍ଲେଖ କରି ପ୍ରତିଶ୍ରୁତି ଦୀର୍ଘ ୪୪ ବର୍ଷ ଧରି କବିତା ପାଠୋତ୍ସବ ଆୟୋଜନ ଜାରି ରଖିଥିବାରୁ ପ୍ରତିଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏହି ଅବସରରେ ପ୍ରତିଶ୍ରୁତି ତରଫରୁ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କୁ ପ୍ରତିଷ୍ଠାନର ସର୍ବୋଚ୍ଚ ମର୍ଯ୍ୟାଦା ଜନକ ସମ୍ମାନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସ୍ମୃତି ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା । ଡ. ସଂଜୀବ କୁମାର ପାଣିଗ୍ରାହୀ ମାନପତ୍ର ପାଠ କରିଥିବା ବେଳେ କବୟିତ୍ରୀ ସୁଧାମୟୀ ଦାସ ଓ କବି ଗୋପାଳ ଚନ୍ଦ୍ର ସାଓଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଓଡ଼ିଆ, ସଂସ୍କୃତ, ଇଂରାଜୀ, ହିନ୍ଦୀ, ବଙ୍ଗଳା, ହୋ, ସାନ୍ତାଳି, ମୁଣ୍ଡାରି ପ୍ରଭୃତି ବିଭିନ୍ନ ଭାଷାର ପ୍ରାୟ ୮୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଶିଷ୍ଟ ସଂଗୀତ ଶିଳ୍ପୀ ସୁଶ୍ରୀ ଭାରତୀ ବେବର୍ତ୍ତା ଶ୍ରୀଜଗନ୍ନାଥଙ୍କ ଭଜନ ଓ ବନ୍ଦେ ମାତରମ ଗାନ କରିଥିବା ବେଳେ ସଭାପତି ଡା. ଜେନା ପଠିତ କବିତା ଗୁଡିକର ସମୀକ୍ଷା କରିଥିଲେ । ଶେଷରେ କବି ବନମାଳୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ମିଳିତ ବିରୋଧୀ ଦଳ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ

**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲାର ମିଳିତ ବିରୋଧୀଦଳ କଂଗ୍ରେସ, ସିପିଆଇ, ସିପିଏମ ପକ୍ଷରୁ ବାରିପଦାସ୍ଥିତ ମୁଖ୍ୟ ବଜାର ସେବା ସଂଘ ହଲ୍ ସମ୍ମୁଖରେ ୮୦ ତମ ସ୍ୱାଧୀନତା ଦିବସ ସିପିଆଇ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇ ଯାଇଛି। ଶାନ୍ତି, ମୈତ୍ରୀ, ପ୍ରଗତି, ସତ୍ୟ ଓ ବିରତ୍ୱର ପ୍ରତୀକ ଆମ ତ୍ରିରଙ୍ଗା ପତାକାକୁ କଂଗ୍ରେସର ବରିଷ୍ଠ ନେତା ବିଜନ ଦାସ ଉତ୍ତୋଳନ କରିଥିଲେ। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଦେଶର ଅର୍ଦ୍ଧାଧିକ ଜନଗଣ ସାମ୍ବିଧାନିକ ଅଧିକାରରୁ ବଂଚିତ କାରଣରୁ ଏବଂ ଚଳିତ ସରକାରୀ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଆନ୍ଦୋଳନ



କରିବା ନୈତିକ ଅଧିକାର ବୋଲି ଆମ ପୂର୍ବଜ ସ୍ୱାଧୀନତା ସଂଗ୍ରାମୀ ସହୀଦ ଭଗତ ସିଂହ ଓ ଅନ୍ୟମାନଙ୍କ ସ୍ମୃତିକୁ ରୋମନ୍ଥନ କରି ସିପିଏମ ପକ୍ଷରୁ ସାଥୀ ରବି ଗୋସ୍ୱାମୀ,ଅମଲ ଦେ, କଂଗ୍ରେସ ପକ୍ଷରୁ ଶାନ୍ତନୁ ପାଲ, ଅଜିତ ଜେନା, ନିରୋଜ ଲୋଚନ ଦାସ, ଅଶୋକ ଅଧିକାରୀ ବକ୍ତବ୍ୟ ରଖିଥିଲେ। କଂଗ୍ରେସର ଭବାନି ଶଙ୍କର ସାହୁ ସଙ୍ଗୀତ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇର ଶ୍ରୀକାନ୍ତ ସାମଲ, ମୁକୁନ୍ଦ ବିଷୋୟୀ, ମଦନମୋହନ ଦାସ,ଅଜୟ ସାହୁ, ରାଜକିଶୋର ଅଗ୍ରୱାଲ, ମଦନମୋହନ ଜେନା, ସିପିଏମର ଲଖମିନାରାୟଣ ପରିଡ଼ା, ରଘୁନାଥ ପଣ୍ଡା,ଖିତିଶ ସାସମଲ, କଂଗ୍ରେସର ନିର୍ମଳ ପ୍ରଧାନ,ଅଜିତ ସାହୁ ପ୍ରମୁଖ ଉପସ୍ଥିତ ରହି ଜାତୀୟ ସଂଗୀତ ଗାନ କରିଥିଲେ ।

# ଶିରିଡ଼ି ସାଇ ବାବା ଟ୍ରଷ୍ଟ ତରଫରୁ ବୃକ୍ଷ ରୋପଣ ଓ ଗ୍ରାମ ସଫେଇ

**ବାରିପଦା (ଅମୃତମିଡିଆ):** ମୟୂରଭଂଜ ଜିଲ୍ଲା, କୁସୁମି ବ୍ଲକ, ହାଟବାଦଡା ପଞ୍ଚାୟତର ଶିରିଡ଼ି ସାଇ ବାବା ଟ୍ରଷ୍ଟ, ଖିଜୁରିଆ ଆନୁକୂଲ୍ୟରେ ୮୦ ତମ ସ୍ୱାଧୀନତା ଦିବସ ହର୍ଷ ଓ ଉଲ୍ଲାସର ସହ ପାଳିତ ହୋଇଯାଇଛି । ଟ୍ରଷ୍ଟର ମୁଖ୍ୟ ପରିଚାଳକ ସେବା ନିବୃତ କେନ୍ଦ୍ର ସରକାରଙ୍କ ବରିଷ୍ଠ ପୋଲିସ ପ୍ରଶାସକ ତଥା ଜଣେ ଆଧ୍ୟାତ୍ମବାଦୀ ସଂଗଠକ, ବିଶିଷ୍ଟ ପବିବେଶବିତ୍ ଦିଲିପ ବାରିକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଦସ୍ୟମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ମୂଲ୍ୟବାନ ବୃକ୍ଷ, ଯଥା-ହରିଡ଼ା,ବାହାଡ଼ା, ଅଁଳା, ପଣସ, ଶାଳ, କାଞ୍ଚନ, ଶିଶୁ, ବର,



ଅଶ୍ୱତ୍ଥ, ନିମ୍ବ, ସାହାଡ଼ା, ଭଳି ବୃକ୍ଷ ଗ୍ରାମ୍ୟ ରାସ୍ତା ପାର୍ଶ୍ୱରେ ଲଗାଯାଇଥିଲା ।ତତ ସହ ଗ୍ରାମବାସୀ, ମାନ୍ୟଗଣ୍ୟ ବ୍ୟକ୍ତି, ଟ୍ରଷ୍ଟର ସଦସ୍ୟମାନଙ୍କ ଦ୍ୱାରା ଗ୍ରାମ୍ୟ ସଫେଇ, ନିଶା ନିବାରଣ ସଚେତନତା, ଶିକ୍ଷା, ସ୍ୱାସ୍ଥ୍ୟ ସଚେତନତା କରାଯାଇଥିଲା । ତଦ୍‌ସହ ଶିରିଡ଼ି ସାଇ ଟ୍ରଷ୍ଟ ତରଫରୁ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଉଛି। ଆସନ୍ତା ବର୍ଷ ଫେବୃଆରୀ ୧୨ ତାରିଖ ବେଳକୁ ମନ୍ଦିର ପ୍ରତିଷ୍ଠା କରାଯିବା ଆଶା କରାଯାଇଛି । ଏହି ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି କରିବା, ପରିବେଶ ସଚେତନତା କରିବା, ଶିରିଡ଼ି ସାଇ ବାବାଙ୍କ ସତବାଣୀ ପ୍ରଚାର ଓ ପ୍ରସାର କରିବା , ଭଲ ମଣିଷ ଗଢ଼ିବା, ମାନବ ସେବା କରିବା ଏହାର ଏକମାତ୍ର ଉଦ୍ଦେଶ୍ୟ ବୋଲି ସିଇଓ ଦିଲିପ ବାରିକ ସୂଚନା ଦେଇଥିଲେ । ତଦ୍‌ସହ ସମସ୍ତ ଶ୍ରଦ୍ଧାଳୁଙ୍କ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ମଣ୍ଟୁ ବାରିକ, ସତ୍ୟମ୍ ବାରିକ, ଜଗଦୀଶ ପଲେଇ, ସୁନିଲ ଆପାଟ, ହରିହର ବେହେରା, ସଞ୍ଜୀବ ବେହେରା, ସୁବୋଧ ମହାକୁଡ଼, ପିଣ୍ଟୁ ବାରିକ, ପ୍ରକାଶ ବେହେରା, ପଙ୍କଜ ବାରିକ, ତୁଷାର ବାରିକ, ସରୋଜ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

# ସମ୍ପର୍କ ପରିବାର ପାଳିଲା ସ୍ୱାଧୀନତା ଦିବସ



**ବାରିପଦା(ଅମୃତମିଡିଆ):** ବାରିପଦା ସମ୍ପର୍କ ଛକ ଠାରେ ସମ୍ପର୍କ ପରିବାର ତରଫରୁ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସମ୍ପର୍କ ପରିବାରର ସମ୍ପାଦକ ଚିତ୍ତ ରଞ୍ଜନ ଦାସଙ୍କ ନେତୃତ୍ୱରେ ପାଳିତ ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ କଲ୍ୟାଣ କୁମାର ସ୍ନିହା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି କଷ୍ଟଲବ୍ଧ ସ୍ୱାଧୀନତାକୁ ବଜାୟ ରଖିବା ପାଇଁ ଆଜିର ପିଢ଼ିଙ୍କୁ ସ୍ୱାଧୀନତା ସଂଗ୍ରାମୀମାନଙ୍କର ସଂଘର୍ଷ ଏବଂ ବଳିଦାନର ପଥରେ ଅଗ୍ରସର ହେବାକୁ ପଡିବ ବୋଲି କହିଥିଲେ । ସ୍ୱାଧୀନତା ଦିବସ ଅବସରରେ ସମଗ୍ର ସମ୍ପର୍କ ଛକକୁ ତ୍ରିରଙ୍ଗା ପତାକା ଏବଂ ଆଲୋକମାଳାରେ ସୁସଜ୍ଜିତ କରାଯିବା ସହ ହଜାର ହଜାର ପଥଚାରୀଙ୍କୁ ଖାଦ୍ୟ ବଣ୍ଟନ କରାଯିବା ସହ ଦେଶାତ୍ମବୋଧ ସଂଗୀତ ପରିବେଷଣ କରାଯାଇଥିଲା । ସାମ୍ବାଦିକ ଦୀପକ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପର୍କ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ସାମାଜିକ ସୁରକ୍ଷାରୁ ବଂଚିତ ସୋମବାରି, ବୁଧିରାମ ଓ ପାଣ୍ଡୁରାମ

**ବାରିପଦା /ଉଦଳା(ଅମୃତମିଡିଆ):** ୟେ ହେଉଛି ଉଦଳା ବ୍ଲକର ବହୁବନ୍ଧ ପଂଚାୟତ ଅନ୍ତର୍ଗତ ଗୋଧିମରା ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ବସବାସ କରୁଥିବା ଦେବେନ୍ଦ୍ର ସିଂଙ୍କ ସହଧର୍ମିଣି ସୋମବାରି ସିଂ, ସ୍ୱର୍ଗତଃ ରଥିଆ ସିଂଙ୍କ ପୁତ୍ର ବୁଧିରାମ ସିଂ ଓ ସ୍ୱର୍ଗତଃ ଗୋରା ସିଂଙ୍କ ପୁତ୍ର ପାଣ୍ଡୁରାମ ସିଂ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଆଧାର କାର୍ଡ଼ରେ ଉଲ୍ଲେଖ ଥିବା ଜନ୍ମ ତାରିଖ ଅନୁସାରେ ସୋମବାରିଙ୍କୁ ବର୍ତ୍ତମାନ ବୟସ ୬୭ ବର୍ଷ ହୋଇଥିବା ବେଳେ ବୁଧିରାମଙ୍କୁ ୬୨



ବର୍ଷ ଓ ପାଣ୍ଡୁରାମ ଙ୍କୁ ୬୮ ବର୍ଷ ଛୁଇଁଲା । ଦିନମଜୁରିଆ ଭାବରେ କାମ କରି ଏହି ବ୍ୟକ୍ତି ମାନେ ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ବେଳେ ବୟସ ଅଧିକ ହୋଇ ଯାଇଥିବାରୁ ଏବେ ଆଉ ଆଗଭଳି କାମ କରି ପାରୁ ନାହାଁନ୍ତି । ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା କହିଛନ୍ତି । ଭତା ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର ଏମାନେ ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ବାରିପଦା - ଜଳେଶ୍ୱର ମୁଖ୍ୟ ରାସ୍ତାର ସାନ ନଈ ରାସ୍ତା ଉପରେ ଜଳ ପ୍ରବାହିତ

**ବାରିପଦା(ଅମୃତମିଡିଆ):** ଲଗାଣ ବର୍ଷା



ଯୋଗୁଁ ବାରିପଦା - ଜଳେଶ୍ୱର ମୁଖ୍ୟ ରାସ୍ତାର ସାନ ନଈ ରାସ୍ତା ଉପରେ ଦୁଇ ଫୁଟ ଉପରେ ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ଠପ୍ ହୋଇଯାଇଛି । ଫଳରେ ମୋରଡା ବ୍ଲକର ବାରିପଦା - ଜଳେଶ୍ୱର ମୁଖ୍ୟ ରାସ୍ତା ର ଚିତ୍ରଡା ବନ୍ଧ ଉପରେ ମଧ୍ୟ ୩ ଫୁଟ ଉପରେ ଜଳ ପ୍ରବାହିତ ଯୋଗୁଁ ଯାତାୟାତ ଠପ୍ ହୋଇଯାଇଛି । ଅପର ପକ୍ଷରେ ନଦୀର ଜଳସ୍ତର ବୃଦ୍ଧି ପାଉଥିବା ଯୋଗୁଁ ରାସଗୋବିନ୍ଦପୁର ବ୍ଲକ ର ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି । ଗତକାଲି ରାତିଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ମୋରଡା ରେ ୭୪ ଏମ ଏମ , ଶୁଳିଆପଦା ବ୍ଲକ ରେ ୭୦ ଏମ ଏମ , ରାସଗୋବିନ୍ଦପୁର ବ୍ଲକ ରେ ୭୨ ଏମ ଏମ ବର୍ଷା ହୋଇଥିବା ର ରେକର୍ଡ କରାଯାଇଛି ।

# ଉଦଳାରେ କଂଗ୍ରେସ ତରଫରୁ ସ୍ୱାଧୀନତା ଦିବସ ପାଳନ



**ବାରିପଦା /ଉଦଳା(ଅମୃତମିଡିଆ):** ଉଦଳା ସହର ମଧ୍ୟରେ କଂଗ୍ରେସ ଦଳ ତରଫରୁ ୮୦ତମ ସ୍ୱାଧିନତା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ପତାକା ଉତୋଳନ, ସାଧାରଣସଭା ଓ କଂଗ୍ରେସ କାର୍ଯ୍ୟାଳୟର ଉଦ୍ ?ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । କଂଗ୍ରେସ ଦଳର ଜିଲ୍ଲା ସାଧାରଣ ସଂପାଦକ ନଳିନ କୁମାର ପଟ୍ଟନାୟକ ଜାତୀୟ ପତାକା ଉତୋଳନ କରିବା ପରେ ସମସ୍ତେ ଏକ ସ୍ୱରରେ ଜାତୀୟ ସଂଗୀତ ବୋଲିଥିଲେ । ଏହାପରେ 'ଭାରତ ମାତାକି ଜୟ', 'ବନ୍ଦେ ମାତରମ୍ ?' ଇତ୍ୟାଦି ସ୍ଲୋଗାନ ଦେଇଥିଲେ । ପରେ ଆୟୋଜିତ ସାଧାରଣ ସଭାରେ ସଂଜୀବ କୁମାର ମହାନ୍ତି ଅଧକ୍ଷତା କରି ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ଗୌରବମୟ ସ୍ୱାଧିନତା ସଂଗ୍ରାମର ଇତିହାସକୁ ମନେପକାଇବା ପାଇଁ କିପରି ଏହି ଦିବସ ପ୍ରତିବର୍ଷ ପାଳିତ ହେଉଛି ବକ୍ତବ୍ୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍ ?.କେ. କାଲାମୁଦିନ, ମୟୁଖ ନାରାୟଣ ଦାସ, ଯୋଗନ୍ଦ୍ରେନାଥ ବାରଶାଳିଆ ପ୍ରମୁଖ ମହାତ୍ମାଗାନ୍ଧିଙ୍କ ନେତୃତ୍ୱରେ ଦେଶରେ ଚାଲିଥିବା ଅହିଂସା ଆନେନ୍ଦାଳନ କିପରି ଇଂରେଜ ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିଲା ଏବଂ ଶେଷରେ ଦେଶଛାଡ଼ି ଚାଲିଯିବାକୁ ବାଧ କରିଥିଲା ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଏହାପରେ ସହର ମଧ୍ୟରେ ନୁଆକରି ପ୍ରତିଷ୍ଠା କରାଯାଇଥିବା କଂଗ୍ରେସ କାର୍ଯ୍ୟାଳୟକୁ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ନଡ଼ିଆ ଫଟାଇ ଉଦ୍ ?ଘାଟନ କରାଯାଇଥିଲା । ଆଜିର ଏହି ଉତ୍ସବକୁ ସଫଳ କରିବା ପାଇଁ ମାନସ କୁମାର ସେଠୀ, ବିନୋଦ ଘଡ଼େଇ, ବିଶ୍ୱନାଥ ମୁର୍ମୁ, ଜଇରାମ ହାଁସଦା, ଉମେଶ ସୋରେନ, ଚନ୍ଦନ ବିଶ୍ୱାଳ, ମନୋଜ କୁମାର ମିଶ୍ର, ଅନୀଲ ନାୟକ, ରବୀନ୍ଦ୍ର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ ।

# ସମାଜସେବିକା ଦୁର୍ଗାମଣି ଆଚାର୍ଯ୍ୟଙ୍କ ଦେହାନ୍ତ



**ବାରିପଦା(ଅମୃତମିଡିଆ):** ବାରିପଦା ମ୍ୟୁନିସିପାଲିଟିର ପୂର୍ବତନ ଉପନଗରପାଳ ଦୁର୍ଗାମଣି ଆଚାର୍ଯ୍ୟ ଆଉ ନାହାନ୍ତି ଓ ଆଜି ଅପରାହ୍ନ ଗୋଟେ ସମୟରେ ୱାର୍ଡ ନଂ ୧ ସ୍ଥିତ ନିଜ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ଓ ମୃତ୍ୟୁ ଖବର ପାଇ ବାରିପଦା ବିଧାୟକ ପ୍ରକାଶ ସୋରେନ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଉପନଗରପାଳ ସୀମା ଦାସ, ସ୍ଥାନୀୟ କାଉନସିଲର ସୁକେଶିନୀ ସେଠି, ସମାଜସେବୀ କବି ବିଷ୍ଣୁ ଶତପଥୀ, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ସମାଜସେବୀ ଅମର କୁମାର ସେଠି ଓ ସୋମନାଥ ସିଂହ, ଯୁବ ସଭାପତି ଅରୁଣ ବରାଡ଼, ରାଜ୍ୟ ଯୁବ ସମ୍ପାଦକ ସରୋଜ ଶତପଥୀ, ସ୍ଥାନୀୟ ତଥା ସହରର ବିଭିନ୍ନ ପ୍ରାନ୍ତରୁ ଶତାଧିକ ବ୍ୟକ୍ତି ବିଶେଷ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ ଓ ପ୍ରକାଶ ଥାଉକି ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଆଧାତ୍ମିକ ଚେତନାର ମହିଳା ଥିଲେ ଓ କାଉନସିଲର ଓ ଉପ ନଗରପାଳ ଥିବା ସମୟରେ ସ୍ଥାନୀୟ ଅଂଚଳ ସହ ସହରର ବିକାଶ ସହ ଗରିବ ଦୁଃଖୀଙ୍କ ସେବାରେ ନିଜକୁ ନିୟୋଜିତ କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ।

# ଜମିକୁ ମାଡୁନାହିଁ କେନାଲ ପାଣି, ଦୁଃଖ ଜଣାଇଲେ ଚାଷୀ

**ବାରିପଦା /ଉଦଳା(ଅମୃତମିଡିଆ):** ୟେ ହେଉଛି ଉଦଳା ବ୍ଲକର ଭୀମତାଳି ପଂଚାୟତ ଅନ୍ତର୍ଗତ ବାଉଁଶପାଳ ଗ୍ରାମର ଦୃଶ୍ୟ । ଏହି ଗ୍ରାମଦେଇ କାଳବନ୍ଧର ଏକ ଶାଖା କେନାଲ ଯାଇଛି । କିନ୍ତୁ କେନାଲପାଣି ଜମିକୁ ମାଡୁନଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫଳରେ ଲୋକେ ଖରାଟିଆ ଧାନଚାଷ କରି ପାରୁ ନଥିବାର ଜଣାଇଛନ୍ତି । ବର୍ଷାଋତୁରେ ଧାନଚାଷ ପରେ ଜମି ପଡ଼ିଆପଡୁଥିବାର



ଦୃଶ୍ୟ ଦେଖିବାକୁ ମିଳୁଛି । ସରକାର ଜଳକର ନେଉଥିବା ବେଳେ ଜମିକୁ ପାଣି ଯୋଗାଇଦେବା ତାଙ୍କର ଦାୟିତ୍ୱ ବୋଲି କହିଛନ୍ତି । ପାଣି ଯୋଗାଇ ନପାରିଲେ ଚାଷୀ ମାନଙ୍କୁ ଜଳକର ଛାଡ଼ କରିଦେବା ଉଚିତ ବୋଲି ବାଉଁଶପାଳ ଗ୍ରାମର ଚାଷୀ ମାନେ ମତ ଦେଇଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏ ବାବଦରେ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ସ୍ୱେଚ୍ଛାସେବି ସଂଗଠନର ସଦସ୍ୟ ମାନେ ଅନୁରୋଧ ଜଣାଇଛନ୍ତି ।

# ଚିନ୍ମୟ ମିଶନ ପକ୍ଷରୁ ରକ୍ତଦାନ ଶିବିର

**ବାରିପଦା(ଅମୃତମିଡିଆ):** ବାରିପଦା ସ୍ଥିତ ଚିନ୍ମୟ ମିଶନ, ଆନୁକୂଲ୍ୟରେ ମଧୁବନ ସ୍ଥିତ ଚିନ୍ମୟ ଗୁରୁପାଦ ଆଶ୍ରମରେ ଆଚାର୍ଯ୍ୟ ସ୍ୱାମୀ



ଗୋବିନ୍ଦାନନ୍ଦ ସରସ୍ୱତୀଙ୍କ ମାର୍ଗ ଦର୍ଶନରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସମ୍ମାନିତ ଅତିଥି ଭାବେ ସମାଜସେବୀ ନିରୋଜ କୁମାର ପୋଥାଳ ଓ ସୋମନାଥ ସିଂହ ଯୋଗଦେଇ ରକ୍ତଦାତାମାନଙ୍କୁ ସମ୍ମାନିତ କରିଥିଲେ। ଶିକ୍ଷାବିତ୍ ହୃଦାନନ୍ଦ ଆଚାର୍ଯ୍ୟ, ଉପଦେଷ୍ଟା ଶ୍ରୀଧର ପରିଡ଼ା ଦୀପ, ଶକୁନ୍ତଳା ପାଲ, ହିଂମାଶୁ ପ୍ରହରାଜ, ଶିବ ପ୍ରସାଦ ନନ୍ଦ ଆଇନଜୀବି ପ୍ରଦୀପ ମହାନ୍ତି, ଶର୍ମିଷ୍ଠା ପଣ୍ଡା, ଅବସରପ୍ରାପ୍ତ ଆୟକର ଅଧିକାରୀ ତପନ ପଟ୍ଟନାୟକ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଚିନ୍ମୟ ମିଶନର ସମ୍ପାଦକ ଅଜିତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ବରିଷ୍ଠ ଆଇନଜୀବି ସତ୍ୟବ୍ରତ ମହାନ୍ତି କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରବଳ ବର୍ଷା ସତ୍ତ୍ୱେ ସବ୍ୟସାଚୀ ପଲେଇ, ଫକୀର ଚରଣ ସାହୁ, ସୂର୍ଯ୍ୟେନ୍ଦୁ ସିଂ, ରାଜେଶ ଦାଶ, ହେମନ୍ତ ମହାକୁଡ଼, ଭାନୁପ୍ରତାପ ଦାଶ, ସତ୍ୟବ୍ରତ ମହାନ୍ତି, ବାପୁନ୍ ମହାନ୍ତ, ରାଜେଶ ନାୟକ, ପୂର୍ଣ୍ଣେନ୍ଦୁ ଶେଖର, ଅରୁଣ ଗୋଛାୟତ, ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ସୁସାଧନ ମହାନ୍ତି, ସୁରଜ ପାଣି, ରବିରାମ ପ୍ରଜାପତି, ରାମେଶ୍ୱର ପୋଥାଳ ସମେତ ମୋଟ ୧୬ଜଣ ରକ୍ତଦାନ କରିଥିଲେ ଓ ସୌଦାମିନୀ ମହାନ୍ତି, ସ୍ୱର୍ଣ୍ଣପ୍ରଭା ସାହୁ, ପଙ୍କଜିନୀ ଦାଶ, ସୁମନ ମହାନ୍ତି, ଦେବୀ ପ୍ରିୟଦର୍ଶିନୀ ବେହେରା, ଶାନ୍ତି ସିଂ, ଦିଲୀପ ତ୍ରିପାଠୀ, ଲକ୍ଷ୍ମୀ ପାଣି, ବିଷ୍ଣୁପଦ ବେରା ସଚ୍ଚିଦାନନ୍ଦ ଗୁରୁକୁଳର ଛାତ୍ରଛାତ୍ରୀମାନେ ଶିବିର ପରିଚାଳନା କରିଥିଲେ।



# ଦୀର୍ଘଦିନର ପଟ୍ଟା ସମସ୍ୟା ନେଇ ଶାନ୍ତିପୂର୍ଣ୍ଣ ଧାରଣାରେ ମହାମାୟୀପୁର ମୌଜାବାସୀ

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ନିର୍ଦ୍ଦେଶ ହେଉନି ପାଳନ



**ବ୍ରହ୍ମପୁର (ଅମୃତ ମିଡିଆ):** ବ୍ରହ୍ମପୁର ତହସିଲ ଅଧୀନ ମହାମାୟୀପୁର ମୌଜାର ରଙ୍ଗୁଣିବନ୍ଧ ସାହି ସମେତ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ପ୍ରାୟ ୯୨ଟି ପରିବାର ଦୀର୍ଘଦିନର ଜମି ଅଧିକାର ସମସ୍ୟାର ସମାଧାନ ଓ ଆରଓଆର/ଘରବାରୀ ପଟ୍ଟା ପ୍ରଦାନ ଦାବିରେ ସୋମବାର ବ୍ରହ୍ମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ।

ଧାରଣାରେ ସାମିଲ ହୋଇଥିବା ବାସିନ୍ଦାମାନେ ଅଭିଯୋଗ କରିଥିଲେ ଯେ, ଦୀର୍ଘବର୍ଷ ଧରି ଏହି ସମସ୍ୟାର ସମାଧାନ ପାଇଁ ସେମାନେ ବିଭିନ୍ନ ସ୍ତରରେ ଦାବି ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ମଧ୍ୟ ଦ୍ୱାରସ୍ଥ ହୋଇଛନ୍ତି। ୪ ଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏହି ପ୍ରସଙ୍ଗ ଉଠାଇ ଜମି ରେକର୍ଡର ସମାଧାନ ଏବଂ ଆରଓଆର/ଘରବାରୀ ପଟ୍ଟା ପ୍ରଦାନ କିମ୍ବା ସଂଶୋଧନ ପାଇଁ ଦାବି କରାଯାଇଥିବା ସେମାନେ କହିଛନ୍ତି।ବ୍ରହ୍ମପୁର ତହସିଲ ଅଧିନ ମହାମାୟୀପୁର ମୌଜାର ୯୨ ଜଣଙ୍କ ଜମି ତହସିଲ ରେକର୍ଡ ରେ ଭୁଲ ବଶତଃ ବ୍ରହ୍ମପୁର ମ୍ୟୁନିସିପାଲିଟି ନାମରେ ରେକର୍ଡ ରହିଥିବା ବେଳେ ଏହା ସଂଶୋଧନ ପାଇଁ ଅଞ୍ଚଳ ବାସୀ ଦୀର୍ଘ ଦିନ ନାନା ସମସ୍ୟା ରେ ସମ୍ମୁଖୀନ ହେଉଛନ୍ତି।ତେବେ ବ୍ରହ୍ମପୁର ମ୍ୟୁନିସିପାଲିଟି ପକ୍ଷରୁ ଜନୈକ ବ୍ୟକ୍ତିଙ୍କ ସପକ୍ଷରେ ୧୯ ଫେବୃଆରୀ ୧୯୯୯ରେ ଜାରି ହୋଇଥିବା ଏନ୍‌ଓସି ରେ ମହାମାୟୀପୁର ମୌଜାର ହାଲ୍ ପ୍ଲଟ୍ ନଂ ୯୭୨ ସମ୍ପର୍କରେ ଆରଓଆର୍ ପରିବର୍ତ୍ତନ ପାଇଁ ମ୍ୟୁନିସିପାଲିଟିର କୌଣସି ଆପତ୍ତି ନଥିବା ଉଲ୍ଲେଖ ରହିଛି। ସେହି ଦଲିଲରେ ସମ୍ପୃକ୍ତ ଜମିର ଏକ ଅଂଶ ବ୍ରହ୍ମପୁର ମ୍ୟୁନିସିପାଲିଟି ନାମରେ ରେକର୍ଡ ରହିଥିବା ଏବଂ ସମ୍ପୃକ୍ତ ବ୍ୟକ୍ତି ଙ୍କ ସପକ୍ଷରେ ଆରଓଅର୍ ପରିବର୍ତ୍ତନ ପାଇଁ ଏନ୍‌ଓସି ଜାରି ସହ 'ଭୁଲ ବଶତଃ ମ୍ୟୁନିସିପାଲିଟି ବୋଲି ଚିଠିରେ ଉଲ୍ଲେଖ' କରିଛନ୍ତି ।ସେପରି ୯୨ ଜଣଙ୍କ ଜମି ସଂଶୋଧନ କିମ୍ବା ଏନ ଓ ସି ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ଶୁଣାଣି ରେ ଅଭିଯୋଗ କରିବା ପରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଜୁନ୍ ୧୨, ୨୦୨୬ରେ ପତ୍ର ନମ୍ବର ୧୦୨୫୬ ମାଧ୍ୟମରେ ସ୍ପଷ୍ଟ କରାଯାଇଥିଲା ଯେ ଜଙ୍ଗଜ/ ଘରବାରୀ ପଟ୍ଟା ପ୍ରଦାନ କରିବାର କ୍ଷମତା ମହାନଗର ନିଗମର ନାହିଁ ଏବଂ ଏହା ରାଜସ୍ୱ ବିଭାଗର ଅଧିକାର କ୍ଷେତ୍ରଭୁକ୍ତ। ଏଥିସହ ରାଜସ୍ୱ ପ୍ରକ୍ରିୟା ଆରମ୍ଭ କିମ୍ବା ନିଷ୍ପତ୍ତି ପାଇଁ ମହାନଗର ନିଗମର କୌଣସି ଏନଓସି ଆବଶ୍ୟକ ନଥିବା ମଧ୍ୟ ସ୍ପଷ୍ଟ କରାଯାଇଥିବା ସେ କହିଛନ୍ତି।

ତେବେ ଏହି ସ୍ପଷ୍ଟୀକରଣ ସତ୍ତ୍ୱେ ବ୍ରହ୍ମପୁର ତହସିଲଦାର, ଅତିରିକ୍ତ ତହସିଲଦାର କିମ୍ବା ଅନ୍ୟ ରାଜସ୍ୱ କର୍ତ୍ତୃପକ୍ଷଙ୍କ ଆଇନ ଅନୁଯାୟୀ ପଦକ୍ଷେପ ନେଇ ପଟ୍ଟା ପ୍ରଦାନ ରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି।ଗତ ଜୁଲାଇ ୨୭ରେ ହୋଇଥିବା ଅଭିଯୋଗ ଶୁଣାଣି ସମୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ସଚିବ ଟେଲିଫୋନ୍ ଯୋଗେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କ ସହ କଥା ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ସହ ଗଞ୍ଜାମ ଜିଲ୍ଲାପାଳ ଓ ବିଏମ୍‌ସି କମିଶନରଙ୍କୁ ତୁରନ୍ତ ପଦକ୍ଷେପ ପାଇଁ ଲିଖିତ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲେ।ତେବେ ଏପର୍ଯ୍ୟନ୍ତ ମାମଲାର ସମାଧାନ ଦିଗରେ କୌଣସି ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯାଇନଥିବା ବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ କରାଯାଉଥିବା ସତ୍ତ୍ୱେ ମୂଳ ଜମି ରେକର୍ଡ ସଂଶୋଧନ ନହେବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।ଧାରଣା ମାଧ୍ୟମରେ ବାସିନ୍ଦାମାନେ ପୂର୍ବରୁ ନିଷ୍ପତ୍ତି ହୋଇଥିବା ଅଭିଯୋଗଗୁଡ଼ିକୁ ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ମାମଲାର ବିସ୍ତୃତ ଯାଞ୍ଚ ଦାବି କରିଛନ୍ତି। ଏଥିସହ ଜମିର ଦଖଲ, ସାବିକ ରେକର୍ଡ, ୧୯୯୯ରେ ବ୍ରହ୍ମପୁର ମ୍ୟୁନିସିପାଲିଟି ପକ୍ଷରୁ ଜାରି ଏନ୍ ?ଓସି ଏବଂ ଅନ୍ୟ ସମସ୍ତ ସମ୍ପୃକ୍ତ ଦଲିଲ ଯାଞ୍ଚ କରି ଆଇନ ଅନୁଯାୟୀ ଆରଓଆର/ଘରବାରୀ ପଟ୍ଟା ପ୍ରଦାନ କିମ୍ବା ସଂଶୋଧନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି।ଦୀର୍ଘଦିନ ଧରି ପଟ୍ଟା ସମସ୍ୟାରେ ଜଡ଼ିତ ପରିବାରଗୁଡ଼ିକର ଦୁର୍ଦ୍ଦଶା ପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ ଏବଂ ସମୟବଦ୍ଧ ଭାବେ ସମସ୍ୟାର ସମାଧାନ ଦାବିରେ ଏହି ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିବା ବାସିନ୍ଦାମାନେ କହିଛନ୍ତି। ଜିଲ୍ଲା ପ୍ରଶାସନ ଓ ରାଜସ୍ୱ କର୍ତ୍ତୃପକ୍ଷ ଜମି ସମ୍ପର୍କିତ ସମସ୍ତ ରେକର୍ଡ ଓ ଦଲିଲର ସମଗ୍ର ଯାଞ୍ଚ କରି ପ୍ରଭାବିତ ପରିବାରଗୁଡ଼ିକୁ ତୁରନ୍ତ ପଟ୍ଟା ପ୍ରଦାନ ସହ 'ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ର ଗାରିମା ରଖନ୍ତୁ' ବୋଲି ସେମାନେ କହିଛନ୍ତି।

# କୋଟିନଡ଼ା ଓ ଆସିକା ଥାନାରେ ନିଶାମୁକ୍ତି ପ୍ରତିଜ୍ଞା ମହାଅଭିଯାନ

## ନିଶାମୁକ୍ତ ସମାଜ ଗଠନ ସହ ବିକଶିତ ଭାରତର ସଂକଳ୍ପ



**ଆସିକା (ଅମୃତ ମିଡିଆ):** ନିଶାମୁକ୍ତ ସମାଜ ଗଠନ ଓ ବିକଶିତ ଭାରତର ସଂକଳ୍ପ ନେଇ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାଲିଥିବା "ଦଶ କୋଟି ନିଶାମୁକ୍ତି ପ୍ରତିଜ୍ଞା ମହାଅଭିଯାନ" ଅନ୍ତର୍ଗତ ଆସିକା ଶାନ୍ତି ଶକ୍ତି ଭବନ ସେବା କେନ୍ଦ୍ର ପକ୍ଷରୁ କୋଟିନଡ଼ା ଓ ଆସିକା ଥାନା ପରିସରରେ ନିଶାମୁକ୍ତି ପ୍ରତିଜ୍ଞା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

କୋଟିନଡ଼ା ଥାନାରେ ଭାରପ୍ରାପ୍ତ ଅଧିକାରୀ ଦାମୋଦର ବିହାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ଯୋଗଦେଇ ନିଶାମୁକ୍ତି ଅଭିଯାନର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ନିଶା ଜଣେ ବ୍ୟକ୍ତିର ଜୀବନକୁ ପ୍ରଭାବିତ କରିବା ସହ ପରିବାର, ସମାଜ ଓ ଦେଶର ବିକାଶରେ ମଧ୍ୟ ବାଧା ସୃଷ୍ଟି କରେ ବୋଲି ସେ କହିଥିଲେ। ପରେ ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଜୀବନ ଆପଣେଇବା ଏବଂ ଅନ୍ୟମାନଙ୍କୁ ମଧ୍ୟ ନିଶାମୁକ୍ତ କରିବା ସହ ବିକଶିତ ଭାରତ ଗଠନରେ ସହଯୋଗ କରିବାକୁ ସଂକଳ୍ପ ପାଠ କରାଯାଇଥିଲା।

ସେହିପରି ଆସିକା ଥାନା ପରିସରରେ ଭାରପ୍ରାପ୍ତ ଥାନା ଅଧିକାରୀ ସୁଧୀର ସାହୁଙ୍କ ପୌରୋହିତ୍ୟରେ ନିଶାମୁକ୍ତି ପ୍ରତିଜ୍ଞା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜଯୋଗିନୀ ବ୍ରହ୍ମାକୁମାରୀ ସୁଜ୍ଞାନୀ ଭଉଣୀ ଯୋଗଦେଇ ନିଶାର କୁପ୍ରଭାବରୁ ସମାଜକୁ ମୁକ୍ତ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଥାନାର ଅଧିକାରୀ ଓ କର୍ମଚାରୀମାନେ "ନିଶାମୁକ୍ତ ଭାରତ-ବିକଶିତ ଭାରତ" ଗଠନର ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଭାରତ ସରକାରଙ୍କ ଯୁବ କାର୍ଯ୍ୟ ଓ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ ଅଭିଯାନରେ ସହଯୋଗ ଓ ଅଂଶଗ୍ରହଣ ପାଇଁ ସମ୍ପୃକ୍ତ ଥାନା ଅଧିକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ପଞ୍ଚମ ହାରାମଣି ବିଶ୍ୱାଳ ସ୍ମୃତି ମେଧାବୃତ୍ତି ପ୍ରଦାନ

**ରାଜନଗର (ଅମୃତ ମିଡିଆ):** ରାଜନଗର ବ୍ଲକ ଓସ୍ତିଆ ପଂଚାୟତ ଅନ୍ତର୍ଗତ ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ପଞ୍ଚମ ହାରାମଣି ବିଶ୍ୱାଳ ସ୍ମୃତି ମେଧାବୃତ୍ତି ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଅଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ସୁତାର ଆନୁଷ୍ଠାନିକ ଭାବରେ ଏହାକୁ ଆରମ୍ଭ କରିଥିଲେ। ଫାଉଣ୍ଡେସନର ସମ୍ପାଦକ ହେମନ୍ତ କୁମାର ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା 'ରିଫ୍ଲେକ୍ସନ' ଉନ୍ମୋଚନ କରାଯାଇଥିଲା।

### ହାତୀ ଆକ୍ରମଣରେ ଯୁବକଙ୍କର ମୃତ୍ୟୁ ଘଟଣା...

# ହିନ୍ଦୋଳବାସୀଙ୍କ ମନରେ ଏକପ୍ରକାର କୋକୁଆଭୟ



**ହିନ୍ଦୋଳ (ଅମୃତ ମିଡିଆ):** ହାତୀ ଆକ୍ରମଣରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିଲା । ପରିବାରର ଏକମାତ୍ର ରୋଜଗାରକ୍ଷମ ପୁଅକୁ ହରାଇ ବେସାହାରା ହୋଇପଡ଼ିଛି ପରିବାର ହାତୀ ମଣିଷ ଲଢ଼େଇର ଅନ୍ତ କେବେ ହେବ ସେ ନେଇ ସାରା ହିନ୍ଦୋଳବାସୀ ଭୟଭୀତ ହୋଇପଡିଛନ୍ତି।

ହିନ୍ଦୋଳ ଉପଖଣ୍ଡରେ ହାତୀ ମଣିଷ ସଂଘର୍ଷର ଅନ୍ତ ଘଟୁନାହିଁ। କମିବା ବଦଳରେ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ହିନ୍ଦୋଳ ବନାଞ୍ଚଳରେ ଏହା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଫଳରେ ହିନ୍ଦୋଳବାସୀଙ୍କ ମନରେ ଏକ ପ୍ରକାର କୋକୁଆଭୟ ସୃଷ୍ଟି ହୋଇଛି। ଘରୁ ଗୋଡ଼ କାଢ଼ି ଯାଉଥିବା ଲୋକଟିଏ ଘରକୁ ନଫେରିବା ଯାଏଁ ଘର ଲୋକଙ୍କ ମନରେ ଶଙ୍କା ରହୁଛି। ଏପରିକି ସ୍କୁଲ୍ କଲେଜକୁ ଯାଉଥିବା ଛାତ୍ରଛାତ୍ରୀ ଓ ଅଭିଭାବକ ସମସ୍ତେ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି । ସାଧାରଣଲୋକର ସଂଧ୍ୟା ସମୟରେ ଦେହ ଅସୁସ୍ଥ ହେଲେ ଭାଗ୍ୟକୁ ଆଦରି ସକାଳଯାଏଁ ଅପେକ୍ଷା କରିବାକୁ ପଡୁଛି। ମେଡିକାଲକୁ ଯିବାକୁ ହେଲେ ଆମ୍ବୁଲାନ୍ସକୁ ଫୋନ୍ କଲେ ଗାଡ଼ି ଚାଳକ ସଫା ସଫା ମନା କରି ଦେଉଛି। ସଂଧ୍ୟା ସମୟରେ ଯଦି କାହାର ମୃତ୍ୟୁ ଘଟୁଛି ତେବେ ମୃତଦେହଟି ସଞ୍ଜରୁ ସକାଳଯାଏଁ ପଡ଼ିରହୁଛି। କାଁ ଭାଁ ବନକର୍ମଚାରୀଙ୍କ ଉପସ୍ଥିତିରେ ଶବଦାହ ହୋଇପାରୁଛି। ଆଜି ହିନ୍ଦୋଳ ଉପଖଣ୍ଡ ଗୁଳେହି ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ଗ୍ରାମର ଭାସ୍କର ସାହୁଙ୍କ ଏକମାତ୍ର ପୁତ୍ର ଜିତେନ୍ଦ୍ର ସାହୁ (୩୦) ଦିନ ପ୍ରାୟ ୧୨ଟା ସମୟରେ ଦୋକାନକୁ ସଉଦା ପାଇଁ ଯାଉଥିବାବେଳେ ଏକ ହାତୀ ହାବୁଡରେ ପଡ଼ିଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡି ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ଏହି ଦୁଃଖଦ ଖବରଟି ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ମୃତଦେହ ଦେଖିବାକୁ ଗ୍ରାମରେ ଜନସମୁଦ୍ର ପାଲଟିଥିଲା। ପରିବାର ଲୋକେ ଓ ସ୍ଥାନୀୟ ଲୋକମାନେ ପୁରୁଣା କଟକ ସମ୍ବଲପୁର ରାସ୍ତାର ଗୁଳେହି ଛକରେ ଜିତେନ୍ଦ୍ରଙ୍କ ଶବରଖି ରାସ୍ତା ଅବରୋଧ କରିଥିଲେ। ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ ଓ ବାଲିମୀ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ସହ କ୍ଷତିପୂରଣ ଦେବା ଓ ଗ୍ରାମରେ ଲାଇଟ୍ ଲଗାଇବାର ପ୍ରତିଶ୍ରୁତି ଦେବାପରେ ଯାଇ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏବଂ ଦୁଇପାର୍ଶ୍ୱରେ ଅଟକି ରହିଥିବା ଶତାଧିକ ଗାଡ଼ି ସ୍ୱାଭାବିକ ଭାବେ ଚଳପ୍ରଚଳ କରିଥିଲା। ତେବେ ପରିବାରର ଏକମାତ୍ର ରୋଜଗାରକ୍ଷମ ପୁଅ ଜିତେନ୍ଦ୍ରଙ୍କୁ ହରାଇ ପୁରା ପରିବାର ବେସାହାରା ହୋଇପଡ଼ିଛି। ଜିତେନ୍ଦ୍ରଙ୍କ ବଡ଼ ଝିଅର ବୟସ ୧୦ ଓ ସାନ ଝିଅକୁ ମାତ୍ର ୧୮ ଦିନ ହୋଇଛି। ତେବେ ଏଭଳି ସ୍ଥିତିରେ ଅସହାୟ ପରିବାରକୁ ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇଦେବା ସହ ପିଲାଙ୍କ ଭବିଷ୍ୟତ ପାଇଁ ଜିତେନ୍ଦ୍ରଙ୍କ ସ୍ତ୍ରୀଙ୍କୁ ଥଇଥାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ବଢ଼ିପାଣିରେ ଭକ୍ତଙ୍କୁ ସୁରକ୍ଷିତ ଦର୍ଶନ କରାଇଲେ ଅଗ୍ନିଶମ ବାହିନୀ



**ଘଟଗାଁ (ଅମୃତ ମିଡିଆ):** ଶ୍ରାବଣ ସୋମବାରରେ ଶିବଙ୍କ ଦର୍ଶନ ଓ ଜଳଲାଗି ପାଇଁ ଘଟଗାଁ ବ୍ଲକ ଅନ୍ତର୍ଗତ ବାଣେଶ୍ୱର ଶୈବପୀଠରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ହେଲେ ଲଗାଣ ବର୍ଷା ଯୋଗୁଁ ମନ୍ଦିରକୁ ଯିବା ରାସ୍ତାରେ ଥିବା ପୋଲ ଉପରେ ପ୍ରାୟ ୨ରୁ ୩ ଫୁଟ୍ ଉଚ୍ଚର ବଢ଼ି ପାଣି ପ୍ରବାହିତ ହେଉଥିଲା। ଫଳରେ ଭକ୍ତମାନଙ୍କ ପାଇଁ ମନ୍ଦିରକୁ ଯାଇ ଦର୍ଶନ କରିବା ବିପଦପୂର୍ଣ୍ଣ ହୋଇପଡ଼ିଥିଲା। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚିଥିଲା। ଭକ୍ତଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ପୋଲ ଉପରେ ରସି ବାନ୍ଧି ସୁରକ୍ଷିତ ପଥ ପ୍ରସ୍ତୁତ କରିଥିଲେ ଅଗ୍ନିଶମ କର୍ମଚାରୀ। ଏହି ରସି ସହାୟତାରେ ଶତାଧିକ ଭକ୍ତଙ୍କୁ ନିରାପଦରେ ବଢ଼ି ପାଣି ପାର କରାଇ ମନ୍ଦିରରେ ଦର୍ଶନ ଓ ଜଳଲାଗି କରିବାରେ ସହଯୋଗ କରିଥିଲେ ଅଗ୍ନିଶମ ବାହିନୀ। ଭକ୍ତଙ୍କ ସୁରକ୍ଷା ପାଇଁ ଅଗ୍ନିଶମ ବାହିନୀର ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

# ଜୟ ଜଗନ୍ନାଥ ମର୍ଣ୍ଣିଂୱାକ କ୍ଲବ ସ୍ୱାସ୍ଥ୍ୟ ସଚେତନତା ଯାତ୍ରାକୁ ମିଳିଲା ଅନ୍ତର୍ଜାତୀୟ ସ୍ୱୀକୃତି



**ବ୍ରହ୍ମପୁର (ଅମୃତ ମିଡିଆ):** ଦୀର୍ଘ ୧୭ ବର୍ଷ ଧରି ସାମାଜିକ ସେବା, ସ୍ୱାସ୍ଥ୍ୟ ସଚେତନତା, ପରିବେଶ ଓ ପର୍ଯ୍ୟଟନ ଅନ୍ୱେଷଣ ସହିତ ପରିବାରିକ ବନ୍ଧୁତ୍ୱ ଓ ଭାଇଚାରାକୁ ନେଇ ନିରନ୍ତର କାର୍ଯ୍ୟ କରିଆସୁଥିବା ଜୟ ଜଗନ୍ନାଥ ମର୍ଣ୍ଣିଂ ୱାକର୍ସ କ୍ଲବ ଆଜି ଏକ ଐତିହାସିକ ସଫଳତା ହାସଲ କରିଛି। ୱାକର ଇଣ୍ଟରନେସନାଲ କ୍ଲବ ପକ୍ଷରୁ ଏହି କ୍ଲବକୁ ଅନ୍ତର୍ଜାତୀୟ ମାନ୍ୟତା ଓ ଅଫିଲିଏସନ୍ ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମାଷ୍ଟର୍ ଅଫ୍ ସେରୋମୋନୀ ଏମଓଏସ ସୀମାଞ୍ଚଳ ପାଣିଗ୍ରାହିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୱାକର ଇଣ୍ଟରନେସନାଲ କ୍ଲବର ପୂର୍ବତନ ନ୍ୟାସନାଲ୍ ପ୍ରେସିଡେଣ୍ଟ ଡ଼. ଜୟନ୍ତ ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଉଥିବା ବେଳେ ଡିଷ୍ଟ୍ରିକ୍ଟ ଗଭର୍ନର ରାଜକିଶୋର ସ୍ୱାଇଁ, ପ୍ରେସିଡେଣ୍ଟ ପ୍ରସନ୍ନ କୁମାର ପୃଷ୍ଟି, ସେକ୍ରେଟାରୀ ମହେଶ୍ୱର ରାଓ ଅତିଥି ରୂପେ ଯୋଗ ଦେଇଥିଲେ କ୍ଷ ଜୟ ଜଗନ୍ନାଥ ମର୍ନିଙ୍ଗ ୱାକର କ୍ଲବ ସଭାପତି ନୃସିଂହ ପ୍ରସାଦ ପଟ୍ଟନାୟକ, ସମ୍ପାଦକ ନାଗେଶ୍ୱର ପୃଷ୍ଟି, ଉପସଭାପତି କାମନା ପାଢ଼ୀ ଓ ରବୀନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ଡା. ସମୀର କୁମାର ନାୟକ, ଯୁଗ୍ମ ସମ୍ପାଦକ ଡ଼ା. କିରଣ କୁମାର ପାଣିଗ୍ରାହୀ ଏବଂ ଜଲି ୱାକର୍ ସୁଶାନ୍ତ ପାଢ଼ୀଙ୍କୁ ନୂତନ ଅଫିସ୍ ବିଅରର୍ ଭାବେ ଚୟନ କରାଯାଇଥିଲା। ଅନୁଷ୍ଠିତ ସମାରୋହରେ ଅତିଥିମାନେ ଜୟ ଜଗନ୍ନାଥ ମର୍ଣ୍ଣିଂ ୱାକର୍ସ କ୍ଲବର ୧୭ ବର୍ଷର ଯାତ୍ରାକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଏହାର କାର୍ଯ୍ୟକଳାପକୁ ଅଧିକ ବ୍ୟାପକ କରିବା ପାଇଁ ଆହ୍ୱାନ ଦେଇଥିଲେ। ନିୟମିତ ପ୍ରାତଃ ଭ୍ରମଣ ମାଧ୍ୟମରେ ସୁସ୍ଥ ଜୀବନଶୈଳୀର ପ୍ରଚାର, ସ୍ୱାସ୍ଥ୍ୟ ସଚେତନତା, ସାମାଜିକ ସେବା, ପାରିବାରିକ ମିଳନ, ପ୍ରକୃତି ଓ ପର୍ଯ୍ୟଟନ ସ୍ଥଳୀର ଅନ୍ୱେଷଣ ଭଳି ବିଭିନ୍ନ କାର୍ଯ୍ୟକଳାପ କ୍ଲବର ସଦସ୍ୟମାନଙ୍କ ମଧ୍ୟରେ ଏକ ଦୃଢ଼ ଏକତା ଓ ଭାଇଚାରା ସୃଷ୍ଟି କରିଆସିଛି। ଅନ୍ତର୍ଜାତୀୟ ମାନ୍ୟତା ପାଇବା ପରେ କ୍ଲବର ସଦସ୍ୟମାନଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ପ୍ରକାଶ ପାଇଥିଲା। ସଦସ୍ୟମାନେ ଏହି ସ୍ୱୀକୃତିକୁ କେବଳ ଏକ ସମ୍ମାନ ନୁହେଁ ବରଂ ଆଗାମୀ ଦିନରେ ଅଧିକ ସଂଗଠିତ ଭାବରେ ସାମାଜିକ ଓ ସ୍ୱାସ୍ଥ୍ୟସେବାମୂଳକ କାର୍ଯ୍ୟ କରିବାର ଏକ ନୂତନ ପ୍ରେରଣା ବୋଲି ମତବ୍ୟକ୍ତ କରିଥିଲେ। ଏହି ଗୌରବମୟ କାର୍ଯ୍ୟକ୍ରମର ଶେଷରେ ଯୁଗ୍ମ ସମ୍ପାଦକ ଡ଼. କିରଣ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅନ୍ତର୍ଜାତୀୟ ସ୍ୱୀକୃତି ଜୟ ଜଗନ୍ନାଥ ମର୍ଣ୍ଣିଂ ୱାକର୍ସ କ୍ଲବର ୧୭ ବର୍ଷର ସଫଳ ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡ଼ିଥିବାବେଳେ ଆଗାମୀ ଦିନରେ କ୍ଲବଟି ଅଧିକ ଉତ୍ସାହ ଓ ନିଷ୍ଠାର ସହିତ ସମାଜସେବାରେ ନିଜର ଅବଦାନ ଜାରି ରଖିବ ବୋଲି ସଦସ୍ୟମାନେ ଆଶା ପ୍ରକାଶ କରିଛନ୍ତି।

# ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ):** ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ମାର୍ଗଦର୍ଶନରେ ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାଲିଚନ୍ଦ୍ରପୁର ପରିସରରେ ଶିଶୁ ମନ୍ଦିରର ପୂର୍ବତନ ସଭାପତି ପ୍ରତାପ ଚନ୍ଦ୍ର ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜ୍ଞାନ ବିଜ୍ଞାନ ମେଳକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ. ବିଶେଷ ଅତିଥି ଭାବେ ସଂକୁଳ ପ୍ରମୁଖ ଅଧ୍ୟାପକ ସଂଗ୍ରାମ କିଶୋର ପରିଡା, ନାରାୟଣ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ. ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ହୋତା, ମଞ୍ଚ ପରିଚାଳନା କରିଥିଲେ ବରଦା ଶିଶୁ ମନ୍ଦିରର ପ୍ରଧାନ ଅଚାର୍ଯ୍ୟ ଦଶରଥ ସାମଲ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଧାନମଣ୍ଡଳ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଜେନା. ମଂଚାସୀନ ଅତିଥିମାନେ ଶିଶୁ ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ପ୍ରକଳ୍ପ ପ୍ରୟୋଗ, ମୂର୍ତ୍ତିକଳା ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମକୁ ବୁଲି ଦେଖିବା ସହିତ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ. ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ନିଗମାନନ୍ଦ ପ୍ରହଲ୍ଲାଦ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମର କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ବିଶେଷ ଅତିଥି ଭାବେ ପରିଚାଳନା କମିଟି ସମ୍ପାଦକ ହିମାଂଶୁ ଶେଖର ବଳ ଯୋଗ ଦେଇଥିଲେ.ଏହି ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା କୁ ସଂକୁଳ ବିଜ୍ଞାନ ପ୍ରମୁଖ ନରେନ୍ଦ୍ର କୁମାର ବରାଳ ପରିଚାଳନା କରିଥିଲେ. କାର୍ଯ୍ୟକ୍ରମରେ ସଂକୁଳର ମୋଟ ଏଗାରଟି ବିଦ୍ୟାଳୟର ତିନି ସହ ଅଣଚାଶ ଜଣ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ. ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରି ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ.ସ୍ଥାନୀୟ ଅଂଚଳର ବିଭିନ୍ନ ଶିକ୍ଷାଅନୁଷ୍ଠାନର ବିଜ୍ଞାନ ଶିକ୍ଷକ ଶିକ୍ଷୟତ୍ରୀ, ଅଧ୍ୟାପକ ଅଧ୍ୟାପିକା ଶିଶୁ ମାନଙ୍କୁ ନିରୀକ୍ଷଣ କରିଥିଲେ.ନିରୀକ୍ଷକ ମାନଙ୍କ ମଧ୍ୟରେ ଗାୟତ୍ରୀ ଜେନା, ଅର୍ପିତା ବେହେରା, ଶିଖା ସେଠି, ସ୍ୱାଗତିକା ପ୍ରଧାନ, ରଞ୍ଜନ କୁମାର ପରିଡା, ସମ୍ପଦ କୁମାରଲେଙ୍କା, ଅଲେଖ ଚନ୍ଦ୍ର ରାଉତ, ଦିପ୍ତୀରଞ୍ଜନ ଜେନା, ପ୍ରଭାତ କୁମାର ସାହୁ, ନରହରି ସାହୁ, ତ୍ରିଲୋଚନ ପରିଡା,ବିଷ୍ଣୁ ପ୍ରସାଦ କେଶୀ, ଗିରିଶ କୁମାର ନାୟକ,ନିରଞ୍ଜନ ମୁଦୁଲି, ଅଭିଜିତ ଜେନା,ଭରତ ଚନ୍ଦ୍ର ଜେନା, ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିଲେ।

# ରାଜନଗରରେ କଂଗ୍ରେସର ଗୋଷ୍ଠିକନ୍ଦଳ

## ଦୁଇଟି ସ୍ଥାନରେ ପତାକା ଉତ୍ତୋଳନ



**ରାଜନଗର (ଅମୃତ ମିଡିଆ):** ରାଜ୍ୟରେ କଂଗ୍ରେସ ଦଳର ସ୍ଥିତି ଦୁର୍ବଳ ରହିଥିବା ବେଳେ ନିର୍ବାଚନ ମଣ୍ଡଳୀଗୁଡିକରେ ଗୋଷ୍ଠୀ କନ୍ଦଳ ଦେଖା ଦେଇଛି। ତୃଣମୂଳସ୍ତରରେ ପୁରୁଣା କଂଗ୍ରେସ ନେତା ଓ କର୍ମୀମାନେ ଦଳଡିଆଁ ନେତାଙ୍କୁ ସହଜରେ ଗ୍ରହଣ କରି ପାରୁନଥିବା ଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ନିର୍ବାଚନ ମଣ୍ଡଳୀରେ ନେତୃତ୍ୱ ବିହୀନ କଂଗ୍ରେସ ଦଳ ଭିତରେ ସମନ୍ୱୟ ନଥିବାରୁ କର୍ମୀମାନେ ନିରାଶ ହୋଇ ପଡିଛନ୍ତି। ଗତ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ଅଶୋକ କୁମାର ପ୍ରତିହାରୀ ଦଳରୁ ଇସ୍ତଫା ଦେଇ ଓଡିଶା ଜନତା କଂଗ୍ରେସ ଦଳରେ ଯୋଗ ଦେବା ପରେ ନେତୃତ୍ୱ ଶୂନ୍ୟ ହୋଇପଡିଛି କଂଗ୍ରେସ ଦଳ। ଏହି ଦଳରେ ଯେଉଁ ବ୍ଲକ ସଭାପତି ହୋଇଛନ୍ତି, ସେମାନେ ବିଜେଡି ନେତାଙ୍କ ଇଙ୍ଗିତରେ ପୁରୁଣା କଂଗ୍ରେସ ନେତା ଓ କର୍ମୀଙ୍କୁ ପଚାରୁନଥିବା ଅଭିଯୋଗ ହୋଇଛି। ଯାହାଫଳରେ ଦଳ ଭିତରେ ସୃଷ୍ଟି ହୋଇଥିବା ଗୋଷ୍ଠୀ କନ୍ଦଳ ଦାଣ୍ଡରେ ପଡି ହାଟରେ ଗଡୁଛି। ଏଭଳି ଘଟଣା ଅଗଷ୍ଟ ୧୫ତାରିଖ ଦିନ ପତାକା ଉତ୍ତୋଳନ ସମୟରେ ଦେଖିବାକୁ ମିଳିଛି। ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତ ମହିଷାସୁର ପଂଚାୟତ ତନ୍ତିପୋଖରୀ ଠାରେ କଂଗ୍ରେସ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟା ସୁମତି ସ୍ୱାଇଁଙ୍କ ସ୍ୱାମୀ ପ୍ରମୋଦ କୁମାର ସ୍ୱାଇଁ ବ୍ଲକର ମୁଖଶାଳା ସାନବଡଗୋପାଳପୁର ବଜାରରେ କଂଗ୍ରେସ କାର୍ଯ୍ୟାଳୟ ଖୋଲି ପତାକା ଉତ୍ତୋଳନ କରିଛନ୍ତି।ଯାହାକୁ ନେଇ ସାଧାରଣରେ ନାନା କଥା ଆଲୋଚନା ହେଉଛି।



### ୧୩୯ତମ ଦିନରେ ସତ୍ୟାଗ୍ରହ ପଦଯାତ୍ରା

# ପଶ୍ଚିମଦ୍ୱାର ଦେଇ ଶ୍ରୀମନ୍ଦିର ପ୍ରବେଶ

## ଖସାପଡ଼ା ନୀତି ପାଇଁ ଦର୍ଶନ ବନ୍ଦଥିବାରୁ ବେଢ଼ା ପରିକ୍ରମା କଲେ ସତ୍ୟାଗ୍ରହୀ




**ପୁରୀ (ବ୍ୟୁରୋ):** ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ଓ ସ୍ଥାୟୀ ବ୍ୟବସ୍ଥା ଦାବିରେ ଚାଲିଥିବା ସଚେତନତା ସତ୍ୟାଗ୍ରହ ପଦଯାତ୍ରା ଆଜି ୧୩୯ତମ ଦିନରେ ପହଞ୍ଚିଛି। ଗତ ଏପ୍ରିଲ ୧ ଉତ୍କଳ ଦିବସରୁ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ପ୍ରତ୍ୟହ ଅହିଂସା ଓ ଶାନ୍ତିପୂର୍ଣ୍ଣ ଭାବେ ଏହି ପଦଯାତ୍ରା ଜାରି ରହିଛି। ଆଜି ସତ୍ୟାଗ୍ରହୀମାନେ ହାତରେ ଆଧାର କାର୍ଡ ଧରି ଭକ୍ତ ସାଲବେଗ ପୀଠରୁ ଶ୍ରୀମନ୍ଦିର ଅଭିମୁଖେ ଯାଇ ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିଥିଲେ। ତେବେ ଖସାପଡ଼ା ନୀତି ଯୋଗୁଁ ସର୍ବସାଧାରଣ ଦର୍ଶନ ବନ୍ଦ ଥିବାରୁ ସେମାନେ ମହାପ୍ରଭୁଙ୍କ ଦର୍ଶନ କରିନଥିଲେ। ଶ୍ରୀମନ୍ଦିରର ନୀତିକାନ୍ତି ଓ ପରମ୍ପରାକୁ ସମ୍ମାନ ଜଣାଇ ବେଢ଼ା ପରିକ୍ରମା କରିଥିଲେ। ମଞ୍ଚର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି ଯେ, ଶ୍ରୀମନ୍ଦିରର ନୀତି, ପରମ୍ପରା ଓ ଧାର୍ମିକ ବ୍ୟବସ୍ଥା ପ୍ରତି ସତ୍ୟାଗ୍ରହୀମାନଙ୍କର ସମ୍ପୂର୍ଣ୍ଣ ସମ୍ମାନ ରହିଛି। ଏହି ଆନ୍ଦୋଳନ କାହାରି ବିରୋଧରେ ନୁହେଁ; ପୁରୀବାସୀଙ୍କ ଦୀର୍ଘଦିନର ଦାବିକୁ ଅହିଂସା ଓ ଶାନ୍ତିର ପଥରେ ଉପସ୍ଥାପନ କରିବା ଏହାର ଲକ୍ଷ୍ୟ। ପୁରୀବାସୀଙ୍କୁ ଆଧାର କାର୍ଡ ଦେଖାଇ ପଶ୍ଚିମ ଦ୍ୱାର ଦେଇ ପ୍ରବେଶର ସୁଯୋଗ ମିଳିବା ଆଶାଜନକ ପଦକ୍ଷେପ ହୋଇଥିଲେ ମଧ୍ୟ ଏହା କେବଳ ନିର୍ଦ୍ଦିଷ୍ଟ ସମୟରେ ସୀମିତ ନରହି ସବୁଦିନ ପାଇଁ ସ୍ପଷ୍ଟ, ସ୍ୱତନ୍ତ୍ର ଓ ସ୍ଥାୟୀ ବ୍ୟବସ୍ଥା ହେବା ଆବଶ୍ୟକ। ସରକାରୀ ସ୍ତରରେ ସ୍ଥାୟୀ ଘୋଷଣା ନହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ପଦଯାତ୍ରା ଜାରି ରହିବ। ପଶ୍ଚିମ ଦ୍ୱାର ପଟେ ସତ୍ୟାଗ୍ରହୀ ପଦଯାତ୍ରୀମାନଙ୍କୁ ଛଡ଼ାଯାଉଥିବା ବେଳେ ଅନ୍ୟ ସମୟରେ ସାଧାରଣ ପୁରୀବାସୀଙ୍କୁ ପଶ୍ଚିମ ଦ୍ୱାର ଦେଇ ଛଡ଼ାଯାଉନାହିଁ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଆଜିର ପଦଯାତ୍ରାରେ ହରିଶଙ୍କର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ଯାଦବାନନ୍ଦ ରାୟ, ଅଭିମନ୍ୟୁ ପ୍ରଧାନ, ରମେଶ ଚନ୍ଦ୍ର ମହାନ୍ତି, ସରସ୍ୱତୀ ପାତ୍ର, ଅରୁଣା ପଟ୍ଟନାୟକ, ପ୍ରଣତୀ ରାୟ, ବନିତା ଦିକ୍ଷୀତ, ରଶ୍ମିତା ଦଳେଇ, ସୁଭଦ୍ରା ସାହୁ, ଦୀପା ସାହୁ, ଇଛା ଦାସ, ଚିକି ସାହୁ, ରୁପା ବେହେରା, ମନୀଷା ପାତ୍ର, ନେହା ବେହେରା, ଶ୍ରଦ୍ଧା, ବେବି ଚୌଧୁରୀ, ଶ୍ରାବଣୀ ଦାସ, ବାବ୍ରିଲିନ ପ୍ରଧାନ, ସୋନାଲି ବେହେରା, କଣ୍ଢେଇ ସାହୁ, ମମତା ସ୍ୱାଇଁ, ମନୋରଞ୍ଜନ ରଣସିଂହ, କିଶୋର ଚନ୍ଦ୍ର ଦାସ, ସନ୍ତୋଷ ସେନାପତି ଓ ସୁବାଷ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

ପାଦ ଚାଲିବ—ଅହିଂସାର ପଥରେ।
ସଙ୍କଳ୍ପ ରହିବ—ନ୍ୟାୟର ଦାବିରେ।
ଆଶା ରହିବ—ମହାପ୍ରଭୁଙ୍କ ଦର୍ଶନରେ।

# ମହର୍ଷି ଚରକ ଜୟନ୍ତୀ ଉଦ୍‌ଯାପିତ

**ପୁରୀ (ବ୍ୟୁରୋ):** ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ମହର୍ଷି ଚରକ ଜୟନ୍ତୀ ଉଦ୍‌ଯାପିତ ହୋଇଯାଇଛି । ସର୍ବପ୍ରଥମେ ମହର୍ଷି ଚରକଙ୍କ ପୂଜାର୍ଚ୍ଚନା କରାଯାଇ ଚରକ ଅଷ୍ଟକମ୍ ସମୂହ ଗାନ କରାଯାଇଥିଲା। ଏହାପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ ବିପିନ ବିହାରୀ ଖୁଣ୍ଟିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚରକ ସଂହିତାରେ ବର୍ଣ୍ଣିତ ବିଭିନ୍ନ ଚିକିତ୍ସା ପଦ୍ଧତିର ଏକ ବୈଜ୍ଞାନିକ ଅନୁଶୀଳନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଡ଼ ଶାନ୍ତନୁ କୁମାର ଦାସ ବହୁ ପାରଦର୍ଶିତାର ସହ ଆୟୁର୍ବେଦ ଚିକିତ୍ସାର ସେଲ୍ୟୁଲାର ଲେଭେଲ୍ ଆପ୍ଲିକେସନ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ପ୍ରଫେସର ଡ଼ ଦୀପକ କୁମାର ସ୍ୱାଇଁ ମଧ୍ୟ ସ୍ପେସିଆଲ ମେଡିକାଲ କେସ୍‌ର ସଫଳ ଚିକିତ୍ସା ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦିନଚର୍ଯ୍ୟାରେ ଆୟୁର୍ବେଦର ଉପଯୋଗିତା ଏକ ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଚରକ ସପ୍ତାହ ଦୀର୍ଘ ୭ଦିନ ଧରି ଆୟୋଜିତ ହେଉଆସୁଥିଲା। ବିଭିନ୍ନ ପ୍ରତିଯୋଗିତା ରେ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିଲେ। କାୟଚିକିତ୍ସା ସ୍ନାତକୋତ୍ତର ବିଭାଗର ସହ ପ୍ରାଧାପିକା ଡ଼ ସୋନାଲିକା ଜେନା ଓ ସିଦ୍ଧାନ୍ତ ସଂହିତା ବିଭାଗର ବିଭାଗୀୟ ମୁଖ୍ୟ ଡ଼ ମଧୁମିତା ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ଅଧାପକ ଡ ସତ୍ୟଜିତ୍ ବେହେରା ସହଯୋଗ କରିଥିଲେ।ଶେଷରେ ଡ ଭାରତୀ ଲତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।



### ■ ଔଷଧୀୟ ବୃକ୍ଷରୋପଣ ଶିବିର

# ମନ୍ତ୍ରୀଙ୍କୁ ଆଳନ୍ଦିଆ ଗାମୁଛାରେ ସମ୍ମାନିତ



**ପୁରୀ (ବ୍ୟୁରୋ):** ୮୦ତମ ସ୍ୱାଧୀନତା ଦିବସ ଅବସରରେ 'ସମ୍ପର୍କ' ପକ୍ଷରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଏକ ଔଷଧୀୟ ବୃକ୍ଷରୋପଣ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ ଯୋଗ ଦେଇ ଗଛ ଲଗାଇବା ସହ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ । ଏହି ଅବସରରେ ପୁରୀ ଜିଲ୍ଲା ବ୍ରାହ୍ମଣ ଆଳନ୍ଦିଆ ଗ୍ରାମର ପ୍ରସିଦ୍ଧ ଆଳନ୍ଦିଆ ଗାମୁଛା ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଆଳନ୍ଦିଆ ଗାମୁଛା ପୁରୀ ମାଟିର ଗ୍ରାମୀଣ ଜୀବନ, ଓଡ଼ିଆ ହସ୍ତତନ୍ତ ପରମ୍ପରା, ବୁଣାକାରଙ୍କ ଦକ୍ଷତା ଓ ସାଂସ୍କୃତିକ ପରିଚୟର ଏକ ପ୍ରତୀକ। ପିଢ଼ି ପରେ ପିଢ଼ି ବୁଣାକାର ପରିବାରଙ୍କ ପରିଶ୍ରମ ଓ ଅଭିଜ୍ଞତାରେ ଏହି ଗାମୁଛା ଆଳନ୍ଦିଆ ଗ୍ରାମକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଆସିଛି। ମନ୍ତ୍ରୀ ଶ୍ରୀ ଖୁଣ୍ଟିଆଙ୍କୁ ଆଳନ୍ଦିଆ ଗାମୁଛା ପ୍ରଦାନ କରାଯିବା କେବଳ ଏକ ସମ୍ମାନ ପ୍ରଦାନ ନୁହେଁ, ବରଂ ପୁରୀର ଗ୍ରାମୀଣ ହସ୍ତତନ୍ତ ପରମ୍ପରା, ଆଳନ୍ଦିଆ ଗ୍ରାମର କାରିଗରୀ ଐତିହ୍ୟ ଓ ଓଡ଼ିଆ ସଂସ୍କୃତି ପ୍ରତି ସମ୍ମାନର ଏକ ନିଆରା ପ୍ରୟାସ ବୋଲି ଆୟୋଜକମାନେ କହିଥିଲେ। ଅନ୍ୟପକ୍ଷରେ, ଔଷଧୀୟ ବୃକ୍ଷରୋପଣ ଓ ଆଳନ୍ଦିଆ ଗାମୁଛାର ସମ୍ମିଳନ ପ୍ରକୃତି ଓ ପରମ୍ପରାର ସୁରକ୍ଷାର ଏକ ସୁନ୍ଦର ବାର୍ତ୍ତା ବହନ କରିଛି। ଔଷଧୀୟ ବୃକ୍ଷ ଆମ ପ୍ରକୃତି ଓ ସ୍ୱାସ୍ଥ୍ୟର ସୁରକ୍ଷାର ପ୍ରତୀକ ହୋଇଥିବାବେଳେ ଆଳନ୍ଦିଆ ଗାମୁଛା ଆମ ମାଟି, କାରିଗରୀ ପରମ୍ପରା ଓ ସାଂସ୍କୃତିକ ଐତିହ୍ୟର ପ୍ରତୀକ। ଉଭୟର ସୁରକ୍ଷା ଆମ ସାମୂହିକ ଦାୟିତ୍ୱ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ, ଉପନିର୍ଦ୍ଦେଶକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ସନ୍ତୋଷ କୁମାର ସେଠୀ, ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ସମ୍ବିତ୍ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ ନୀଳ ମାଧବ ଭୋଇ ଓ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ବିପିନି ବିହାରୀ ଖୁଣ୍ଟିଆ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ସରକାରୀ ଅଧିବକ୍ତା ଦିଗ ଦର୍ଶନ ପଟ୍ଟନାୟକ, କମଲେଶ ପ୍ରଧାନ, ଟି. ବାନାମ୍ବର ପ୍ରଧାନ, ଅରବିନ୍ଦ ଶତପଥୀ, ପଦ୍ମନାଭ ପଣ୍ଡା ଓ ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଔଷଧୀୟ ବୃକ୍ଷରୋପଣ କରିଥିଲେ। 'ସମ୍ପର୍କ'ର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ବୃକ୍ଷରୋପଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଶୁଭ ପ୍ରସାଦ ଶର୍ମା, ବିଶ୍ୱଜିତ ମିଶ୍ର, ଶ୍ରୀତମ ମହସୁଆର, ସରୋଜ ଦାସ ପ୍ରମୁଖ ସହଯୋଗ କରିଥିଲେ। ଆଳନ୍ଦିଆ ଗାମୁଛାର ସୁରକ୍ଷା, ପ୍ରଚାର ଓ ବ୍ୟବହାର ମାଧ୍ୟମରେ ଗ୍ରାମୀଣ ବୁଣାକାର ପରିବାରଙ୍କୁ ଉତ୍ସାହିତ କରିବା ସହିତ ଓଡ଼ିଆ ହସ୍ତତନ୍ତ ପରମ୍ପରାକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବାର ଆହ୍ୱାନ ଦିଆଯାଇଥିଲା।

### ■ ଶ୍ରାବଣ ତୃତୀୟ ସୋମବାର

# ଶ୍ରୀଲୋକନାଥଙ୍କ ପୀଠରେ ଜଳଲାଗି କଲେ ହଜାର ହଜାର କାଉଡ଼ିଆ



**ପୁରୀ (ବ୍ୟୁରୋ):** ଶ୍ରାବଣ ମାସ ତୃତୀୟ ସୋମବାରରେ ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥଙ୍କ ମନ୍ଦିରରେ କାଉଡିଆ ଭକ୍ତ ଜଳାଭିଷେକ କରିଛନ୍ତି । ବାବା ଶ୍ରୀଲୋକନାଥଙ୍କ ମଙ୍ଗଳଆଳତି ଓ ଅବକାଶ ପରେ ରାତି ୧୨ଟାରୁ ବୋଲବମ ଭକ୍ତ ମାନେ ଜଳଲାଗି ପାଇଁ ପ୍ରବେଶ କରିଥିଲେ । ବୋଲବମ ହରେ ହରେ ବମ୍ ,ଓଁ ନମଃ ଶିବାୟ, ହର ହର ମହାଦେବ, ଜୟ ବାବା ଶ୍ରୀଲୋକନାଥ ଧ୍ୱନିରେ ପ୍ରକମ୍ପିତ ହେଉଥିଲା ମନ୍ଦିର ପରିସର । ରବିବାର ଅପରାହ୍ନରୁ ବହୁ ବୋଲବମ ଭକ୍ତ ଶ୍ରୀଲୋକନାଥଙ୍କ ପୀଠରେ ଅସ୍ଥାୟୀ ବିଶ୍ରାମସ୍ଥଳରେ ଆଶ୍ରୟ ନେଇଥିଲେ । ଭୁବନେଶ୍ୱର ପାର୍ଶ୍ୱରୁ ଆସୁଥିବା ବୋଲବମ ଭକ୍ତମାନେ ବାଟମଙ୍ଗଳା, ଅଠରନଳା ଦେଇ ପୁରୀକୁ ପ୍ରବେଶ କରିଥିଲେ । ସେହିପରି ପୁରୀ ବାଇପାସ ମଙ୍ଗଳଘାଟ ଛକ ଦେଇ ଅନେକ ବୋଲବମ ଭକ୍ତ ଲୋକନାଥଙ୍କ ପୀଠକୁ ଯାଇଥିଲେ । ବୋଲବମ ଭକ୍ତ ମାନେ ବ୍ୟାରିକେଡ ଭିତରେ ଧାଡିରେ ଯାଇ ପାର୍ବତୀ ସାଗରକୁ ଲାଗିଥିବା ରୋଷଘର ଦ୍ୱାର ବାଟ ଦେଇ ଲାଗି କୂଅ ନିକଟ ଲକ୍ଷ୍ମୀ ଦ୍ୱାର ନିକଟ ସ୍ଥାପିତ ଶ୍ରୀଲୋକନାଥଙ୍କ ଲିଙ୍ଗରେ ପାଣି ଢାଳିବା ପରେ ସିଂହଦ୍ୱାର ଦେଇ ବାହାରକୁ ବାହାରିଥିଲେ । ବାବା ଲୋକନାଥଙ୍କ ଦର୍ଶନ ପରେ ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଛନ୍ତି । ମନ୍ଦିର ପରିସର ଓ ପ୍ରମୁଖ ରାସ୍ତାଗୁଡ଼ିକରେ ପୋଲିସ ମୁତୟନ କରାଯିବା ସହ ଭକ୍ତ ମାନଙ୍କ ଶୃଙ୍ଖଳିତ ଧାଡି ଦର୍ଶନ ଓ ଜଳଲାଗି ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା ।



ସେହିପରି ଶ୍ରାବଣ ମାସର ତୃତୀୟ ସୋମବାରରେ ପୁରୀ ସହରର ବିଭିନ୍ନ ଶୈବପୀଠରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଜଳାଲାଗି କରିଥିଲେ। ପ୍ରାୟ ୨୦ ହଜାର ଭକ୍ତ ଶ୍ରୀ ଲୋକନାଥ ମନ୍ଦିରରେ ଜଳାଲାଗି କରିଥିବା ବେଳେ, ପୁରୀର ଅନ୍ୟାନ୍ୟ ଶିବ ମନ୍ଦିରରେ ମଧ୍ୟ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନଙ୍କ ସୁରକ୍ଷା, ସୁବିଧା ଓ ସୁଚାରୁ ଦର୍ଶନ ବ୍ୟବସ୍ଥା ପାଇଁ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଥିଲା। ପୋଲିସର ସୁଚାରୁ ପରିଚାଳନା ଫଳରେ ସମସ୍ତ ଭକ୍ତ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ପରିବେଶରେ ଜଳାଲାଗି କରିପାରିଥିଲେ।ପୁରୀ ପୋଲିସ ପକ୍ଷରୁ କରାଯାଇଥିବା ସୁଚିନ୍ତିତ ବ୍ୟବସ୍ଥା, ବିଭିନ୍ନ ବିଭାଗର ସମନ୍ୱୟ ଓ ସମସ୍ତଙ୍କ ସହଯୋଗ ଫଳରେ ଶ୍ରାବଣ ମାସର ତୃତୀୟ ସୋମବାରରେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୂଚାରୁ ଭାବେ ସମ୍ପନ୍ନ ହୋଇଛି।

# କୁଢ଼କୁଢ଼ ଆବର୍ଜନାରେ ଭରପୂର ପେଣ୍ଟକଟା ସ୍ୱର୍ଣ୍ଣାଭ ବେଳାଭୂମି



**ପୁରୀ (ବ୍ୟୁରୋ):** ଐତିହ୍ୟ ସହରର ବିକଳ ଚିତ୍ର। ସହରକୁ ସ୍ୱଚ୍ଛ ରଖିବା ପାଇଁ ପବିତ୍ର ପୁରୀ ଗର୍ବ ଆମରି ନାରାର ଉଡିଛି ଧଜିଆ। କୁଢ଼କୁଢ଼ ଆବର୍ଜନାରେ ଭରପୁର ପୁରୀର ପେଣ୍ଟକଟା ସ୍ୱର୍ଣ୍ଣାଭ ବେଳାଭୂମି। ନଳାପାଣି ଓ ଅସଣା ପାଣି ସମୁଦ୍ରର ନୀଳ ଜଳରାଶିରେ ମିଶି ସମୁଦ୍ରକୁ କରୁଛି ପ୍ରଦୂଷିତ। ବିପଦରେ ଛୋଟଛୋଟ କୋମଳମତି ପିଲାଙ୍କ ସ୍ୱାସ୍ଥ୍ୟ ଓ ସମୁଦ୍ର ଭିତରେ ରହୁଥିବା ମାଛ ଓ କଇଁଛ। ସବୁଦେଖି ଚୁପ୍ ଜିଲ୍ଲା ପ୍ରଶାସନ। ସେପଟେ ପ୍ରଶାସନର ଅବହେଳା ଓ ଅପାରଗତାକୁ ଦାୟୀ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଅନ୍ୟପଟେ ଖୁବଶୀଘ୍ର ପୁରୀ ପେଣ୍ଟକଟା ବେଳାଭୂମିର ସଫେଇ ପାଇଁ ଟେଣ୍ଡର ପ୍ରକ୍ରିୟା କରାଯିବା ସହ ୱ୍ୱଚ୍ ଟାୱ୍ୱର ଓ ଲାଇଫଗାର୍ଡ,ପୋଲିସ ଏଡ୍ ସେଣ୍ଟର କରାଯିବ ବୋଲି କହିଛନ୍ତି ଜିଲ୍ଲାପାଳ। ଭଲକରି ନଜର ପକାନ୍ତୁ ପୁରୀ ପେଣ୍ଟକଟା ବେଳାଭୂମିର ଏହି ସଙ୍ଗୀନ ସ୍ଥିତି ଉପରେ। ଯୁଆଡେ ଦେଖିବେ ଖାଲି ଅଳିଆ ଆବର୍ଜନା। ଦୁର୍ଗନ୍ଧରୁ ବି ନିସ୍ତାର ନାହିଁ। ପ୍ରାୟ ୨୦୦୦ ତେଲୁଗୁ ସଂପ୍ରଦାୟର ମତ୍ସ୍ୟଜୀବୀ ପରିବାର ଏହି ବେଳାଭୂମି ଉପରେ ନିର୍ଭରଶୀଳ ହୋଇଥିବା ବେଳେ ସେମାନଙ୍କ ପିଲାମାନଙ୍କ ଭାଗ୍ୟ ଭବିଷ୍ୟତ ଓ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଉଠିଛି ପ୍ରଶ୍ନ। ପଲିଥିନ ଓ ପ୍ଲାଷ୍ଟିକ ବୋତଲ୍ ସହ ମତ୍ସ୍ୟଜୀବୀ ପରିବାର ବ୍ୟବହାର କରୁଥିବା ମଇଳା ପାଣି ସମୁଦ୍ରର ନିଳ ଜଳରାଶିରେ ମିଶି ଏହାକୁ ବିଷାକ୍ତ ଓ ପ୍ରଦୂଷିତ ମଧ୍ୟ କଲାଣି। କିନ୍ତୁ ସବୁ ଦେଖି ଚୁପ୍ ଜିଲ୍ଲା ପ୍ରଶାସନ। ଏପରିକି ପ୍ରାୟ ପରିବାରରେ ଶୌଚାଳୟ ନଥିବାରୁ ଏହି ସ୍ୱର୍ଣ୍ଣାଭ ବେଳାଭୂମିକୁ ପାଇଖାନା ରୂପେ ବ୍ୟବହାର କରାଯାଉଛି ବୋଲି କହିଛନ୍ତି ସ୍ଥାନୀୟ ମତ୍ସ୍ୟଜୀବୀ। ତେବେ ପେଣ୍ଟକଟା ବେଳାଭୂମି ପାଇଁ କିଛି ରାସ୍ତାର ବ୍ୟବସ୍ଥା କରାଗଲେ ଅଳିଆ ଗାଡି ସେଠିରୁ ଅଳିଆ ହଟାଇପାରିବ ବୋଲି କହିଛନ୍ତି ଜିଲ୍ଲା ମତ୍ସ୍ୟଜୀବୀ ସଂଘ ସଭାପତି। ଅନ୍ୟପଟେ ପେଣ୍ଟକଟା ବେଳାଭୂମିକୁ ସଫେଇ କରି ପରିଷ୍କାର ରଖିବା ପାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସେପଟେ ପୁରୀକୁ ମହାନଗର ନିଗମର ମାନ୍ୟତା ମିଳିଥିବା ବେଳେ ସହର ଭିତରେ ଥିବା ପେଣ୍ଟକଟା ବେଳାଭୂମିକୁ ସଫେଇ ନକରିବା ପ୍ରଶାସନର ଅପାରଗତା ବୋଲି ମତ ପ୍ରକାଶ ପାଇଛା। ଅନ୍ୟପଟେ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ପ୍ରତିକ୍ରିୟା ରଖିଛନ୍ତି ପୁରୀ ଜିଲ୍ଲାପାଳ ଦିବ୍ୟଜୋତି ପରିଡା। ପୋଲିସ ଓ ଫାୟାର ଡିପାର୍ଟମେଣ୍ଟର ମିଳିତ ଆନୁକୂଲ୍ୟରେ ପେଣ୍ଟକଟା ବେଳାଭୂମିରେ ୱ୍ୱଚ୍ ଟାୱ୍ୱର, ଲାଇଫଗାର୍ଡ ଏବଂ ପୋଲିସ ଏଡ୍ ପୋଷ୍ଟ କରାଯିବା ସହ ପର୍ଯ୍ୟଟନ ବିଭାଗ ତରଫରୁ ଏହି ବେଳାଭୂମି ସଫେଇ ପାଇଁ ଟେଣ୍ଡର ପ୍ରକ୍ରିୟା ହୋଇଥିବା କହିଛନ୍ତି ଜିଲ୍ଲାପାଳ ଦିବ୍ୟଜୋତି ପରିଡା। ପର୍ଯ୍ୟଟକଙ୍କ ଭିଡ ଜମୁଥିବା ବେଳାଭୂମିକୁ ପରିଷ୍କାର ଓ ସ୍ୱଚ୍ଛ କରି ବାହାବା ନେଉଥିବା ଜିଲ୍ଲା ପ୍ରଶାସନର କେବେ ପେଣ୍ଟକଟା ବେଳାଭୂମି ଉପରେ ନଜର ପଡିବ ତାହା ଦେଖିବାକୁ ବାକି ରହିଲା।

# ବିଭିନ୍ନ ଦାବିନେଇ ଭାରତୀୟ ମଜଦୁର ସଂଘର ଦାବିପତ୍ର

**ପୁରୀ (ବ୍ୟୁରୋ):** ଭାରତୀୟ ମଜଦୁର ସଂଘ ଶ୍ରମିକ ମାନଙ୍କ ବିଭିନ୍ନ ଦାବି ସମ୍ପର୍କରେ ସୋମବାର ପୂର୍ବାହ୍ନରେ ପୁରୀ ଜିଲ୍ଲାପାଳଙ୍କୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଆଜିର ଦିନକୁ ସଂଘ ପ୍ରତିବାଦ ଦିବସ ଭାବେ ପାଳନ କରିଛି । ସୁବାଷ ବୋଷ ଛକ ଠାରୁ ଶ୍ରମିକ ମାନଙ୍କ ଏକ ବିଶାଳ ଶୋଭାଯାତ୍ରା ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ ।ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇଙ୍କୁ ପ୍ରଦାନ କରିଥିଲେ । ସଂଘର କେନ୍ଦ୍ରୀୟ କାର୍ଯ୍ୟ ସମିତି ନିଷ୍ପତ୍ତି ଅନୁଯାୟୀ ସାରା ଦେଶରେ ପ୍ରତିବାଦ ଦିବସ ପାଳନ କରାଯାଉଛି । ଦାବି ମାନଙ୍କ ମଧ୍ୟରେ ଶ୍ରମିକଙ୍କ ଦରମା ୨୧ ହଜାରୁ ୪୨ ହଜାର ଟଙ୍କାକୁ ବୃଦ୍ଧି,ପେନସନ ୭ ହଜାର ୫ ଶହ ଟଙ୍କାକୁ ବୃଦ୍ଧି, ଦରମା ସୀମା ୩୦ ହଜାର କରିବା,ଅଙ୍ଗନଓ୍ୱାଡି ଓ ଆଶାଙ୍କ ଭଳି ଶ୍ରମିକଙ୍କ ମାନଦଣ୍ଡ ବୃଦ୍ଧି କରିବା,ସମାନ କାମକୁ ସମାନ ଦରମା ପ୍ରଦାନ, ଶ୍ରମିକ ବିରୋଧୀ ଶ୍ରମ ଆଇନ ପ୍ରତ୍ୟାହାର ଆଦି ଦାବି ସମ୍ପର୍କରେ ସ୍ଲୋଗାନ ଦେବା ସହ ପ୍ରତିବାଦ କରିଥିଲେ । ସଂଘର ଜିଲ୍ଲା ସଭାପତି ବସନ୍ତ କୁମାର ପଲାଇ,ସମ୍ପାଦକ ଉପେନ୍ଦ୍ର ବିଶୋଇ,ଅଙ୍ଗନଓ୍ୱାଡି ଜିଲ୍ଲା ସମ୍ପାଦକ ପ୍ରତିମା ମଞ୍ଜରୀ ଦତ୍ତଙ୍କ ନେତୃତ୍ୱରେ ଶତାଧିକ ସଂଘର ସଦସ୍ୟା ଓ ସଦସ୍ୟ ମାନେ ଯୋଗ ଦେଇଥିଲେ ।



# କୁଷ୍ଠରୋଗ ଚିହ୍ନଟ, ନିରାକରଣ ଓ ନିୟନ୍ତ୍ରଣ

## ୧୭ ରୁ ୩୧ ଯାଏଁ ଅଭିଯାନ



**ପୁରୀ (ବ୍ୟୁରୋ):** କୁଷ୍ଠରୋଗର ଶୀଘ୍ର ଚିହ୍ନଟ, ନିରାକରଣ ଓ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ପୁରୀ ସହରରେ ଓ ଗୋପ ବ୍ଲକ ଏବଂ କଣାସ ବ୍ଲକରେ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ୧୭ ଅଗଷ୍ଟରୁ ଆରମ୍ଭ ହୋଇ ୩୧ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଅଭିଯାନରେ ୩୯୨ ଜଣ ଆଶାକର୍ମୀ ଓ ୭୩ ସୁପରଭାଇଜରଙ୍କର ଟିମ୍ ନିୟୋଜିତ ହୋଇଛନ୍ତି। ଏହି ଅଭିଯାନ ନିମନ୍ତେ ଏକ ଟାସ୍କଫୋର୍ସ ବୈଠକ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଭିଯାନର ଉଦ୍ଦେଶ୍ୟ, ରଣନୀତି ଓ ପ୍ରମୁଖ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା ହୋଇଥିଲା ।ଏଥି ସହିତ ରାଜ୍ୟ ଅତିରିକ୍ତ କୁଷ୍ଠ ରୋଗ ନିର୍ଦ୍ଦେଶକ ଡାକ୍ତର ଲକ୍ଷ୍ମଣ କୁମାର କର୍ମୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡାକ୍ତର ମାନସ ରଞ୍ଜନ ଦାଶ ଓ ଜିଲ୍ଲା କୁଷ୍ଠ ପରାମର୍ଶଦାତା ଡାକ୍ତର ସୁଶାନ୍ତ କୁମାର ରାଉତଙ୍କ ଉପସ୍ଥିତରେ କୁଷ୍ଠରୋଗ ଓ କୁଷ୍ଠରୋଗ ଚିହ୍ନଟ ଅଭିଯାନ ସମ୍ପର୍କରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନରେ ଆଶାକର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ ଓ ତାଲିମପ୍ରାପ୍ତ ସୁପରଭାଇଜର ଦଳଗୁଡ଼ିକ ଘରକୁ ଘର ଯାଇ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଚିହ୍ନଟ, ପ୍ରତ୍ୟକ ଘରେ ସ୍କ୍ରିନିଂ ଏବଂ କୁଷ୍ଠରୋଗୀଙ୍କ ସଂସ୍ପର୍ଶରେ ଥିବା ବ୍ୟକ୍ତିଙ୍କ ପରୀକ୍ଷା କରିବେ। ସନ୍ଦିଗ୍ଧ ମାମଲା ଚିହ୍ନଟ ହେଲେ ଆବଶ୍ୟକ ପରୀକ୍ଷା ଓ ଚିକିତ୍ସା ନିଶ୍ଚିତ କରିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବେ । କୁଷ୍ଠରୋଗକୁ ନେଇ ସମାଜରେ ଥିବା ଭୟ, ଲଜ୍ଜା ଓ ଭ୍ରାନ୍ତ ଧାରଣା ଦୂର କରିବା ସହିତ ରୋଗୀଙ୍କୁ ଶୀଘ୍ର ଚିହ୍ନଟ କରି ଉଚିତ ଚିକିତ୍ସା ସହିତ ଯୋଡ଼ିବା ଏହି ଅଭିଯାନର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ।

# ୩ ଚୋରି ମାମଲାର ଆଇନଗତ ସଫଳତା

**ପୁରୀ (ବ୍ୟୁରୋ):** ପୁରୀ ପୁଲିସ ଅଧୀନ କାକଟପୁର ଓ କୋଣାର୍କ ଥାନାରେ ୨୦୨୧ ମସିହାରେ ରୁଜୁ ହୋଇଥିବା ୩ଟି ଚୋରି ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଛି। ତାରିଖ ୧୨.୦୮.୨୦୨୬ ରେ ମାନ୍ୟବର ପ୍ରିନ୍ସିପାଲ ମାଜିଷ୍ଟ୍ରେଟ୍, ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ, ପୁରୀଙ୍କ ଦ୍ୱାରା ରାୟ ପ୍ରକାଶ ପାଇଛି। ଏହି ସଫଳତା ପୁରୀ ଏସ୍‌ପି ପ୍ରତୀକ ସିଂ, ଆଇପିଏସ୍‌ଙ୍କ ନେତୃତ୍ୱରେ ପୁରୀ ପୁଲିସର ତଦନ୍ତ, ଅଭିଯୋଗପତ୍ର ଦାଖଲ ଓ ମାମଲାର ଆଇନଗତ ଅନୁସରଣରେ ନିରନ୍ତର ପ୍ରୟାସର ପ୍ରତିଫଳ ।କାକଟପୁର ଥାନା ମାମଲା – କେସ୍ ନଂ. ୨୪୯/୨୦୨୧ ତାରିଖ ୧୭.୧୦.୨୦୨୧ ରେ ଅଭିଯୋଗକାରୀ ଅକ୍ଷୟ କୁମାର ନାୟକ, ଅସିଜଙ୍ଗା, ବାଙ୍ଗୁରିଗାଁ, କାକଟପୁରଙ୍କ ଲିଖିତ ଅଭିଯୋଗ ଆଧାରରେ କାକଟପୁର ଥାନା କେସ୍ ନଂ. ୨୪୯/୨୦୨୧, ଧାରା ୪୫୭/୩୮୦ ଆଇପିସି ଅନୁଯାୟୀ ରୁଜୁ ହୋଇଥିଲା। ୧୫.୧୦.୨୦୨୧ ରାତିରୁ ୧୬.୧୦.୨୦୨୧ ମଧ୍ୟରେ ଅଭିଯୋଗକାରୀଙ୍କ ଛେଳି ଘରୁ ୭ଟି ଛେଳି ଚୋରି ହୋଇଥିଲା। ତଦନ୍ତ ପରେ ତାରିଖ ୩୧.୦୮.୨୦୨୪ରେ ଚାର୍ଜସିଟ୍ ନଂ. ୧୯୩ ଦାଖଲ କରାଯାଇଥିଲା। ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ ଏଏସ୍‌ଆଇ ପ୍ରମୋଦ କୁମାର ସେଠୀ ।ତାରିଖ ୧୨.୦୮.୨୦୨୬ରେ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ, ପୁରୀ ରାୟ ପ୍ରକାଶ କରିଥିଲେ। CICLଙ୍କ ଉପରେ ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ସହ ଭବିଷ୍ୟତରେ ଉତ୍ତମ ଆଚରଣ ପାଇଁ ତାଙ୍କୁ ଉପଯୁକ୍ତ ଭାବେ ସଚେତନ ଓ ପରାମର୍ଶ ଦିଆଯାଇଛି। ଅଭିଭାବକଙ୍କୁ ମଧ୍ୟ CICLଙ୍କ ଉପରେ ଉଚିତ ଯତ୍ନ ଓ ନିରୀକ୍ଷଣ ରଖିବାକୁ ପରାମର୍ଶ ଦିଆଯାଇଛି। କାକଟପୁର ଥାନା ମାମଲା – କେସ୍ ନଂ. ୨୦୮/୨୦୨୧ ତାରିଖ ୦୮.୦୯.୨୦୨୧ରେ ଅଭିଯୋଗକାରୀ ଉମାକାନ୍ତ ମଲ୍ଲିକ, ବାଘମୁଣ୍ଡା, କୃଷ୍ଣନଗରପାଟଣା, କାକଟପୁରଙ୍କ ଅଭିଯୋଗ ଆଧାରରେ କାକଟପୁର ଥାନା କେସ୍ ନଂ. ୨୦୮/୨୦୨୧, ଧାରା ୪୫୭/୩୮୦ ଆଇପିସି ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ତାରିଖ ୦୬.୦୯.୨୦୨୧ ରାତିରେ ଅଭିଯୋଗକାରୀଙ୍କ ଗୁହାଳରୁ ୧୩ଟି ଛେଳି ଚୋରି ହୋଇଥିଲା। ତଦନ୍ତ ପରେ ତାରିଖ ୩୧.୦୮.୨୦୨୪ରେ ଚାର୍ଜସିଟ୍ ନଂ. ୧୯୨ ଦାଖଲ ହୋଇଥିଲା। ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ ଏଏସ୍ ?ଆଇ ମନୋରଞ୍ଜନ ପରିଡ଼ା। ତାରିଖ ୧୨.୦୮.୨୦୨୬ରେ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ, ପୁରୀ ରାୟ ପ୍ରକାଶ କରିଥିଲେ। CICLଙ୍କ ଉପରେ ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ସହ ଭବିଷ୍ୟତରେ ଭଲ ଆଚରଣ ପାଇଁ ତାଙ୍କୁ ସଚେତନ ଓ ପରାମର୍ଶ ଦିଆଯାଇଛି। ଅଭିଭାବକଙ୍କୁ ମଧ୍ୟ ଉଚିତ ଯତ୍ନ ଓ ନିରୀକ୍ଷଣ ପାଇଁ ପରାମର୍ଶ ଦିଆଯାଇଛି ।କୋଣାର୍କ ଥାନା ମାମଲା – କେସ୍ ନଂ. ୧୮୩/୨୦୨୧ ତାରିଖ ୧୭.୧୦.୨୦୨୧ରେ ଅଭିଯୋଗକାରୀ ଶ୍ରୀମତୀ ରମାମଣି ପ୍ରଧାନ, ଅନସରା, କୋଣାର୍କଙ୍କ ଲିଖିତ ଅଭିଯୋଗ ଆଧାରରେ କୋଣାର୍କ ଥାନା କେସ୍ ନଂ. ୧୮୩/୨୦୨୧, ଧାରା ୪୫୭/୩୮୦ ଆଇପିସି ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ତାରିଖ ୧୬.୧୦.୨୦୨୧ ଭୋର ସମୟରେ ଅଭିଯୋଗକାରୀଙ୍କ ଗୁହାଳରୁ ୩ଟି ଛେଳି ଚୋରି ହୋଇଥିଲା ।ତଦନ୍ତ ପରେ ତାରିଖ ୧୦. ୦୨. ୨୦୨୨ରେ ଚାର୍ଜସିଟ୍ ନଂ. ୧୫ ଦାଖଲ ହୋଇଥିଲା। ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ ଏଏସ୍‌ଆଇ ନବ କିଶୋର ବେହେରା ।ତାରିଖ ୧୨.୦୮.୨୦୨୬ରେ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ, ପୁରୀ ରାୟ ପ୍ରକାଶ କରିଥିଲେ । CICLଙ୍କ ଉପରେ ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ସହ ତାଙ୍କୁ ଉତ୍ତମ ଆଚରଣ ପାଇଁ ସଚେତନ ଓ ପରାମର୍ଶ ଦିଆଯାଇଛି।

# ଜଗା ଦର୍ଶନ ହେଲା ଶେଷଦର୍ଶନ



**ପୁରୀ (ବ୍ୟୁରୋ):** ଜଗନ୍ନାଥ ଦର୍ଶନ ହେଲା ଶେଷ ଦର୍ଶନ। ମହାପ୍ରଭୁଙ୍କ ଦର୍ଶନ ପରେ ଚାଲିଗଲା ଜୀବନ। ମୃତକ ହେଉଛନ୍ତି ବିଞ୍ଝାରପୁରର ୭୫ ବର୍ଷୀୟ ଶ୍ରଦ୍ଧାଳୁ ନୀଳକଣ୍ଠ ଦାସ । ବାହାର କାଠ ନିକଟରେ ଦର୍ଶନ କରିବା ବେଳେ ଚେତାଶୂନ୍ୟ ହୋଇଥିଲେ । ପରେ ତାଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି ଡାକ୍ତର ।ସୂଚନା ଯୋଗ୍ୟ ଯେ ପୂର୍ବାହ୍ନ ପ୍ରାୟ ୧୧ ଟା ସମୟରେ ଯାଜପୁରର ଏହି ଶ୍ରଦ୍ଧାଳୁ ଜଣକ ନିଜ ପରିବାର ସହିତ ଶ୍ରୀମନ୍ଦିର ଦର୍ଶନ କରିବାକୁ ଯାଇଥିଲେ ।ବାହାର କାଠ ଦର୍ଶନ ଚାଲିଥିବା ବେଳେ ହୁଣ୍ଡି ନିକଟରେ ଦର୍ଶନ କରିବା ପରେ ହଠାତ୍ ଟଳି ପଡ଼ିଥିଲେ ।ପରେ ପୋଲିସ୍ ତାଙ୍କୁ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ତେବେ ପୂର୍ବରୁ ତାଙ୍କର ହୃଦଘାତ ଜନିତ ସମସ୍ୟା ରହିଥିଲା ଏବଂ ଔଷଧ ଜାରି ରହିଥିଲା ବୋଲି କହିଛନ୍ତି ତାଙ୍କ ପତ୍ନୀ । ମୃତ ଲକ୍ଷ୍ମୀଧର ଯାଜପୁର ବିଂଝାରପୁରର ବାସିନ୍ଦା ହୋଇଥିଲେ ହେଁ କଲିକତା ଚାନ୍ଦିନୀ ମାର୍କେଟ ନିକଟରେ ରହି ଆସୁଛନ୍ତି ।

# ହୃଦ୍‌ଘାତ ଓ ନିରାକରଣ

ହୃତ୍‌ପିଣ୍ଡ ବା ହାର୍ଟ ଆମ ଶରୀରର ସମସ୍ତ ଅଙ୍ଗକୁ ରକ୍ତପ୍ରଭାବ କରିଥାଏ। ହାର୍ଟକୁ ନିଜ କାମ କରିବା ପାଇଁ ଆବଶ୍ୟକ ହେଉଥିବା ରକ୍ତ ହାର୍ଟ ମଧ୍ୟରେ ଥିବା ଆର୍ଟି ବା ଧମନୀ ମାଧ୍ୟମରେ ମିଳିଥାଏ। ମାତ୍ର ଯେତେବେଳ ଏହି ଧମନୀ ଭିତରେ କୋଲେଷ୍ଟ୍ରେଲ୍, ଫ୍ୟାଟ୍ ଓ ଅନ୍ୟାନ୍ୟ ଜିନିଷ ଜମା ହୋଇଥାଏ ସେତେବେଳେ ହାର୍ଟକୁ ଆବଶ୍ୟକ ହେଉଥିବା ରକ୍ତ ସଠିକ୍ ପରିମାଣରେ ମିଳିପାରେ ନାହିଁ। ଫଳରେ ହାର୍ଟ




ଯେତେବେଳେ ହାର୍ଟ ଠିକ୍ ଭାବରେ କାମ କରିନଥାଏ, ସେତେବେଳେ ଛାତିରେ ଯନ୍ତ୍ରଣା ହେବା ସହିତ ଧଇଁସଇଁ ଲାଗିବା ଓ ଅଣନିଶ୍ୱାସୀ



ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଆମର ହାର୍ଟ ବା ହୃତ୍‌ପିଣ୍ଡ। ଏହା ଆମ ଶରୀରର ସମସ୍ତ ଅଙ୍ଗକୁ ରକ୍ତପ୍ରଭାବ କରିଥାଏ। ହାର୍ଟକୁ ନିଜ କାମ କରିବା ପାଇଁ ଆବଶ୍ୟକ ହେଉଥିବା ରକ୍ତ ହାର୍ଟ ମଧ୍ୟରେ ଥିବା ଆର୍ଟି ବା ଧମନୀ ମାଧ୍ୟମରେ ମିଳିଥାଏ।



## ହାର୍ଟ ଆଟାକ୍ ପ୍ରାଥମିକ ଲକ୍ଷଣ:

ଲାଗିବା ଭଳି ଲକ୍ଷଣ ଦେଖାଯାଏ। ଆସନ୍ତୁ କିଛି ଲକ୍ଷଣ ବିଷୟରେ ଜାଣିବା ଆଉ ଏହାର ସଠିକ୍ ଉପଚାର ଲାଗି ଜାଣିପାରିବା।

**୧. ଛାତିରେ ଯନ୍ତ୍ରଣା :** ହାର୍ଟ ଆଟାକ୍ ହେଲେ ପ୍ରାଥମିକ ଲକ୍ଷଣ ଭାବରେ ଛାତିରେ ଯନ୍ତ୍ରଣା ହେବା ସହିତ ଛୁଞ୍ଚି ଫୋଡ଼ିବା ଭଳି ଅନୁଭବ ହୁଏ। ଏହି ଯନ୍ତ୍ରଣା ଗୋଟିଏ ମିନିଟ୍ କମ୍ ସମୟ ପାଇଁ ହୋଇଥାଏ। କିଛି ସମୟ ବ୍ୟବଧାନରେ ଏଭଳି ଯନ୍ତ୍ରଣା ନିୟମିତ ହୋଇଥାଏ।

**୨. ଶରୀର ଅନ୍ୟ ଅଙ୍ଗରେ ଯନ୍ତ୍ରଣା:** ହାର୍ଟ ଆଟାକ୍ ହେଲେ ଛାତିରେ ହେଉଥିବା ଯନ୍ତ୍ରଣା ଶରୀରର ଅନ୍ୟାନ୍ୟ ଅଙ୍ଗକୁ ସଂଚାରିତ ହୋଇଥାଏ। ସାଧାରଣତଃ ଏହି ଯନ୍ତ୍ରଣା ହାତ, କାନ୍ଧ, ବେକ, ହନୁହାଡ଼ ଏବଂ ପାକସ୍ଥଳୀକୁ ମଧ୍ୟ ସଂଚାରିତ ହୋଇଥାଏ

**୩. ଅଣନିଶ୍ୱାସୀ ଲାଗିବା :** ହାର୍ଟ ଆଟାକ୍ ବେଳେ କେତେକ ରୋଗୀଙ୍କୁ ନିଶ୍ୱାସ ନେବା ବେଳେ ଅସୁବିଧା ହୁଏ। ଛାତି ଯନ୍ତ୍ରଣା ସହିତ ବେଳେବେଳେ ବିନା ଛାତି ଯନ୍ତ୍ରଣାରେ ମଧ୍ୟ ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହୁଏ। କୌଣସି କାମ କରିବା ବିଶ୍ରାମ ବେଳେ ଏହି ଅସୁବିଧା ହୋଇଥାଏ।

**୪. ବାନ୍ତି ଲାଗିବା ସହିତ ମୁଣ୍ଡ ବ୍ୟଥା ହୋଇଥାଏ:** ଛାତିରେ ଯନ୍ତ୍ରଣା ସହିତ ବାନ୍ତି ଲାଗିବା ଏବଂ ମୁଣ୍ଡବ୍ୟଥା ହେବା ହାର୍ଟ ଆଟାକ୍‌ର ମଧ୍ୟ ଲକ୍ଷଣ ହୋଇପାରେ।

**୫. କ୍ଳାନ୍ତି ଲାଗିବା:** ଅଳ୍ପ ପରିଶ୍ରମରେ ଧଇଁସଇଁ ଲାଗିବା ସହିତ କ୍ଳାନ୍ତ ଲାଗିବା ମଧ୍ୟ ହାର୍ଟ ଆଟାକ୍‌ର ଏକ ପ୍ରମୁଖ ଲକ୍ଷଣ ହୋଇପାରେ। ପୁରୁଷଙ୍କ ତୁଳନାରେ ମହିଳାଙ୍କଠାରେ ଏହି ଲକ୍ଷଣ ଅଧିକ ମାତ୍ରାରେ ଦେଖାଯାଇଥାଏ।



# କିପରି ସୁସ୍ଥ ରଖିବେ ଯକୃତ୍

ଶକ୍ତି ଓ ଶରୀର ଗଠନ ପାଇଁ ଯକୃତ୍ ବା ଲିଭର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହି ଅଙ୍ଗ ଦ୍ୱାରା ପ୍ରୋଟିନ୍ ପ୍ରସ୍ତୁତ କରିବା ସହ ଶରୀରରୁ ବିଷାକ୍ତ କଣିକା ହରଣ କରିଥାଏ। ଯକୃତ୍‌ର ସବୁଠୁ ଉଲ୍ଲେଖନୀୟ ଗୁଣ ହେଲା- ଏହା ନିଜର କ୍ଷତକୁ ନିଜେ ସଜାଡ଼ିପାରେ। ତେବେ ଯକୃତ୍ ଯଦି ଭୀଷଣ ଭାବରେ କ୍ଷତିଗ୍ରସ୍ତ ହୁଏ କି ଦୀର୍ଘକାଳ ଧରି କ୍ଷତାକ୍ତ ଅବସ୍ଥାରେ ରହିଥାଏ ଅଥବା ମାତ୍ରାଧିକ ମଦ୍ୟସେବନର ଶରବ୍ୟ ହୁଏ ତେବେ ତାହା ସିରୋସିସ୍ ଓ କର୍କଟ ପରି ରୋଗକୁ ଆମନ୍ତ୍ରଣ କରିଥାଏ। କିଛି ଆନୁବଂଶିକ କାରଣରୁ ମଧ୍ୟ ଯକୃତ୍ ରୋଗ ହୋଇଥାଏ। ପିତା ଯଦି ଯକୃତ୍ ରୋଗରେ ପୀଡ଼ିତ, ତେବେ ସନ୍ତାନଠାରେ ମଧ୍ୟ ଯକୃତ୍ ରୋଗ ଦେଖାଦେବାର ଆଶଙ୍କା ଅଧିକ ରହିଥାଏ। ଅନେକ ଯକୃତ୍ ରୋଗ ନିରବରେ ବିକଶିତ ହୋଇ ଚାଲିଥାଏ, କୌଣସି ଲକ୍ଷଣ ମଧ୍ୟ ଜଣାପଡ଼େ ନାହିଁ। ଲକ୍ଷଣ ଜଣାପଡ଼ିଲା ବେଳକୁ ସିରୋସିସ୍ ହୋଇ ସାରିଥାଏ। ତେଣୁ ଯକୃତ୍ ଭଲରେ କାର୍ଯ୍ୟ କରିବା ପାଇଁ ସଂଘର୍ଷ କରୁଥିବାର କିଛି ଲକ୍ଷଣ ଓ ତାହାର ପ୍ରତିକାର ବାବଦରେ ଜାଣିବା। ଜଣ୍ଡିସ୍ ବା ଆଖି ଓ ଚର୍ମ ହଳଦିଆ ଦେଖାଯିବା ହେଉଛି ଅସୁସ୍ଥ ଯକୃତ୍‌ର ଏକ ଉଲ୍ଲେଖନୀୟ ଲକ୍ଷଣ। ଯକୃତ୍‌କୁ କ୍ଷତି ପହଞ୍ଚିଲେ କି ତା' ଉପରେ ଚାପ ପଡ଼ିଲେ ସେଥିରୁ ଝରୁଥିବା ପିତ୍ତରସ ବା ବିଲିରୁବିନ୍ ଶରୀରରେ ଠୁଳ ହୋଇ ହଳଦିଆ ରଙ୍ଗ ଜଣାପଡ଼ିଥାଏ। ପରିସ୍ରା ରଙ୍ଗ ଗାଢ଼ ହେବା ମଧ୍ୟ ଅନ୍ୟତମ ଲକ୍ଷଣ, କାରଣ ପିତ୍ତରସ ରକ୍ତରେ ମିଶି ପରିସ୍ରା ଦ୍ୱାରା ନିଷ୍କାସିତ ହୋଇଥାଏ। ହଠାତ୍ ଶରୀର ଓଜନ କମିଯିବା ମଧ୍ୟ ଯକୃତ୍ ରୋଗକୁ ସୂଚାଇପାରେ। ଯକୃତ ରୋଗ ହେଲେ ବାରମ୍ବାର ଓକାର ଆସେ ଅଥବା ରକ୍ତ ବାନ୍ତି ହୋଇଥାଏ। ଚର୍ମ ଭୀଷଣ କୁଣ୍ଡାଇ ହେବା ଏହାର ଆଉ ଏକ ଲକ୍ଷଣ। ସେହିପରି ଲଗାତାର ଦୁର୍ବଳ କି ନିସ୍ତେଜ ଲାଗିବା ଯକୃତ ରୋଗର ଲକ୍ଷଣ ହୋଇପାରେ। ପ୍ରତିଷେଧକ ସ୍ୱରୂପ ଏକ ସୁସ୍ଥ ଯକୃତ୍ ପାଇଁ ବ୍ରୋକୋଲି, ଚର୍ବିଳ ମାଛ ଓ ଶୁଷ୍କ ଫଳ ସମ୍ବଳିତ ସ୍ୱାସ୍ଥ୍ୟପ୍ରଦ ଭୋଜନ କରିବା ଓ ନିୟମିତ ବ୍ୟାୟାମ କରିବା ହେଉଛି ପ୍ରଥମ ପଦକ୍ଷେପ। ଶରୀର ଉପରେ ନିୟମିତ ନିରୀକ୍ଷଣ ରଖି 'ବଡି ମାସ୍ ଇଣ୍ଡେକ୍ସ' (ବିଏମ୍ଆଇ)କୁ ୧୮ରୁ ୨୫ ଭିତରେ ରଖିବା ହିତକର। ମଦ୍ୟପାନ ତ୍ୟାଗ କଲେ ସର୍ବୋତ୍ତମ ଫଳ ମିଳିଥାଏ। କୌଣସି ଔଷଧ ସେବନ ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ ଜରୁରି। ଯକୃତ୍ କର୍କଟ ଆଶଙ୍କା ବଢ଼ାଉଥିବା ଧୂମପାନକୁ ସଂପୂର୍ଣ୍ଣ ବର୍ଜନ କରିବା ଗୁରୁତ୍ୱପୂର୍ଣ୍ଣ। ଦୀର୍ଘକାଳ ଧରି କୌଣସି ଉପରୋକ୍ତ ଲକ୍ଷଣ ଜାରି ରହିଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ।



# ମଧୁମେହ ଏବଂ ସଚେତନତା

**ସାରା ପୃଥିବୀର ମଧୁମେହ ରୋଗୀଙ୍କ ମଧ୍ୟରୁ ୧୭% ଅଛନ୍ତି ଭାରତରେ। ଏହା ହିଁ ଭାରତରେ ମଧୁମେହର ବିସ୍ତାରକୁ ସୂଚିତ କରେ। ଭାରତରେ ଥିବା ମଧୁମେହ ରୋଗୀଙ୍କ ମଧ୍ୟରୁ ୯୦-୯୫% ଟାଇପ୍-୨ ମଧୁମେହ ରୋଗରେ ଆକ୍ରାନ୍ତ, ଯାହା ପାଶ୍ଚାତ୍ୟ ଦେଶମାନଙ୍କରେ ଥିବା ଟାଇପ୍-୧ ମଧୁମେହ ତୁଳନାରେ ଅତି କମ୍।**



**୨୦୪୫ ସୁଦ୍ଧା ଭାରତରେ ମଧୁମେହ ରୋଗୀ ସଂଖ୍ୟା ୧୩୪ ନିୟୁତକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆକଳନ କରାଯାଇଛି। ତେବେ ମଧୁମେହକୁ ନିୟନ୍ତ୍ରଣରେ ରଖିବା ଲାଗି ଖାଦ୍ୟପାନୀୟ ଗ୍ରହଣରେ ସାବଧାନତା ଓ ଶାରୀରିକ ଶ୍ରମକୁ ଜୀବନଚର୍ଯ୍ୟାରେ ସାମିଲ କରିବାକୁ ପଡ଼ିଥାଏ।**





ମନୁଷ୍ୟ ଶରୀରକୁ ଅନେକ ରୋଗ ସଦା ସର୍ବଦା ଆକ୍ରାନ୍ତ କରୁଥିବାବେଳେ ଆଜିକାଲି ଦେଖିବାକୁ ମିଳୁଛି ଅଧିକାଂଶ ଲୋକଙ୍କୁ ମଧୁମେହ ବା ଡାଇବେଟିସ୍ ରୋଗ। ଏହି ଡାଇବେଟିସ୍ ବା ମଧୁମେହ ରୋଗ ଅନ୍ୟ ଦେଶ ଅପେକ୍ଷା ଆମ ଭାରତରେ ପ୍ରାୟ ୭୭ ନିୟୁତ ଲୋକ ପୀଡ଼ିତ ଏବଂ ୨୫ ନିୟୁତ ପ୍ରାକ୍-ମଧୁମେହ ଆକ୍ରାନ୍ତ ଅଛନ୍ତି। ସାରା ପୃଥିବୀର ମଧୁମେହ ରୋଗୀଙ୍କ ମଧ୍ୟରୁ ୧୭% ଅଛନ୍ତି ଭାରତରେ। ଏହା ହିଁ ଭାରତରେ ମଧୁମେହର ବିସ୍ତାରକୁ ସୂଚିତ କରେ। ଭାରତରେ ଥିବା ମଧୁମେହ ରୋଗୀଙ୍କ ମଧ୍ୟରୁ ୯୦-୯୫% ଟାଇପ୍-୨ ମଧୁମେହ ରୋଗରେ ଆକ୍ରାନ୍ତ, ଯାହା ପାଶ୍ଚାତ୍ୟ ଦେଶମାନଙ୍କରେ ଥିବା ଟାଇପ୍-୧ ମଧୁମେହ ତୁଳନାରେ ଅତି କମ୍। ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ିବାର ଏକ ପ୍ରମୁଖ କାରଣ ହେଉଛି ଅଧାରୁ ଅଧିକ ପୀଡ଼ିତ ନିଜ ଅବସ୍ଥା ବିଷୟରେ ସଚେତନ ନୁହନ୍ତି। ଅର୍ଥାତ୍ ମଧୁମେହରେ ଆକ୍ରାନ୍ତ ହେବା ପୂର୍ବରୁ ଏହି ରୋଗର ଲକ୍ଷଣ ସଂପର୍କରେ ସେମାନେ ସଚେତନ ନଥାନ୍ତି। ଆଉ ଥରେ ମଧୁମେହ ମାଡ଼ିବସିବା ପରେ ହୃଦ୍‌ଘାତ, ମସ୍ତିଷ୍କଘାତ, ବୃକ୍କ ଅଚଳ ଓ ଅନ୍ଧତ୍ୱ ସମେତ ଅନେକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ୨୦୪୫ ସୁଦ୍ଧା ଭାରତରେ ମଧୁମେହ ରୋଗୀ ସଂଖ୍ୟା ୧୩୪ ନିୟୁତକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆକଳନ କରାଯାଇଛି। ତେବେ ମଧୁମେହକୁ ନିୟନ୍ତ୍ରଣରେ ରଖିବା ଲାଗି ଖାଦ୍ୟପାନୀୟ ଗ୍ରହଣରେ ସାବଧାନତା ଓ ଶାରୀରିକ ଶ୍ରମକୁ ଜୀବନଚର୍ଯ୍ୟାରେ ସାମିଲ କରିବାକୁ ପଡ଼ିଥାଏ। ନିୟମିତ ବ୍ୟାୟାମ, ଚାଲିବା ଓ ଅଧିକ ଶର୍କରା ଜାତୀୟ ଖାଦ୍ୟ ଗ୍ରହଣ ନକରିବା ଦ୍ୱାରା ପ୍ରାକ୍-ମଧୁମେହ ବା ମଧୁମେହରେ ପୀଡ଼ିତ ହେବାର ଆଶଙ୍କା ହ୍ରାସ କରିବା ସମ୍ଭବ। କେହି କେହି ମଧୁମେହକୁ 'ନୀରବ ଘାତକ' ବୋଲି ଆଖ୍ୟା ଦେଇଥାଆନ୍ତି। ମଧୁମେହ ଆକ୍ରାନ୍ତଙ୍କ ଶରୀରର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପ୍ରଭାବିତ ହେଉଥିବାରୁ ଏପରି କୁହାଯାଇଥାଏ। କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ଲାଗି ଏହା ଏକ ବୃହତ୍ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଦେଖାଦେଇଛି। ଏଣୁ ମଧୁମେହ ନେଇ ସଚେତନତା ସୃଷ୍ଟିଲାଗି ପ୍ରତିବର୍ଷ ନଭେମ୍ବର ୧୪ରେ 'ବିଶ୍ୱ ମଧୁମେହ ଦିବସ' ପାଳନ କରାଯାଉଛି। ୨୦୨୪-୨୦୨୬ ବର୍ଷ ପାଇଁ ମଧୁମେହ ଦିବସର ଥିମ୍ ବା ପ୍ରସଙ୍ଗ ରଖାଯାଇଛି 'ମଧୁମେହ ଓ ସୁସ୍ଥତା'। ମଧୁମେହ ଚିକିତ୍ସାରେ ସୁସ୍ଥତା ଉପରେ ଧ୍ୟାନ ଦେବା ଏବଂ ଲୋକଙ୍କୁ ସେମାନଙ୍କ ରୋଗର ସ୍ଥିତି ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବା ଏହି ପ୍ରସଙ୍ଗର ଉଦ୍ଦେଶ୍ୟ। ବିଶ୍ୱ ମଧୁମେହ ଦିବସକୁ ସମର୍ଥନ ଦେବାକୁ କିଛି ଉପାୟ ଅବଲମ୍ବନ ଲାଗି ଆହ୍ୱାନ ଦିଆଯାଇଛି। ପ୍ରଥମତଃ ନୀଳ ପୋଷାକ ପିନ୍ଧିବାକୁ ଅନୁରୋଧ କରାଯାଇଛି। କାରଣ ମଧୁମେହ ସଚେତନତାର ପ୍ରତୀକାତ୍ମକ ରଙ୍ଗ ହେଉଛି ନୀଳ। ନୀଳ ରଙ୍ଗର ପୋଷାକପତ୍ର ପରିଧାନ କରି ଆପଣ ସମର୍ଥନ ପ୍ରଦର୍ଶନ କରିପାରିବେ। ଏଥିସହ ମଧୁମେହ ସଂପର୍କରେ ସଚେତନତା ସୃଷ୍ଟି ଲାଗି ମଧୁମେହ, ତଜ୍ଜନିତ ବିପଦ ଓ ସୁସ୍ଥ ଜୀବନଚର୍ଯ୍ୟାର ଗୁରୁତ୍ୱ ବିଷୟରେ ମିଳୁଥିବା ସୂଚନା ଅନ୍ୟମାନଙ୍କ ସହ ବାଣ୍ଟିବାକୁ କୁହାଯାଇଛି। ବିଶ୍ୱ ମଧୁମେହ ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବାର୍ତ୍ତା ହେଲା, ଯଦି ଆପଣଙ୍କୁ ମଧୁମେହ ହେବାର ଆଶଙ୍କା ରହିଛି, ତେବେ ଆଗୁଆ ନିରୂପଣ ଓ ପ୍ରତିରୋଧ ପାଇଁ ପରୀକ୍ଷା କରାଇନେବା ବିଷୟରେ ବିଚାର କରନ୍ତୁ।

# ସ୍ୱାସ୍ଥ୍ୟ ଓ ସଚେତନତା





୩୦ ବର୍ଷ ବୟସ ଅତିକ୍ରମ କରିବା ଏକ ଉଲ୍ଲେଖନୀୟ ଉପଲବ୍ଧି ବୋଲି ସଂପ୍ରତି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି। ଏହା ଜୀବନକୁ ଉପଭୋଗ କରିବାର ଅବସର ଆଣିବା ସହିତ ନିଜର ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ପ୍ରାଧାନ୍ୟ ଦେବାର ସତର୍କଘଣ୍ଟି ମଧ୍ୟ ବଜାଇଥାଏ। ସ୍ୱାସ୍ଥ୍ୟପ୍ରଦ ଖାଦ୍ୟାଭ୍ୟାସ, ନିୟମିତ ବ୍ୟାୟାମ, ସୁନିଦ୍ରା ଏବଂ ଏସବୁ ଭିତରେ ସନ୍ତୁଳନ ରଖିବା ପରି କିଛି ସହଜ ଉପାୟ ଦ୍ୱାରା ଜଣେ ସୁସ୍ୱାସ୍ଥ୍ୟ ବଜାୟ ରଖିପାରିବ। ଏଥି ସହିତ ହୃଦ୍‌ରୋଗ ଓ ମଧୁମେହ ପରି ରୋଗ ଆଶଙ୍କାରୁ ମଧ୍ୟ ଦୂରରେ ରହି ଦୀର୍ଘସ୍ଥାୟୀ ସୁସ୍ଥତା ଆହରଣ କରିପାରିବ। ସେଥିପାଇଁ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଉଚିତ। ସାଧାରଣତଃ ୩୦ ବର୍ଷ ପରେ ପୁରୁଷମାନଙ୍କର ସ୍ୱାଭାବିକ ଭାବେ ଦଶକ ପିଛା ୩ରୁ ୫ ପ୍ରତିଶତ ମାଂସପେଶୀ ବସ୍ତୁତ୍ୱରେ ହ୍ରାସ ଘଟିଥାଏ। ଏହାକୁ ପ୍ରତିହତ କରିବା ପାଇଁ ସପ୍ତାହକୁ ଅତି କମ୍‌ରେ ଦୁଇଥର ୱେଟ୍‌ଲିଫ୍‌ଟିଂ କିଂବା ରେଜିଷ୍ଟାନ୍‌ସ ବ୍ୟାୟାମ କରିବା ଭଲ। ସେହିପରି ମାଂସପେଶୀକୁ ସଂରକ୍ଷିତ କରି ରଖିବା ଲାଗି ମାଂସ, ଦୁଗ୍ଧଜାତ ଖାଦ୍ୟ, ଶୁଷ୍କ ଫଳ ଓ ଡାଲିଜାତୀୟ ଖାଦ୍ୟ ପରି ପୁଷ୍ଟିସାର ସମ୍ବଳିତ ଭୋଜନ କରିବା ଦରକାର।

ଶରୀରକୁ ସର୍ବଦା ଆର୍ଦ୍ର ରଖିବା ପାଇଁ ପ୍ରଚୁର ପାଣି ପିଇବା ଦରକାର। ଏହା ହଜମକ୍ରିୟାରେ ସହାୟକ ହେବା ସହ ମାଂସପେଶୀର ସକ୍ରିୟତା ବଢ଼ାଇଥାଏ।

ବୟସ ୩୦ ବର୍ଷ ଅତିକ୍ରମ କଲେ ଶରୀରର କ୍ଷମତା ହ୍ରାସ ପାଇବା ଆରମ୍ଭ କରେ ସତ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ରହି କେତେକ ଭଲ ଅଭ୍ୟାସ ଆରମ୍ଭ କଲେ ଜୀବନକୁ ଦୀର୍ଘ ଓ ନିରାମୟ କରିବା ସମ୍ଭବ। ବୟସ ବଢ଼ିବା ସହ ଶରୀର ଗଠନରେ ମନ୍ଥରତା ଆସୁଥିବା ବେଳେ ଅନେକଙ୍କର ଓଜନ ବଢ଼ିବା ଦେଖାଯାଇଥାଏ। ବିଶେଷ କରି ତଳିପେଟ ଆକାରରେ ଅହେତୁକ ବୃଦ୍ଧି ଘଟିଥାଏ। ତେଣୁ ଅଣ୍ଟାର ମାପ ଉପରେ ଦୃଷ୍ଟି ରଖିବା ଗୁରୁତ୍ୱପୂର୍ଣ୍ଣ। କାରଣ ମୋଟାପଣ ହିଁ ହୃଦ୍‌ରୋଗ ଓ ଟାଇପ୍-୨ ମଧୁମେହ ରୋଗର ଆଶଙ୍କା ବଢ଼ାଇଥାଏ। ପ୍ରକ୍ରିୟାକୃତ ଖାଦ୍ୟ, ମାତ୍ରାଧିକ ଲୁଣ ଓ ମଧୁମିଶ୍ରିତ ପାନୀୟ ଛାଡ଼ି ଫଳମୂଳ, ସବୁଜ ପନିପରିବା ଓ ଶସ୍ୟ ସମ୍ବଳିତ ଖାଦ୍ୟ ସାଙ୍ଗକୁ ମଧ୍ୟମ ଧରଣର ଶାରୀରିକ କାର୍ଯ୍ୟ ଓ ଶ୍ୱାସକ୍ରିୟା ବ୍ୟାୟାମ ଦ୍ୱାରା ଅଣ୍ଟା ପରିମାପକୁ ବଜାୟ ରଖିହେବ। ମାଛ ବା ଅନ୍ୟ ଉତ୍ସରୁ ଓମେଗା-୩ ଚର୍ବିଳାମ୍ଳ ଗ୍ରହଣ କରି ହୃଦ୍‌ରୋଗ ଆଶଙ୍କାକୁ ହ୍ରାସ କରିବା ସମ୍ଭବ। ଶାରୀରିକ ବ୍ୟାୟାମ ପରି ମାନସିକ ବ୍ୟାୟାମ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଆନନ୍ଦ ଦେଉଥିବା ଅଭ୍ୟାସଗୁଡ଼ିକୁ ଆପଣେଇବା ସମେତ ସାଙ୍ଗସାଥୀ ଓ ବନ୍ଧୁ-ପରିଜନଙ୍କ ସହ ନିୟମିତ ସମ୍ପର୍କରେ ରହି ମାନସିକ ସୁସ୍ଥତା ବଜାୟ ରଖିବା ଦରକାର। ସର୍ବୋପରି ଧୂମପାନ ଓ ମଦ୍ୟପାନ ତ୍ୟାଗ କରିବା ଅପରିହାର୍ଯ୍ୟ। ୪୦ ବର୍ଷ ବୟସ ପୂର୍ବରୁ ଏପରି କରିପାରିଲେ ଅକାଳ ମୃତ୍ୟୁ ଆଶଙ୍କା ହ୍ରାସ ହୋଇଥାଏ ବୋଲି ଏକ ଅନୁଧ୍ୟାନରୁ ଜଣାପଡ଼ିଛି। ସେହିପରି ନିଜର କାର୍ଯ୍ୟଶୈଳୀ ଓ ଜୀବନଶୈଳୀ ମଧ୍ୟରେ ତାଳମେଳ ରଖିବା ଗୁରୁତ୍ୱପୂର୍ଣ୍ଣ। ଦିନକୁ ଅନ୍ତତଃ ୭ରୁ ୯ ଘଣ୍ଟା ନିଦ୍ରା ଯିବା ବିଧେୟ।




ଅମୃତ ଦୁନିଆ

୧୮ ଅଗଷ୍ଟ ୨୦୨୬

ଏକାମ୍ର

# ବଙ୍ଗୋପସାଗରରେ ପୁଣି ଲଘୁଚାପ: ରାଜ୍ୟରେ ପ୍ରବଳ ବର୍ଷା



**ଭୁବନେଶ୍ୱର(ବ୍ୟୁରୋ):** ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଛି । ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ଘନୀଭୂତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ପାଣିପାଗ ବିଭାଗ ପକ୍ଷରୁ ଆଜି କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲାଗୁଡ଼ିକରେ ପ୍ରବଳ ବର୍ଷା ସହ ଅତିବର୍ଷାର ଆଶଙ୍କା ରହିଛି । ଏଥିସହ ଅନ୍ୟ ଜିଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଲଘୁଚାପର ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ । କେତେକ ସ୍ଥାନରେ ପବନର ବେଗ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ପର୍ଯ୍ୟନ୍ତ ରହିପାରେ । ଏହାକୁ ନଜରରେ ରଖି ସମୁଦ୍ରକୂଳବର୍ତ୍ତୀ ଅଞ୍ଚଳର ମତ୍ସ୍ୟଜୀବୀ ଓ ଅନ୍ୟ ଲୋକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ପ୍ରବଳ ବର୍ଷା ଯୋଗୁ ତଳିଆ ଅଞ୍ଚଳରେ ଜଳ ଜମିବା, ରାସ୍ତାଘାଟରେ ପାଣି ପ୍ରବାହିତ ହେବା ଏବଂ ଯାତାୟାତରେ ବାଧା ସୃଷ୍ଟି ହେବାର ଆଶଙ୍କା ରହିଛି । ତେଣୁ ଜିଲା ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କୁ ପାଣିପାଗ ବିଭାଗର ସତର୍କ ସୂଚନା ଉପରେ ନଜର ରଖିବା ସହ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି ।

# ରାଜଧାନୀରେ ପୁଣି ହିଟ୍ ଆଣ୍ଡ ରନ୍, ୪ କାଉଡ଼ିଆ ଆହତ




**ଭୁବନେଶ୍ୱର(ବ୍ୟୁରୋ):** ରାଜଧାନୀରେ ପୁଣି ହିଟ୍ ଆଣ୍ଡ ରନ୍ । ୪ କାଉଡ଼ିଆଙ୍କୁ ପିଟି ଫେରାର ହୋଇଗଲା କାର । ଭୁବନେଶ୍ୱର ସତସଙ୍ଗ ବିହାର ଫ୍ଲାଏଓଭର ଉପରେ ଦୁର୍ଘଟଣା । ଆଜି ଭୋର ୪.୩୦ ରେ ଏଭଳି ଦୁର୍ଘଟଣା ଘଟିଛି । ଏଥିରେ ୪ ଜଣ ଆହତ ହୋଇଛନ୍ତି । ସମସ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । କଟକ ମହାନଦୀରୁ ପାଣି ଉଠାଇ ଲିଙ୍ଗରାଜଙ୍କୁ ଜଳାଭିଷେକ କରିବାକୁ ଯାଉଥିଲେ ପୂରା ପରିବାର । ବାଟରେ ଧକ୍କା ଦେଇ ଫେରାର ହୋଇଗଲା କାର୍ । ଆହତଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି । ସୂଚନା ଅନୁସାରେ, ଆଜି ଭୋର ପ୍ରାୟ ୪ଟା ୩୦ ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଆହତ କାଉଡ଼ିଆମାନେ କଟକ ମହାନଦୀରୁ ପାଣି ଉଠାଇ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ ଜଳାଭିଷେକ କରିବା ପାଇଁ ଯାଉଥିଲେ । ସେମାନେ ପରିବାର ସହ ଧାର୍ମିକ ଯାତ୍ରାରେ ବାହାରିଥିଲେ । ତେବେ ଭୁବନେଶ୍ୱରର ସତସଙ୍ଗ ବିହାର ଫ୍ଲାଏଓଭର ଉପରେ ପହଞ୍ଚିବା ପରେ ହଠାତ୍ ଏକ କାର ଦ୍ରୁତ ଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା । କାରଟି ଧକ୍କା ଦେବା ପରେ ଘଟଣାସ୍ଥଳରେ ନ ରହି ତୁରନ୍ତ ଫେରାର ହୋଇଯାଇଥିଲା । ଦୁର୍ଘଟଣା ପରେ ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ସମସ୍ତ ୪ ଜଣଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ।

# ଶ୍ରାବଣ ତୃତୀୟ ସୋମବାର, ଜଳଲାଗି ପାଇଁ ଭକ୍ତଙ୍କ ଲମ୍ବା ଲାଇନ୍



**ଭୁବନେଶ୍ୱର(ବ୍ୟୁରୋ):** ଆଜି ପବିତ୍ର ଶ୍ରାବଣ ମାସର ତୃତୀୟ ସୋମବାର । ରାଜ୍ୟର ବିଭିନ୍ନ ଶୈବପୀଠରେ କାଉଡ଼ିଆଙ୍କ ଭିଡ଼ । ବୋଲବମ୍ ହର ହର ବମ୍ ଧ୍ୱନିରେ ପ୍ରକମ୍ପିତ ହେଉଛି ପରିବେଶ । ଜଳଲାଗି ପାଇଁ ଲମ୍ବା ଲାଇନରେ ଛିଡ଼ା ହୋଇଛନ୍ତି ଶ୍ରଦ୍ଧାଳୁ । ଶୈବପୀଠରେ ଜଳଲାଗି କରିବାକୁ କାଉଡିଆଙ୍କ ପ୍ରବଳ ସମାଗମ ହୋଇଛି । ଲିଙ୍ଗରାଜ ମନ୍ଦିରରେ ଭୋରୁ ଲାଇନ ଲଗାଇଛନ୍ତି କାଉଡିଆ । ଫୁଲରେ ସଜେଇ ହୋଇଛି ଲିଙ୍ଗରାଜ ମନ୍ଦିର । ବ୍ୟାରିକେଡ୍ ଦେଇ ଭିତରକୁ ପ୍ରବେଶ କରୁଛନ୍ତି । ଏହି ଦିନ ଭକ୍ତିଭାବରେ ଶିବଙ୍କ ଉପାସନା କଲେ ସୁଖ, ଶାନ୍ତି, ସମୃଦ୍ଧି ଓ ମନୋକାମନା ପୂରଣ ହୁଏ ବୋଲି ଧାର୍ମିକ ବିଶ୍ୱାସ ରହିଛି । ସୁରକ୍ଷା ଦୃଷ୍ଟିରୁ ବ୍ୟାରିକେଡ ବ୍ୟବସ୍ଥା କରାଯାଇଛି । ଶ୍ରାବଣ ସୋମବାରରେ ଭକ୍ତି ଓ ନିଷ୍ଠାର ସହ ଭଗବାନ ଶିବଙ୍କ ଉପାସନା କଲେ ସୁଖ, ଶାନ୍ତି ଓ ସମୃଦ୍ଧି ମିଳିବା ସହ ମନୋକାମନା ପୂରଣ ହୁଏ ବୋଲି ଧାର୍ମିକ ବିଶ୍ୱାସ ରହିଛି । ଏହି ବିଶ୍ୱାସକୁ ନେଇ ହଜାର ହଜାର ଭକ୍ତ ମହାଦେବଙ୍କ ଦର୍ଶନ ଓ ଜଳଲାଗି ପାଇଁ ଶୈବପୀଠରେ ପହଞ୍ଚିଛନ୍ତି । ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ମନ୍ଦିର ପରିସର ଓ ପ୍ରବେଶ ପଥରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯିବା ସହ ଭିଡ଼ ନିୟନ୍ତ୍ରଣ ଉପରେ ନଜର ରଖାଯାଉଛି । ଭକ୍ତି ଓ ଆଧ୍ୟାତ୍ମିକତାର ପରିବେଶ ମଧ୍ୟରେ ଶ୍ରାବଣ ତୃତୀୟ ସୋମବାର ପାଳନ କରୁଛନ୍ତି ଶିବଭକ୍ତ ।

# ବନ୍ୟା ପ୍ରଭାବିତ ଜିଲ୍ଲା ପାଇଁ ୩ ବିଜେଡି ନେତା ନିଯୁକ୍ତ

**ଭୁବନେଶ୍ୱର(ବ୍ୟୁରୋ):** ବନ୍ୟା ପ୍ରଭାବିତ ଜିଲ୍ଲା ପାଇଁ ଈଓଉର ୩ ନେତା ନିଯୁକ୍ତ । ବନ୍ୟାଞ୍ଚଳ ପରିଦର୍ଶନ କରି ପ୍ରଭାବିତଙ୍କ ସହ ଆଲୋଚନା କରିବେ ବିଜେଡିର ବରିଷ୍ଠ ନେତା । ଯାଜପୁର ଜିଲ୍ଲା ପାଇଁ ପ୍ରଦୀପ ଅମାତ, ଭଦ୍ରକ ପାଇଁ ଅରୁଣ ସାହୁ ଓ ବାଲେଶ୍ୱର ଜିଲ୍ଲା ପାଇଁ ସଞ୍ଜୟ ଦାସବର୍ମାଙ୍କୁ ନିଯୁକ୍ତ କରାଯାଇଛି । ସେମାନେ ବନ୍ୟାଞ୍ଚଳ ବୁଲିବେ । ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସମନ୍ୱୟ କରିବେ ବୋଲି ସୂଚନା । ଡବଲ୍ ବନ୍ୟାରେ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲା ଉବୁଟୁବୁ ହେଉଛି । ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଭଦ୍ରକ ଜିଲ୍ଲାରେ ବନ୍ୟା ସ୍ଥିତି ଘନଉଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି , ସ୍କୁଲ ଛୁଟି ଘୋଷଣା କରି ଦିଆଯଇଛି । ଏହା ଛଡା ପ୍ରଶାସନ ପକ୍ଷରୁ ସମୁଦ୍ରରେ ମାଛ ମରା କିମ୍ବା ମତ୍ସ୍ୟଜିବୀଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ



କରାଯାଇଛି । ଯେଉଁମାନେ ସମୁଦ୍ରରେ ଅଛନ୍ତି, ସେମାନଙ୍କୁ ଫେରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବୈତରଣୀ ନଦୀ ଆଖୁଆପଦା ଠାରେ ବିପଦ ସଙ୍କେତ ପାଖରେ ପ୍ରବାହିତ ହେଉଛି । ସେହିପରି ସାଳନ୍ଦୀ ନଦୀ ରାଜଘାଟ ଠାରେ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି । ବନ୍ୟା ପାଇଁ ୧ ଲକ୍ଷ ୭ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ଅନେକ ସ୍ଥାନରେ ରାସ୍ତା ଧୋଇଯାଇଛି । ଧୁଷୁରୀରୁ ଯାଜପୁର ଯାଉଥିବା ରାସ୍ତାର ହସନାବାଦଠାରେ ରାସ୍ତା ଧୋଇଯିବା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ସେପଟେ ବନ୍ୟା ବିପନ୍ନ ହିନସ୍ତା ହେଉଛନ୍ତି । କୋଚିଲା ଓ ବୈତରଣୀ ନଦୀର ବନ୍ୟା ପାଣି ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ାଇଛି । ସେହିପରି ଯାଜପୁର ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର ଛୁଟି ଘୋଷଣା ହୋଇଛି । ବନ୍ୟା ପାଇଁ ଯାଜପୁର ଦାୟିତ୍ୱରେରେ ଥିବା ଆଇଏଏସ୍ ଅଧିକାରୀ ପି. ଅନ୍ୱେଷା ରେଡ୍ଡୀ ଦଶରଥପୁର ବନ୍ୟା ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ପୁଣି ବୈତରଣୀ, କାଣୀ ଓ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇଛି । ଯାଜପୁର ଜିଲ୍ଲାର ୮ଟି ବ୍ଲକର ୨୪୨ଟି ଗାଁ ବନ୍ୟା ପ୍ରଭାବିତ ହୋଇଛି । ଜଳବନ୍ଦୀ ଅଞ୍ଚଳରେ ବୋଟ୍ ଯୋଗେ ଘର ଘର ବୁଲି ରନ୍ଧା ଖାଦ୍ୟ, ପାନୀୟ ଜଳ, ରିଲିଫ୍ ସାମଗ୍ରୀ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଥିବା ଜିଲ୍ଲାପାଳ କହିଛନ୍ତି । ସେପଟେ ଜଳେଶ୍ୱରରେ ପୁଣି ବିପଦ ସଂକେତ ଟପିଲା ଜଳକା । ବସ୍ତାର ମଥାନି ଠାରେ ବିପଦ ସଂକେତ ୬.୫୦ମିଟର ଥିଲା ବେଳେ ଏହା ବଢ଼ି ୬.୫୨ ମିଟର ଉପରେ ପ୍ରବାହିତ ହେଉଛି ପାଣି । ଉପର ମୁଣ୍ଡ ମୟୁରଭଞ୍ଜରେ ଲଗାଣ ବର୍ଷା ଯୋଗୁଁ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି । ଜଳକାରେ ଦୁଇ ଦୁଇ ଥର ବନ୍ୟା ଆସି ଚାଷବାସ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା ବେଳେ ଏବେ ପୁଣି ବନ୍ୟା ଡରାଉଛି । ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଥିବା ବେଳେ ଏବେ ପୁଣି ଥରେ ବନ୍ୟା ଛାନିଆ କରିଛି ।..

# 'ଇନ୍ଦ୍ରଙ୍କ ସହ କଥା ହେଉଥିଲେ କି ନବୀନ' : ରାଜସ୍ୱ ମନ୍ତ୍ରୀ



**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟର ଅନେକ ସ୍ଥାନରେ ଲଗାଣ ବର୍ଷା ସାଙ୍ଗକୁ ଜଳବନ୍ଦୀ ସ୍ଥିତି ଦେଖାଦେଇଛି । ଏହାକୁ ନେଇ ରାଜନୀତି ମଧ୍ୟ ସରଗରମ ହୋଇଛି । ସହରାଞ୍ଚଳରେ କୃତ୍ରିମ ବନ୍ୟାକୁ ନେଇ ବିରୋଧୀ ସରକାରଙ୍କୁ ଘେରିଥିବା ବେଳେ ପାଲଟା ଜବାବ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ ସିଧାସଳଖ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଛନ୍ତି । ସୁରେଶ ପୂଜାରୀ କହିଛନ୍ତି, ନବୀନ ବାବୁ ଇନ୍ଦ୍ରଙ୍କ ସହିତ ସିଧା କଥା ହୁଅନ୍ତି କି ? ରାଜ୍ୟରେ ଅଧିକ ବର୍ଷା ହେଉଛି । ସେଥିପାଇଁ କଣ ଆମ ସରକାର ଦାୟୀ । ବିଜେଡି ସରକାର ଥିବା ବେଳେ ନବୀନ ପଟ୍ଟନାୟକ କ'ଣ ଇନ୍ଦ୍ରଦେବଙ୍କ ସହିତ କଥା ହେଉଥିଲେ କି ? ତା'ହେଲେ ଆମକୁ ବି ନମ୍ବର ଦିଅନ୍ତୁ । କେବଳ ଏତିକି ନୁହେଁ ଟୁଇନ୍ ସିଟି ସମେତ ବିଭିନ୍ନ ସହରାଞ୍ଚଳରେ ସୃଷ୍ଟି ହେଉଥିବା ଜଳବନ୍ଦୀ ପାଇଁ ପୂର୍ବ ସରକାରଙ୍କ ଅପାରଗତା ହିଁ ପ୍ରମୁଖ କାରଣ ବୋଲି କହିଛନ୍ତି । ଦୀର୍ଘ ୨୪ ବର୍ଷ ଧରି ଶାସନରେ ଥିବା ବିଜେଡି ସରକାର ଯଦି ଡ୍ରେନେଜ୍ ବ୍ୟବସ୍ଥା ଠିକ୍ କରିଥାନ୍ତେ, ତେବେ ଲୋକଙ୍କୁ ଏଭଳି ହଇରାଣ ହରକତ ହେବାକୁ ପଡିନଥାନ୍ତା ବୋଲି କହିଛନ୍ତି । ତେବେ ରାଜସ୍ୱ ମନ୍ତ୍ରୀଙ୍କ ପାଲଟା ଜବାବ ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି ।

# ରାଜସ୍ୱ ଅଧିକାରୀଙ୍କ ସହ ବିଡିଏର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ

**ଭୁବନେଶ୍ୱର(ବ୍ୟୁରୋ):** ରାଜସ୍ୱ ବିଭାଗର ଅଧିକାରୀଙ୍କ ସହ ବିଡିଏର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ତ୍ରୁଟିଶୂନ୍ୟ ଭୂଲେଖ ରେକର୍ଡ ଅପ୍‌ଲୋଡ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେଟେଲ୍‌ମେଣ୍ଟ ରେକର୍ଡ ସହ ଭୂଲେଖ ରେକର୍ଡ ତାଳମେଳ ରହୁ ନଥିବାରୁ ଅନେକ ସରକାରୀ ପ୍ରକଳ୍ପ ବାଧାପ୍ରାପ୍ତ ହେଉଛି । ଆଗକୁ ଯେଭଳି ସେଟେଲ୍‌ମେଣ୍ଟ ରେକର୍ଡ ସହ ଭୂଲେଖ ରେକର୍ଡର ମେଳକ ରହିବ, ତାକୁ ଗୁରୁତ୍ୱ ଦେବାକୁ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଭୁବନେଶ୍ୱରରେ ରାଜ୍ୟବାସୀଙ୍କ ରହିବାର ଇଚ୍ଛାକୁ ପୂରଣ କରିବା, ଜନସଂଖ୍ୟା ବୃଦ୍ଧିର ଚାପକୁ କମାଇବା ସହ ଭୁବନେଶ୍ୱର ସହରାଞ୍ଚଳ କ୍ଷେତ୍ରର ସଂପ୍ରସାରଣ ପାଇଁ ରାଜ୍ୟ ସରକାର ଭୁବନେଶ୍ୱର ସହରକୁ ଲାଗି ୪୫ଟି ଟାଉନ୍ ପ୍ଲାନିଂ(ଟିପି) ଯୋଜନା କରୁଛନ୍ତି । ଇତିମଧ୍ୟରେ କେତେକ ଟିପି ପ୍ରକଳ୍ପର ଗେଜେଟ୍ ବିଜ୍ଞପ୍ତି ବାହାରିବା ସହ ବିକାଶ କାମ ବି ଚାଲିଛି । କିନ୍ତୁ ଜମି ବିବାଦ ଏଥିରେ ପ୍ରତିବନ୍ଧକ ସାଜିଛି । ବିଡିଏ ଡେପୁଟି କମିସନର(ଟାଉନ୍ ପ୍ଲାନିଂ) ଭବତାରଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହା ଉପରେ ବିସ୍ତୃତ ଆଲୋଚନା ହୋଇଛି । ବୈଠକରେ ମଳିପଡ଼ା ଓ ଦାସପୁର ମୌଜାକୁ ନେଇ ବିକଶିତ ହେଉଥିବା ଟାଉନ୍ ପ୍ଲାନିଂ ଯୋଜନା ୫, ୬ ଓ ୭ ଏବଂ ବିଜିପୁର, ଭଗବାନପୁର, କାଶିପୁର, ପାତ୍ରପଡ଼ା ଓ ବାଲିଆପଡ଼ା ମୌଜାକୁ ନେଇ ବିକଶିତ ହେଉଥିବା ୪୨ରୁ ୪୫ ନମ୍ବର ଟାଉନ୍ ପ୍ଲାନିଂ ଯୋଜନା ଉପରେ ବିସ୍ତୃତ ଆଲୋଚନା



ହୋଇଥିଲା । ଏହି ଅଞ୍ଚଳ ସହ ସଂପୃକ୍ତ ଭୁବନେଶ୍ୱର ତହସିଲ୍‌ର ଅଧିକାରୀ, ପ୍ଲାନିଂ ଅଧିକାରୀ, ଫିଲ୍ଡ ଇନ୍ସପେକ୍ଟର, ସର୍ଭେ ଏଜେନ୍ସି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ । ଜୁଲାଇ ୧୦ରେ ରାଜ୍ୟ ସରକାର ଟିପି ୫, ୬, ୭, ୪୨, ୪୩, ୪୪ ଓ ୪୫ ସଂପର୍କିତ ଗେଜେଟ୍ ବିଜ୍ଞପ୍ତି ଜାରି କରି ଜମି ମାଲିକଙ୍କୁ ଫର୍ମ-୪ ଆଧାରରେ ସେମାନଙ୍କ ଜମିଜମାର ସମସ୍ତ କାଗଜପତ୍ର ଘାଟିକିଆ କେ-୭ ବିଡିଏ ଟାଉନ୍ ପ୍ଲାନିଂ କାର୍ଯ୍ୟାଳୟରେ ଦାଖଲ କରିବାକୁ କହିଛନ୍ତି । ସେପ୍ଟେମ୍ବର ୧୦ କାଗଜପତ୍ର ଦାଖଲର ଶେଷ ତାରିଖ । କାଗଜପତ୍ରର ସବିଶେଷ ଯାଞ୍ଚ କରି ସ୍ୱଚ୍ଛ ଓ ବ୍ୟବସ୍ଥିତ ପ୍ରକ୍ରିୟାରେ ଜମି ମାଲିକଙ୍କ ଜମିଜମାର ବିବରଣୀ ପ୍ରସ୍ତୁତ କରିବାକୁ କୁହାଯାଇଛି । କିନ୍ତୁ ସେଟେଲ୍‌ମେଣ୍ଟ ଜମିଜମା ତଥ୍ୟ ଓ ଭୂଲେଖ ତଥ୍ୟ ମେଳ ଖାଉ ନଥିବାରୁ ଯାଞ୍ଚ ସମୟରେ ଅସୁବିଧା ହେଉଛି ବୋଲି ବୈଠକରେ ସଂପୃକ୍ତ ଅଧିକାରୀମାନେ ଅଭିଯୋଗ କରିଥିଲେ । ଯାଞ୍ଚ ବେଳେ ସେଟେଲ୍‌ମେଣ୍ଟରେ କମ୍ ଜମି ଥିଲେ, ଭୂଲେଖରେ ଅଧିକ ଜମି ଦେଖାଉଛି । ବେଳେବେଳେ ଭୂଲେଖରେ କମ୍ ଜମି ଥିଲେ, ସେଟେଲ୍‌ମେଣ୍ଟରେ ଅଧିକ ଜମି ଦେଖାଉଛି ବୋଲି ଅଭିଯୋଗ ଉଠିଥିଲା । ଏଣୁ ସମନ୍ୱୟ ଭିତ୍ତିରେ ଭୂଲେଖ ତଥ୍ୟ ତ୍ରୁଟିଶୂନ୍ୟ ସଂଶୋଧନ ପାଇଁ ରାଜସ୍ୱ ଅଧିକାରୀଙ୍କୁ କୁହାଯାଇଥିଲା । ବୈଠକରେ ଜମି ଅଧିକାରୀ ଲିପ୍ସା ରୟ, ଅତିରିକ୍ତ ଜମି ଅଧିକାରୀ ପ୍ରଭାତ ତରାଇ, ଅତିରିକ୍ତ ତହସିଲଦାର ପ୍ରିୟଙ୍କା ନହଙ୍କ, ଅତିରିକ୍ତ ତହସିଲଦାର ଗୁପ୍ତେଶ୍ୱର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ସିଦ୍ଧାର୍ଥ ଦାସ, ଆସୋସିଏଟ୍ ପ୍ଲାନର ସୁପର୍ଣ୍ଣା ସୁରୋଭିତା ଦାସ, ଆସିଷ୍ଟାଣ୍ଟ ଟାଉନ୍ ପ୍ଲାନର ମାନସୀ ମହାନ୍ତି, ଏମ୍‌ଆଇ ଶୁଭ୍ରୋଜିତ ପାଣିଗ୍ରାହୀ, ସୌମ୍ୟ ପ୍ରକାଶ, ମନୋରଂଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଗ୍ୟାରେଜରେ ଭୟାବହ ଅଗ୍ନିକାଣ୍ଡ, ଜଳିଗଲା ୮ ଗାଡ଼ି

**ଭୁବନେଶ୍ୱର(ବ୍ୟୁରୋ):** ବରମୁଣ୍ଡାରେ ଏକ ଗ୍ୟାରେଜରେ ଭୟାବହ ଅଗ୍ନିକାଣ୍ଡ । ରଠରେ ସର୍ଟସର୍କିଟରୁ ଲାଗିଲା ନିଆଁ । ଅଗ୍ନିକାଣ୍ଡରେ ଜଳିଗଲା ଉଘଏ କାର, ୫ ରଠ ଓ ୨ ପେଟ୍ରୋଲ୍ ଗାଡ଼ି ଜଳିଗଲା । ଭୁବନେଶ୍ୱର ବରମୁଣ୍ଡା କଲୋନୀ ନାକାଗେଟ୍ ଆନନ୍ଦ ବିହାରରେ ଥିବା ଏକ ଗ୍ୟାରେଜରେ ଘଟିଛି ଅଗ୍ନିକାଣ୍ଡ । ରଠ ଗାଡ଼ିରେ ବିଦ୍ୟୁତ୍ ସର୍ଟସର୍କିଟ୍ ରୁ ନିଆଁ ଲାଗିଥିବା ସୂଚନା । ଘଟଣାର ଖବର ପାଇ ତମାଣ୍ଡୋ ଫାୟାର୍ ଷ୍ଟେସନ୍ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ଅଗ୍ନିକାଣ୍ଡ ଯୋଗୁଁ ଗ୍ୟାରେଜ ଭିତରେ ହଠାତ୍ ଧୂଆଁ ଓ ନିଆଁ ବ୍ୟାପିଯାଇଥିଲା । ନିଆଁର ତୀବ୍ରତା ଦେଖି ଆଖପାଖ ଅଞ୍ଚଳରେ ମଧ୍ୟ ଆତଙ୍କ ଖେଳିଯାଇଥିଲା । ଘଟଣା ସମ୍ପର୍କରେ ଖବର ପାଇବା ପରେ ତମାଣ୍ଡୋ ଫାୟାର ଷ୍ଟେସନ୍‌ର ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ରଠ ଗାଡ଼ିରେ ସର୍ଟସର୍କିଟ୍ ଯୋଗୁଁ ହିଁ ନିଆଁ ଲାଗିଥିଲା କି ଅନ୍ୟ କୌଣସି କାରଣ ରହିଛି, ତାହା ନେଇ ଅଧିକ ତଦନ୍ତ ପରେ ସ୍ପଷ୍ଟ ହେବ । ଅଗ୍ନିକାଣ୍ଡର ପ୍ରକୃତ କାରଣ ଏବଂ କ୍ଷୟକ୍ଷତିର ପରିମାଣ ନେଇ ତଦନ୍ତ ଜାରି ରହିଛି ।

# ଆଖିବୁଜିଲା ଜୟଶ୍ରୀ ଶାବକ



**ଭୁବନେଶ୍ୱର(ବ୍ୟୁରୋ):** ନନ୍ଦନକାନନ ପ୍ରାଣୀଉଦ୍ୟାନ ପାଇଁ ଆଜି ଥିଲା ଏକ ଦୁଃଖଦ ଦିନ । ବାଘୁଣୀ ଜୟଶ୍ରୀର ପ୍ରଥମ ଗର୍ଭରୁ ଜନ୍ମ ନେଇଥିବା ସାଧାରଣ ନାଲି ରଙ୍ଗର ଅଣ୍ଡିରା ଶାବକଟି ଆଜି ୯ମାସ ବୟସରେ ଆଖିବୁଜିଛି । ମା' ବାଘୁଣୀ ଜୟଶ୍ରୀ ଛୁଆ ଜନ୍ମଦେବା ପରେ ପରେ ୨ଟି ଶାବକଙ୍କର ମୃତ୍ୟୁ ହୋଇଥିଲା ଏବଂ ଏହି ଛୁଆଟିକୁ ବହୁ ଯତ୍ନରେ ପ୍ରାଣୀ ଚିକିତ୍ସାକେନ୍ଦ୍ରରେ ରଖି ଲାଳନପାଳନ କରାଯାଉଥିଲା । ପ୍ରଥମରୁ ରୋଗିଣା ଥିବା ଏହି ଅଣ୍ଡିରା ଛୁଆଟିକୁ ବହୁ ସେବା ଯତ୍ନକରି ୯ମାସ ପର୍ଯ୍ୟନ୍ତ ଜନ୍ତୁରକ୍ଷକମାନେ ବଞ୍ଚାଇ ରଖିଥିଲେ ହେଁ ଆଜି ତା'ର ମୃତ୍ୟୁ ହୋଇଯାଇଛି । ମୃତ୍ୟୁର କାରଣ ଜଣାପଡ଼ିନାହିଁ । ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଉଛି । ୨୦୨୫ ଡିସେମ୍ବର ୨୮ରେ ବାଘୁଣୀ ଜୟଶ୍ରୀର ପ୍ରଥମ ଗର୍ଭରୁ ୩ଟି ଶାବକ ଜନ୍ମ ନେଇଥିଲେ । ସାଧାରଣ ନାଲି ରଙ୍ଗର ବାଘୁଣୀ ଜୟଶ୍ରୀ ଓ ମହାବଳ ଅମିତର ମିଳନରୁ ଏହି ଶାବକମାନେ ଜନ୍ମ ନେଇଥିଲେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉଭୟ ଜୟଶ୍ରୀ ଓ ଅମିତ୍ ଗୋଟିଏ ମାଆର ଛୁଆ ଥିଲେ । ଉଭୟେ ଗୋଟିଏ ଖୁଆଡ଼ରେ ରହୁଥିଲେ ଏବଂ ଅପରିପକ୍ୱ ବୟସରେ ଏମାନଙ୍କର ମିଳନ ହୋଇଥିଲା । ସମବଂଶୀ ବା ଏକକ ରକ୍ତଜନିତ, ପୁଣି ଅପରିପକ୍ୱ ଗର୍ଭଧାରଣ ପରେ ଜୟଶ୍ରୀର ପ୍ରଥମ ଗର୍ଭରୁ ୩ଟି ଶାବକ ଜନ୍ମ ହୋଇଥିଲେ । ପ୍ରଥମ ଥର ପାଇଁ ମାଆ ହୋଇଥିବା ବାଘୁଣୀ ଜୟଶ୍ରୀ ନବଜାତ ଛୁଆଙ୍କ ଠିକ୍ ଯତ୍ନ ନ ନେବାରୁ ୨ଟି ଶାବକଙ୍କର ମୃତ୍ୟୁ ହୋଇଯାଇଥିଲା । ସେହିଭଳି ଏକକ ରକ୍ତଜନିତ ଶାବକ ହୋଇଥିବାରୁ ୩ଟିଯାକ ଛୁଆ ରୋଗିଣା ହୋଇଥିଲେ । ତେଣୁ ବଞ୍ଚିଥିବା ସାଧାରଣ ନାଲି ରଙ୍ଗର ଅଣ୍ଡିରା ବାଘ ଛୁଆଟିକୁ ମାଆଠାରୁ ଅଲଗା କରାଯାଇଥିଲା ।

# ବନ୍ୟା ପାଇଁ ପରୀକ୍ଷା ଘୁଞ୍ଚାଇଲା ଉତ୍କଳ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟରେ ବନ୍ୟା ପରିସ୍ଥିତି ଉପୁଜିଛି । ଏହାକୁ ଦୃଷ୍ଟିରେ ରଖି ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୂର୍ବ ପ୍ରସ୍ତୁତ ପରୀକ୍ଷା ସମୟ ସାରଣୀରେ ପରିବର୍ତ୍ତନ କରାଯାଇଛି । ସୋମବାର ହେବାକୁ ଥିବା ସ୍ନାତକ, ବିଏସ୍‌ସି, ଆଇଟିଏମ୍, ବିଏସ୍‌ସି କମ୍ପ୍ୟୁଟର ସାଇନ୍ସ, ବିଏଡ୍ (ୟୁଡିଟିଇ)ର ଚତୁର୍ଥ ସେମିଷ୍ଟର ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି । ପରବର୍ତ୍ତୀ ସମୟରେ ଏହାର ନୂଆ ତାରିଖ ଘୋଷଣା କରାଯିବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସମସ୍ତ ଡିଗ୍ରୀ କଲେଜ, ସେଲ୍ଫ ଫାଇନାନ୍ସ କଲେଜରେ ପୂର୍ବରୁ ଚତୁର୍ଥ ସେମିଷ୍ଟର ପରୀକ୍ଷା ପାଇଁ ପୂର୍ବ ପ୍ରସ୍ତୁତ ହୋଇଥିଲା । ଏଥିରେ ଆଜି ସ୍ନାତକ, ବିଏସ୍‌ସି , ଆଇଟିଏମ୍, ବିଏସ୍‌ସି କମ୍ପ୍ୟୁଟର ସାଇନ୍ସ, ବିଏଡ୍ (ୟୁଡିଟିଇ)ର ପରୀକ୍ଷା ରହିଥିଲା । ମାତ୍ର ରାଜ୍ୟର କିଛି ସ୍ଥାନରେ ବନ୍ୟା ପରିସ୍ଥିତି ହୋଇଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି ।

# ଆବାସିକ ପ୍ଲାନ୍‌ରେ ବ୍ୟବସାୟ କଲେ ଟ୍ରେଡ୍ ଲାଇସେନ୍ସ ବାତିଲ୍




**ଭୁବନେଶ୍ୱର(ବ୍ୟୁରୋ):** ଆବାସିକ ପ୍ଲାନିଂ ନେଇ ବ୍ୟବସାୟ କରିବା ମହଙ୍ଗା ପଡିବ । ସବୁ ବାଣିଜ୍ୟିକ ଅନୁଷ୍ଠାନର ଟ୍ରେଡ୍ ଲାଇସେନ୍ସ ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛି ବିଏମ୍‌ସି । ବିଏମ୍‌ସି ପକ୍ଷରୁ ଏନେଇ ୩ ଜୋନାଲ କମିଶନରଙ୍କୁ ଯାଞ୍ଚ କରି ଲାଇସେନ୍ସ ବାତିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଏମ୍‌ସି ଅଞ୍ଚଳରେ ପ୍ରାୟ ୪୬୩୯ଟି ବ୍ୟାବସାୟିକ ପ୍ରତିଷ୍ଠାନ ରହିଛି । ଯେଉଁ ପ୍ରତିଷ୍ଠାନ ଆବାସିକ ପ୍ଲାନିଂ ଆପ୍ରୁଭାଲ ନେଇ ବ୍ୟବସାୟ କରୁଛନ୍ତି, ସେସବୁ ଅନୁଷ୍ଠାନ ବିଏମ୍‌ସି ପୂର୍ବରୁ ତାଲିକାଭୁକ୍ତ କରିବା ସହ ସୁପ୍ରିମ୍‌କୋର୍ଟରେ ସତ୍ୟପାଠ ଦାଖଲ କରିଛି । ବିଏମ୍‌ସି ପକ୍ଷରୁ ଏବେ ଜୋରଦାର ଅଭିଯାନ ଆରମ୍ଭ ହେବ । ସବୁ ବଡ଼ ବଡ଼ ଅନୁଷ୍ଠାନକୁ ସିଲ୍ କରାଯିବା ସହ ଯେଉଁମାନେ ବ୍ୟବସାୟ କରିବାକୁ ଟ୍ରେଡ୍ ଲାଇସେନ୍ସ ପାଇଛନ୍ତି ସେମାନଙ୍କ ଲାଇସେନ୍ସ ବାତିଲ କରିବାକୁ ବିଏମ୍‌ସି ନିର୍ଦ୍ଦେଶ ଦେଇଛି । ଦକ୍ଷିଣ ପୂର୍ବ ଜୋନ୍‌ରେ ୧୩୮୦ ପ୍ରତିଷ୍ଠାନ ରହିଛି । ଏଥିରେ ବ୍ୟବସାୟ କରୁଥିବା ଦୋକାନଗୁଡ଼ିକର ଟ୍ରେଡ୍ ଲାଇସେନ୍ସ ବାତିଲ କରାଯିବ । ସହିଦନଗର ଏବଂ ବାପୁଜିନଗର ଅଞ୍ଚଳରେ ବାତିଲ ଅଭିଯାନ ଜୋରଦାର କରାଯାଇଛି । ଏହା ସହ ଉତ୍ତର ଜୋନ୍‌ରେ ୧୭୧୨ ଏବଂ ଦକ୍ଷିଣ-ପଶ୍ଚିମ ଜୋନ୍ରେ ୧୫୪୦ ଦୋକାନର ଟ୍ରେଡ୍ ଲାଇସେନ୍ସ ବାତିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଖାଲି ବ୍ୟାବସାୟିକ ପ୍ରତିଷ୍ଠାନ ନୁହେଁ, ବିଏମ୍‌ସି ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ଚିଠି ଲେଖି ଅବଗତ କରାଯାଇଛି । ଭୁବନେଶ୍ୱର ଅଞ୍ଚଳରେ କେତେ ବେସରକାରୀ ସ୍କୁଲ, କଲେଜ୍, କୋଚିଂ ସେଣ୍ଟର ରହିଛି ତାର ଏକ ତାଲିକା ଦାଖଲ କରିବାକୁ କୁହାଯାଇଛି । ଏପରି କି ସେମାନଙ୍କ ପାଖରେ ବୈଧ ପ୍ଲାନ୍ ଆପ୍ରୁଭାଲ ଅଛି କି ନାହିଁ ତାହା ମଧ୍ୟ ଯାଞ୍ଚ କରାଯିବ । ଏହାସହ ସବୁ ଘରୋଇ ହସ୍ପିଟାଲର ତାଲିକା ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ମଧ୍ୟ କୁହାଯାଇଛି ।

# ଅପହଞ୍ଚ ଅଞ୍ଚଳରେ ନିର୍ମାଣ ହେବ ୨୦୯୯ କିମି ରାସ୍ତା

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟରେ ବହୁ ମାଓ ପ୍ରଭାବିତ ଜିଲ୍ଲା, ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳ ରହିଛି ଯେଉଁଠାରେ ଆଜି ବି ସଡ଼କ ସଂଯୋଗ ପହଞ୍ଚିନାହିଁ । ସେହି ସବୁ ଗାଁ କିମ୍ବା ଅଞ୍ଚଳକୁ ସବୁଦିନିଆ ରାସ୍ତା ନିର୍ମାଣ କରାଯିବ । ଏଥିପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା-ଦୁର୍ଗମ ଅଞ୍ଚଳର ଅଣସଂଯୁକ୍ତ ଗ୍ରାମଗୁଡ଼ିକର ସଂଯୋଗୀକରଣ (ଏମ୍‌ଏମ୍‌ଏସ୍‌ୱାଇ-ସିୟୁଭିଡିଏ) ଅଧୀନରେ ପାଞ୍ଚ ବର୍ଷରେ ୨୦୯୯ କିଲୋମିଟର ରାସ୍ତା ତିଆରି କରିବାକୁ ଲକ୍ଷ୍ୟ ରଖାଯାଇଛି । ୨୦୨୬-୨୭ରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫ ବର୍ଷରେ ଏହି ଯୋଜନାରେ ୧୩୦୦ କୋଟି ଟଙ୍କା ବ୍ୟୟ କରାଯିବ । ସରକାରୀ ତଥ୍ୟ ଅନୁଯାୟୀ, ଏହି ଯୋଜନାରେ ମାଓ ଉପଦ୍ରୁତ ଓ ଦୁର୍ଗମ ଅଞ୍ଚଳରେ ଥିବା ଗାଁଗୁଡ଼ିକୁ ପ୍ରାଥମିକତା ଦିଆଯିବ । ମାଓ ଉପଦ୍ରୁତ ଅଞ୍ଚଳରେ



ବିଏସ୍‌ଏଫ୍ ଯାନବାହନ ଚଳାଚଳ ସୁବିଧା ପାଇଁ ରାଜ୍ୟ ଗୁଇନ୍ଦା ବିଭାଗ ସୁପାରିସ ଆଧାରରେ ନୂଆ ରାସ୍ତା ପ୍ରକଳ୍ପ ହାତକୁ ନିଆଯିବ । ଦରକାର ସ୍ଥାନରେ ପୋଲ ମଧ୍ୟ ନିର୍ମାଣ କରାଯିବ । କୌଣସି ପ୍ରକାର ରାସ୍ତା କିମ୍ବା ଭିତ୍ତିଭୂମି ନିର୍ମାଣ କରିବା ପୂର୍ବରୁ ଜମି ଉପଲବ୍ଧତାକୁ ସ୍ପଷ୍ଟ କରାଯିବ । ଗ୍ରାମାଞ୍ଚଳ ସଡ଼କ ପାଇଁ ଆବଶ୍ୟକ ସମସ୍ତ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯିବ । ଗ୍ରାମୀଣ ବିକାଶ ବିଭାଗ ପକ୍ଷରୁ 'ଏମ୍‌ଏମ୍‌ଏସ୍‌ୱାଇ-ସିୟୁଭିଡିଏ' ଯୋଜନାକୁ ନେଇ ଜାରି କରାଯାଇଥିବା ଗାଇଡ୍‌ଲାଇନ୍ ଅନୁସାରେ ନୂଆ ରାସ୍ତା ତିଆରି କରିବା ବେଳେ ଯଦି ତାହାର ପାର୍ଶ୍ୱରେ ୨୦୦ ମିଟର ଭିତରେ ବିଦ୍ୟାଳୟ, ଡାକ୍ତରଖାନା କିମ୍ବା ବଜାର ରହିଥିବ ତେବେ ସେହି ସ୍ଥାନକୁ ମଧ୍ୟ ରାସ୍ତା ସଂଯୋଗ ପ୍ରଦାନ କରାଯିବ । ରାସ୍ତା ନିର୍ମାଣ ପାଇଁ ପ୍ରସ୍ତୁତ କରାଯିବାକୁ ଥିବା ଡିଟେଲ୍ଡ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର)ରେ ୫ ବର୍ଷର ରକ୍ଷଣାବେକ୍ଷଣ ଖର୍ଚ୍ଚକୁ ମଧ୍ୟ ଯୋଡ଼ିବାକୁ କୁହାଯାଇଛି । ଉଲ୍ଲେଖଯୋଗ୍ୟ, ରାଜ୍ୟର ଦୁର୍ଗମ, ଅପହଞ୍ଚ ଓ ମାଓବାଦୀ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସଂଯୋଗ ନଥିବା ଜନବସତି ଓ ଗ୍ରାମଗୁଡ଼ିକୁ ସଡ଼କ ସଂଯୋଗ ପ୍ରଦାନ କରିବା ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ 'ଅଣସଂଯୁକ୍ତ ଗ୍ରାମଗୁଡ଼ିକର ସଂଯୋଗୀକରଣ' ନାମରେ ନୂଆ ଯୋଜନା ଆରମ୍ଭ କରାଯାଇଥିଲା । ୨୦୨୨-୨୩ ଆର୍ଥିକ ବର୍ଷରେ ତାହାର ନାମକୁ 'ଏମ୍‌ଏମ୍‌ଏସ୍‌ୱାଇ-ସିୟୁଭିଡିଏ'କୁ ପରିବର୍ତ୍ତନ କରାଯାଇଥିଲା । ରାସ୍ତା ହେଲେ ଏହି ଅଞ୍ଚଳଗୁଡ଼ିକର ଲୋକମାନେ ଉନ୍ନତ ସ୍ୱାସ୍ଥ୍ୟ,ଶିକ୍ଷା, ଗମନାଗମନ, ପରିବହନ ସୁବିଧା ପାଇପାରିବେ । ଫଳରେ ସେମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ହେବ ଓ ମାଓ କାର୍ଯ୍ୟକଳାପ ହ୍ରାସ ପାଇବ ।

### ତାରାପୀଠ ନିକଟସ୍ଥ ହୋଟେଲରେ ବଡ଼ ଅଘଟଣ

# ଅଗ୍ନିକାଣ୍ଡରେ ଚାଲିଗଲା ୭ ଶ୍ରଦ୍ଧାଳୁଙ୍କ ଜୀବନ



**ନୂଆଦିଲ୍ଲୀ,୧୭।୮:** ପଶ୍ଚିମବଙ୍ଗର ବୀରଭୂମି ଜିଲ୍ଲାରେ ଥିବା ତାରାପୀଠ ନିକଟସ୍ଥ ଗୋଟିଏ ହୋଟେଲରେ ବଡ଼ ଅଘଟଣ। ଭୋର ସମୟରେ ହୋଟେଲରେ ଅଗ୍ନିକାଣ୍ଡ ଘଟି ଚାଲି ଯାଇଛି ୭ ଜୀବନ। ଏହି ଘଟଣାରେ ପୋଲିସ୍ ହୋଟେଲରେ ମାଲିକଙ୍କୁ ଗିରଫ କରିଥିବା ବେଳେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଉପରେ ଉଠିଛି ପ୍ରଶ୍ନ। ସୋମବାର ଭୋର ପ୍ରାୟ ୫ଟା ବେଳେ ବିଦେଶିନୀ ନାମକ ହୋଟେଲରେ ଘଟିଥିଲା ଅଗ୍ନିକାଣ୍ଡ। ତାରାପୀଠ ବୁଲିବାକୁ ଆସିଥିବା ଅନେକ ଶ୍ରଦ୍ଧାଳୁ ଉକ୍ତ ହୋଟେଲରେ ବିଶ୍ରାମ ନେଇଥିବା ବେଳେ ଏତେ ବଡ଼ ଅଘଟଣ ଘଟିଥିଲା। ଅଗ୍ନିକାଣ୍ଡ ଯୋଗୁ ଅନେକ ଶ୍ରଦ୍ଧାଳୁ ହୋଟେଲ ମଧ୍ୟରେ ଫସି ଯାଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ୭ ଜଣଙ୍କ ମୃତ୍ୟୁ ହୋଇ ସାରିଥିଲା। ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିବା ଅନ୍ୟ ୨୨ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ସେଠାରେ ୨ ଜଣଙ୍କୁ ଛାଡ଼ି ବାକି ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଡିସଚାର୍ଜ କରି ଦିଆଯାଇଛି। ଏବେ ରାମପୁରହାଟ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଗୁରୁତର ଥିବା ୨ ଜଣଙ୍କ ଚିକିତ୍ସା ଚାଲିଛି। ବୀରଭୂମି ଏସ୍‌ପି ବିଦିତ ରାଜ ଭୁନ୍ଦେଶ ଅଗ୍ନିକାଣ୍ଡରେ ୭ ଜଣଙ୍କ ମୃତ୍ୟୁ ଖବରକୁ ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ ହୋଟେଲ ମାଲିକ କଲ୍ୟାଣ ପଲଙ୍କୁ ଗିରଫ କରାଯାଇଛି। ହୋଟେଲରେ ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଅଗ୍ନିକାଣ୍ଡ ପରେ ଅତିଥିମାନେ ହୋଟେଲର ପଛପଟ ଦ୍ୱାର ବାଟେ ବାହାରକୁ ଆସିବାକୁ ଚେଷ୍ଟା କରିଥିଲେ। ହେଲେ ଏହା ବନ୍ଦ ଥିବାରୁ ସେମାନେ ବାହାରକୁ ବାହାରି ପାରି ନଥିଲେ। ପଛ ପଟ ଦ୍ୱାରା ବନ୍ଦ ଥିବା ବେଳେ ସେମାନେ ରିସେପ୍ସନ୍ ଅଞ୍ଚଳ ଆଡ଼କୁ ଦୌଡ଼ିଥିଲେ। କିନ୍ତୁ ସେଠାରେ କିଛି ଲୋକ ପୋଡ଼ି ଯାଇ ପ୍ରାଣ ହରାଇଥିଲେ।

# ନୀତିନ ନବୀନ ଗଢ଼ିଲେ ନୂଆ ଟିମ୍

### ଫେରିଲେ ସ୍ମୃତି ଇରାନୀ ବିଦାହେଲେ ଅମିତ ମାଲବ୍ୟ

### ଉପାଧ୍ୟକ୍ଷ ପଦ ବଜାୟ ରଖିଲେ ବୈଜୟନ୍ତ / ସମ୍ବିତ ପାତ୍ରଙ୍କୁ ଉତ୍ତର ପୂର୍ବ ସଂଯୋଜକ ଦାୟିତ୍ୱ

**ନୂଆଦିଲ୍ଲୀ,୧୭।୮:** ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ତାଙ୍କର ନୂଆ କେନ୍ଦ୍ରୀୟ ସାଂଗଠନିକ ଟିମ୍ ଘୋଷଣା କରିଛନ୍ତି। ଏହି ନୂଆ ଟିମରେ ଅନେକ ଅଭିଜ୍ଞ ନେତାଙ୍କୁ ସ୍ଥାନ ମିଳିଥିବା ବେଳେ ମହିଳା ଓ ଯୁବ ଚେହେରାଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଓଡ଼ିଶା ରାଜନୀତି ଦୃଷ୍ଟିକୋଣରୁ ମଧ୍ୟ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ। ନୀତିନ ନବୀନଙ୍କ ନୂଆ ଟିମରେ ଓଡ଼ିଶାର ବରିଷ୍ଠ ନେତା ତଥା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପଦ ପ୍ରଦାନ କରାଯାଇଛି। ସେହିଭଳି ପୁରୀ ସାଂସଦ ଡ.ସମ୍ବିତ ପାତ୍ରଙ୍କୁ ଉତ୍ତର ପୂର୍ବ ଭାରତର ସଂଯୋଜକ ଦାୟିତ୍ୱ ମିଳିଛି। ନୀତିନଙ୍କ ଟିମରେ ୧୩ ଜଣଙ୍କୁ ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି । ୮ ଜଣଙ୍କୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଛି । ବି.ଏଲ ସନ୍ତୋଷଙ୍କୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି । ୧୬ ବରିଷ୍ଠ ନେତାଙ୍କୁ ରାଷ୍ଟ୍ରୀୟ ସମ୍ପାଦକ ଦାୟିତ୍ୱ ଦିଆଯାଇଛି । ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେଙ୍କୁ ଜାତୀୟ ଉପାଧ୍ୟକ୍ଷ ନିଯୁକ୍ତ କରାଯାଇଛି । ଏହା ବ୍ୟତୀତ, ରାମ ମାଧବ ବିଜେପିକୁ ଫେରିଛନ୍ତି ଏବଂ ତାଙ୍କୁ ଉପ-ସଭାପତି



ନିଯୁକ୍ତ କରାଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ମଧ୍ୟ ବିଜେପି ସଂଗଠନରେ ଯୋଗ ଦେଇଛନ୍ତି। ତାଙ୍କୁ ଜାତୀୟ ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଛି। ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତିରଥ ସିଂହ ରାୱତଙ୍କୁ ମଧ୍ୟ ବିଜେପି ଉପାଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି। ପୀୟୁଷ ଗୋୟଲଙ୍କୁ ମିଳିଛି ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ଦାୟିତ୍ୱ । ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଭାବେ ପ୍ରଫେସର ଏମ ନାଗରାଜ, ଡି.ପୁରନ୍ଦେଶ୍ୱରୀ, ରେଖା ବର୍ମା ସ୍ଥାନ ପାଇଥିଲା ବେଳେ ରାଷ୍ଟ୍ରୀୟ ସାଧାରଣ ସଂପାଦକ ତାଲିକାରେ ଅଛନ୍ତି ବିନୋଦ ତାୱଡ଼େ, ସୁନୀଲ ବଂଶଲ, ବିପ୍ଳବ ଦେବ, ସତୀଶ ପୁନିଆ, ହରିଶ ଦ୍ୱିବେଦୀ। ଏ ସଂଗଠନ କାର୍ଯ୍ୟକର୍ତ୍ତା ତାଲିକା ଅତି ସତର୍କତାର ସହ ଚୟନ କରାଯାଇଛି। ଜାତିଗତ ବିଚାର ସହିତ ଯୁବ ଏବଂ ମହିଳାମାନଙ୍କୁ ବିଶେଷ ଧ୍ୟାନ ଦିଆଯାଇଛି। ବିଜେପି ଉତ୍ତର ପ୍ରଦେଶର ଅନେକ ନେତାଙ୍କୁ ନୂତନ ଦଳରେ ସାମିଲ କରିଛି। ଏଠାରେ ଆସନ୍ତା ବର୍ଷ ପ୍ରାରମ୍ଭରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହାକୁ ନୀତିନ ଆଖିରେ ରଖି ଟିମ୍ ଚୟନ କରିଛନ୍ତି। ପ୍ରବୀଣ ଓ ଅଭିଜ୍ଞଙ୍କୁ ନେଇ ତାଳମେଳ ରଖିବାକୁ ଉଦ୍ୟମ କରାଯାଇଛି।

ନୀତିନ ନବୀନଙ୍କ ଟିମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ବିଜେପିର ନବନିଯୁକ୍ତ ଜାତୀୟ ପଦାଧିକାରୀ ଏବଂ ଦଳରେ ବିଭିନ୍ନ ଦାୟିତ୍ୱ ପାଇଥିବା ବ୍ୟକ୍ତିମାନଙ୍କୁ ଅଭିନନ୍ଦନ । ଏହି ନବନିଯୁକ୍ତ ଦଳ ସାଂଗଠନିକ ଅଭିଜ୍ଞତା, ଶକ୍ତି ଏବଂ ତୃଣମୂଳସ୍ତରର ସଂଯୋଗକୁ ଏକାଠି କରିଥାଏ । ମୁଁ ନିଶ୍ଚିତ ଯେ ସେମାନେ ଆମ ଦଳକୁ ମଜବୁତ କରିବା ଏବଂ ଜନସେବା ଉପରେ ଧ୍ୟାନ ଦେବାରେ ସେମାନଙ୍କର ସର୍ବୋତ୍ତମ ଦେବେ । ସେମାନଙ୍କୁ ମୋର ଶୁଭକାମନା...

## ଚୁଟ୍‌କୀରେ...

### ତାମିଲନାଡୁର କୃଷକଙ୍କ ପାଇଁ ବଡ଼ ଘୋଷଣା
### ୭୫ ହଜାର ପର୍ଯ୍ୟନ୍ତ କୃଷି ଋଣ ଛାଡ଼

**ଚେନ୍ନାଇ,୧୭।୮:** ତାମିଲନାଡୁର କୃଷକଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ । ସୋମବାର ବିଧାନସଭାରେ ସେ ସମବାୟ କୃଷି ଋଣ ଛାଡ଼ ନେଇ ଘୋଷଣା କରିଛନ୍ତି । ଫଳରେ ୭୫ ହଜାର ପର୍ଯ୍ୟନ୍ତ ସମବାୟ କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼ କରାଯିବ। ସେହିପରି, ୭୫ ହଜାରରୁ ୧ ଲକ୍ଷ ପର୍ଯ୍ୟନ୍ତ ଋଣ ଉପରେ ଆଂଶିକ ଛାଡ଼ ମିଳିବ । ୧ ଲକ୍ଷରୁ ଅଧିକ ଋଣ ଥିବା ଚାଷୀଙ୍କୁ ସର୍ବାଧିକ ୩୫ ହଜାର ପର୍ଯ୍ୟନ୍ତ ରିହାତି ଦିଆଯିବ । ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁସାରେ, ଏହି ଋଣ ଛାଡ଼ ଯୋଜନାରେ ମୋଟ ୧୩.୩୪ ଲକ୍ଷ ଚାଷୀ ଉପକୃତ ହେବେ । ସରକାରଙ୍କ ଉପରେ ଏଥିପାଇଁ ମୋଟ ୬,୨୨୦ କୋଟିର ଆର୍ଥିକ ଭାର ପଡ଼ିବ । ମୁଖ୍ୟମନ୍ତ୍ରୀ ବିଜୟ କହିଛନ୍ତି ଯେ, ସରକାର ଦାୟିତ୍ୱ ନେବାର ୧୫ ଦିନ ମଧ୍ୟରେ ମେ' ମାସରେ ୫୦ ହଜାର ପର୍ଯ୍ୟନ୍ତ କୃଷି ଋଣ ଛାଡ଼ କରିଥିଲେ। ଏବେ ଏହାକୁ ଆହୁରି ବଢ଼ାଇ ଚାଷୀଙ୍କୁ ନୂଆ ଆଶ୍ୱସ୍ତି ଦିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷି ହେଉଛି ରାଜ୍ୟର ମେରୁଦଣ୍ଡ ଏବଂ ଚାଷୀଙ୍କ ସମର୍ଥନ ବିନା ଦେଶର ସମୃଦ୍ଧି ସମ୍ଭବ ନୁହେଁ । ଆର୍ଥିକ ସମସ୍ୟା ସତ୍ତ୍ୱେ ଚାଷୀଙ୍କୁ ଅତିରିକ୍ତ ସହାୟତା ଦେବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛି ।

### ୪ ମାସରେ ୧୦ ମାମଲାରେ ୨୨ ମୃତ୍ୟୁଦଣ୍ଡ

**ନୂଆଦିଲ୍ଲୀ,୧୭।୮:** ଏକ ଫାଷ୍ଟ-ଟ୍ରାକ୍ କୋର୍ଟର ଜଜ୍ ଗତ ୪ ମାସ ମଧ୍ୟରେ ୧୦ଟି ମାମଲାରେ ରାୟ ଶୁଣାଇ ୨୨ ଜଣଙ୍କୁ ମୃତ୍ୟୁଦଣ୍ଡ ଦେଇ ଚର୍ଚ୍ଚାକୁ ଆସିଛନ୍ତି। ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ରବି କୁମାର ଦିବାକରଙ୍କ କୋର୍ଟ ଏହି କଠୋର ରାୟଗୁଡ଼ିକ ଦେଇଛନ୍ତି । ୨୦୨୨ରେ ବାରାଣସୀର ଜ୍ଞାନବାପୀ ପରିସରର ଭିଡିଓଗ୍ରାଫି ସର୍ଭେ କରିବାକୁ ଆଦେଶ ଦେଇ ସେ ପୂର୍ବରୁ ମଧ୍ୟ ଚର୍ଚ୍ଚାରେ ଥିଲେ। ଲକ୍ଷ୍ନୌ ବାସିନ୍ଦା ୪୬ ବର୍ଷୀୟ ଜଜ୍ ଦିବାକର ୨୦୦୯ରେ ଆଜମଗଡ଼ରେ ଅତିରିକ୍ତ ସିଭିଲ୍ ଜଜ୍ ଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୫ ମେ'ରେ ସେ ସୁଲତାନପୁରରେ ସିଭିଲ୍ ଜଜ୍ ଏବଂ ପ୍ରାୟ ୫ ମାସ ପରେ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଭାବେ ପଦୋନ୍ନତି ପାଇଥିଲେ। ବିକମ୍ ଓ ଏଲଏଲଏମ୍ ଡିଗ୍ରୀଧାରୀ ଜଜ୍ ଦିବାକର ୨୦୨୫ ନଭେମ୍ବରରୁ ମୁଜାଫରନଗରରେ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ଭାବେ କାର୍ଯ୍ୟରତ ଅଛନ୍ତି। ଅଗଷ୍ଟ ୧୩ରେ ସେ ୧୨ ବର୍ଷ ପୁରୁଣା ଏକ ହତ୍ୟା ମାମଲାରେ ୪ ଜଣଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ। ପବନ କୁମାରଙ୍କ ହତ୍ୟା ମାମଲାରେ ରାମବୀର, ରାଜୀବ, ରାହୁଲ ଓ ହରେନ୍ଦ୍ର କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରି ସେମାନଙ୍କ ଉପରେ ୧.୭୦ ଲକ୍ଷ ଟଙ୍କା ଜରିମାନା ମଧ୍ୟ ଲଗାଇଥିଲେ। ଅଗଷ୍ଟ ୧୨ରେ ପ୍ରାୟ ୨୭ ବର୍ଷ ପୁରୁଣା ଏକ ଅପହରଣ ଓ ହତ୍ୟା ମାମଲାରେ ଜଣେ ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ ଜଜ୍ ଦିବାକର।

### ସ୍ୱେରେଜ କାମବେଳେ ମିଳିଲା ୯୮ କୋଟିର ସୁନା ଓ ବିରଳ ମୁଦ୍ରା

**ନୂଆଦିଲ୍ଲୀ,୧୭।୮:** ସ୍ୱରେଜ ଲାଇନ କାମ ବେଳେ ମିଳିଛି ଗୁପ୍ତ ସମ୍ପତ୍ତିର ସନ୍ଧାନ। ମରାମତି ବେଳେ ମାଟି ତଳୁ ମିଳିଛି ଶ୍ରମିକମାନେ ଠାବ କରିଛନ୍ତି ପୁଳାପୁଳା ସୁନା ବାର ଓ ବିରଳ କଏନ। ମାଟି ତଳୁ ବେଲଜିୟମର ଶ୍ରମିକମାନେ ଠାବ କରିଥିବା ଏହି ଜିନିଷଗୁଡ଼ିକର ମୂଲ୍ୟ ପ୍ରାୟ ୯ ନିୟୁତ ୟୁରୋ ବା ଭାରତୀୟ ମୁଦ୍ରାରେ ୯୮ କୋଟି ଟଙ୍କା ହେବ। ବେଲଜିୟମର ରାଜଧାନୀ ବ୍ରୁସେଲ୍ସ ଠାରୁ ୩୦ କିମି ଦୂର ସିଣ୍ଟ-ଗିଲିସ-ଡେଣ୍ଡ୍ରେମୋଣ୍ଡ ଠାରେ ନିୟମିତ ପାଇପ ଅଦଳବଦଳ କାମ ଚାଲିଥିଲା। ମଇଳା ପାଣି ଯିବା ପାଇଁ ଖୋଳାଖୋଳି ବେଳେ ଏହି ଗୁପ୍ତ ସମ୍ପତ୍ତିର ସନ୍ଧାନ ମିଳିଛିଥିବା ଜଣାପଡ଼ିଛି। ମାଟି ଖୋଳା କାମ ଚାଲୁଥିବା ବେଳେ ପ୍ରଥମେ ଜଣେ ୧୮ ବର୍ଷୀୟ ଶ୍ରମିକ ଏହାକୁ ଦେଖିଥିଲେ। ଏହାପରେ ସେ ନିଜର ସାଥୀମାନଙ୍କୁ ଅବଗତ କରାଇଥିଲେ। ୧୮ ବର୍ଷୀୟ ଶ୍ରମିକ ଜଣଙ୍କ ଗୋଟିଏ ଗଣମାଧ୍ୟମକୁ କହିଛନ୍ତି ଯେ "ମାଟି ଖୋଳା ଚାଲିଥିବା ବେଳେ ସେଠାରେ କିଛି ରହିଥିବା ଦେଖା ଯାଇଥିଲା। ପ୍ରଥମେ ମୁଁ ଭାବିଥିଲି ଯେ ଏହା ଗୋଟିଏ ୧ ୟୁରୋର କଏନ। ଏହାପରେ ଗୋଟିଏ ସୁନାର ବାର ଦେଖାଯାଇଥିଲା। ଅଧିକ ଖୋଳାଖୋଳି କରାଯିବାର ପୁଳାପୁଳା ସୁନାର ବାର ଓ ବିରଳ କଏନ ସବୁ ମିଳିଥିଲା।"ଠାବ ହୋଇଥିବା ସୁନା କଏନ, ସୁନା ବାର ଓ ଅନ୍ୟାନ୍ୟ ଜିନିଷ ଗୋଟିଏ ବ୍ୟାଗରେ ରହିଥିଲା। ଏହି ବ୍ୟାଗକୁ ଇଟାରେ ତିଆରି ଗୋଟିଏ କାନ୍ଥ ଭିତରେ ଲୁଚାଇ ରଖାଯାଇଥିଲା। ମାଟି ତଳେ ଥିବା କାନ୍ଥକୁ ମଧ୍ୟ ଚିହ୍ନଟ ହୋଇଛି।

### ରାହୁଲ ଗାନ୍ଧୀଙ୍କ ସମ୍ପତ୍ତି ମାମଲା

# ତଦନ୍ତକାରୀ ଏଜେନ୍ସୀ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

**ନୂଆଦିଲ୍ଲୀ,୧୭।୮:** ଯଦି ମାମଲା ଅତ୍ୟନ୍ତ ସଂଗୀନ, ତା'ହେଲେ ତଦନ୍ତକାରୀ ଏଜେନ୍ସି କାହିଁକି ଚୁପ ରହିଛି ବୋଲି ବେଶ କ୍ଷୁବ୍ଧ ହୋଇ ପ୍ରଶ୍ନ କରିଛନ୍ତି ସୁପ୍ରିମକୋର୍ଟ। ରାହୁଲ ଗାନ୍ଧିଙ୍କ ବିରୋଧରେ ଆସିଥିବା ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗର ଶୁଣାଣି ବେଳେ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି ଗୁଡ଼ିକର ପକ୍ଷ ରଖୁଥିବା ଆଇନଜୀବୀଙ୍କୁ ସୁପ୍ରିମକୋର୍ଟ ଏପରି କହିଛନ୍ତି। ଏଥିସହ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ବିରୋଧରେ ଥିବା ଅଭିଯୋଗର ଶୁଣାଣି ଆଗକୁ ନ ବଢ଼ାଇବାକୁ ମଧ୍ୟ ଆହ୍ଲାବାଦ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ଆହ୍ଲାବାଦ ହାଇକୋର୍ଟ ସମେତ କୌଣସି ଅଧିକାରୀଙ୍କ ନିକଟରେ ସିବିଆଇ ଓ ଇଡି ଏହି ମାମଲା ସହ ଜଡ଼ିତ କୌଣସି ତଦନ୍ତ ରିପୋର୍ଟ ଦାଖଲ କରିପାରିବେ ନାହିଁ। କାରଣ ତଥାକଥିତ ସମ୍ପତ୍ତି ଠୁଳ ମାମଲାର ତଦନ୍ତ କଥା ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ହିଁ ସାମ୍ନାକୁ



ଆସିଥିଲା ବୋଲି ସୁପ୍ରିମକୋର୍ଟ କହିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ସୁପ୍ରିମକୋର୍ଟରେ ଗୋଟିଏ ଆବେଦନ କରିଥିଲେ। ଏହାର ଶୁଣାଣି ଆଜି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କ ଖଣ୍ଡପୀଠ କରିଛନ୍ତି। ଅଗଷ୍ଟ ୨୦ରେ ଆହ୍ଲାବାଦ ହାଇକୋର୍ଟ କରିବାକୁ ଥିବା ଶୁଣାଣି ଉପରେ ଖଣ୍ଡପୀଠ ରୋକ ଲଗାଇ ଦେଇଛନ୍ତି। ସୁପ୍ରିମକୋର୍ଟ ଏହାର ଶୁଣାଣି ଶେଷ ନ କରିବା ଯାଏ ହାଇକୋର୍ଟ କୌଣସି ପଦକ୍ଷେପ ନେଇ ପାରିବେ ନାହିଁ। ଏହାବାଦ ହାଇକୋର୍ଟରେ ଆବେଦନ କରିଥିବା କର୍ଣ୍ଣାଟକାର ଏସ ଭିଗ୍ନେଶ ଶିଶିରଙ୍କ ସମେତ ସିବିଆଇ ଓ ଇଡିକୁ ନୋଟିସ ଜାରି କରିଛନ୍ତି। ରାହୁଲ ଗାନ୍ଧିଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା କପିଲ ଶିବଲ ଶୁଣାଣି ବେଳେ ଆବେଦନକାରୀ ବିଗ୍ନେଶ ଶିଶିରଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଥିଲେ। ସେ କହିଛନ୍ତି, "ଏପରି ଆବେଦନ ଆଇନ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଅଜଣା। ଏହା ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ। ଏହି ଆବେଦନକାରୀ ଜଣଙ୍କ ବାରମ୍ବାର ଏଭଳି ପ୍ରୟାସ କରୁଛନ୍ତି। ଅଭିଯୋଗର ଯାଞ୍ଚ କରିବା ବ୍ୟତୀତ ସିବିଆଇ ଆଉ କିଛି କରିନାହିଁ।"

### କାବେରୀ ଜଳ ବିବାଦ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ଜଳ ପରିଚାଳନା ପ୍ରାଧିକରଣ ନିର୍ଦ୍ଦେଶ ପାଳନ କର

**ନୂଆଦିଲ୍ଲୀ,୧୭।୮:** ସୁପ୍ରିମକୋର୍ଟକର୍ଣ୍ଣାଟକ ସରକାରଙ୍କୁ ତାମିଲନାଡୁକୁ କାବେରୀ ଜଳ ଛାଡିବା ସମ୍ପର୍କରେ କାବେରୀ ଜଳ ପରିଚାଳନା ପ୍ରାଧିକରଣ (ସିଡବ୍ଲୁଏମଏ)ର ନିର୍ଦ୍ଦେଶ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ଜଳ ଛାଡିବା ନିର୍ଦ୍ଦେଶ ମାମଲାରେ ତାମିଲନାଡୁର ଆବେଦନର ଶୁଣାଣି ପାଇଁ ଅଗଷ୍ଟ ୨୪ ତାରିଖ ଧାର୍ଯ୍ୟ କରିଛନ୍ତି। ଖଣ୍ଡପୀଠ



କହିଛନ୍ତି ଯେ, ଜଳ ଛାଡିବାର ବର୍ତ୍ତମାନର ସ୍ଥିତି କୋର୍ଟରେ ଉପସ୍ଥାପନ କରାଯିବା ପରେ ଏହି ମାମଲାର ଶୁଣାଣି କରାଯିବ। ଶୁଣାଣି ସମୟରେ, ତାମିଲନାଡୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସିଏସ ବୈଦ୍ୟନାଥନ ଯୁକ୍ତି ଦେଇଥିଲେ ଯେ, କର୍ଣ୍ଣାଟକ ସିଡବ୍ଲୁଏମଏର ନିର୍ଦ୍ଦେଶ ପାଳନ କରୁନାହିଁ ଏବଂ ରାଜ୍ୟର ଚାଷୀ ଆବଶ୍ୟକ ପାଣି ପାଉନାହାନ୍ତି। ଅନ୍ୟପକ୍ଷରେ, କର୍ଣ୍ଣାଟକର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ଶ୍ୟାମ ଦିବାନ, ତାମିଲନାଡୁର ଦାବିକୁ ଖଣ୍ଡନ କରି କହିଛନ୍ତି,ପ୍ରାଧିକରଣଙ୍କ ପ୍ରାରମ୍ଭିକ ନିର୍ଦ୍ଦେଶ ଅନୁଯାୟୀ କର୍ଣ୍ଣାଟକକୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ୧୫ ଦିନ ପାଇଁ ପ୍ରତିଦିନ ୩,୫୦୦ କ୍ୟୁସେକ୍ ଜଳ ଛାଡିବାକୁ ବାଧ୍ୟ କରାଯାଇଥିଲା, ଯାହା ରାଜ୍ୟ ପୂରଣ କରିଛି ଏବଂ ବାସ୍ତବରେ ଏହି ସମୟ ମଧ୍ୟରେ ଯଥେଷ୍ଟ ଅଧିକ ଜଳ ଛାଡି ଧାର୍ଯ୍ୟ ସୀମାକୁ ଅତିକ୍ରମ ମଧ୍ୟ କରିଛି।

### ରାମମନ୍ଦିର ଦାନଅର୍ଥ ହେରଫେର ମାମଲା

## ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ,୧୭।୮:** ଅଯୋଧ୍ୟାର ରାମମନ୍ଦିରରେ ଭକ୍ତମାନଙ୍କ ଦାନ ଅର୍ଥ ହେରଫେର ଅଭିଯୋଗର ତଦନ୍ତ ଶୀଘ୍ର ଶେଷ କରି ଯୁକ୍ତିସଙ୍ଗତ ନିଷ୍କର୍ଷରେ ପହଞ୍ଚିବାକୁ ଏସ୍‌ଆଇଟିକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ସୋମବାର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ତଦନ୍ତର ଅଗ୍ରଗତି ସମ୍ପର୍କିତ ସ୍ଥିତି ରିପୋର୍ଟ ବନ୍ଦ ଲଫାପାରେ ଦାଖଲ କରିବାକୁ ଏସ୍‌ଆଇଟିକୁ କହିଛନ୍ତି। ତଦନ୍ତକୁ ଅଧିକ ଗୁଣାତ୍ମକ ଓ ସ୍ୱଚ୍ଛ କରିବା ପାଇଁ ବିଭିନ୍ନ ପକ୍ଷ ଦେଇଥିବା ପ୍ରସ୍ତାବଗୁଡ଼ିକୁ ନିରପେକ୍ଷ ଭାବେ ବିଚାର କରିବାକୁ ମଧ୍ୟ ଖଣ୍ଡପୀଠ କହିଛନ୍ତି। ଏସ୍‌ଆଇଟିର ରିପୋର୍ଟ ଯାଞ୍ଚ କରିବା ପରେ ଭକ୍ତମାନେ ମନ୍ଦିରକୁ ଦେଉଥିବା ଦାନ ପରିଚାଳନା ବ୍ୟବସ୍ଥାରେ ସଂସ୍କାର ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇପାରେ ବୋଲି କୋର୍ଟ କହିଛନ୍ତି। ଏହି ମାମଲାରେ ଏବେ ଉତ୍ତରପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସ୍‌ଆଇଟି ତଦନ୍ତ କରୁଛି। ଜୁଲାଇ ୨୭ରେ ସୁପ୍ରିମ୍‌କୋର୍ଟ ଆଇଜିପି କିରଣ ଏସ୍‌ଙ୍କ ନେତୃତ୍ୱରେ ୪ ଜଣିଆ ଏସ୍‌ଆଇଟି ଗଠନ ଉପରେ ଜୋର ଦେଇଥିଲେ। ତଦନ୍ତ ଦଳରେ ଜଣେ ଫରେନ୍‌ସିକ୍ ଅଡିଟରଙ୍କୁ ମଧ୍ୟ ସାମିଲ କରିବାକୁ ଉତ୍ତରପ୍ରଦେଶ ସରକାରଙ୍କୁ କୁହାଯାଇଥିଲା। ମାମଲାରେ ପ୍ରତିକାରମୂଳକ ପଦକ୍ଷେପ ଆବଶ୍ୟକ ଏବଂ ଦାନ ପରିଚାଳନାରେ ସ୍ୱଚ୍ଛତା ସୁନିଶ୍ଚିତ କରିବାକୁ ପଦକ୍ଷେପ ନିଆଯିବ ବୋଲି ସେତେବେଳେ ଖଣ୍ଡପୀଠ କହିଥିଲେ। ଏସ୍‌ଆଇଟିକୁ ଦୁଇ ସପ୍ତାହ ମଧ୍ୟରେ ସ୍ଥିତି ରିପୋର୍ଟ ଦେବାକୁ ମଧ୍ୟ କୁହାଯାଇଥିଲା। ଏହାପୂର୍ବରୁ ଜୁଲାଇ ୨୦ରେ ସୁପ୍ରିମ୍‌କୋର୍ଟ ଉତ୍ତରପ୍ରଦେଶ ସରକାରଙ୍କୁ ଅଭିଯୋଗର ତଦନ୍ତ ପାଇଁ ଏସ୍‌ଆଇଟି ଗଠନର ସମ୍ଭାବନା ସମ୍ପର୍କରେ ଜଣାଇବାକୁ କହିଥିଲେ। ଜୁଲାଇ ୧୩ରେ ଉତ୍ତରପ୍ରଦେଶ ପୁଲିସକୁ ମଧ୍ୟ ମାମଲାର ସ୍ଥିତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

### ଭଟ୍ଟୀ ନେଟୱର୍କ ବିରୁଦ୍ଧରେ ବଡ଼ କାର୍ଯ୍ୟାନୁଷ୍ଠାନ

# ୧୪ ରାଜ୍ୟରୁ ୨୫୩ ସନ୍ଦିଗ୍ଧ ଅଟକ

**ନୂଆଦିଲ୍ଲୀ,୧୭।୮:** ସ୍ୱାଧୀନତା ଦିବସ ପୂର୍ବରୁ ସୁରକ୍ଷା ଏଜେନ୍ସିଙ୍କ ବଡ଼ ପଦକ୍ଷେପ। ପାକିସ୍ତାନ ସ୍ଥିତ ଗୁପ୍ତଚର ଏଜେନ୍ସି ଆଇଏସଆଇ ସମର୍ଥିତ ଶହଜାଦ ଭଟ୍ଟୀ ନେଟୱର୍କ ବିରୁଦ୍ଧରେ ବଡ଼ କାର୍ଯ୍ୟାନୁଷ୍ଠାନ। କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହଙ୍କ ଅନୁସାରେ, ଦେଶର ୧୪ଟି ରାଜ୍ୟରେ ମିଳିତ ଅଭିଯାନରେ ୨୫୩ ଜଣ ଲୋକଙ୍କୁ ଅଟକ ରଖାଯାଇଛି। ନେଟୱର୍କ ବିରୁଦ୍ଧରେ ବର୍ତ୍ତମାନ ସୁଦ୍ଧା ୮୦ରୁ ଅଧିକ ଏଫଆଇଆର ରୁଜୁ ହୋଇଛି ଏବଂ ୨୦୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସୀମାରେ ଆତଙ୍କବାଦ ବିରୁଦ୍ଧରେ କେନ୍ଦ୍ର ସରକାରଙ୍କ ଜିରୋ ଟଲରେନ୍ସ ନୀତି ଅନୁସାରେ କରାଯାଇଛି। ଗୃହ ମନ୍ତ୍ରୀ ଏହାକୁ ଆତଙ୍କବାଦ ବିରୁଦ୍ଧରେ ସୁରକ୍ଷା ବାହିନୀର ବଡ଼ ସଫଳତା ବୋଲି କହିଛନ୍ତି।

ଗୃହମନ୍ତ୍ରୀ ଅମିତ ଶାହ ସୋସିଆଲ ମିଡିଆରେ କହିଛନ୍ତି ଯେ, ସୁରକ୍ଷା ବାହିନୀ ସ୍ୱାଧୀନତା ଦିବସ ପୂର୍ବରୁ ଶହଜାଦ ଭଟ୍ଟି ନେଟୱର୍କକୁ ଧ୍ୱସ୍ତ କରି ତାହାର ସମ୍ଭାବ୍ୟ ଆତଙ୍କୀ ଷଡ଼ଯନ୍ତ୍ରକୁ ବିଫଳ କରି ଦେଇଛନ୍ତି। ସେ ଜଣାଇଛନ୍ତି ଯେ, ୧୪ଟି ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରେ ଏକାସାଙ୍ଗେ ଏହି ମିଳିତ ଅଭିଯାନ ଚଳାଯାଇ ଥିଲା। କାର୍ଯ୍ୟାନୁଷ୍ଠାନ ସମୟରେ IED, ପାକିସ୍ତାନୀ ଅସ୍ତ୍ରଶସ୍ତ୍ର କାରଖାନାର ମାର୍କିଂ ଥିବା ଗ୍ରେନେଡ୍, ପିସ୍ତଲ, ଜୀବନ୍ତ କାରତୁସ ଏବଂ ଗୁପ୍ତଚର ବୃତ୍ତି ପାଇଁ ବ୍ୟବହୃତ ହେଉ ଥିବା ସର୍ଭିଲାନ୍ସ କ୍ୟାମେରା ଜବତ କରାଯାଇଛି। ସୁରକ୍ଷା ଏଜେନ୍ସି ଗୁଡ଼ିକ ଅନୁସାରେ, ଏହି ସାମଗ୍ରୀ ଜବତ ହେବା ଘଟଣାରୁ ନେଟୱର୍କର ସୀମାପାର ସମ୍ପର୍କ ଏବଂ ଏହାର କାର୍ଯ୍ୟକଳାପର ଗମ୍ଭୀରତାକୁ ସ୍ପଷ୍ଟ କରିଛି। ସୁରକ୍ଷା ଏଜେନ୍ସି ଗୁଡ଼ିକ ଅନୁସାରେ, ଶହଜାଦ ଭଟ୍ଟି ନେଟୱର୍କ ପାକିସ୍ତାନରୁ ପରିଚାଳିତ ହେଉଥିବା ଓଝଓ ସମର୍ଥିତ ଏକ ଆତଙ୍କୀ ସିଣ୍ଡିକେଟ୍। ଏହି ନେଟୱର୍କ ବିରୋଧରେ ଭାରତରେ ଗ୍ରେନେଡ୍, ଆଇଇଡି ଏବଂ ପେଟ୍ରୋଲ ବୋମା ଆକ୍ରମଣ ସହିତ ଟାର୍ଗେଟେଡ୍ ହତ୍ୟାକାଣ୍ଡରେ ସାମିଲ ଥିବା ଅଭିଯୋଗ ରହିଛି। ସୂଚନା ଅନୁସାରେ , ଏହି ନେଟୱର୍କ ସ୍ଥାନୀୟ ସହଯୋଗୀମାନଙ୍କୁ ଟଙ୍କା ଦେଇ ପୁଲିସ, ପ୍ରତିରକ୍ଷା ପ୍ରତିଷ୍ଠାନ ଏବଂ ଧାର୍ମିକ ସ୍ଥାନ ଗୁଡ଼ିକର ରେକି କରାଉ ଥିଲା। ଏହା ବ୍ୟତୀତ ଗୁପ୍ତଚର ବୃତ୍ତି ପାଇଁ ସର୍ଭିଲାନ୍ସ କ୍ୟାମେରା ମଧ୍ୟ ଲଗାଯାଉ ଥିଲା।

# ୮ ଦିନରେ ୨୨ ଆକ୍ରମଣ, ୨୬ ସୈନିକଙ୍କୁ ହତ୍ୟା : ବିଏଲ୍‌ଏ

**ଇସଲାମାବାଦ,୧୭।୮:** ବାଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ) ପାକିସ୍ତାନୀ ସେନା ବିରୋଧରେ ବଡ଼ ଧରଣର ଆକ୍ରମଣ ଆରମ୍ଭ କରିଛି। ସୋମବାର ଦିନ ଏହି ଗୋଷ୍ଠୀ ଏକ ବିବୃତି ଜାରି କରି ଦାବି କରିଛି ଯେ ଏହାର ସଦସ୍ୟମାନେ ଗତ ଆଠ ଦିନିଆ ଅପରେସନ୍‌ରେ ବେଲୁଚିସ୍ତାନରେ ୨୨ଟି ଆକ୍ରମଣ କରିଛନ୍ତି, ପାକିସ୍ତାନୀ ସେନା ପୋଷ୍ଟଗୁଡ଼ିକୁ ଟାର୍ଗେଟ କରି ୨୬ ଜଣ ପାକିସ୍ତାନୀ ସୁରକ୍ଷା କର୍ମୀଙ୍କୁ ହତ୍ୟା କରିଛନ୍ତି। ବିଏଲଏ ଦାବି କରିଛି ଯେ କଲାତ ଏବଂ ସୁରବରେ ଆଇଇଡି ବିସ୍ଫୋରଣରେ ୨୦ ଜଣ ପାକିସ୍ତାନୀ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ହୋଇଛି। ଏହା ସହିତ, ଚଗାଇ, ଖାରାନ ଏବଂ ପଞ୍ଜଗୁରରେ ପୃଥକ ଅପରେସନରେ ପୁଲିସ ଏବଂ ସୁରକ୍ଷା ପୋଷ୍ଟଗୁଡ଼ିକୁ ଟାର୍ଗେଟ କରାଯାଇଥିଲା। ନୁଶ୍କି, ତୁରବତ ଏବଂ କ୍ୱେଟାରେ ଆକ୍ରମଣ, ବାଣିଜ୍ୟିକ ଯାନବାହନ ଉପରେ ଆକ୍ରମଣ ଏବଂ ରେଳ ଟ୍ରାକ୍ ଉଡ଼ାଇ ଦେବା ପାଇଁ ଏହି ଗୋଷ୍ଠୀ ଦାୟୀ ବୋଲି ଦାବି କରିଛି। ବିଏଲଏ ଅନୁଯାୟୀ, ଏହାର ସଦସ୍ୟମାନେ ପାକିସ୍ତାନୀ ସେନା ପାଇଁ କାମ କରୁଥିବା ଯାନଗୁଡ଼ିକୁ ଟାର୍ଗେଟ କରିଛନ୍ତି। ସାମ୍ପ୍ରତିକ ଅପରେସନ୍ ସମୟରେ ଏପରି ନଅଟି ଯାନ ନଷ୍ଟ କରାଯାଇଛି। ବିଏଲଏ ପ୍ରଦେଶରେ ରାସ୍ତା, ରେଳ ଭିତ୍ତିଭୂମି, ସୁରକ୍ଷା ପ୍ରତିଷ୍ଠାନ ଏବଂ ଅର୍ଥନୈତିକ ପ୍ରକଳ୍ପଗୁଡ଼ିକୁ ମଧ୍ୟ ଟାର୍ଗେଟ କରିଛି। ବିଏଲଏ ଏହି ଅପରେସନ୍‌ଗୁଡ଼ିକୁ ସୁରାବ ଅଞ୍ଚଳରେ ସମ୍ପ୍ରତି ପାକିସ୍ତାନୀ ବାୟୁସେନାର ବିମାନ ଆକ୍ରମଣର ପ୍ରତିଶୋଧ ଭାବରେ ଉପସ୍ଥାପନ କରିଛି।



ଏହି ବିମାନ ଆକ୍ରମଣରେ ୨୭ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ ଏବଂ ଅନେକ ଆହତ ହୋଇଥିଲେ। ସେବେଠାରୁ, ବିଏଲଏ ବେଲୁଚିସ୍ତାନର ବିଭିନ୍ନ ସ୍ଥାନରେ ଆକ୍ରମଣ କରି ପାକିସ୍ତାନୀ ସେନା ଏବଂ ସରକାରଙ୍କ ଉପରେ ଚାପ ବୃଦ୍ଧି କରିଆସୁଛି । ଗତ ସପ୍ତାହରେ, ପାକିସ୍ତାନର ବାଲୁଚିସ୍ତାନର ମାସ୍ତୁଙ୍ଗରେ ପ୍ରାନ୍ତୀୟ ଗୃହମନ୍ତ୍ରୀ ମୀର୍ ଜିଆଉଲ୍ଲାହ ଲାଙ୍ଗୋଙ୍କ ଗାଡ଼ିକୁ ବିଏଲଏ ଟାର୍ଗେଟ କରିଥିଲା। ଏହି ଆକ୍ରମଣରେ ମନ୍ତ୍ରୀଙ୍କ ସୁରକ୍ଷା କର୍ମୀଙ୍କ ସମେତ ଛଅ ଜଣ ଆହତ ହୋଇଥିଲେ। ପାକିସ୍ତାନର ସ୍ୱାଧୀନତା ଦିବସରେ ହୋଇଥିବା ଏହି ଆକ୍ରମଣ ଦେଶରେ ପାକିସ୍ତାନ ସରକାର ଏବଂ ସେନାର ବର୍ତ୍ତମାନର ପରିସ୍ଥିତି କିଭଳି ଦୟନୀୟ ଅଛି ତାହା ସ୍ପଷ୍ଟ କରିଛି।





# ମେଡିକାଲ ପରିସର ପାଲଟିଛି ରୋଗ କାରଖାନା

- ପାଣି ଜମୁଛି, ବଢୁଛି ସଂକ୍ରମଣ ଆଶଙ୍କା
- ପଡୁନି ବ୍ଲିଚିଂ ପାଉଡର, ଦାୟିତ୍ୱହୀନତା ପାଇଁ ଅପରିଷ୍କାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର




**କାକଟପୁର /ଅସ୍ତରଙ୍ଗ (ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହେଉଛି ୧୫ପଂଚାୟତ ସମେତ ହଜାର ହଜାର ଗ୍ରାମବାସୀଙ୍କ ଆଶା ଓ ଭରସାର କେନ୍ଦ୍ର। କିନ୍ତୁ ଦୁର୍ଭାଗ୍ୟବଶତଃ ଯେଉଁଠି ଲୋକେ ରୋଗରୁ ମୁକ୍ତି ପାଇବାକୁ ଆସୁଛନ୍ତି, ସେହି ମେଡିକାଲ ପରିସର ନିଜେ ଏବେ ରୋଗର ଆତୁରଘର ପାଲଟିଛି। ଅଳ୍ପ ବର୍ଷା ହେଲେ ବି ମେଡିକାଲ ପରିସରରେ ଦୀର୍ଘ ସମୟ ଧରି ପାଣି ଜମି ରହୁଛି। ନିଷ୍କାସନ ବ୍ୟବସ୍ଥା ନଥିବାରୁ ଏହି ଜମିବା ପାଣିରେ ମଶା ଓ ଜୀବାଣୁ ବଂଶବୃଦ୍ଧିର ଉପଯୁକ୍ତ ସ୍ଥାନ ପାଲଟିଛି। ଫଳରେ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଭଳି ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ବଢିବା ଅନୁମାନ କରାଯାଉଛି । ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କ ସାଙ୍ଗରେ ଥିବା ଲୋକେ ଏବେ ଡରି ଡରି ମେଡିକାଲ ଆସୁଛନ୍ତି। ସବୁଠୁ ଚିନ୍ତାର ବିଷୟ ହେଲା ସରକାରୀ ସ୍ତର ରୁ ଆସୁଥିବା ବ୍ଲିଚିଂ ପାଉଡର ଅପବ୍ୟବହାର। ନିୟମ ଅନୁଯାୟୀ ପ୍ରତି ସପ୍ତାହରେ ମେଡିକାଲ ପରିସରରେ ବ୍ଲିଚିଂ ପାଉଡର ସିଞ୍ଚନ ହେବା କଥା। କିନ୍ତୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ଏହି ବ୍ଲିଚିଂପାଉଡର ମେଡିକାଲ ପରିସର ରେ ପଡୁନାହିଁ। କୌଣସି ଉଚ୍ଚ ସ୍ତରୀୟ ଅଧିକାରୀ କିମ୍ବା ଗଣମାଧ୍ୟମ ରେ ଖବର ପ୍ରକାଶିତ ପରେ ଲୋକ ଦେଖାଣିଆ ଭାବେ କିଛି ସ୍ଥାନରେ ବ୍ଲିଚିଂ ପକାଯାଉଛି। ଅଭିଯୋଗ ହେଉଛି ସରକାରୀ ବ୍ଲିଚିଂ କର୍ମଚାରୀମାନେ ନିଜ ଘରକୁ ନେଇଯାଉଛନ୍ତି କିମ୍ବା ନିକଟସ୍ଥ ଦୋକାନରେ ବିକ୍ରି କରୁଛନ୍ତି। ଫଳରେ ବିଭିନ୍ନ ପଂଚାୟତକୁ ଆବଶ୍ୟକ ବ୍ଲିଚିଂ ଯୋଗାଇ ଦିଆଯାଉ ନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ମୁଖ୍ୟତଃ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ଏଭଳି ସ୍ଥିତି ଉପୁଜିଛି। ଦୀର୍ଘ ବର୍ଷ ହେଲା ଗୋଟିଏ ସ୍ଥାନରେ ରହିବା ଫଳରେ ତାଙ୍କ ମଧ୍ୟରେ ଖାମଖିଆଲ ମନୋବୃତ୍ତି ଆସିଛି। ସ୍ଥାନୀୟ ରାଜନୀତିର ଛତ୍ରଛାୟା ଓ ଅଦୃଶ୍ୟ ବ୍ୟକ୍ତିଙ୍କ ଆଶୀର୍ବାଦ ଥିବାରୁ ତାଙ୍କର ବଦଳି ବି ହେଉନାହିଁ। ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡୁଛି ମେଡିକାଲ ପରିସର ପରିଷ୍କାର-ପରିଛନ୍ନତା ଉପରେ।ମେଡିକାଲ ଉର୍ନ୍ନତି କରଣ ହେଉନାହିଁ। ତାହା ସହିତ ପରିଷ୍କାର ବର୍ଷା ଦିନରେ ରହୁନାହିଁ। ସ୍ୱାସ୍ଥ୍ୟ ବିଭାଗର ନିୟମ ଅନୁଯାୟୀ ମେଡିକାଲ ହେଉଛି ସବୁଠୁ ସୁରକ୍ଷିତ ସ୍ଥାନ।



କିନ୍ତୁ ଅସ୍ତରଙ୍ଗ ରେ ସ୍ଥିତି ଠିକ୍ ଏହାର ବିପରୀତ। ତୁରନ୍ତ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ହସ୍ତକ୍ଷେପ କରି ପାଣି ନିଷ୍କାସନ, ନିୟମିତ ବ୍ଲିଚିଂ ଓ ଫଗିଂ ବ୍ୟବସ୍ଥା କରିବା ସହ ଦାୟିତ୍ୱହୀନ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ। ନଚେତ୍ ଆଗାମୀ ଦିନରେ ଏହି ମେଡିକାଲ ଗୋଟିଏ ବଡ ମହାମାରୀର କାରଣ ପାଲଟିପାରେ।

## ■ ଆଗକୁ ପଞ୍ଚାୟତ ନିର୍ବାଚନ

# ଶାସକ ଦଳରେ ଗୋଷ୍ଠୀକନ୍ଦଳ, ସୁଯୋଗ ହରାଇବ କି ବିଜେଡି ?

- ■ପଞ୍ଚାୟତସ୍ତରୀୟ ବୈଠକ ନାହିଁ କି ବ୍ଲକ୍‌ସ୍ତରୀୟ କମିଟି ନାହିଁ
- ■ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରନ୍ତିନି କି ଫିଲ୍ଡକୁ ଯାଆନ୍ତିନି
- ■ପୂର୍ବ ସଭାପତି ଲୋକଙ୍କ ସମସ୍ୟା ବୁଝୁଥିଲେ
- ■ନୂଆ ସଭାପତିଙ୍କୁ କେହି ଦେଖିନାହାନ୍ତି

**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ରାଜ୍ୟରେ ବିଜେପି ସରକାର। ଶାସକ ଦଳ ନିଜ ଭିତରେ ଗୋଷ୍ଠୀ କନ୍ଦଳରେ ଜଡିତ । ଏହା ବିରୋଧୀ ବିଜୁ ଜନତା ଦଳ ପାଇଁ ସୁବର୍ଣ୍ଣ ସୁଯୋଗ। କିନ୍ତୁ ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକରେ ସେହି ସୁଯୋଗକୁ ଗୋଡରେ ଚକଟି ଦେଉଛନ୍ତି ଖୋଦ୍ ବ୍ଲକ ବିଜେଡି ସଭାପତି। ୧୫ଟି ପଂଚାୟତ ବିଶିଷ୍ଟ ଅସ୍ତରଙ୍ଗ ବ୍ଲକରେ ଆଗକୁ ପଂଚାୟତ ନିର୍ବାଚନ। ସାଧାରଣ ଲୋକ ଶାସକ ଦଳର ଅନ୍ତର୍କଳହରେ ଅତିଷ୍ଠ। ଏଠି ବିଜେଡି ପାଇଁ ମାଟି ପ୍ରସ୍ତୁତ ଥିଲା। କିନ୍ତୁ ସଭାପତିଙ୍କ 'ନିଷ୍କ୍ରିୟତା' ପାଇଁ ସେହି ମାଟି ବି ଏବେ ବାଲି ହୋଇଯାଇଛି। ଦାୟିତ୍ୱ ନେଇ ମାସ ମାସ ବିତିଲାଣି। ଗୋଟିଏ ଥର ମଧ୍ୟ ପଂଚାୟତ ସ୍ତରୀୟ ବୈଠକ ନାହିଁ। ବୁଥ କମିଟି ନାହିଁ। କର୍ମୀ କାହାକୁ ପଚାରିବେ ? ଯାହାକି ସଂଗଠନ କୁ ହତ୍ୟା । ଶାସକ ବିଜେପି ବ୍ଲକରେ ଦୁର୍ନୀତି, କାମରେ ଅବହେଳା କରୁଛି। କିନ୍ତୁ ବିରୋଧୀ ସଭାପତିଙ୍କ ପାଟିରେ ତାଲା। ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା ତ ଦୂର, ଫିଲ୍ଡକୁ ବି ଯାଉନାହାଁନ୍ତି।ପୂର୍ବତନ ସଭାପତି କେଦାର ନାଥ ବିଶ୍ୱାଳ ତୃଣମୂଳରୁ ଦଳକୁ ସିମେଣ୍ଟ ଭଳି ଯୋଡିଥିଲେ। ଆଉ ବର୍ତମାନ ସଭାପତି ସେହି ସିମେଣ୍ଟକୁ ପାଣିରେ ଗୋଳେଇ ଦେଉଛନ୍ତି। ଯାହାକି ସାଧାରଣ ଚର୍ଚ୍ଚା। ବିଶ୍ୱାସ ଘାତକତା। ନାମ ଗୋପନ ରଖିବା ସର୍ତରେ ଜଣେ ପଂଚାୟତ ସ୍ତରୀୟ ନେତା କହିଛନ୍ତି - ସାର୍ ଶାସକ ଦଳ ନିଜେ ନିଜକୁ କାଟୁଛି। ଆମେ ଗୋଟେ ଧକ୍କା ଦେଲେ ସରକାର ତଳେ ପଡିଯିବ। କିନ୍ତୁ ଆମ ସଭାପତି ଫୋନ୍ ବି ଉଠାନ୍ତି ନାହିଁ। ତାଙ୍କୁ ଦଳ ଓ ସଂଗଠନ ସହ କିଛି ସମ୍ପର୍କ ନାହିଁ। ସେ କେବଳ ନାମଧାରୀ ସଭାପତି'। ଆଉ ଜଣେ ମହିଳା କର୍ମୀଙ୍କ କଥା - 'କେଦାର ବାବୁ ଥିଲେ ଲୋକଙ୍କ ସମସ୍ୟା ବୁଝି ସମାଧାନ ବାଟ କହୁଥିଲେ। ଏବେ ସଭାପତିଙ୍କ ମୁହଁ କେହି ଦେଖିନାହାନ୍ତି । ଏମିତି ଚାଲିଲେ ଆମେ କେମିତି ନିର୍ବାଚନ ଲଢିବୁ ? ଆମକୁ ନେତା ଦରକାର, ଫଟୋରେ ସଭାପତି ଦରକାର ନାହିଁ'। ପୁରୀ ଜିଲ୍ଲା ବିଜେଡି ସଭାପତିଙ୍କୁ ଅସ୍ତରଙ୍ଗର ହଜାର ହଜାର କର୍ମୀଙ୍କ ସିଧା ପ୍ରଶ୍ନ - 'ଆପଣ କ'ଣ ଅସ୍ତରଙ୍ଗକୁ ବିଜେଡିର ହାତରୁ ଛଡାଇ ଦେବାକୁ ଚାହୁଁଛନ୍ତି ?'ନଚେତ ମଞ୍ଚ ବୟାନ କରୁଛି ଅନେକ କିଛି। ରାଜ୍ୟରେ ବିଜେପି ସରକାର ଥିବାରୁ ବିରୋଧୀର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଜଣେ ନିଷ୍କ୍ରିୟ ସଭାପତି ପାଇଁ ଗୋଟିଏ ବ୍ଲକ ଡୁବିଯିବ କି ? ଏହି ଅକ୍ଷମ, ଦଳ ବିରୋଧୀ ସଭାପତିଙ୍କୁ ତୁରନ୍ତ ହଟାନ୍ତୁ। ଜଣେ ସଂଗଠକ, ଲୋକଙ୍କ ମଧ୍ୟରେ ଗ୍ରହଣୀୟତା ଥିବା ଏବଂ କେଦାର ବାବୁଙ୍କ ପରି ସ୍ନେହୀ ନେତାଙ୍କୁ ଦାୟିତ୍ୱ ଦିଅନ୍ତୁ। ନହେଲେ ମନେ ରଖନ୍ତୁ - ଶାସକ ଦଳର ଗୋଷ୍ଠୀ କନ୍ଦଳର ସୁଯୋଗ ନ ନେଇ ପାରିଲେ ବି ଚଳିବ, କିନ୍ତୁ ନିଜ ସଭାପତି ହାତରେ ଅସ୍ତରଙ୍ଗ ବିଜେଡି ହାରିଲେ ତାର ଦାୟିତ୍ୱ କିଏ ନେବ? ସମୟ ନାହିଁ। ନିର୍ବାଚନ କଡରେ। ଏବେ ବି ଚେତିଲେ ବଞ୍ଚିଯିବ। ନହେଲେ ଇତିହାସ ଆପଣଙ୍କୁ କ୍ଷମା କରିବ ନାହିଁ।

# ପ୍ରାଚୀ, ଗଡ଼ଗଡ଼ିଆ, ଦେବୀ ନଦୀଜଳରେ ଅଭିଷିକ୍ତ ହେଲେ ମହାଦେବ

## ହୁଳହୁଳି ଓ ବୋଲବମ୍ ଧ୍ୱନିରେ କମ୍ପିଲା ଶୈବପୀଠ



**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ଶ୍ରାବଣ ମାସର ତୃତୀୟ ସୋମବାର। ଭୋଳା ଶଙ୍କରଙ୍କ କରୁଣା ପାଇଁ ସାରା ରାଜ୍ୟରେ ଭକ୍ତିର ବନ୍ୟା ବହିଥିଲା। ପୁରୀ ଜିଲ୍ଲାର କାକଟପୁର ନିକଟ ପ୍ରବାହିତ ପ୍ରାଚୀ ନଦୀ, କଟକ ଗଡ଼ଗଡ଼ିଆ ଓ ମହାନଦୀ ଶାଖା ଦେବୀ ନଦୀର ଘାଟ ଗୁଡିକରେ ଶୁକ୍ରବାର ଠାରୁ ହଜାର ହଜାର କାଉଡିଆଙ୍କ ଭିଡ ଜମିଥିଲା। ପବିତ୍ର ଜଳ ସଂଗ୍ରହ କରି ସେମାନେ ରାଜ୍ୟର ବିଭିନ୍ନ ଶୈବ ପୀଠ ଅଭିମୁଖେ ଯାତ୍ରା କରିଥିଲେ। କେତେକ କାଉଡିଆ ପ୍ରାଚୀରୁ ଜଳ ନେଇ ପୁରୀ ଲୋକନାଥ, କୋଣାର୍କ ବାଲି କପିଳେଶ୍ୱର, ଭୁବନେଶ୍ୱର ଲିଙ୍ଗରାଜ ଓ ଜଗତସିଂହପୁର ଗୋରେଖନାଥ ମନ୍ଦିରରେ ଜଳଲାଗି କଲା ପରେ ପୁନର୍ବାର ଫେରି କାକଟପୁର ବିଶ୍ୱାମିତ୍ର ଘାଟରୁ ପ୍ରାଚୀ ଜଳ ଉଠାଇ ସୋମବାର ଅପରାହ୍ନ ସୁଦ୍ଧା ନିଜ ଗ୍ରାମର ଶୈବ ପୀଠରେ ଜଳଲାଗି କରିଥିଲେ। କାକଟପୁର ବ୍ଲକର ସୋମେଶ୍ୱର, ସୁନ୍ଦରେଶ୍ୱର, ନାସିକେଶ୍ୱର ଏବଂ ଅସ୍ତରଙ୍ଗ ବ୍ଲକର ପଶ୍ଚିମେଶ୍ୱର, ଐଶାନେଶ୍ୱର, ଗ୍ରାମେଶ୍ୱର, ଈଶ୍ୱରନାଥ, ଶୀଧେଶ୍ୱର, ବୁଧେଶ୍ୱର ପ୍ରଭୃତି ମନ୍ଦିରରେ ନୀତିକାନ୍ତି ସମ୍ପର୍ଣ୍ଣ ହେବା ପରେ ଭକ୍ତି ସହକାରେ ବିଳମ୍ବିତ ରାତ୍ରରୁ ଜଳାଭିଷେକ କରାଯାଇଥିଲା। ରାସ୍ତାର ଦୃଶ୍ୟ ଥିଲା ଦେଖିବା ଯୋଗ୍ୟ। କାଉଡିଆ ମାନେ କାନ୍ଧରେ ବାହୁଙ୍ଗୀ ବୋହି ଚାଲିଥିବା ବେଳେ ସାରା ଅଞ୍ଚଳ 'ହର ହର ମହାଦେବ' ଓ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହେଉଥିଲା। ଭକ୍ତିର ଏପରି ଉଦାହରଣ ଦେଖି ସ୍ଥାନୀୟ ଲୋକେ ମଧ୍ୟ ଭାବବିହ୍ୱଳ ହୋଇ ପଡୁଥିଲେ। କେତେକ ସ୍ଥାନରେ ଭକ୍ତମାନେ ହଳଦୀ ପାଣିରେ କାଉଡିଆଙ୍କ ଗୋଡ଼ ଧୋଇ ଦେଇ ସେବା କରୁଥିବାର ଦୃଶ୍ୟ ସମସ୍ତଙ୍କ ହୃଦୟକୁ ଛୁଇଁଥିଲା। ବିଭିନ୍ନ ଗ୍ରାମରେ ମନ୍ଦିର କମିଟି ତରଫରୁ ଭକ୍ତଙ୍କ ପାଇଁ ପିଇବା ପାଣି, ଆଲୋକ, ସ୍ୱେଚ୍ଛାସେବୀ ତରଫରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ତିନି ନଦୀର ପବିତ୍ର ଜଳ ଏବଂ ଶିବନାମର ଗୁଞ୍ଜରଣ ସୋମବାର ସାରା ଦିନ ଧରି ଅଞ୍ଚଳକୁ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଭକ୍ତମାନେ ନିଜ ପରିବାର ଓ ଗାଁର ସୁଖ ଶାନ୍ତି କାମନା କରି ଜଳଲାଗି କରିଥିଲେ। ଶ୍ରାବଣର ଏହି ପବିତ୍ର ସୋମବାର କାକଟପୁର ଓ ଅସ୍ତରଙ୍ଗର ବିଭିନ୍ନ ଶୈବ ପୀଠକୁ ଭକ୍ତିର ରଙ୍ଗରେ ରଙ୍ଗୀନ କରିଦେଇଥିଲା।

# ରୁଟି ତିଆରି ମେସିନ୍‌ରେ ହାତପଶି ନାବାଳିକା ଗୁରୁତର

**ପୁରୀ (ବ୍ୟୁରୋ):** ପୁରୀ ଲୋକନାଥ ରୋଡ଼ରେ ଅଭାବନୀୟ ଘଟଣା ଘଟିଯାଇଛି। ରୁଟି ତିଆରି ମେସିନ୍‌ରେ ଜଣେ ନାବାଳିକାର ହାତ ଫସିଯିବା ଫଳରେ ସେ ଗୁରୁତର ଅବସ୍ଥାରେ ମେଡିକାଲ ରେ ଭର୍ତି ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କାମ କରୁଥିବା ସମୟରେ ଅସାବଧାନତା ବଶତଃ ନାବାଳିକାଙ୍କ ହାତଟି ଚାଲୁଥିବା ରୁଟି ମେସିନ୍ ଭିତରକୁ ପଶିଯାଇଥିଲା। ମେସିନ୍‌ର ଚାପ ଯୋଗୁଁ ହାତଟି ଶକ୍ତ ଭାବେ ଫସି ରହିଥିଲା। ନାବାଳିକାଙ୍କ ଚିତ୍କାର ଶୁଣି ପରିବାର ଲୋକ ଓ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମେସିନ୍‌କୁ ବନ୍ଦ କରିଥିଲେ। ସ୍ଥାନୀୟ ଲୋକଙ୍କ ଆପ୍ରାଣ ଚେଷ୍ଟା ଏବଂ ଅଗ୍ନିଶମ ବାହିନୀ/ଉଦ୍ଧାରକାରୀ ଦଳର ସହାୟତାରେ ଦୀର୍ଘ ସମୟର ପରିଶ୍ରମ ପରେ ମେସିନ୍‌କୁ କାଟି ନାବାଳିକାଙ୍କ ହାତକୁ ବାହାର କରାଯାଇଥିଲା। ଉଦ୍ଧାର ପରେ ତାଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



# ୨ଝିଅଙ୍କୁ ବିଷଦେଇ ନିଜେ ଖାଇଲା ମା'

## ଝିଅ ମୃତ, ମା' ଗୁରୁତର

**ପୁରୀ (ବ୍ୟୁରୋ):** ପୁରୀ ମେରାଇନ ଥାନା ଅନ୍ତର୍ଗତ ସମଗରା ଅଞ୍ଚଳରେ ଘଟିଛି ହୃଦୟ ବିଦାରକ ଘଟଣା। ନିଜର ଦୁଇ କୁନି ଝିଅଙ୍କୁ ପୋକମରା ବିଷ ଖୁଆଇ ମା' ନିଜେ ମଧ୍ୟ ଖାଇଥିବା ଜଣାପଡ଼ିଛି। ଏଥିରେ ଦୁଇଝିଅଙ୍କ ମୃତ୍ୟୁ ହୋଇଥିବା ବେଳେ ମା'ଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁଇ ଝିଅଙ୍କ ବୟସ ଯଥାକ୍ରମେ ୬ ଓ ଅଢ଼େଇ ବର୍ଷ ବୋଲି କୁହାଯାଉଛି।ସୂଚନା ଅନୁଯାୟୀ, ସମଗରା ଅଞ୍ଚଳ ଦୀପୁ ପ୍ରଧାନଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ନିଜର ଦୁଇ ଛୋଟ ଝିଅଙ୍କୁ ଭାତରେ ବିଷ ମିଶାଇ ଖାଇବାକୁ ଦେଇ ନିଜେ ଖାଇ ଦେଇଥିଲେ। କିଛି ସମୟ ପରେ ତିନିଜଣ ଅସୁସ୍ଥ ହୋଇ ପଡ଼ିଥିଲେ। ପଡିଶା ଏବଂ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ।ହେଲେ ସେଠାରେ ଡାକ୍ତର ଦୁଇ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁତର ଅବସ୍ଥାରେ ଲକ୍ଷ୍ମୀପ୍ରିୟାଙ୍କୁ ପୁରୀ ସଦର ଡାକ୍ତରଖାନାରୁ କଟକ ଏସସିବିକୁ ସ୍ଥାନାନ୍ତର କରାଯାଇଛି। ଲକ୍ଷ୍ମୀପ୍ରିୟା କାହିଁକି ଏଭଳି କାଣ୍ଡ କଲେ



ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଚିକିତ୍ସାଧୀନ ଥିବାରୁ ପୁଲିସ ତାଙ୍କର ବୟାନ ରେକର୍ଡ କରିପାରିନାହିଁ।ଖବରପାଇ ଘଟଣା ସ୍ଥଳରେ ମେରାଇନ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁଇ ଶିଶୁଙ୍କ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ପଡ଼ୋଶୀ ଓ ପରିବାର ଲୋକଙ୍କୁ ପଚରାଉଚରା କରାଯାଉଛି। ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ସୁଧୁରିଲେ ତାଙ୍କ ବୟାନ ନିଆଯିବ ବୋଲି ପୁଲିସ କହିଛି।ଖବର ପାଇ ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ପହଂଚି ତଦନ୍ତ କରିଛନ୍ତି.ଏହି ଘଟଣା ପରେ ସମଗରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବିପଜ୍ଜନକ ସ୍ଥିତିରେ ପୋଲିସ ହାଇସ୍କୁଲ: ଛାତରୁ ଗଳୁଛି ପାଣି, କାନ୍ଥ ଫାଟି ଆଁ

**ପୁରୀ (ବ୍ୟୁରୋ):** ଶ୍ରୀକ୍ଷେତ୍ର ପୁରୀ ସହର ମଧ୍ୟଭାଗରେ ଥିବା ଐତିହାସିକ ପୋଲିସ ହାଇସ୍କୁଲର ଭିତ୍ତିଭୂମି ଏବେ ବିପଜ୍ଜନକ ସ୍ଥିତିରେ। ସାମାନ୍ୟ ବର୍ଷା ହେଲେ ସ୍କୁଲ ଛାତରୁ ପାଣି ଗଳୁଥିବା ବେଳେ କାନ୍ଥଗୁଡ଼ିକ ଫାଟି ଆଁ କରିଛି।ସାମାନ୍ୟ ବର୍ଷା ହେଲେ ସ୍କୁଲ ଦାଣ୍ଡରେ ଆଣ୍ଠୁଏ ଉଚ୍ଚରେ ପାଣି ଜମୁଛି।ଯାହାକୁ ନେଇ କୋମଳମତି ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଗଭୀର ଆତଙ୍କ ସୃଷ୍ଟି ହୋଇଛି। ସୁରକ୍ଷା ନେଇ ଏବେ ପ୍ରଶ୍ନବାଚୀ ଉଠିଛି।ସ୍କୁଲର ଏକାଧିକ ଶ୍ରେଣୀଗୃହର ଛାତରୁ ଝରୁଛି ବର୍ଷା ପାଣି, ଯାହା ଫଳରେ ପାଠପଢ଼ାରେ ଗୁରୁତର ବ୍ୟାଘାତ ଘଟୁଛି।କୋଠାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଛି, ଯାହା କୌଣସି ବି ମୁହୂର୍ତ୍ତରେ ବଡ଼ ଧରଣର ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି। ପ୍ରତିଦିନ ଜୀବନକୁ ବାଜି ଲଗାଇ ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି ପିଲାମାନେ।ଉକ୍ତ ବିଦ୍ୟାଳୟର ପୂର୍ବତନ ଛାତ୍ର ପ୍ରକାଶ ବେହେରା କହିଛନ୍ତି ।ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



# ସତ୍ୟବାଦୀର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ



**ସତ୍ୟବାଦୀ/ ସୁଆଣ୍ଡୋ (ଅମୃତ ମିଡିଆ):** ସୁଆଣ୍ଡୋସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ସଂଗ୍ରହାଳୟ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳନ କରାଯାଇ ଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ଧୀରେନ୍ଦ୍ର ନାଥ ଦାସ ଯୋଗଦାନ କରି ପତାକା ଉତ୍ତୋଳନ କରିଥିଲେ । ସ୍ୱାଧୀନତା ସଂଗ୍ରାମ ସମୟରେ ଆମର ପୂର୍ବ ସୂରୀ ମାନଙ୍କ ତ୍ୟାଗ ତପସ୍ୟା ଓ ବଳିଦାନ ଅବିସ୍ମରଣୀୟ ହୋଇରହିଛି । ଦେଶ ଦଶ ପାଇଁ ସମର୍ପିତ ହୋଇ ଦେଶ ଗଠନରେ ସାମିଲ ହେବାପାଇଁ ମୁଖ୍ୟ ଅତିଥି ସାମ୍ବାଦିକ ଶ୍ରୀ ଦାସ କହିଥିଲେ। ସମବେତ କଣ୍ଠରେ ଜାତୀୟ ସଙ୍ଗୀତ ଗାନ କରାଯାଇ ଥିଲା ।। ସେହିପରି ସତ୍ୟବାଦୀରେ ନୂତନ ଭାବେ ଖୋଲିଥିବା ଅଦାଲତରେ ବିଚାରପତି ଶ୍ରୀ ସିଦ୍ଧାନ୍ତ ମିଶ୍ର ଓ ଆଇନଜୀବୀ, କର୍ମଚାରୀ ମାନଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିବା ସହ କୋର୍ଟ ପରିସରରେ ବୃକ୍ଷ ରୋପଣ କରିଥିଲେ। ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସମିତି ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା ପତାକା ଉତ୍ତୋଳନ କରିଥିବା ବେଳେ ବିଡିଓ ଦେବାଶିଷ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ସରପଞ୍ଚ ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ । ସେହିପରି ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ,ବାଳିକା ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର ସହ ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ , ସ୍ୱାସ୍ଥ୍ୟ, ରେଳୱେ, ଅଗ୍ନିଶମ, ବକୁଳବନ, ପଞ୍ଚସଖାପୀଠ, ମନ୍ଦିର କାର୍ଯ୍ୟାଳୟ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପ୍ରେସ କ୍ଲବ ସାକ୍ଷୀଗୋପାଳ, କୃଷି ବିଭାଗ, ଆତ୍ମା, କାଦୁଆ ଆଶ୍ରମ, ଉଦ୍ୟାନ ବିଭାଗ. ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି , ବକୁଳବନ ପଞ୍ଚସଖା ମଣ୍ଡପ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି ।ତହସିଲ କାର୍ଯ୍ୟାଳୟରେ ତହସିଲଦାର ସନ୍ତୋଷ ପ୍ରାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା, ଅର୍ପିତା ସେନାପତି ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଆଇନଜୀବୀ ମାନଙ୍କ ସଂଘ ପକ୍ଷରୁ ସ୍ୱାଧିନତା ଦିବସ ପାଳିତ ଅବସରରେ ସେଠାରେ ମଧ୍ୟ ଆଇନଜୀବୀ ମାନଙ୍କ ସହ ପତାକା ଉତ୍ତୋଳନ କରିଥିଲେ। ସାକ୍ଷୀଗୋପାଳ ମନ୍ଦିର ନିକଟରେ ଥିବା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ତହସିଲଦାର ଓ ଅନ୍ୟମାନେ ମାଲ୍ୟାର୍ପଣ କରିଥିଲେ। ସତ୍ୟବାଦୀ ଥାନାରେ ଭାରପ୍ରାପ୍ତ ଅଧିକାରୀ ସୌମ୍ୟରଞ୍ଜନ ମହାଲିକା ପତକା ଉତ୍ତୋଳନ କରିଥିଲେ । ପ୍ରୟାସ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ କାମାକ୍ଷା ପ୍ରସାଦ ପ୍ରଧାନ ପତାକା ଉତ୍ତୋଳନ କରିଥିବା ବେଳେ ବ୍ଲକର ସଭାପତି ପ୍ରାଚୁର୍ଯ୍ୟ ହୋତାଙ୍କ ସହିତ ଗଙ୍ଗାଧର ଛାଟୋଇ, ଲକ୍ଷ୍ମଣ ବେହେରା ଓ ବିଭିନ୍ନ କର୍ମକର୍ତ୍ତା ମାନେ ଉପସ୍ଥିତି ରହିଥିଲେ । ଲୋକକଳା ଗ୍ରାମ ବାଇଁଶିବାଡିରେ ମା କ୍ଷେତ୍ରପାଳ ମୃଦଙ୍ଗ ବାଦ୍ୟନୃତ୍ୟ ପରିଷଦ ଓ କୈଳାସ ଗୋଟିପୁଅ ଓଡିଶୀ ନୃତ୍ୟ ପରିଷଦ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସେହିପରି ସତ୍ୟବାଦୀ ପତଞ୍ଜଳି ଯୋଗ ପରିବାରର ସଭାପତି ପ୍ରହଲ୍ଲାଦ ଘଟୁଆରୀ ପତାକା ଉତ୍ତୋଳନ କରିଥିଲେ । ଅଗ୍ନିଶମ, ଜଳସେଚନ, ପୂର୍ତ୍ତବିଭାଗ , ବିଦ୍ୟୁତ ବିଭାଗ, ଷ୍ଟାର ଆଣ୍ଡ ଷ୍ଟାଇଲି କ୍ଲବ ଓ ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବ୍ଲକ ବିଜେପି ପକ୍ଷରୁ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ନିକଟରେ ଜୟପୁର ସମିତିସଭ୍ୟ ଦୀପକ ଶତପଥି ପ୍ରମୁଖଙ୍କ ସହ ପତାକା ଉତ୍ତୋଳନ କରିଥିଲେ । ସେହିପରି ଗ୍ରାମ୍ୟ କୃଷି ବିକାଶ ପରିଷଦ କାର୍ଯ୍ୟାଳୟରେ ଅତିଥି ଭାବେ ମୃତ୍ୟୁଞ୍ଜୟ ବଡ଼ଜେନା,ଧ୍ରୁବ ଚରଣ ପରିଡାଙ୍କ ସହ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରତାପ କୁମାର ପାହାନ୍ତସିଂହ ଓ ଅନ୍ୟ ମାନଙ୍କ ଗହଣରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ସତ୍ୟବାଦୀ ସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଶୀତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରାଯାଇଥିଲା।

# 'ଗଣମାଧ୍ୟମର ମହାକୁମ୍ଭ 'କଳିଙ୍ଗ ରତ୍ନରେ ୫୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ



## ଅସ୍ତରଙ୍ଗ ପ୍ରେସ୍ କ୍ଲବ୍‌ର ରୌପ୍ୟଜୟନ୍ତୀ ବର୍ଷ ଅବସରରେ...

**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଅସ୍ତରଙ୍ଗ ପ୍ରେସ୍ କ୍ଲବର ରୌପ୍ୟ ଜୟନ୍ତୀ ବର୍ଷରେ ପାଦ ଦେଇଥିବା ୧୦ମ ବାର୍ଷିକ ଉତ୍ସବ ଓ 'କଳିଙ୍ଗ ରତ୍ନ ସମ୍ମାନ ୨୦୨୬' କାର୍ଯ୍ୟକ୍ରମ ଏକ ସ୍ମରଣୀୟ ଅଧ୍ୟାୟ ସୃଷ୍ଟି କରିଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ରାଜ୍ୟ ନାରୀ ସଶକ୍ତିକରଣ ଆୟୋଗ ଚେୟାରମ୍ୟାନ ନମ୍ରତା ଚଢ଼ା । ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସୁଜ୍ଞାନ ଚୌଧୁରୀ ନିଜର ବକ୍ତବ୍ୟରେ ସାମ୍ବାଦିକତାର ଦାୟିତ୍ୱ ଓ ଦର୍ପଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରେସ କ୍ଲବ ଶୃଙ୍ଖଳା କମିଟି ଅଧକ୍ଷ ଶ୍ରୀଯୁକ୍ତ ଜଗନ୍ନାଥ ବେହୁରା ଏବଂ ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡା ଉପସ୍ଥିତ ଥିଲେ। ସଭାପତିତ୍ୱ କରିଥିଲେ ପ୍ରେସ କ୍ଲବ ସଭାପତି ଶ୍ରୀଯୁକ୍ତ ଶରତ କୁମାର ପରିଡା । ଚଳିତ ବର୍ଷର ଆଲୋଚ୍ୟ ବିଷୟ ଥିଲା 'ସ୍ୱାଧୀନ ଭାରତ ବନାମ ଗଣମାଧ୍ୟମ'। ମୁଖ୍ୟ ବକ୍ତା ଶ୍ରୀ ଚୌଧୁରୀ କହିଥିଲେ , '୮୦ ବର୍ଷର ସ୍ୱାଧୀନତା ପରେ ମଧ୍ୟ ଗଣମାଧ୍ୟମ ହିଁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ସତ୍ୟ କହିବାର ସାହସ ଥିଲେ ହିଁ ସାମ୍ବାଦିକତା ବଞ୍ଚିବ'। ଚେୟାରମ୍ୟାନ ଶ୍ରୀମତୀ ଚଢ଼ା ମହିଳା ସଶକ୍ତିକରଣରେ ଗଣମାଧ୍ୟମର ଭୂମିକାକୁ ଗୁରୁତ୍ୱ ଦେଇଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'କଳିଙ୍ଗ ରତ୍ନ ସମ୍ମାନ ୨୦୨୬' ପ୍ରଦାନ। ଛାତ୍ର-ଛାତ୍ରୀ, ସାମ୍ବାଦିକ, ସମାଜସେବୀ,ସଫଳ କୃଷକ ଏବଂ ରାଜନେତା ସମେତ ୫୦ରୁ ଅଧିକ ବିଶିଷ୍ଟ ବ୍ୟକ୍ତିଙ୍କୁ ପୁଷ୍ପମାଲ୍ୟ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସମ୍ମାନିତଙ୍କ ମଧ୍ୟରେ ଜଗତସିଂହପୁର ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ ଥିଲେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ର। ସୁଦର୍ଶନ ବାବୁ ବର୍ଷ ବର୍ଷ ଧରି ନୀରବରେ ସମାଜସେବା କରିଆସୁଛନ୍ତି। ଲୋକଙ୍କ ଦୁଃଖ ସୁଖରେ ସାମିଲ ହେବା ଏବଂ ତୃଣମୂଳ ସ୍ତରରୁ ସମସ୍ୟା ସମାଧାନ ପାଇଁ ତାଙ୍କର ନିଷ୍ଠା ସମସ୍ତଙ୍କୁ ପ୍ରଭାବିତ କରେ। ସାଂସଦଙ୍କ ପ୍ରତିନିଧି ଭାବେ ଅସ୍ତରଙ୍ଗ, କାକଟପୁର ଅଞ୍ଚଳର ବିକାଶ ପାଇଁ ସେ କରୁଥିବା ନିରନ୍ତର ପ୍ରୟାସ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ କରି ସେ କହିଥିଲେ , 'ଏହି ସମ୍ମାନ ମୋ ଏକାର ନୁହେଁ, ଏହା ଅସ୍ତରଙ୍ଗ, କାକଟପୁର ର ସମସ୍ତ କର୍ମୀ ଓ ଜନତା ଙ୍କର'। ସଭାପତି ଶରତ ପରିଡା ମତ ରଖି କହିଥିଲେ , 'ଗତ ଦଶ ବର୍ଷ ହେଲା ଆମେ ସତ୍ୟ ଓ ନିଷ୍ଠାକୁ ଆଦର୍ଶ କରି ଚାଲିଛୁ। ସ୍ୱାଧୀନତା ଦିବସରେ ସମାଜର ପ୍ରକୃତ ଯୋଦ୍ଧାମାନଙ୍କୁ ସମ୍ମାନ ଦେଇ ଆମେ ନିଜକୁ ଧନ୍ୟ ମନେ କରୁଛୁ। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଆହୁରି ବୃହତ ରୂପ ନେବ'। ଏହି ଅବସର ରେ ଯୁବ ସାମ୍ବାଦିକ ମଳୟ ବେହେରା ସମସ୍ତ ଆଦର ପ୍ରିୟ 'ବଣ୍ଟି ' ଓ ଅଭିଜ୍ଞ ସାମ୍ବାଦିକ ତଥା ଘରୋଇ ସାଟେଲାଇଟି ସାମ୍ବାଦିକ ମାନସ ଖଣ୍ଡୁଆଳଙ୍କ ନିରପେକ୍ଷ ଏବଂ କିଛି ବର୍ଷ ମଧ୍ୟରେ ଉଚ୍ଚ କୋଟିର ସାମ୍ବାଦିକତା ଓ ପ୍ରତ୍ୟେକ ଖବର ଲେଖା ଶୈଳୀକୁ ବିଶେଷ ଭାବେ ପ୍ରଶଂସା କରାଯାଇଥିଲା। ଶେଷରେ ସାଧାରଣ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ ସମସ୍ତ ଅତିଥି, ସମ୍ମାନିତ ବ୍ୟକ୍ତି ଏବଂ ଉପସ୍ଥିତ ଶହ ଶହ ଜନତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଜାତୀୟ ସଂଗୀତ ଓ ତ୍ରିରଙ୍ଗା ବନ୍ଦନା ମଧ୍ୟରେ ସମାପନ ହୋଇଥିଲା ଅସ୍ତରଙ୍ଗ ପ୍ରେସ କ୍ଲବର ଏହି ଐତିହାସିକ ଉତ୍ସବ।



# ୧୩ କୋଟି ୫୧ ଲକ୍ଷ ଟଙ୍କା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



**ଖପ୍ରାଖୋଲ (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲାର ପ୍ରମୁଖ ପୁଣ୍ୟକ୍ଷେତ୍ର ତଥା ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ର ସାମଗ୍ରିକ ବିକାଶ ଦିଗରେ ଆଉ ଏକ ବଡ଼ ପଦକ୍ଷେପ ନିଆଯାଇଛି। ହରିଶଙ୍କର ମନ୍ଦିର ପରିସରର ସମନ୍ୱିତ ବିକାଶ ପାଇଁ ପ୍ରସ୍ତାବିତ ୧୩ କୋଟି ୫୧ ଲକ୍ଷ ଟଙ୍କାର ବୃହତ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ସ୍ଥାପିତ ହୋଇଛି। ହରିଶଙ୍କର ମନ୍ଦିର ପରିସରରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଯୋଗଦେଇ ପ୍ରଥମେ ପୂଜାର୍ଚ୍ଚନା କରିବା ପରେ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପରେ ଆୟୋଜିତ ସମାବେଶରେ ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ତ୍ତ ବିଭାଗର ନିରୀକ୍ଷଣ ଯନ୍ତ୍ରୀ ଇଂ. ଗୁଣନିଧି ନାୟକ ଏବଂ ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମର ଏସ୍ ?ଡିଏମ୍ ? ସୌମେନ୍ଦ୍ର ଦାସ ଯୋଗଦେଇଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ବ୍ୟୟବରାଦ ହୋଇଥିବା ଏହି ବୃହତ୍ ପ୍ରକଳ୍ପ ପୂର୍ତ୍ତ ବିଭାଗ ଓ ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମ ମାଧ୍ୟମରେ କାର୍ଯ୍ୟକାରୀ ହେବ। ଏହି ଅବସରରେ ପ୍ରକଳ୍ପର ବ୍ୟୟବରାଦ ସହ ସମ୍ପୂର୍ଣ୍ଣ ରୂପରେଖ ଓ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଅତିଥି ଓ ଲୋକଙ୍କୁ ଅବଗତ କରାଯାଇଥିଲା। ସମାବେଶରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ହରିଶଙ୍କରର ପ୍ରକୃତ ପରିଚୟ ହେଉଛି ଏହାର ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ। ତେଣୁ ବିକାଶର ନାମରେ ପ୍ରକୃତିର କ୍ଷତି ନକରି ପାରିପାର୍ଶ୍ୱିକ ବିକାଶ ସହ ପ୍ରାକୃତିକ ପରିବେଶର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବା ଆବଶ୍ୟକ। ହରିଶଙ୍କରର ଧାର୍ମିକ ମହତ୍ତ୍ୱ ସହ ପର୍ଯ୍ୟଟନ ସମ୍ଭାବନାକୁ ଆହୁରି ସୁଦୃଢ଼ କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହା ସହିତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ହରିଶଙ୍କର ସୁଭଦ୍ରା ଶକ୍ତି କାଫେ ପରିସରରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ନୂତନ କୋଠା ନିର୍ମାଣ ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରାଯାଇଥିଲା। ଏଥିସହ ପଡ଼ିଆବାହାଲ କଲ୍ୟାଣ ମଣ୍ଡପ ରାସ୍ତା ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ଏବଂ ଲୁହାସିଂହାଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରିଥିଲେ ଉପମୁଖ୍ୟମନ୍ତ୍ରୀ। ଅନ୍ୟପଟେ ହରିଶଙ୍କରର ସାମଗ୍ରିକ ବିକାଶ ପାଇଁ କୋଟି କୋଟି ଟଙ୍କାର ପ୍ରକଳ୍ପ ହାତକୁ ନିଆଯାଉଥିବା ବେଳେ ଏହାର ସୁଫଳ ଯେପରି ପ୍ରକୃତରେ ହରିଶଙ୍କର ଓ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ମିଳେ, ସେଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ବିକାଶ ପାଇଁ ଆସୁଥିବା ଅର୍ଥର ପ୍ରତିଟି ଟଙ୍କା ଯେପରି ସ୍ୱଚ୍ଛତା ଓ ସଠିକ୍ ଭାବରେ ପ୍ରକଳ୍ପ କାର୍ଯ୍ୟରେ ବିନିଯୋଗ ହୁଏ, ତାହା ନିଶ୍ଚିତ କରିବା ଜରୁରୀ। 'ପିସି' କାରବାର ବା ଅନାବଶ୍ୟକ ଖର୍ଚ୍ଚରେ ବିକାଶର ଅର୍ଥ ନଷ୍ଟ ନହୋଇ, ଏହାର ସମ୍ପୂର୍ଣ୍ଣ ଲାଭ ହରିଶଙ୍କରର ଭିତ୍ତିଭୂମି, ପରିବେଶ ଓ ପର୍ଯ୍ୟଟନ ବିକାଶରେ ଲାଗିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ବିଶେଷକରି ଅତୀତରେ ବିଭିନ୍ନ ସ୍ଥାନରେ ବିକାଶ କାର୍ଯ୍ୟର ମାନକୁ ନେଇ ପ୍ରଶ୍ନ ଉଠୁଥିବା ପରିପ୍ରେକ୍ଷୀରେ, ହରିଶଙ୍କର ଭଳି ଏକ ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀରେ 'କୋଟି କୋଟି ଟଙ୍କାର ପ୍ରକଳ୍ପ' କେବଳ କାଗଜରେ ସୀମିତ ନରହି, ତାହାର ପ୍ରଭାବ ଭୂମିସ୍ତରରେ ଦୃଶ୍ୟମାନ ହେବା ଦରକାର। ନିମ୍ନମାନର କାମ କରି ସରକାରୀ ଅର୍ଥର ଅପଚୟ ନହେଉ ଏବଂ ନିର୍ମାଣ ପରେ ଅଳ୍ପ ସମୟରେ ପ୍ରକଳ୍ପ ନଷ୍ଟ ନହେଉ, ସେଥିପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ନିୟମିତ ତଦାରଖ କରିବା ଆବଶ୍ୟକ। ହରିଶଙ୍କରର ବିକାଶ ନାଁରେ ଟଙ୍କା ଖର୍ଚ୍ଚ ହେଉ, କିନ୍ତୁ ଟଙ୍କାର ମୂଲ୍ୟରେ ନୁହେଁ—ହରିଶଙ୍କରର ଭବିଷ୍ୟତ ଗଢ଼ିବାରେ ଖର୍ଚ୍ଚ ହେଉ। ପ୍ରକଳ୍ପର ପ୍ରତିଟି କାର୍ଯ୍ୟରେ ସ୍ୱଚ୍ଛତା, ଗୁଣବତ୍ତା ଓ ଉତ୍ତରଦାୟିତ୍ୱ ରହିବା ଦରକାର ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। କାର୍ଯ୍ୟକ୍ରମକୁ ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ସମିତି ସଭ୍ୟ ଦେବକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରା ମାଙ୍ଗାନିଜ ଗାଡ଼ି ଜବତ୍, ମାଫିଆ ଫେରାର




**ଯୋଡ଼ା (ଅମୃତ ମିଡିଆ) :** କେନ୍ଦୁଝର ଜିଲ୍ଲା ବଡ଼ବିଲ ବନାଞ୍ଚଳ ବିଲେଇପଦା ବନ କ୍ଷେତ୍ର ପୁରୁଷୋତ୍ତମ ପୁର ବିଟ ଅଞ୍ଚଳ ନାୟାକୃଷ୍ଣପୂର୍ ରାସ୍ତା ରେ ଚୋରା ମାଙ୍ଗାନିଜ ଗାଡ଼ି କୁ ଜବତ କଲେ ବନରକ୍ଷୀ ବାସୁଦେବ କୁମାର ପାଣି। ପାଣି ଏକା ଥିବାର ସୁଯୋଗ ରେ ଗାଡ଼ି ଡ୍ରାଇଭର ଘଟଣସ୍ଥଳରୁ ଦୌଡି ପଳେଇବାରେ ସଫଳ ହୋଇ ଥିଲା, ସେଠାରେ କେହି ଖଣି ମାଫିଆ ନଥିବା ଜଣା ପଡିଛି । ତେବେ ଶ୍ରୀ ପାଣି ପିକଅପ୍ ଭ୍ୟାନ୍ ନମ୍ବର ଓଡି ୦୪- ବି - ୦୭୬୫ ଟିକୁ ଜବତ କରି ବିଲେଇପଦା ଫରେଷ୍ଟ ଅଫିସକୁ ଆଣିଥିଲେ , ତେବେ ଗାଡ଼ିରେ ଆନୁମାନିକ ୨.୫ ଟନ୍ ର ଉଚ୍ଚମାନର ମାଙ୍ଗାନିଜ ଲୋଡ ହୋଇଥିବା ବେଳେ ଏହାର ବଜାର ମୂଲ୍ୟ ପ୍ରାୟେ ୫୦ହଜାରରୁ ଉର୍ଦ୍ଧ ହେବବୋଲି ଅନୁମାନ। ତେବେ ବନ ପାଳ ଗୋଟିଏ କେଶ୍ ରୁଜୁ କରି ତଦନ୍ତ ଚଳାଇଥିବା ଜଣା ପଡିଛି।

# ପ୍ରସନ୍ନ ବେଉରାଙ୍କ ପତ୍ନୀ ବିୟୋଗ



**ପାରାଦୀପ (ଅମୃତ ମିଡିଆ) :** ଇଫକୋ ପାରାଦ୍ୱୀପ ୟୁନିଟର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଙ୍କ ଧର୍ମ ପତ୍ନୀ ରୀନା ବେଉରା ଙ୍କ ୪୮ ବର୍ଷ ବୟସରେ ଚିକିତ୍ସା ଅବସ୍ଥାରେ ବାଙ୍ଗାଲୋର ସ୍ଥିତ ଆପୋଲୋ ହସ୍ପିଟାଲରେ ସୋମବାର ଦିନ ଦେହାନ୍ତ ହୋଇଯାଇଛି କ୍ଷ ସେ ଜଣେ ପରୋପକାରୀ, ଧର୍ମ ପରାୟଣ ମହିଳା ଥିଲେ କ୍ଷ ତାଙ୍କର କୁସୁନପୁର ସ୍ଥିତ ଗ୍ରାମରେ କାଲି ଅନ୍ତିମ ସଂସ୍କାର କରିଯିବ ।

# 'ଉତ୍କଳ ଦୀପିକା' ପ୍ରକାଶନ ସ୍ଥାନ ସ୍ମାରକୀପୀଠ ଘୋଷଣା



**କଟକ (ବ୍ୟୁରୋ) :** ମାନ୍ୟବର ମେୟର ଶ୍ରୀ ସୁବାସ ସିଂହ ଏବଂ କମିଶନର ସୁଶ୍ରୀ କିରଣଦୀପ କୌର ସହୋତାଙ୍କ ସମ୍ବର୍ଦ୍ଧନା କଟକ: ଓଡ଼ିଆ ଭାଷା, ସାହିତ୍ୟ, ସାମ୍ବାଦିକତା ଓ ଓଡ଼ିଆ ଜାତିର ଗୌରବମୟ ଇତିହାସକୁ ସୁରକ୍ଷିତ ଓ ସ୍ମରଣୀୟ କରି ରଖିବା ଦିଗରେ କଟକ ପୌରନିଗମ ପକ୍ଷରୁ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। କଟକର ଦରଘାବଜାରସ୍ଥିତ ଯେଉଁ ସ୍ଥାନରୁ ଓଡ଼ିଆ ତଥା ଓଡ଼ିଶା ର ପ୍ରଥମ ସମ୍ବାଦପତ୍ର 'ଉତ୍କଳ ଦୀପିକା' ପ୍ରକାଶିତ ହୋଇଥିଲା, ସେହି ଐତିହାସିକ ପ୍ରକାଶନ ସ୍ଥାନକୁ କଟକ ମହାନଗର ନିଗମ ସ୍ମାରକୀପୀଠ ଭାବେ ଘୋଷଣା କରିଛି । କଟକ ମହାନଗର ନିଗମ ର ୪୧ତମ ସାଧାରଣ ଅଧିବେଶନରେ ଏ ସମ୍ପର୍କିତ ପ୍ରସ୍ତାବ କଟକର ମେୟର ଶ୍ରୀ ସୁବାସ ସିଂହ ଆଗତ କରିଥିଲେ। ବିଜୁ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାଉନସିଲ ବୈଠକରେ ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ଗୃହୀତ ହେବା ଏହି ଐତିହାସିକ ସ୍ଥାନର ଗୁରୁତ୍ୱକୁ ଆହୁରି ପ୍ରତିପାଦିତ କରିଛି। ୧୮୬୬ ମସିହା ଅଗଷ୍ଟ ୪ ତାରିଖରେ କଟକର ଦରଘାବଜାରରୁ "ଉତ୍କଳ ଦୀପିକା" ର ପ୍ରଥମ ସଂଖ୍ୟା ପ୍ରକାଶ ପାଇଥିଲା। କର୍ମବୀର ଗୌରୀଶଙ୍କର ରାୟ, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଆଦିନେତା ବିଚିତ୍ରାନନ୍ଦ ଦାସଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ଉଦ୍ୟମରେ ଦରଘାବଜାରରେ କଟକ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ୍ ଗଠନ ହୋଇଥିଲା ଏବଂ ସେଠାରୁ ଏହି ଐତିହାସିକ ପତ୍ରିକାର ପ୍ରକାଶନ ଆରମ୍ଭ ହୋଇଥିଲା। 'ଉତ୍କଳ ଦୀପିକା' କେବଳ ଏକ ସମ୍ବାଦପତ୍ର ନଥିଲା; ଏହା ଥିଲା ଓଡ଼ିଆ ଜାତିର ଚେତନା, ଅଧିକାର ଓ ଆତ୍ମସମ୍ମାନର ଏକ ଶକ୍ତିଶାଳୀ ସ୍ୱର। ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷ ସମୟରେ ଲୋକଙ୍କ ଦୁଃଖଦୁର୍ଦ୍ଦଶାକୁ ସରକାରଙ୍କ ନଜରକୁ ଆଣିବା ସହିତ ଓଡ଼ିଆ ଭାଷାର ସୁରକ୍ଷା ଓ ଅସ୍ତିତ୍ୱ ପାଇଁ ଚାଲିଥିବା ସଂଗ୍ରାମରେ ଏହି ସମ୍ବାଦପତ୍ରର ଭୂମିକା ଅତୁଳନୀୟ ଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପର୍ଯ୍ୟନ୍ତ ଓଡ଼ିଆ ଭାଷା, ସାହିତ୍ୟ ଓ ସାମାଜିକ ଆନ୍ଦୋଳନର ଏକ ପ୍ରମୁଖ ମୁଖପତ୍ର ଭାବେ ଏହା କାର୍ଯ୍ୟ କରିଥିଲା। ଏହି ଐତିହାସିକ ସ୍ଥାନର ଗୁରୁତ୍ୱ କେବଳ 'ଉତ୍କଳ ଦୀପିକା'ର ପ୍ରକାଶନ ମଧ୍ୟରେ ସୀମିତ ନୁହେଁ। ସେହି କୋଠାର ଦ୍ୱିତୀୟ ମହଲାରେ ଉତ୍କଳ ସଭାର ବୈଠକ ଅନୁଷ୍ଠିତ ହେଉଥିଲା। ୧୮୮୨ ମସିହାରେ ସେଠାରେ ଲର୍ଡ ରିପନଙ୍କ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ସମ୍ପର୍କରେ ପ୍ରଥମ ଆଲୋଚନା ହୋଇଥିବାରୁ ଏହି ସ୍ଥାନଟି କଟକ ତଥା ଓଡ଼ିଶାର ରାଜନୈତିକ ଓ ସାମାଜିକ ଇତିହାସର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀ ଭାବେ ପରିଗଣିତ ହୁଏ। ଏହି ଐତିହାସିକ ନିଷ୍ପତ୍ତିକୁ ନେଇ ଆଜି ଡା. ବିଜୟାନନ୍ଦ ସିଂହଙ୍କ ନେତୃତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଟକ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ସାମ୍ବାଦିକ, ସାମାଜିକ କର୍ମୀ ଓ ସାଧାରଣ ଜନତା ଯୋଗଦେଇ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀ ଇନ୍ଦ୍ରଜିତ ଘୋଷ, ପ୍ରଗତିବାଦୀ କଟକ ଜିଲ୍ଲା ରିପୋର୍ଟର ଶ୍ରୀ ପ୍ରଦୀପ ସାହୁ, ଏ. ମହାପାତ୍ର, ଶିବାଶିଷ କର, ମନୋରଞ୍ଜନ ମହାପାତ୍ର, ଚଣ୍ଡୀ ପ୍ରସାଦ ଭଦ୍ର, ସ୍ୱୟମ୍ଭୁ ମହାପାତ୍ର, ଅକ୍ଷୟ କୁମାର ଭଦ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ଓ ଜନସାଧାରଣ ଯୋଗଦେଇଥିଲେ। ବକ୍ତାମାନେ କହିଥିଲେ ଯେ, 'ଉତ୍କଳ ଦୀପିକା'ର ପ୍ରକାଶନ ସ୍ଥାନର ସ୍ମାରକୀକରଣ କେବଳ ଏକ ପୁରୁଣା କୋଠାର ସୁରକ୍ଷା ନୁହେଁ; ଏହା ଓଡ଼ିଆ ଜାତିର ଭାଷା, ସାହିତ୍ୟ, ସାମ୍ବାଦିକତା ଓ ଆତ୍ମପରିଚୟର ଏକ ଅମୂଲ୍ୟ ଐତିହ୍ୟକୁ ସୁରକ୍ଷିତ କରିବାର ପ୍ରୟାସ। ବିଶେଷକରି ଯୁବପିଢ଼ି ଯେପରି ଓଡ଼ିଆ ସାମ୍ବାଦିକତାର ଜନ୍ମ ଓ ଓଡ଼ିଆ ଭାଷା ଆନ୍ଦୋଳନର ଇତିହାସ ସମ୍ପର୍କରେ ଜାଣିପାରିବେ, ସେଥିପାଇଁ ଏହି ସ୍ଥାନକୁ ଏକ ସୁନ୍ଦର ଐତିହାସିକ ପର୍ଯ୍ୟଟନ ଓ ଜ୍ଞାନକେନ୍ଦ୍ର ଭାବେ ବିକଶିତ କରିବାର ଆବଶ୍ୟକତା ଉପରେ ମଧ୍ୟ ମତ ପ୍ରକାଶ ପାଇଥିଲା। ସରକାରୀ ବିଭାଗକୁ ଅବଗତ କରାଯିବ। କାଉନସିଲରେ ଗୃହୀତ ପ୍ରସ୍ତାବ ଅନୁଯାୟୀ, ଏ ସମ୍ପର୍କରେ ରାଜ୍ୟର ସଂସ୍କୃତି ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ଅବଗତ କରାଯିବ। ସ୍ମାରକୀପୀଠର ସଂରକ୍ଷଣ, ବିକାଶ ଓ ଐତିହାସିକ ମର୍ଯ୍ୟାଦାକୁ ଉପଯୁକ୍ତ ଭାବେ ରକ୍ଷା କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ। ମେୟର ଶ୍ରୀ ସୁବାସ ସିଂହ କହିଛନ୍ତି ଯେ, କଟକ ପୌର ପରିଷଦର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସହରର ଐତିହାସିକ ଓ ସାଂସ୍କୃତିକ ଐତିହ୍ୟର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି। 'ଉତ୍କଳ ଦୀପିକା'ର ଐତିହାସିକ ପ୍ରକାଶନ ସ୍ଥାନକୁ ସଂରକ୍ଷଣ କରି ଏହାକୁ ଆଗାମୀ ପିଢ଼ି ପାଇଁ ଏକ ଜୀବନ୍ତ ଇତିହାସର ସାକ୍ଷୀ ଭାବେ ବିକଶିତ କରାଯିବ। ଐତିହ୍ୟ ସୁରକ୍ଷା ପାଇଁ ଏକ ନୂଆ ଅଧ୍ୟାୟ କଟକ ହେଉଛି ଓଡ଼ିଶାର ଐତିହାସିକ, ସାହିତ୍ୟିକ ଓ ସାଂସ୍କୃତିକ ଚେତନାର ଏକ ପ୍ରମୁଖ କେନ୍ଦ୍ର। 'ଉତ୍କଳ ଦୀପିକା'ର ପ୍ରକାଶନ ସ୍ଥାନକୁ ସ୍ମାରକୀପୀଠ ଘୋଷଣା କରାଯିବା ଏହି ଗୌରବମୟ ପରମ୍ପରାକୁ ନୂଆ ପିଢ଼ି ସହ ଯୋଡ଼ିବାରେ ଏକ ମାଇଲଖୁଣ୍ଟ ହୋଇପାରିବ। ଓଡ଼ିଆ ସାମ୍ବାଦିକତାର ଜନ୍ମସ୍ଥଳୀ, ଭାଷା ଆନ୍ଦୋଳନର ଏକ ପ୍ରମୁଖ ସ୍ମୃତିସ୍ଥଳ ଏବଂ ଓଡ଼ିଆ ଜାତୀୟ ଚେତନାର ଏକ ଐତିହାସିକ ପୀଠ ଭାବେ ଏହି ସ୍ଥାନ ଭବିଷ୍ୟତରେ କଟକର ଏକ ପ୍ରମୁଖ ଐତିହ୍ୟସ୍ଥଳୀର ମର୍ଯ୍ୟାଦା ଲାଭ କରିବ ବୋଲି ବୁଦ୍ଧିଜୀବୀ ଓ ସାହିତ୍ୟିକମାନେ ଆଶା ପ୍ରକାଶ କରିଛନ୍ତି। 'ଉତ୍କଳ ଦୀପିକା'ର ଗୌରବକୁ ସମ୍ମାନ ଏବଂ ଏହାର ଐତିହ୍ୟର ସଂରକ୍ଷଣ—ଓଡ଼ିଆ ଭାଷା ଓ ଓଡ଼ିଆ ଜାତିର ଗୌରବମୟ ଅତୀତକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବାର ଏକ ଦୃଢ଼ ପଦକ୍ଷେପ।

# ବନ୍ଦଘରୁ ମହିଳାଙ୍କୁ ଉଦ୍ଧାର କଲା ପୋଲିସ

**ଧଉଳି (ଅମୃତ ମିଡିଆ) :** ବନ୍ଦଘରୁ ଜଣେ ମହିଳାଙ୍କୁ ଉଦ୍ଧାର କରିଛି ପିପିଲି ଥାନା କୌଶଲ୍ୟାଗଙ୍ଗ ଫାଣ୍ଡି ପୁଲିସ । ଉଦ୍ଧାର ମହିଳା ଜଣେ ମାନସିକ ବିକାରଗସ୍ତ ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି । ଖବରନେବାରେ ଜଣାପଡିଛି ଏହି ଫାଣ୍ଡି ଅଧିନ କୁଞ୍ଜର ଗ୍ରାମର ପ୍ରଭାତୀ ପ୍ରଧାନ (୪୭)ନାମକ ଜଣେ ମହିଳା ଭଉଣୀ ପ୍ରତିମାଙ୍କ ସହ ରୁହନ୍ତି । ପ୍ରଭାତୀ ଜଣେ ମାନସିକ ବିକାରଗ୍ରସ୍ତ ଥିବାରୁ ବେଳେ ବେଳେ ବଡଭଉଣୀ ପ୍ରତିମା ସହ ପାଟିତୁଣ୍ଡ କରିଥାଏ । ଏନେଇ ଗତ ସପ୍ତାହ ତଳେ ପ୍ରଭାତୀ ଭଉଣୀ ପ୍ରତିମାଙ୍କୁ ମାଡ଼ ମାରିଥିଲା । ଫଳରେ ପ୍ରତିମା ରାଗରେ ଘରୁ ପଳାଇଥିଲା । ପରେ ପ୍ରଭାତୀ ଘର ଭିତର ପଟୁ ଚାବି ପକାଇ ଦେଇଥିଲେ । ମାତ୍ର ସେ ଚାବି କେଉଁଆଡେ ହଜାଇଦେଇଥିଲେ । ଫଳରେ ଚାବି ନପାଇ ଘରର ଆସବାବପତ୍ର ଫୋପଡ଼ାଫିଙ୍ଗା କରିଥିଲେ । ଅନ୍ୟପଟେ ପ୍ରତିଭାର ଗତିବିଧି ଲକ୍ଷ କରିବା ନିମନ୍ତେ ପ୍ରତିମା ଘରେ ସିସିଟିଭି ଲଗାଇଥିଲେ । ମାତ୍ର ୪ ଦିନ ଘର ଭିତରେ ରହି ବ୍ୟତିବ୍ୟସ୍ତ ହୋଇଯାଇଥିବା ପ୍ରତିଭା ଜିନିଷ ପତ୍ର ଫୋପଡ଼ାଫିଙ୍ଗା ସମୟରେ ସିସିଟିଭିଟି ଭାଙ୍ଗି ଯାଇଥିଲା । ଫଳରେ ବଡଭଉଣୀ ପ୍ରତିମାଙ୍କ ସନ୍ଦେହ ହେବାରୁ ସେ କୌଶଲ୍ୟାଗଙ୍ଗ ଫାଣ୍ଡିରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ଦାଶ ସଦଳବଦଳେ ପହଞ୍ଚି ପ୍ରତିଭାଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ନିମନ୍ତେ ପ୍ରଥମେ ବାଲକାଟି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ରାଜଧାନୀ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ ।

# ସ୍ୱାଧୀନତା ଆତ୍ମସମୀକ୍ଷାର ଦିବସ :ପ୍ରଫେସର ରାମକୃଷ୍ଣ ପ୍ରଧାନ



**ନୀଳଗିରି (ଅମୃତ ମିଡିଆ) :** ସ୍ୱାଧୀନତା ରାଜନୀତିକ ମୁକ୍ତି ନୁହେଁ . । ସ୍ୱାଧୀନତା କେବଳ ଇଂରେଜ ଆଇନର ରଦ୍ଦପଣ ନୁହେଁ । ସ୍ୱାଧୀନତା ହେଉଛି ବ୍ୟକ୍ତିଗତ ଶୃଙ୍ଖଳା, ସଂସ୍କାରପୂର୍ଣ୍ଣ ସୁରକ୍ଷା । ଆଜିର ମୂଲ୍ୟବୋଧ କହିଲେ ଏକ ଅବକ୍ଷୟମୁଖୀ ଧାରା । ଆଜି ନିଯୁକ୍ତିରେ ଦୁର୍ନୀତି ମୂଲ୍ୟବୋଧର ବାଧକ ଅଟେ । ଗୋଡ଼ାଣିଆ ଭାବ ଭାରତୀୟ ନିକଟରେ ନାହିଁ । ଅର୍ଥନୈତିକ ସ୍ୱାଧୀନତା ବିନା ରାଜନୀତିକ ସ୍ୱାଧୀନତାର ମୂଲ୍ୟନାହିଁ । ଆଜିର ହାତମିଳା ଭାବରୁ ସାଧାରଣ ଜନତା ସନ୍ତୁଳି ଯାଉଛି । ବ୍ୟବସ୍ଥାରେ ବୈଧିଭାବର ଦୁର୍ବଳପଣରୁ ମୂଲ୍ୟବୋଧ ହ୍ରାସ ହୁଏ । ସମନ୍ୱୟ ଭାବ ମୂଲ୍ୟବୋଧର ଆନ୍ତରିକପଣ । ଆମ ସଂସ୍କୃତି ଆମ ସାମୂହିକତାର ପରିଚୟ । ଜୀବନ ଭଙ୍ଗୁରତା ନୁହେଁ ଐକ୍ୟପଣକୁ ସ୍ୱୀକାର କରେ । ରାଜନୀତିରେ ଅପରାଧୀକରଣ ମୂଲ୍ୟବୋଧର ବାଧକ . । ସର୍ବୋପରି ନୈତିକ ଭାବଧାରା ହିଁ ମୂଲ୍ୟବୋଧ ବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ଶହେ ଏକୋଇଶିତମ ଆଭାସୀ ପାଠଚକ୍ରରେ ସ୍ୱାଧୀନତାର ମୂଲ୍ୟବୋଧ ଶୀର୍ଷକରେ ଆଲୋଚକ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶ୍ୟାମସୁନ୍ଦର ଆଚାର୍ଯ୍ୟ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବିଳାସପୁର ଛତିଶଗଡର ପ୍ରଫେସର ରାମକୃଷ୍ଣ ପ୍ରଧାନ ନିଜନିଜର ମତ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ଼. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ଭାର୍ଗବୀ ରାଉତ ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ଶେଷରେ କୁମାରୀ ମାମାଲି ସାହୁ ସମସ୍ତଙ୍କୁ କୃତଜ୍ଞତା ପ୍ରଦାନ କରିଥିଲେ । ଏହି ଆସରରେ ସମଗ୍ର ଓଡିଶା ଓ ଓଡିଶା ବାହାରୁ ବହୁ ଶ୍ରୋତା ଯୋଗଦାନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରିଲିଫ୍ ...

ପ୍ରଭାକର ପାଟିଲ, ଯାଜପୁର ଜିଲ୍ଲା ପାଇଁ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଅବକାରୀ କମିଶନର ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ , ଜିଲ୍ଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧିକ୍ଷକ ୟଶପ୍ରତାପ ଶ୍ରୀମାଲ,ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଏବଂ ବିଭିନ୍ନ ବିଭାଗର ରାଜ୍ୟ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଗସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସେହିପରି କେଉଁଠି ଖାଲି ପାଦରେ ତ ଆଉ କେଉଁଠି ବାଇକରେ ଗଲେ। ପୁଣି କେଉଁଠି ବୋଟରେ ବସି ବନ୍ୟା ଦୁର୍ଦ୍ଦଶାକୁ ପରଖିଲେ। ଆଜି ବନ୍ୟାଞ୍ଚଳ ପରିଦର୍ଶନରେ ଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗ୍ରାଉଣ୍ଡ ଜିରୋରେ ଏଭଳି ଅନୁଧ୍ୟାନ କରିଥିଲେ। ଭଦ୍ରକ ତିହିଡ଼ିର ଈଶ୍ୱରପୁରରେ ମନ୍ତ୍ରୀ ସୂରଜ୍ ସୂର୍ଯ୍ୟବଂଶୀଙ୍କ ସହ ବାଇକରେ ଯାଇ ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ଥିତି ପରଖିଛନ୍ତି। ତାସହ ଲୋକଙ୍କ ଦୁର୍ଦ୍ଦଶା ବୁଝିଛନ୍ତି। ପ୍ରଥମେ ବୋଟରେ ଯାଇଥିଲେ ଈଶ୍ୱରପୁର। ଆଉ ସେହି ଅଞ୍ଚଳରେ ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କ ସହ ବୁଲେଟରେ ମୁଖ୍ୟମନ୍ତ୍ରୀ ବନ୍ୟା ଦୁର୍ଦ୍ଦଶାକୁ ବୁଲି ଦେଖିଛନ୍ତି। ଏହାପରେ ସୋସିଆଲ୍ ମିଡ଼ିଆ ଢରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ପ୍ରଭାବିତ ଜନସାଧାରଣଙ୍କ ନିକଟରେ ତୁରନ୍ତ ରିଲିଫ, ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଚିକିତ୍ସା ସେବା ଏବଂ ଗୋ-ଖାଦ୍ୟ ପହଞ୍ଚାଯାଉଛି। ବିପନ୍ନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ଏବଂ ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ବନ୍ୟା ପରିସ୍ଥିତିରେ ଲୋକଙ୍କ ସୁରକ୍ଷା ଓ ତ୍ୱରିତ ସହାୟତାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି।

### ଫେବୃଆରୀ...

ସରକାରୀ ଯୋଜନା ଓ ସବସିଡ଼ିଯୁକ୍ତ ବିହନ,ସାର, କୃଷି ଯନ୍ତ୍ରପାତି ଓ ଅନ୍ୟାନ୍ୟ ସରକାରୀ ପ୍ରୋତ୍ସାହନ ରାଶି ସିଧାସଳଖ ଭାଗଚାଷୀଙ୍କୁ ମିଳିପାରିବ। ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଫସଲ ହାନି ଘଟିଲେ ବୀମା ରାଶି ଓ ସରକାରୀ ରିଲିଫ୍ ସହାୟତା ଚାଷ କରିଥିବା ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପ୍ରଦାନ କରାଯିବ। କମିଟି ରାଜ୍ୟରେ ଭାଗଚାଷର ସ୍ଥିତି(ଏନଏସଏସ ତଥ୍ୟ ଆଧାରରେ)କୁ ନେଇ ଚିନ୍ତା ପ୍ରକଟ କରି କହିଛନ୍ତି ଯେ, ରାଜ୍ୟରେ ଭାଗଚାଷ ଜମିର ପରିମାଣ ୨୦୧୨-୧୩ ମସିହାରେ ୨୦.୬ % ଥିବାବେଳେ ୨୦୧୮-୧୯ ସୁଦ୍ଧା ତାହା ୩୯% କୁ ବୃଦ୍ଧି ପାଇଛି। ମୋଟ ଲିଜ୍ କ୍ଷେତ୍ରଫଳ ୧୬.୭ %ରୁ ବଢ଼ି ୩୧.୩ %ରେ ପହଂଚିଛି। ଜମି ଉପରେ ସ୍ୱତ୍ୱ ବା ମାଲିକାନା ହରାଇବା ଭୟରେ ମାଲିକମାନେ ଜମି ଲିଜ୍ ନଦେବାରୁ ପଡ଼ିଆ ଜମି ପରିମାଣ ୨୦୦୯ ମସିହାରେ ଥିବା ୨.୨୯ ଲକ୍ଷ ହେକ୍ଟର ଥିବାବେଳେ ୨୦୨୩ ମସିହା ସୁଦ୍ଧା ଏହା ୭.୦୪ ଲକ୍ଷ ହେକ୍ଟରରେ ପହଂଚିଛି। ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଧାନ ଚାଷୀ ବାସ୍ତବରେ ଭାଗଚାଷ ଉପରେ ହିଁ ନିର୍ଭର କରନ୍ତି। ତଥାପି, ଓଡ଼ିଶା ଭୂସଂସ୍କାର ଆଇନ-୧୯୬୦ ର କଠୋର କଟକଣା ଯୋଗୁଁ ଅଣଆନୁଷ୍ଠାନିକ ଭାବେ ଚାଲିଥିବା ଭାଗଚାଷ କାରଣରୁ ଏହି ଚାଷୀମାନେ ବ୍ୟାଙ୍କ ଋଣ, ଫସଲ ବୀମା, ସାରବିହନ ରିହାତି, ପିଏମ୍-କିସାନ ଓ ସିଏମ୍-କିସାନ ଭଳି ମୌଳିକ କଲ୍ୟାଣକାରୀ ଯୋଜନାରୁ ବଂଚିତ ହେଉଛନ୍ତି। ଏପରିକି ପୂର୍ବ ସରକାରର 'କାଳିଆ' ଯୋଜନାରେ ୪୦ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ମାତ୍ର ୫୭ ହଜାର ଭାଗଚାଷୀଙ୍କୁ ଲାଭ ମିଳିପାରିଥିଲା। ଏହି ସମସ୍ୟାର ସମାଧାନ ପାଇଁ କମିଟି କେତେକ ବଳିଷ୍ଠ ସୁପାରିଶ ବା ପ୍ରସ୍ତାବ ଦେଇଛନ୍ତି। ପ୍ରସ୍ତାବିତ ନୂଆ ବ୍ୟବସ୍ଥାରେ ଜମି ଲିଜ୍ ଦେଲେ ମଧ୍ୟ ଜମି ମାଲିକଙ୍କ ମାଲିକାନା ଶତପ୍ରତିଶତ ସୁରକ୍ଷିତ ରହିବ ଓ ଭାଗଚାଷୀଙ୍କର କୌଣସି ରୟତି ବା ସ୍ଥାୟୀ ଦଖଲ ସତ୍ତ୍ୱ ସୃଷ୍ଟି ହେବ ନାହିଁ। ଏହି ଲିଜ୍ ଚୁକ୍ତି ସରକାରୀ ଖତିୟାନ ବା ପଟ୍ଟାରେ ଲିପିବଦ୍ଧ ନହୋଇ 'ଭୂଲେଖ' ସହ ସଂଯୁକ୍ତ ଏକ ସ୍ୱତନ୍ତ୍ର 'ଡିଜିଟାଲ୍ ଟେନାନ୍ସି ରେଜିଷ୍ଟ୍ରି' ରେ ରହିବ, ଯାହାମାଧ୍ୟମରେ ଭାଗ ଚାଷୀଜଣକ ବ୍ୟାଙ୍କ, ବୀମା କମ୍ପାନୀ ଓ ମଣ୍ଡିରେ ସମସ୍ତ ସୁବିଧା ପାଇପାରିବେ। ଚୁକ୍ତି ସରିବାପରେ ଜମି ମାଲିକ ନିଜ ଜମି ଫେରିପାଇବା ନେଇ ସରଳ ତଥା ତ୍ୱରିତ ଆଇନଗତ ବ୍ୟବସ୍ଥା ରହିବ।ଏହି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ କମିଟି ଏକ ସ୍ପଷ୍ଟ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛନ୍ତି। ସର୍ବସାଧାରଣଙ୍କ ସହ ଆଲୋଚନା କରାଯିବାପରେ ୨୦୨୬ ଅଗଷ୍ଟରୁ ଅକ୍ଟୋବର ମାସ ମଧ୍ୟରେ କୃଷକ ସଙ୍ଗଠନ, ବ୍ୟାଙ୍କ, ବୀମା କମ୍ପାନୀ ଓ ବିଶେଷଜ୍ଞଙ୍କ ସହ ବିସ୍ତୃତ ପରାମର୍ଶ କରାଯିବ। ନଭେମ୍ବର-ଡିସେମ୍ବର ରେ ଚିଠା ଆଇନର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହୋଇ ୨୦୨୭ ଫେବୃଆରୀ-ମାର୍ଚ୍ଚ ମଧ୍ୟରେ ବିଧାନସଭାରେ ବିଲ୍ ପାରିତ କରାଯାଇ ରାଷ୍ଟ୍ରପତିଙ୍କ ସମ୍ମତି ପାଇଁ ପଠାଯିବ। ରାଜ୍ୟ ସରକାର ଏହି ରିପୋର୍ଟକୁ ଗ୍ରହଣ କରି ଆଇନ ପ୍ରଣୟନ କଲେ 'ବିକଶିତ ଓଡ଼ିଶା: ଭିଜନ ୨୦୩୬ ଓ ୨୦୪୭' ର ଲକ୍ଷ୍ୟ ହାସଲ ସହ ରାଜ୍ୟ କୃଷି ଅର୍ଥନୀତିରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆସିବ ବୋଲି କମିଟି ସୁପାରିଶ କରିଛନ୍ତି। ଅବଶ୍ୟ ମହାପାତ୍ର କମିଟିର ଏହି ସୁପାରିସ ଏବେ ରାଜ୍ୟ ସରକାରଙ୍କ ବିଚାରାଧୀନ ରହିଛି। ଯଦି ଏହା ଆଇନଗତ ରୂପ ନିଏ, ତେବେ ରାଜ୍ୟର କୃଷି ଅର୍ଥନୀତି ତଥା ଗ୍ରାମୀଣ କ୍ଷେତ୍ରରେ ଏକ ଐତିହାସିକ ଯୁଗାନ୍ତକାରୀ ପରିବର୍ତ୍ତନ ଆସିବ ବୋଲି କୁହାଯାଉଛି।

### ୧୨୬ ଗାଁ ...

ଗ୍ରାମପଞ୍ଚାୟତର ୨୭୦ଟି ଗାଁ, ଗୋଟିଏ ସହରାଞ୍ଚଳର ୧୫ଟି ୱାର୍ଡର ମୋଟ୍ ୨,୦୨,୬୭୨ଜଣ ପ୍ରଭାବିତ ହୋଇଛନ୍ତି। ୮ଟି ଗାଁ ଜଳାର୍ଣ୍ଣବ ହୋଇଥିବାବେଳେ ୭୭,୬୮୦ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ୧୮,୬୪୨ ହେକ୍ଟର ଚାଷ ଜମିରେ ପାଣି ମାଡ଼ିଥିବାରୁ ଫସଲ ନଷ୍ଟ ହୋଇଛି। କେନ୍ଦୁଝର ଜିଲ୍ଲାରେ ୧୩ଟି ବ୍ଲକର ୭୮ଟି ଗ୍ରାମପଞ୍ଚାୟତର ୧୮୭ଟି ଗାଁ, ୪ଟି ସହରାଞ୍ଚଳର ୭ଟି ୱାର୍ଡର ୧୧,୯୫୩ଜଣ ପ୍ରଭାବିତ ହୋଇଛନ୍ତି। ୧୪ଟି ଗାଁ ଜଳାର୍ଣ୍ଣବ ହୋଇଥିବାବେଳେ ୧୯୫୮ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ୩୬୭ଟି ଘର ବର୍ଷା ଓ ବନ୍ୟାରେ ନଷ୍ଟ ହୋଇଛି। ୯୫୯.୭ ହେକ୍ଟର ଚାଷ ଜମିରେ ପାଣି ମାଡ଼ିଥିବାରୁ ଫସଲ ନଷ୍ଟ ହୋଇଛି। ମୟୂରଭଞ୍ଜ ଜିଲ୍ଲାରେ ୨୨ଟି ବ୍ଲକର ୫୪ଟି ଗ୍ରାମପଞ୍ଚାୟତର ୧୨୬ଟି ଗାଁ, ଗୋଟିଏ ସହରାଞ୍ଚଳର ୮ଟି ୱାର୍ଡର ମୋଟ୍ ୨୬,୭୪୧ଜଣ ପ୍ରଭାବିତ ହୋଇଛନ୍ତି। ୧୧ଟି ଗାଁ ଜଳାର୍ଣ୍ଣବ ହୋଇଥିବାବେଳେ ୨୬,୭୪୧ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ୫୦୫ଟି ଘର ବର୍ଷା ଓ ବନ୍ୟାରେ ନଷ୍ଟ ହୋଇଛି। ୪,୯୯୨ହଜାର ହେକ୍ଟର ଚାଷ ଜମିରେ ପାଣି ମାଡ଼ିଥିବାରୁ ଫସଲ ନଷ୍ଟ ହୋଇଛି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାରେ ୫ଟି ବ୍ଲକର ୬୩ଟି ଗ୍ରାମପଞ୍ଚାୟତର ୧୩୪ଟି ଗାଁ, ଗୋଟିଏ ସହରାଞ୍ଚଳର ୧୧ଟି ୱାର୍ଡର ୧,୪୩,୭୧୫ଜଣ ପ୍ରଭାବିତ ହୋଇଛନ୍ତି। ୩୩ଟି ଗାଁ ଜଳାର୍ଣ୍ଣବ ହୋଇଥିବାବେଳେ ୨୦୮୫ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। କେତେ ଜମିରେ ପାଣି ମାଡ଼ିଛି ତାହା ଆକଳନ ହୋଇନଥିବା ଜଣାପଡ଼ିଛି।

### ଭାସିଗଲେ ...

କାର୍ଯ୍ୟରେ ବାଧା ସୃଷ୍ଟି ହେବାରୁ ରାତିରେ ଅଭିଯାନକୁ ବନ୍ଦ ରଖାଯାଇଥିଲା । ଅନ୍ୟପଟେ, ପାଣି ଭିତରୁ ସୁନିଲଙ୍କ ମୋଟରସାଇକେଲକୁ ଉଦ୍ଧାର କରାଯାଇଛି । ହେଲେ ଘଟଣାକୁ ପ୍ରାୟ ୩୬ ଘଣ୍ଟା ବିତିଯାଇଥିଲେ ମଧ୍ୟ ସୁନିଲଙ୍କ କୌଣସି ପତ୍ତା ମିଳିନାହିଁ । ଆଜି ସକାଳୁ ପୁଣିଥରେ ଅଗ୍ନିଶମ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ନାଳରେ ଖୋଜାଖୋଜି ଓ ଉଦ୍ଧାର ଅଭିଯାନ ଜାରି ରହିଛି । ନିଖୋଜ ଯବାନଙ୍କୁ ଉଦ୍ଧାର କରିବା ପାଇଁ ଜୋରଦାର ଉଦ୍ୟମ ଚାଲିଛି ।

### ମହିଳା ...

ଥିବା ବନ୍ଧୁକ ଧରାଇ ଫଟୋ, ଭିଡିଓ ଉଠାଇ ଗୁଣ୍ଡାଙ୍କୁ ଅଭିଯୁକ୍ତ ସଜାଇଥିଲେ । ଗତ ୧୫ ଅପରାହ୍ନରେ ଗୁଣ୍ଡାଙ୍କୁ ନିକଟସ୍ଥ ଖଣ୍ଡଗିରି ଥାନାକୁ ନେଇଥିଲେ । କ୍ଷିତିଶଙ୍କ ଠାରୁ ସେ ପୂର୍ବରୁ ନେଇଥିବା ୫୦ ଲକ୍ଷ ଧାର ଟଙ୍କା ଫେରାଉ ନ ଥିବା ନେଇ କ୍ଷିତିଶ ଥାନାରେ ଅଭିଯୋଗ କରିଥିଲେ । ସୋମବାର ସେ ୫୦ ଲକ୍ଷ ଟଙ୍କା ଫେରାଇବାକୁ ରାଜି ହୋଇଛନ୍ତି । ଯଦି ଟଙ୍କା ଫେରସ୍ତ ନ କରନ୍ତି ତା'ହେଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି କ୍ଷିତିଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଥାନାରେ ଉପସ୍ଥିତ ସାମ୍ବାଦିକ ସଞ୍ଜୟ କୁମାର ଜେନା ନିଜକୁ ପୁଲିସ ଏସ୍ଆଇ ଭାବେ ଗୁଣ୍ଡାଙ୍କୁ ପରିଚୟ ଦେଇ ୫୦ ଲକ୍ଷ ଟଙ୍କା ଫେରସ୍ତ କରିବା ନେଇ ଲେଖାଇ ନେଇଥିଲେ ।




## ଓଡ଼ିଶା ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ

# ଲଳିତ ଓ ଆର୍ଯ୍ୟନ ଚାମ୍ପିଅନ



**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟର ପ୍ରମୁଖ ତଥା ମର୍ଯ୍ୟାଦାଜନକ ଚେସ୍ ତାଲିମ କେନ୍ଦ୍ର, ଏସ୍‌ଆର ଚେସ୍ ସେଣ୍ଟର ଏବଂ ପ୍ରତିଷ୍ଠିତ ଏସ୍‌ବି୧ ଗ୍ରୁପ୍ ଅଫ୍ କମ୍ପାନୀଜ ର ମିଳିତ ସହଯୋଗରେ, ପାହାଲରେ ଥିବା ମଦର ପବ୍ଲିକ୍ ସ୍କୁଲରେ ଗତ ଦୁଇ ଦିନ ଧରି ଅନୁଷ୍ଠିତ ମର୍ଯ୍ୟାଦାଜନକ ଓଡ଼ିଶା ରାଜ୍ୟ ରାପିଡ୍ ଏବଂ ବ୍ଲିଜ୍ ଫିଡେ ରେଟିଂ ଚେସ୍ ପ୍ରତିଯୋଗିତାରେ ରାପିଡରେ କଟକର ଉଦୟମାନ ତାରକା ଲଳିତ ରଞ୍ଜନ ସାହୁ ଓ ବ୍ଲିଜ ରେ ଯାଜପୁରର ଆର୍ଯ୍ୟନ ବେହେରା ଚାମ୍ପିଅନ ହୋଇଛନ୍ତି। ମୋଟ ୧,୨୦,୦୦୦ ଟଙ୍କା ପୁରସ୍କାର ରାଶି ଏବଂ ୬୦ ରୁ ଅଧିକ ଆକର୍ଷଣୀୟ ଟ୍ରଫି ଥିବା ଏହି ଖେଳରେ କୌଣସି ଓଡ଼ିଶା ରାଜ୍ୟ ମନୋନୟନ ପ୍ରତିଯୋଗିତାରେ ପ୍ରଥମଥର ପାଇଁ ରାପିଡରେ (୩୪୦ ଓ ବ୍ଲିରେ ୨୭୫) ରେକର୍ଡ ୬୦୦ରୁ ଉର୍ଦ୍ଧ ଖେଳାଳି ଭାଗ ନେଇଥିଲେ। ଚାମ୍ପିଅନ ଲଳିତଙ୍କ ସହ ଭୁବନେଶ୍ୱରର ସି ଏମ୍ ରାଜେନ୍ଦ୍ର ସାହୁ ଦ୍ୱିତୀୟ ଓ କଟକର ବିସ୍ମୟ ବାଳିକା ପ୍ରତ୍ୟାଶା ଜେନା ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରତେକ ତିନିଜଣ ଖେଳାଳି ଅପରାଜିତ ୭ଟି ବିଜୟ ଓ ଦୁଇଟି ଡ୍ର ସହ ସମାନ ୮ ପଏଣ୍ଟ ରଖି ବୁକଲୋଜ ପ୍ରଣାଳୀରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ବ୍ଲିଜ୍ ବିଭାଗରେ ଚାମ୍ପିଅନ ଆର୍ଯ୍ୟନ୍ ଙ୍କ ସହ ଦ୍ୱିତୀୟ ବିଶାଲ ପଟ୍ଟନାୟକ ଢେଙ୍କାନାଳ ଓ ତୃତୀୟ ବିଶ୍ୱ ଚେସ ପଦକ ବିଜେତା ସ୍ୱାତିକ ସ୍ୱାଇଁ ମଧ ପ୍ରତେକ୍ ସମାନ ୮ ପଏଣ୍ଟ ପାଇ ବୁକାଲୋଜ ପ୍ରଣାଳୀରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରଥମ ଦିନର ପ୍ରଥମ ରାଉଣ୍ଡକୁ ବିଜୁପଟ୍ଟନାୟକ ପୁରଷ୍କାର ପ୍ରାପ୍ତ ଦକ୍ଷ କ୍ରୀଡା ସାମ୍ବାଦିକ ବିମଳ ରାଉଳ ପ୍ରଥମ ଚାଲ ଚଳାଇ ଶୁଭାରମ୍ଭ କରିଥିଲେ। ଉଦଯାପନ ଉତ୍ସବରେ ରାଜ୍ୟ ଚେସ ସଂଘ ସଭାପତି ସତ୍ୟ ରଂଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି,ଏସ ଆର ଚେସ ସେଣ୍ଟର ସଭାପତି ସୁଭାଶିଷ ପଟ୍ଟନାୟକ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଜଗନ୍ନାଥ ପ୍ରଧାନ ଏବଂ ଏସ୍‌ଆରବି ଆଣ୍ଡ ଆସୋସିଏଟ୍ସର ଅଂଶୀଦାର ଶ୍ରୀ ରାଜୀବ ଶେଖର ସାହୁ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସବି୧ ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ଅଧ୍ୟକ୍ଷା ଶ୍ରୀମତୀ ବୈଜୟନ୍ତୀ ସାହୁ, ମଦର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ସର ଅଧ୍ୟକ୍ଷା ଶ୍ରୀମତୀ ପଲି ପଟ୍ଟନାୟକ, ନିର୍ଦ୍ଦେଶକ ଶ୍ରୀ ଶ୍ରୀଜିତ୍ ପଟ୍ଟନାୟକ, ପରିଚାଳନା ନିର୍ଦ୍ଦେଶିକା ସୁଶ୍ରୀ ମିନତି ସାବତ, ଅଧ୍ୟକ୍ଷା ସୁଶ୍ରୀ ଚିତ୍ରା ଅଜୟ, ସହ-ପ୍ରତିଷ୍ଠାତା ଶ୍ରୀ ନବରଞ୍ଜନ ପଟ୍ଟନାୟକ ଏବଂ ପରିଚାଳନା ନିର୍ଦ୍ଦେଶିକା ସୁଶ୍ରୀ ଋତୁପର୍ଣ୍ଣା ପଟ୍ଟନାୟକଙ୍କ ଉପସ୍ଥିତ ଥିଲେ।

# ୩୫୦ ଓ୍ୱିକେଟ କ୍ଲବରେ ଜାଡେଜା



**ନୂଆଦିଲ୍ଲୀ :** ଟେଷ୍ଟ କ୍ରିକେଟର ଐତିହାସିକ ରେକର୍ଡ କ୍ଲବରେ ଟିମ ଇଣ୍ଡିଆର ଅଭିଜ୍ଞ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା। ଟେଷ୍ଟ କ୍ରିକେଟରେ ୩୫୦ ଓ୍ୱିକେଟ ନେଇ ସେ ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି। ଟେଷ୍ଟ କ୍ରିକେଟରେ ୪୦୦୦ରୁ ଅଧିକ ରନ ଓ ଅତିକମରେ ୩୫୦ଟି ଓ୍ୱିକେଟ ନେଇଥିବା କିଛି ହାତ ଗଣତି କ୍ରିକେଟରଙ୍କ ମଧ୍ୟରେ ଜାଡେଜା ନିଜକୁ ସାମିଲ କରିପାରିଛନ୍ତି। ସେ କିମ୍ବଦନ୍ତୀ ଖେଳାଳି କପିଲ ଦେବଙ୍କ ସମକକ୍ଷ ହୋଇପାରିଛନ୍ତି। ଜାଡେଜାଙ୍କୁ ଏହି ଐତିହାସିକ ସଫଳତା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟର ତୃତୀୟ ଦିନରେ ମିଳିଛି। ଜାଡେଜା ଐତିହାସିକ ରେକର୍ଡ ସହ ଭାରତର ୫ମ କ୍ରିକେଟର ଭାବେ ଟେଷ୍ଟ କ୍ରିକେଟରେ ୩୫୦ କିମ୍ବା ତା'ଠାରୁ ଅଧିକ ଓ୍ୱିକେଟ ନେଇଛନ୍ତି। ଏହି କ୍ଲବରେ ପୂର୍ବରୁ ଅନୀଲ କୁମ୍ବଲେ, ରବିଚନ୍ଦ୍ରନ ଅଶ୍ୱିନ, କପିଲ ଦେବ ଓ ହରଭଜନ ସିଂହ ରହିଥିଲେ। ଜାଡେଜେ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ ଅଭିଯାନ ୮୯ଟି ମ୍ୟାଚ୍‌ରେ ୪୦୯୫ ରନ ଓ ୩୪୮ ଓ୍ୱିକେଟ ସହ ଆରମ୍ଭ କରିଥିଲେ। ଏହାର ଅର୍ଥ ଐତିହାସିକ ସଫଳତା ପାଇଁ ତାଙ୍କୁ ୨ଟି ଓ୍ୱିକେଟ ଦରକାର ଥିଲା। ସେ ଶ୍ରୀଲଙ୍କାର କେଶାରା ନୁଓ୍ୱାନ୍ଥାଙ୍କୁ ଆଉଟ କରି ନିଜ ୩୫୦ତମ ଓ୍ୱିକେଟ ହାସଲ କରିଛନ୍ତି। ଜାଡେଜା ପ୍ରଥମ ଇନିଂସରେ ୩ଟି ସଫଳତା ପାଇଥିବାରୁ ଏବେ ତାଙ୍କ ଟେଷ୍ଟ ଓ୍ୱିକେଟ ସଂଖ୍ୟା ୩୫୧ରେ ପହଞ୍ଚି ଯାଇଛି। ଟେଷ୍ଟରେ ୪ ହଜାରରୁ ଅଧିକ ରନ ସହ ୩୫୦ ଓ୍ୱିକେଟ ନେଇଥିବା ତାଲିକାର ପ୍ରଥମ ସ୍ଥାନରେ କପିଲ ଦେବ ରହିଛନ୍ତି। ସେ ୫୨୪୮ ରନ ସହ ନିଜ ଟେଷ୍ଟ କ୍ୟାରିୟରରେ ୪୩୪ଟି ଓ୍ୱିକେଟ ନେଇଥିଲା। ତାଙ୍କ ବ୍ୟତୀତ ଏହି ତାଲିକାରେ ଇଆନ ବୋଥାମ(୫୨୦୦ ରନ ଓ ୩୮୩ ଓ୍ୱିକେଟ) ଓ ଡାନିଏଲ ଭେଟୋରି(୪୫୩୧ ରନ ଓ ୩୬୨ ଓ୍ୱିକେଟ) ରହିଥିଲେ। ଏବେ ଜାଡେଜା ଏମାନଙ୍କ ସହ ଯୋଗ ଦେଇଛନ୍ତି। ଜାଡେଜାଙ୍କ ୩୫୦ ଓ୍ୱିକେଟ ସଫଳତା ଟେଷ୍ଟ କ୍ରିକେଟରେ ତାଙ୍କୁ ତୃତୀୟ ସଫଳ ବାମହାତୀ ସ୍ପିନର କରିପାରିଛି। ତାଙ୍କ ଉପରେ ଶ୍ରୀଲଙ୍କାର ରଙ୍ଗାନା ହେରାଥ(୪୩୩) ଓ ନ୍ୟୁଜିଲ୍ୟାଣ୍ଡର ଭେଟୋରି(୩୬୨) ରହିଛନ୍ତି।

## ବର୍ଷା ଯୋଗୁଁ ସମୟ ପୂର୍ବରୁ ଶେଷହେଲା ଖେଳ

# ଭାରତ ୧୭୮ ରନ୍‌ରେ ଆଗୁଆ



**ନୂଆଦିଲ୍ଲୀ :** ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଶ୍ରୀଲଙ୍କା ଗାଲେରେ ଖେଳାଯାଉଛି ପ୍ରଥମ ଟେଷ୍ଟ ମ୍ୟାଚ୍ । ଏହି ଟେଷ୍ଟ ମ୍ୟାଚରେ ଭାରତ ପ୍ରଥମ ଇନିଂସରେ ୪୬୨ ରନ କରିଥିବା ବେଳେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୨୮୪ ରନ୍ କରିପାରିଛି । ୩ୟ ଦିନରେ ଆଉ ୫୦ ମିନିଟ୍ ଖେଳ ହେବାକୁ ଥିବା ବେଳେ ବର୍ଷା ଯୋଗୁଁ ଖେଳ ହୋଇପାରିନାହିଁ । ବର୍ଷା ଯୋଗୁଁ ଖେଳ ସମାପ୍ତ କରିବାକୁ ଘୋଷଣା କରାଯାଇଥିଲା । ତେବେ ଭାରତ ପ୍ରଥମ ଇନିଂସ ବଳରେ ୧୭୮ ରନରେ ଆଗୁଆ ରହିଛି । ଭାରତ ପ୍ରଥମ ଇନିଂସରେ ୪୬୨ ରନ୍ କରିଥିବା ବେଳେ ଶ୍ରୀଲଙ୍କା ୨୮୪ ରନ୍ କରିଛି । ପ୍ରଥମ ଇନିଂସ ବଳରେ ୧୭୮ ରନରେ ଆଗୁଆ ରହିଛି । ପ୍ରଥମ ଇନିଂସରେ ମହମ୍ମଦ ସିରାଜ ୧ ଓ୍ୱିକେଟ, ପ୍ରସିଦ୍ଧ କ୍ରିଷ୍ଣା ୧, ମାନବ ସୁଧାର ୪, କୁଲଦୀପ ଯାଦବ ୧, ରବିନ୍ଦ୍ର ଜାଡେଜା ୩ ଓ୍ୱିକେଟ ନେଇଛନ୍ତି ।

# ପ୍ରଥମ ରାଉଣ୍ଡରୁ ବିଶ୍ୱବିଜେତା ଶି ୟୁକିଙ୍କୁ ବିଦାକଲେ ଆୟୁଷ ଶେଟ୍ଟୀ



**ନୂଆଦିଲ୍ଲୀ :** ଅଗଷ୍ଟ ୧୭ ଶି ୟୁକିଙ୍କ ପାଇଁ ଗୋଟିଏ ଖରାପ ଦିନ। ବିଡବ୍ଲ୍ୟୁଏଫ ବିଶ୍ୱ ଚାମ୍ପିୟନଶିପ ଡେବ୍ୟୁ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ଦିନ ଠାରୁ ଏକଥା କୋଚ ବିମଳ କୁମାର ନିୟମିତ ଭାବେ ଆୟୁଷ ଶେଟ୍ଟୀଙ୍କୁ କହି ଆସୁଥିଲେ। ଏକଥାକୁ ସତ କରିବାକୁ ସବୁ ଦିନ ଲାଗି ପଡ଼ିଥିଲେ ବିମଳ କୁମାର। ଆଉ ଅଗଷ୍ଟ ୧୭କୁ ସତରେ ବିଶ୍ୱର ୧ ନମ୍ବର ଖେଳାଳି ଶି ୟୁକିଙ୍କ ପାଇଁ ଖରାପ ସାବ୍ୟସ୍ତ ହୋଇଛି। ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିୟନଶିପର ଡେବ୍ୟୁରେ କମାଲ କରିଛନ୍ତି ଭାରତର ଆୟୁଷ ଶେଟ୍ଟୀ। ସେ ଚାଇନାର ଏହି ଷ୍ଟାର ଖେଳାଳିଙ୍କୁ ଚମତ୍କାର ଢଙ୍ଗରେ ପରାସ୍ତ କରି ପ୍ରଥମ ରାଉଣ୍ଡରୁ ବିଦା କରି ଦେଇଛନ୍ତି। କର୍ଣ୍ଣାଟକାର ୨୧ ବର୍ଷୀୟ ଆୟୁଷ ଶେଟ୍ଟୀ ନିଜର ଡେବ୍ୟୁ ବିଶ୍ୱ ଚାମ୍ପିୟନଶିପ୍‌ରେ ସମସ୍ତଙ୍କୁ ଜଳକା କରିଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ତଥା ବିଶ୍ୱର ଏକ ନମ୍ବର ଖେଳାଳି ଶି ୟୁକିଙ୍କୁ ସେ ୨୧-୧୪, ୧୩-୨୧, ୨୧-୧୯ରେ ପରାସ୍ତ କରି ନିଜ କ୍ୟାରିୟରର ସବୁଠୁ ବଡ଼ ବିଜୟ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ସ୍ମାଶ୍ ସହ ଚମତ୍କାର ଡିଫେନ୍ସ ବଳରେ ଆୟୁଷ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଘରୋଇ ଦର୍ଶକମାନେ ମଧ୍ୟ ତାଙ୍କୁ ସମର୍ଥନ ଦେବାରେ କୌଣସି ଅବହେଳା କରି ନଥିଲେ। ଶି ୟୁକିଙ୍କ ବିପକ୍ଷରେ ଏହା ଆୟୁଷଙ୍କ ପ୍ରଥମ ବିଜୟ। ଏହା ପୂର୍ବରୁ ଉଭୟଙ୍କ ମଧ୍ୟରେ ହୋଇଥିବା ୩ଟି ଯାକ ମୁକାବିଲାରେ ଆୟୁଷ ପରାସ୍ତ ହୋଇଥିଲେ। ଚଳିତ ବର୍ଷ ଆରମ୍ଭରେ ଏସିଆ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ର ଫାଇନାଲରେ ମଧ୍ୟ ଶି ୟୁକିଙ୍କ ଠାରୁ ସିଧାସଳଖ ଗେମ୍‌ରେ ଆୟୁଷଙ୍କୁ ହାରିବାକୁ ପଡ଼ିଥିଲା। ଭିକ୍ଟର ଆକ୍ସେଲସେନ ହେଉଛନ୍ତି ଆୟୁଷ ନିଜର ଆଦର୍ଶ। ସୋମବାର ଦିଲ୍ଲୀର ଆଇଜିଆଇ ଷ୍ଟାଡିୟମ୍‌ରେ ଆୟୁଷ ନିଜ ଆଦର୍ଶଙ୍କଠାରୁ ଶିଖିଥିବା ଧୈର୍ଯ୍ୟର ଝଲକ ଦେଖାଇଥିଲେ। ଆଉ ନିଜର ପ୍ରଦର୍ଶନ ଜରିଆରେ ସେ ଦର୍ଶକଙ୍କ ମନରେ ଉତ୍ସାହ ଭରି ଦେଇଥିଲେ। ୬ ଫୁଟ୍ ୪ ଇଞ୍ଚ ଉଚ୍ଚତାର ଆୟୁଷ ନିଜ ଶକ୍ତିଶାଳୀ ସ୍ମାଶ୍‌ରେ ଶି ୟୁକିଙ୍କୁ ପ୍ରଥମ ଗେମ୍‌ରୁ ହିଁ ଚାପରେ ରଖିଥିଲେ। ଶେଷରେ ଏହାକୁ ସେ ୨୧-୧୪ରେ ଜିତି ନେଇଥିଲେ। ଦ୍ୱିତୀୟ ସେଟ୍‌ରେ କମବ୍ୟାକ କରିଥିଲେ ବିଶ୍ୱର ଏକ ନମ୍ବର ଖେଳାଳି ଶି ୟୁକି। ସେ ଲଗାତାର ପଏଣ୍ଟ ହାସଲ କରି ଏହାକୁ ୨୧-୧୩ରେ ନିଜ ସପକ୍ଷରେ କରିଥିଲେ। ଫଳରେ ମ୍ୟାଚ୍ ନିର୍ଣ୍ଣାୟକ ତୃତୀୟ ସେଟ୍‌କୁ ଯାଇଥିଲା। ଏହି ସେଟ୍‌ରେ ଆୟୁଷ ପୁଣି ନିଜ ଲୟକୁ ଫେରିଥିଲେ। ତାଙ୍କ ସ୍ମାଶ୍‌ର ଜବାବ ଶି ୟୁକିଙ୍କ ପାଖରେ ନଥିଲା। ତଥାପି ସେ କିଛି ମାତ୍ରାରେ ଲଢ଼େଇ କରିଥିଲେ। ଆୟୁଷ ମଧ୍ୟ ହାର ମାନିବା ମୁଡରେ ନଥିଲେ। ଶେଷରେ ଏହି ସେଟ୍‌କୁ ୨୧-୧୯ରେ ଆୟୁଷ ଜିତି ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି।

## ଗାଲେ ଟେଷ୍ଟରେ ଶୁବମନ ଗିଲଙ୍କ ଫ୍ଲାଇଂ କ୍ୟାଚ୍



**ନୂଆଦିଲ୍ଲୀ :** ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଶ୍ରୀଲଙ୍କା ଗାଲେରେ ଖେଳାଯାଉଛି ପ୍ରଥମ ଟେଷ୍ଟ ମ୍ୟାଚ୍ । ଏହି ଟେଷ୍ଟ ମ୍ୟାଚରେ ଭାରତ ପ୍ରଥମ ଇନିଂସରେ ୪୬୨ ରନ କରିଥିବା ବେଳେ ଶ୍ରୀଲଙ୍କା ଏବେ ପ୍ରଥମ ଇନିଂସ ବ୍ୟାଟିଂ କରୁଛି । ୩ୟ ଦିନରେ ଶ୍ରୀଲଙ୍କା ୫ ଓ୍ୱିକେଟ ହରାଇ ୧୩୮ ରନ୍ କରିଛି । ଏହି ମ୍ୟାଚରେ ଟିମ୍ ଇଣ୍ଡିଆର ଅଧିନାୟକ ଶୁବମନ ଗିଲଙ୍କ ଜବରଦସ୍ତ କ୍ୟାଚ୍ ଦେଖି ଫ୍ୟାନ୍ସ ଆଶ୍ଚର୍ଯ୍ୟ ହୋଇଛନ୍ତି । ଶ୍ରୀଲଙ୍କା ବ୍ୟାଟର କାମିଣ୍ଡୁ ମେଣ୍ଡିସଙ୍କ କ୍ୟାଚ୍ ଧରିଛନ୍ତି ଗିଲ୍ । ଶ୍ରୀଲଙ୍କା ପ୍ରଥମ ଇନିଂସରେ ୧୭ ଓଭର ଚାଲୁଥିବା ବେଳେ କୁଲଦୀପ ଯାଦବ ବୋଲିଂ କରୁଥିଲେ । କୁଲଦୀପଙ୍କ ଓଭରର ପ୍ରଥମ ବଲ୍ ରେ ମେଣ୍ଡିସ ଆଗକୁ ଆସି ଡ୍ରାଇଭ କରିଥିଲେ । ତେବେ ବଲ୍ ତଳେ ପଡ଼ିବା ଆଗରୁ ଶୁବମନ ଗିଲ୍ ଉଡ଼ି କ୍ୟାଚ୍ ଧରିଥିଲେ । ଗିଲ୍ ବାମପଟକୁ ବହୁତ ଦୂର ଡେଉଁ ବଲକୁ ଧରିପକାଇ ଥିଲେ । ଗିଲଙ୍କ କ୍ୟାଚ୍ ଧରି ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ । କାମିଣ୍ଡୁ ମେଣ୍ଡିସ ୧୪ ରନ୍ କରି ଆଉଟ୍ ହୋଇଥିଲେ । ଗିଲ୍ ଙ୍କ ଜବରଦସ୍ତ କ୍ୟାଚ୍ ଯୋଗୁଁ ମେଣ୍ଡିସ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ । ଏବେ ଶ୍ରୀଲଙ୍କା ଲଞ୍ଚ ବ୍ରେକ ପରେ ୧୩୮ ରନ୍ କରି ୫ ଓ୍ୱିକେଟ ହରାଇଛି । ଦ୍ୱିତୀୟ ଦିନର ଖେଳରେ ମଧ୍ୟ ବର୍ଷା ବାଧକ ସାଜିଥିଲା । ପ୍ରଥମ ସେଶନ ମ୍ୟାଚ୍ ହୋଇପାରି ନଥିଲା । ଦ୍ୱିତୀୟ ସେଶନରେ କମ ଓଭର ଖେଳାଯାଇଥିଲା । ବର୍ଷା ପ୍ରଭାବିତ ମ୍ୟାଚ୍ର ଦ୍ୱିତୀୟ ଦିନରେ କେବଳ ୪୩ ଓଭର ଖେଳାଯାଇ ପାରିଥିଲା ।

# ହକି ବିଶ୍ୱକପ୍: ଇଂଲଣ୍ଡ ଠାରୁ ହାରିଲା ଭାରତ



**ନୂଆଦିଲ୍ଲୀ :** ଦୀର୍ଘ ୩୨ ବର୍ଷର ଇତିହାସକୁ ବଦଳାଇବା ଲକ୍ଷ୍ୟରେ ଥିବା ଭାରତୀୟ ପୁରୁଷ ହକି ଟିମର ସ୍ୱପ୍ନ ପୁଣି ଅଧା ରହି ଯାଇଛି। ଚଳିତ ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍‌ରେ ଭାରତୀୟ ଟିମ ଇଂଲଣ୍ଡ ଠାରୁ ହାରି ଯାଇଛି। ପ୍ରଥମ ହାଫ ଶେଷ ସୁଦ୍ଧା ୨-୧ରେ ଆଗରେ ଥିବା ଭାରତୀୟ ଟିମ ଶେଷରେ ୪-୨ରେ ଇଂଲଣ୍ଡ ଠାରୁ ପରାସ୍ତ ହୋଇଛି। ଶେଷ ଦୁଇ କ୍ୱାର୍ଟରରେ ଇଂଲଣ୍ଡର ଘନଘନ ଆକ୍ରମଣର ଜବାବ ହରମନପ୍ରୀତ ସିଂହଙ୍କ ହକି ଟିମ ଦେବାର ସକ୍ଷମ ହୋଇନି। ଶେଷରେ ଦଳ ୨-୪ରେ ଇଂଲଣ୍ଡ ଠାରୁ ହାରି ଯାଇଛି। ଚଳିତ ବିଶ୍ୱକପରେ ଏହା ଭାରତର ପ୍ରଥମ ପରାଜୟ। ପ୍ରଥମ ମ୍ୟାଚ୍‌ରେ ଦଳ ୱେଲ୍ସ ଠାରୁ ୩-୧ରେ ଜିତିଥିଲା। କିନ୍ତୁ ଇଂଲଣ୍ଡ ଠଂରୁ ଦଳ ଆଜି ପରାସ୍ତ ହୋଇଛି। ସେପଟେ ଇଂଲଣ୍ଡ କ୍ରମାଗତ ୨ଟି ବିଜୟ ସହ ଗ୍ରୁପ ଡି'ର ୧ ନମ୍ବର ସ୍ଥାନରେ ରହିବା ସ୍ପଷ୍ଟ ହୋଇଛି। ଭାରତ ଗ୍ରୁପ ପର୍ଯ୍ୟାୟରେ ନିଜର ଶେଷ ମ୍ୟାଚ୍ ଆସନ୍ତା ୧୯ରେ ପାକିସ୍ତାନ ବିପକ୍ଷରେ ଖେଳିବ। ସେହିପରି ଇଂଲଣ୍ଡ ଶେଷ ମ୍ୟାଚ୍‌ରେ ୱେଲ୍ସ ସହ ଲଢ଼ିବ। ବିଶ୍ୱ ମାନ୍ୟତାର ତୃତୀୟ ସ୍ଥାନରେ ଥିବା ଇଂଲଣ୍ଡ ବିପକ୍ଷରେ ଭାରତ ଦମଦାର ଆରମ୍ଭ କରିଥିଲା। କିନ୍ତୁ ପ୍ରଥମ କ୍ୱାର୍ଟରରେ ଇଂଲଣ୍ଡ ଗୋଲ ସ୍କୋର କରି ୧-୦ରେ ଆଗୁଆ ହୋଇ ଯାଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅଧିନାୟକ ହରମନପ୍ରୀତ ସିଂହଙ୍କ ପିସି ଓ ଦୀଲପ୍ରୀତ ସିଂହଙ୍କ ଫିଲ୍ଡ ଗୋଲ ବଳରେ ଭାରତ ଲିଡ୍ ହାସଲ କରିଥିଲା। କିନ୍ତୁ ତୃତୀୟ କ୍ୱାର୍ଟରରେ ଇଂଲଣ୍ଡର ହେନରୀ କ୍ରଫ୍ଟ ଗୋଲ ସ୍କୋର କରି ସ୍ଥିତି ୩-୨ କରିଥିଲେ। ଭାରତ କମବ୍ୟାକ ପାଇଁ ଚେଷ୍ଟା କରିଥିଲା। ଦଳକୁ ଏକାଧିକ ପିସି ମଧ୍ୟ ମିଳିଥିଲା। ହେଲେ ଏହାର ଫାଇଦା ଭାରତୀୟ ଖେଳାଳିମାନେ ଉଠାଇ ପାରି ନଥିଲେ। ମ୍ୟାଚ୍ ଶେଷ ହେବାକୁ ପ୍ରାୟ ୫ ମିନିଟ ବାକି ଥିବା ବେଳେ ଇଂଲଣ୍ଡକୁ ମିଳିଥିଲା ଆଉ ଏକ ପିସି। ଏହାକୁ ନିକ ବାନ୍ଦୁରାକ ଗୋଲରେ ପରିଣତ କରି ସ୍ଥିତିକୁ ୪-୨ କରି ଦେଇଥିଲେ। ଏଥିସହ ଇଂଲଣ୍ଡର ବିଜୟ ମଧ୍ୟ ପକ୍କା କରିଥିଲେ। ଏହା ବାନ୍ଦୁରାକଙ୍କ ମ୍ୟାଚ୍‌ରେ ଦ୍ୱିତୀୟ ଗୋଲ ଥିଲା। ଏହି ପରାଜୟ ସହ ବିଶ୍ୱକପରେ ଇଂଲଣ୍ଡ ଠାରୁ ଭାରତ ଜିତିବାକୁ ଦେଖିଥିବା ସ୍ୱପ୍ନ ପୁଣି ଅଧାରେ ରହି ଯାଇଛି। କାରଣ ଭାରତ ଶେଷଥର ଇଂଲଣ୍ଡ ଠାରୁ ୧୯୯୪ ମସିହା ବିଶ୍ୱକପରେ ଜିତିଥିଲା। ଏହାପରେ ୨୦୦୨, ୨୦୦୬ ଓ ୨୦୧୦ରେ ଇଂଲଣ୍ଡ ଲିଗ ପର୍ଯ୍ୟାୟରେ ଭାରତକୁ ପରାସ୍ତ କରିଥିଲା। ୨୦୧୪ ବିଶ୍ୱକପରେ ଇଂଲଣ୍ଡ ୨-୧ରେ ଭାରତ ଠାରୁ ଜିତିଥିଲେ। କିନ୍ତୁ ୨୦୧୮ ବିଶ୍ୱକପରେ ଉଭୟ ଦଳ ପରସ୍ପରକୁ ଭେଟି ନଥିଲେ। ସେହିପରି ୨୦୨୩ ବିଶ୍ୱକପ୍‌ରେ ଭାରତ-ଇଂଲଣ୍ଡ ଲଢ଼େଇ ୨-୨ରେ ଡ୍ର' ରଖିଥିଲା। ଏଥର ପୁଣି ଥରେ ଭାରତ ୪-୨ରେ ଇଂଲଣ୍ଡ ଠାରୁ ହାରିଛି।

# ମୋର ଫୁଟବଲ୍ କ୍ୟାରିୟରର ଶେଷ ବର୍ଷ : କ୍ରିଷ୍ଟିଆନୋ ରୋନାଲ୍ଡୋ



**ନୂଆଦିଲ୍ଲୀ :** ଫୁଟବଲ୍ ଦୁନିଆର ମହାନ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଅବସର ନେଇ ବଡ଼ ସଙ୍କେତ ମିଳିଛି। ୨୦୨୬-୨୭ ଋତୁ ତାଙ୍କ ଖେଳାଳି ଜୀବନର ଶେଷ ଋତୁ ହୋଇପାରେ ବୋଲି ୪୧ ବର୍ଷୀୟ ରୋନାଲଡ୍ରୋ କହିଛନ୍ତି । ଏହା ତାଙ୍କ ଦୁଇ ଦଶନ୍ଧିରୁ ଅଧିକ ସମୟର ଐତିହାସିକ କ୍ୟାରିୟରର ଅନ୍ତ ଆଡ଼କୁ ଇଙ୍ଗିତ କରୁଛି । ଏକ ପତ୍ରିକାକୁ ଦେଇଥିବା ସାକ୍ଷାତକାରରେ ରୋନାଲଡ୍ରୋ କହିଛନ୍ତି, "ଏହା ସମ୍ଭବତଃ ମୋର ଫୁଟବଲ୍ କ୍ୟାରିୟରର ଶେଷ ବର୍ଷ । ମୁଁ ଏକ ଚମତ୍କାର ପରମ୍ପରା ଛାଡ଼ି ଯିବାକୁ ଚାହୁଁଛି।"ଏହି ସାକ୍ଷାତକାରରେ ସେ ନିଜର ଭବିଷ୍ୟତ ଯୋଜନା ସମ୍ପର୍କରେ ବି ସୂଚନା ଦେଇଛନ୍ତି। ଅବସର ପରେ ପରିବାରକୁ ଅଧିକ ସମୟ ଦେବା ସହ ଭ୍ରମଣ କରିବେ ଓ ପାଡେଲ୍ ଖେଳ ଦେଖିବେ ବୋଲି ସେ କହିଛନ୍ତି। ବର୍ତ୍ତମାନ ସାଉଦି ଆରବର କ୍ଲବ୍ ଅଲ୍-ନାସର ପକ୍ଷରୁ ଖେଳୁଥିବା ରୋନାଲ୍ଡୋଙ୍କ ଚୁକ୍ତି ୨୦୨୭ ଜୁନ୍ ପର୍ଯ୍ୟନ୍ତ ରହିଛି। ତେଣୁ ଆସନ୍ତା ଋତୁ ତାଙ୍କ ପେସାଦାର ଫୁଟବଲ୍ ଜୀବନର ଶେଷ ଋତୁ ହୋଇପାରେ। ଅବସର ନେଇ ରୋନାଲ୍ଡୋ ପୂର୍ବରୁ ମଧ୍ୟ ସଂକେତ ଦେଇଥିଲେ, କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଦେଇନଥିଲେ। ଗତ ନଭେମ୍ବରରେ ସେ ଆଉ ଏକରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଖେଳିବାକୁ ଆଶା କରୁଥିବା କହିଥିଲେ। ଏହା ସହ ୨୦୨୬ ଫିଫା ବିଶ୍ୱକପ୍ ତାଙ୍କ ଶେଷ ବିଶ୍ୱକପ୍ ହେବ ବୋଲି ମଧ୍ୟ ସ୍ପଷ୍ଟ କରିଥିଲେ। ୨୦୨୬ ବିଶ୍ୱକପ୍‌ରେ ପର୍ତ୍ତୁଗାଲ୍ ରାଉଣ୍ଡ ଅଫ୍ ୧୬ରେ ସ୍ପେନ୍ ନିକଟରୁ ପରାଜିତ ହୋଇ ବିଦାୟ ନେଇଥିଲା। ରୋନାଲ୍ଡୋ ଏହି ବିଶ୍ୱକପ୍‌ରେ ମୋଟ ୩ଟି ଗୋଲ୍ କରିଥିଲେ।

## ଏସୀୟ କ୍ରୀଡ଼ା, ଏସିଆ କପରୁ ଜେମିମା ବାଦ୍

**ନୂଆଦିଲ୍ଲୀ:** ଭାରତୀୟ ମହିଳା ବ୍ୟାଟର ଜେମିମା ରଡ୍ରିଗ୍ସେଜ ଏସୀୟ କ୍ରୀଡ଼ା ଓ ମହିଳା ଏସିଆ କପରୁ ବାଦ୍ ପଡ଼ିଛନ୍ତି। ଡାହାଣ ହାତ କହୁଣୀରେ ଆଘାତ ଲାଗି ଜେମିମା ଏହି ଦୁଇ ଟୁର୍ଣ୍ଣାମେଣ୍ଟରେ ଖେଳିବେ ନାହିଁ। ଆହତ ଜେମିମା ବିସିସିଆଇ ସେଣ୍ଟର ଅଫ ଏକ୍ସେଲେନ୍‌ସରେ ଚିକିତ୍ସିତ ହେଉଛନ୍ତି। ଏସିଆ କପ୍ ଲାଗି ଜେମିମାଙ୍କ ସ୍ଥାନରେ ପ୍ରତୀକା ରାଓ୍ୱଲଙ୍କୁ ସାମିଲ କରାଯାଇଛି। ମହିଳା ଏସିଆ କପ୍ ୟୁଏଇରେ ଅଗଷ୍ଟ ୨୮ରୁ ଓ ଏସୀୟ କ୍ରୀଡ଼ା ଜାପାନରେ ସେପ୍ଟେମ୍ବର ୧୯ରୁ ଖେଳାଯିବ।



## ୨୨ରୁ ଇଣ୍ଡିଆନ୍ ଓପନ୍ ଆଥଲେଟିକ୍ସ ସିଲ୍‌ଭର ଲେଭଲ୍ କଣ୍ଟିନେଣ୍ଟାଲ୍ ଟୁର୍ ୨୦୨୬

# କଳିଙ୍ଗ ଷ୍ଟାଡିୟମ୍‌ରେ ୧୮ଟି ଇଭେଣ୍ଟରେ ହେବ ପ୍ରତିଯୋଗିତା

**ଭୁବନେଶ୍ୱର(ବ୍ୟୁରୋ):** ବିଶ୍ୱସ୍ତରୀୟ ଆଥଲେଟ୍‌ଙ୍କ ଉପସ୍ଥିତିରେ ଚଳଚଞ୍ଚଳ ହେବ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍। ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ ଇଣ୍ଡିଆନ୍ ଓପନ୍ ଓ୍ୱାଲ୍ଡ ଆଥଲେଟିକ୍ସ ସିଲଭର ଲେଭଲ୍ କଣ୍ଟିନେଣ୍ଟାଲ୍ ଟୁର୍ ୨୦୨୬। ଗତବର୍ଷ କାଂସ୍ୟ ପଦକ ପାଇଁ ଏହା ଖେଳା ଯାଇଥିବା ବେଳେ ଚଳିତ ବର୍ଷ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଏହା ରୌପ୍ୟ ପଦକ ପାଇଁ ଆୟୋଜନ କରାଯିବ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ଏହି ମେଗା କ୍ରୀଡ଼ା ଇଭେଣ୍ଟରେ ୨୮ଟି ଦେଶରୁ ମୋଟ ୧୮୮ ଜଣ ଆଥଲେଟ୍ ଅଂଶଗ୍ରହଣ କରିବେ। ଏଥିରେ ଭାରତର ୮୮ ଜଣ ପ୍ରତିଯୋଗୀ ସାମିଲ ହେବେ। ମହିଳା ଓ ପୁରୁଷ ବର୍ଗରେ ମୋଟ ୧୮ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ।ଭାରତୀୟ ଆଥଲେଟ୍‌ଙ୍କ ମଧ୍ୟରେ ଶ୍ରୀଶଙ୍କର, ଏସୀୟ ସଟ୍‌ପୁଟ୍ ଚାମ୍ପିଅନ୍ ରୋହିତ ଯାଦବ ଏବଂ ଓଡ଼ିଆ ଧାବକ ଅନିମେଷ କୁଜୁର୍ଙ୍କ ଉପରେ ବିଶେଷ ନଜର ରହିବ। ଅନ୍ତର୍ଜାତୀୟ ମଞ୍ଚରେ ନିଜର ପରିଚୟ ସୃଷ୍ଟି କରିଥିବା ବ୍ରାଜିଲ୍ ଓ ନାଇଜେରିଆ ସମେତ ବିଭିନ୍ନ ଦେଶର ଆଥଲେଟ୍‌ଙ୍କ ଅଂଶଗ୍ରହଣ ପ୍ରତିଯୋଗିତାକୁ ଆହୁରି ରୋମାଞ୍ଚକର କରିବ।୪୦୦ ମିଟର ଦୌଡ଼, ସଟ୍‌ପୁଟ୍, ଡିସ୍କସ୍, ଜାଭେଲିନ୍ ଥ୍ରୋ ଏବଂ ହର୍ଡଲ୍ସ ଭଳି ଇଭେଣ୍ଟରେ ରୋମାଞ୍ଚକର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ବିଶେଷକରି ଭାରତୀୟ ଓ ଓଡ଼ିଆ ଆଥଲେଟ୍‌ମାନେ ଘରୋଇ ପରିବେଶର ଫାଇଦା ନେଇ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରହିଛି। ପ୍ରତିଯୋଗିତାରେ ପ୍ରଦର୍ଶନ ଆଧାରରେ ଆଥଲେଟ୍ ମାନଙ୍କ ପାଇଁ ଆର୍ଥିକ ପୁରସ୍କାର ମଧ୍ୟ ରହିଛି। ପ୍ରଥମ ସ୍ଥାନ ଅଧିକାରୀଙ୍କୁ ୧୬୦୦ ଡଲାର, ଦ୍ୱିତୀୟ ସ୍ଥାନ ପାଇଁ ୧୨୦୦ ଡଲାର ଏବଂ ତୃତୀୟ ସ୍ଥାନ ପାଇଁ ୯୦୦ ଡଲାର ପୁରସ୍କାର ଦିଆଯିବ। ସେହିପରି ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ଥାନରେ ଥିବା ଆଥଲେଟ୍‌ଙ୍କୁ ଯଥାକ୍ରମେ ୬୦୦, ୪୦୦ ଓ ୨୦୦ ଡଲାର ପ୍ରଦାନ କରାଯିବ।ଏନେଇ ଭୁବନେଶ୍ୱରର ଏକ ହୋଟେଲ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓ୍ୱାର୍ଲ୍ଡ ଆଥଲେଟିକ୍ସର ଉପସଭାପତି ତଥା ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ମୁଖପାତ୍ର ଆଦିଲି ସୁମେରୀବାଲା, କ୍ରୀଡ଼ା ନିର୍ଦ୍ଦେଶକ ବିଜୟ ଯେଦୁଲା ଏବଂ କ୍ରୀଡ଼ା ସଚିବ ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।କ୍ରୀଡ଼ା ନିର୍ଦ୍ଦେଶକ ବିଜୟ ଯେଦୁଲାଙ୍କ ସୂଚନା ଅନୁସାରେ, ଆସନ୍ତା ୨୦ ତାରିଖରେ ଆଉ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଓଡ଼ିଶାରୁ ଅଂଶଗ୍ରହଣ କରୁଥିବା ଆଥଲେଟ୍ ଏବଂ ଭାରତୀୟ ପ୍ରତିଯୋଗୀଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ଦିଆଯିବ।




କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra

# ମଦର୍ସ ପବ୍ଲିକ ସ୍କୁଲ୍ ପକ୍ଷରୁ ଅତ୍ୟାଧୁନିକ ସ୍ପୋର୍ଟସ ହବ୍ ଶୁଭାରମ୍ଭ

**ଭୁବନେଶ୍ୱର(ବ୍ୟୁରୋ)** ମଦର୍ସ ପବ୍ଲିକ ସ୍କୁଲ୍, ପାହାଳ, ଏସବି୧ ଗ୍ରୁପ୍ ଅଫ୍ କମ୍ପାନିଜ୍ ସହଭାଗିତାରେ ଆଜି ନୂତନ ଅତ୍ୟାଧୁନିକ ସ୍ପୋର୍ଟସ୍ ହବ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି, ଯାହା ସାରା ରାଜ୍ୟରେ ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପାଇଁ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି । ଏସବି୧ ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ଅଧ୍ୟକ୍ଷା ଶ୍ରୀମତୀ ବୈଜୟନ୍ତୀ ସାହୁ ଏବଂ ମଦର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ସର ପ୍ରମୁଖ ନେତୃବୃନ୍ଦ, ଯଥା ଅଧ୍ୟକ୍ଷା ଶ୍ରୀମତୀ ପଲି ପଟ୍ଟନାୟକ, ନିର୍ଦ୍ଦେଶକ ଶ୍ରୀ ଶ୍ରୀଜିତ୍ ପଟ୍ଟନାୟକ, ପରିଚାଳନା ନିର୍ଦ୍ଦେଶିକା ସୁଶ୍ରୀ ମିନତି ସାବତ, ଅଧ୍ୟକ୍ଷା ସୁଶ୍ରୀ ଚିତ୍ରା ଅଜୟ, ମଦର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ସର ସହ-ପ୍ରତିଷ୍ଠାତା ଶ୍ରୀ ନବରଞ୍ଜନ ପଟ୍ଟନାୟକ ଏବଂ ମଦର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ସର ପରିଚାଳନା ନିର୍ଦ୍ଦେଶିକା ସୁଶ୍ରୀ ଋତୁପର୍ଣ୍ଣା ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି କ୍ରୀଡ଼ା କମ୍ପ୍ଲେକ୍ସର ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଥିଲା ।

ଏହି ଅବସରରେ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, 'ଶିକ୍ଷା କେବଳ ପାରମ୍ପରିକ ପାଠ୍ୟକ୍ରମ ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ । ବିଶେଷ କରି କ୍ରୀଡ଼ା ଏବଂ ସଂସ୍କୃତି ଭଳି ପାଠ୍ୟକ୍ରମ ବହିର୍ଭୂତ କାର୍ଯ୍ୟକଳାପ ପାଇଁ ସ୍କୁଲଗୁଡ଼ିକ ଏକ ସକ୍ରିୟ ମଞ୍ଚ ଯୋଗାଇଦେବା ଆବଶ୍ୟକ । ମୁଁ ନିଶ୍ଚିତ ଯେ ଏହି ନୂତନ ସ୍ପୋର୍ଟସ୍ ହବ୍ ସୁବିଧା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର କ୍ରୀଡ଼ା ଲକ୍ଷ୍ୟ ପୂରଣ କରିବାରେ ଏବଂ ଆଗକୁ ବଢ଼ିବାରେ ସାହାଯ୍ୟ କରିବ, ଏବଂ ମଦର୍ସ ପବ୍ଲିକ ସ୍କୁଲ୍ ଏହି ଦିଗରେ ନିରନ୍ତର ପ୍ରଶଂସନୀୟ ତଥା ଅଗ୍ରଣୀ ପଦକ୍ଷେପ ଗ୍ରହଣ କରୁଛି ।'

ଏହି ଭବ୍ୟ ଉଦ୍‌ଘାଟନ ଅବସରରେ ଅନୁଷ୍ଠାନ ପକ୍ଷରୁ ଫୁଟବଲ୍, ଚେସ୍, ପିକଲ୍‌ବଲ୍, ଟେନିସ୍ ଏବଂ ସନ୍ତରଣକୁ ନେଇ ଏକ ବ୍ୟାପକ ଦୁଇ ଦିନିଆ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା, ଯେଉଁଥିରେ ସାରା ଓଡ଼ିଶାରୁ ୧,୦୦୦ ରୁ ଅଧିକ ଛାତ୍ର-ଖେଳାଳି ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମ ଏକ ଆକର୍ଷଣୀୟ ଉଦ୍‌ଯାପନୀ ତଥା ସମ୍ବର୍ଦ୍ଧନା ଉତ୍ସବ ସହିତ ସମାପ୍ତ ହୋଇଥିଲା, ଯେଉଁଥିରେ ମାନ୍ୟବର ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଜଗନ୍ନାଥ ପ୍ରଧାନ ଏବଂ ଏସ୍‌ଆରବି ଆଣ୍ଡ ଆସୋସିଏଟ୍ସର ଅଂଶୀଦାର ଶ୍ରୀ ରାଜୀବ ଶେଖର ସାହୁଙ୍କ ସମେତ ଅନେକ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ ।ଏହି ପଦକ୍ଷେପ ପଛରେ ଥିବା ଲକ୍ଷ୍ୟ ଉପରେ ଆଲୋକପାତ କରି ଶ୍ରୀମତୀ




ବୈଜୟନ୍ତୀ ସାହୁ ପାରମ୍ପରିକ ପାଠପଢ଼ା ବାହାରେ ଚରିତ୍ର ଗଠନ, ଧୈର୍ଯ୍ୟ ଏବଂ ନେତୃତ୍ୱର ବିକାଶ କରୁଥିବା ଭିତ୍ତିଭୂମିରେ ନିବେଶ କରିଥିବାରୁ ସ୍କୁଲକୁ ପ୍ରଶଂସା କରିଥିଲେ, ଯାହା ସ୍ଥାନୀୟ ପ୍ରତିଭାମାନଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଏକ ଉପଯୁକ୍ତ ମଞ୍ଚ ପ୍ରଦାନ କରିବ। ଅନୁଷ୍ଠାନର ସର୍ବାଙ୍ଗୀନ ବିକାଶର ମୂଳ ଲକ୍ଷ୍ୟ ଉପରେ ଗୁରୁତ୍ୱ ଦେଇ ଶ୍ରୀମତୀ ପଲି ପଟ୍ଟନାୟକ କହିଥିଲେ ଯେ, ଏହି ନୂତନ ସୁବିଧା ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ କ୍ରୀଡ଼ା ସୁଯୋଗ ଯୋଗାଇଦେବା ଏବଂ ସେମାନଙ୍କ ମଧ୍ୟରେ ଶୃଙ୍ଖଳା ତଥା ଦଳଗତ ମନୋଭାବର ମୂଲ୍ୟବୋଧ ଗଢ଼ିତୋଳିବା ପାଇଁ ସ୍କୁଲର ସଂକଳ୍ପକୁ ଆହୁରି ସୁଦୃଢ଼ କରୁଛି । ଏହା ଆମ ଛାତ୍ରଛାତ୍ରୀମାନଙ୍କୁ ସର୍ବାଙ୍ଗୀନ ଶିକ୍ଷା ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି ।

ଏହି ବିଶ୍ୱସ୍ତରୀୟ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଏହି ଅଞ୍ଚଳର ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ଅନେକ ନୂତନ ସୁବିଧା ଆରମ୍ଭ କରିଛି, ଯେଉଁଥିରେ ଓଡ଼ିଶାର ପ୍ରଥମ ସ୍କୁଲ-ସ୍ତରୀୟ ସ୍ୱତନ୍ତ୍ର ଗଲ୍ଫ ପ୍ରଶିକ୍ଷଣ ବ୍ୟବସ୍ଥା ଏବଂ ବିଶ୍ୱବ୍ୟାପୀ ଲୋକପ୍ରିୟ ହେଉଥିବା ପିକଲ୍‌ବଲ୍ ଖେଳ ସହିତ ପିଲାମାନଙ୍କୁ ପରିଚିତ କରାଇବା ପାଇଁ ଚାରୋଟି ନିୟମାନୁଯାୟୀ ପିକଲ୍‌ବଲ୍ କୋର୍ଟ ଅନ୍ତର୍ଭୁକ୍ତ । ଏହି ସ୍ୱତନ୍ତ୍ର ସୁବିଧାଗୁଡ଼ିକ ସହିତ ଏକ ସୁଇମିଂ ପୁଲ୍, ଫୁଟବଲ୍ ପଡ଼ିଆ, ଟେନିସ୍ କୋର୍ଟ, ବାସ୍କେଟବଲ୍ କୋର୍ଟ, ଇନଡୋର୍ ବ୍ୟାଡମିଣ୍ଟନ କୋର୍ଟ ଏବଂ ପ୍ରଫେସନାଲ୍ କ୍ରିକେଟ୍ ଅଭ୍ୟାସ ନେଟ୍ ଭଳି ସମ୍ପୂର୍ଣ୍ଣ କ୍ରୀଡ଼ା ସୁବିଧା ରହିଛି, ଯାହା ବୃତ୍ତିଗତ ମାନଦଣ୍ଡ ଅନୁଯାୟୀ ସାମଗ୍ରିକ ଶାରୀରିକ ଶିକ୍ଷା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି ।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ଏକଦିନିଆ ଧର୍ମଘଟ

**ଭୁବନେଶ୍ୱର(ବ୍ୟୁରୋ)** ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀଙ୍କ ବିଭିନ୍ନ ଦୀର୍ଘଦିନର ସମସ୍ୟା ଏବଂ ନ୍ୟାୟସଙ୍ଗତ ଦାବିର ସମାଧାନ ଦାବିରେ ଆଜି ଏକଦିନିଆ ଧର୍ମଘଟ ଅନୁଷ୍ଠିତ ହୋଇଛି। AOGBO ଓ OGBEAର ମିଳିତ ଆହ୍ୱାନରେ ହୋଇଥିବା ଏହି ଧର୍ମଘଟରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨,୪୦୦ରୁ ଅଧିକ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିବା ର ଜଣାପଡ଼ିଛି। ଭୁବନେଶ୍ୱରସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାୟ ୧,୦୦୦ ଅଧିକାରୀ ଓ କର୍ମଚାରୀଙ୍କ ବିଶାଳ ସମାବେଶ ଓ ପ୍ରତିବାଦ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କର ୯୦୦ରୁ ଅଧିକ ଶାଖା ମଧ୍ୟରୁ ପ୍ରାୟ ୯୦ ପ୍ରତିଶତ ଶାଖା ବନ୍ଦ ରହିଥିବା ସହ ପ୍ରାୟ ସମସ୍ତ ଆଞ୍ଚଳିକ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଥିବା ଦାବି କରାଯାଇଛି। ଏହା ଫଳରେ ବ୍ୟାଙ୍କର ସାଧାରଣ କାର୍ଯ୍ୟକଳାପ ଓ ଗ୍ରାହକ ସେବା ପ୍ରଭାବିତ ହୋଇଥିବା ର ସୂଚନା ମିଳିଛି। AOGBO I OGBEA ପକ୍ଷରୁ ୭ ଜୁଲାଇ ୨୦୨୬ରେ ବ୍ୟାଙ୍କ ପରିଚାଳନାକୁ ୨୦-ଦଫା ଦାବିପତ୍ର ଦିଆଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ଉଭୟ ସଂଗଠନକୁ ଔପଚାରିକ ସ୍ୱୀକୃତି, ୨୦୨୬ର ଅନିୟମିତ ବଦଳିର ପୁନର୍ବିଚାର, DFS Transfer Policyର ସମ୍ପୂର୍ଣ୍ଣ କାର୍ଯ୍ୟକାରୀକରଣ, ୧୨ତମ Bipartite Settlement ଓ ୯ମ Joint Noteର କାର୍ଯ୍ୟକାରୀକରଣ ଆଦି ରହିଛି। ଏଥିସହ Overtime Allowance I Officiating Allowance ଲାଗୁ କରିବା, Staff Loane ସୁଧ ହ୍ରାସ ଓ ଋଣ ସୀମା ବୃଦ୍ଧି, Sponsored Bank ସହ ସମାନ ଭତ୍ତା, ଖାଲି ପଦବୀଗୁଡ଼ିକୁ ଶୀଘ୍ର ପ୍ରତ୍ୟକ୍ଷ ନିଯୁକ୍ତିରେ ପୂରଣ, ଶାଖାଗୁଡ଼ିକର ଭିତ୍ତିଭୂମି ବିକାଶ ଓ ଇଉ ବ୍ୟବସ୍ଥା, କର୍ମଚାରୀ ସୁରକ୍ଷା ପାଇଁ Armed Security Guard ଓ Cash Van ବ୍ୟବସ୍ଥା ଏବଂ ପଦୋନ୍ନତି ପ୍ରକ୍ରିୟାରେ ସ୍ୱଚ୍ଛତା ଭଳି ଦାବି ରହିଛି। କର୍ମଚାରୀଙ୍କ ଅଭିଯୋଗର ଶୀଘ୍ର ସମାଧାନ ସହ CSA/Senior CSAu designation, seniority I service benefits ସୁରକ୍ଷା ପାଇଁ ମଧ୍ୟ ଦାବି କରାଯାଇଛି। ଦାବିଗୁଡ଼ିକର ସମାଧାନ ନହେବାରୁ ୨୩ ଜୁଲାଇରୁ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ଆରମ୍ଭ ହୋଇ ଶେଷରେ ୧୭ ଅଗଷ୍ଟରେ ଏକଦିନିଆ ଧର୍ମଘଟ ଘୋଷଣା କରାଯାଇଥିଲା।

# କଳାଭୂମିରେ ସମୃଦ୍ଧି ଉତ୍ସବ

**ଭୁବନେଶ୍ୱର(ବ୍ୟୁରୋ)** ମହାଶକ୍ତି ଫାଉଣ୍ଡେସନ୍ ତରଫରୁ ଟିପିସିଓଡିଏଲ୍ ସହଯୋଗରେ "ସମୃଦ୍ଧି ଉତ୍ସବ ୨୦୨୬ – ଐତିହ୍ୟ ଗଢୁଥିବା ଶିଳ୍ପୀ ଙ୍କୁ ସମ୍ମାନ" ଶୀର୍ଷକରେ ଏକ ଦିନିଆ କାର୍ଯ୍ୟକ୍ରମ ଭୁବନେଶ୍ୱରର ପୋଖରୀପୁଟସ୍ଥିତ ଶିଳ୍ପୀ ବିହାର, କଳାଭୂମିଠାରେ ଆୟୋଜିତ ହୋଇ ଯାଇଛି । ଏହି ଉତ୍ସବ କୁ ଟାଟା ପାୱାର ସି ଏସ ଆର (ପ୍ରସାରଣ ଓ ବିତରଣ) ମୁଖ୍ୟ ଶ୍ରୀ ପଙ୍କଜ କୁମାର ସିଂ ଉଦଘାଟନ କରିଥିବା ବେଳେ ଟ୍ରାଇଫେଡ ର ଆଞ୍ଚଳିକ ପରିଚାଳକ ଶ୍ରୀମତୀ ସୁମନା ସାହା, ଓରମାସ ର ଉପ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଶ୍ରୀ ରୋଶନ କାର୍ତ୍ତିକ ,ଉତ୍କଳିକା ର ପରିଚାଳକ ଶ୍ରୀ ପ୍ରଶାନ୍ତ କୁମାର ମହାପାତ୍ର , ନାବାର୍ଡ ର ଉପ ପ୍ରବନ୍ଧକ ଅନାମିକା ପଣ୍ଡା , ୟୁ ଏନ.ଡି.ପି.ର ଓଡ଼ିଶା ମୁଖ୍ୟ ଆଭା ମିଶ୍ର , ଟି.ପି ଏସ.ଓ.ଡି.ଏଲ୍ ର ସି.ଏସ.ଆର ମୁଖ୍ୟ ଶ୍ରୀ ଦିଲ୍ଲୀପ କୁମାର ସାହୁ, ମହାଶକ୍ତି ଫାଉଣ୍ଡେସନ ର ଉପ ସଭାନେତ୍ରୀ ଶ୍ରୀମତୀ ଇତିଶ୍ରୀ କାନୁନଗୋ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଓ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ହସ୍ତଶିଳ୍ପ




କ୍ଲଷ୍ଟରରୁ ୧୫୦ ଜଣ ହସ୍ତ ଶିଳ୍ପୀ କାରିଗର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ରେ କାରିଗରମାନଙ୍କ ଜୀବିକା ସୁଦୃଢ଼ କରିବା, ଦକ୍ଷତା ବିକାଶ, ବଜାର ସଂଯୋଗ ଓ ପାରମ୍ପରିକ ହସ୍ତଶିଳ୍ପର ସ୍ଥାୟୀତ୍ୱ ବୃଦ୍ଧି ଦିଗରେ ଅତିଥି ମାନେ ଗୁରୁତ୍ୱ ଆରୋପ କରିଥିଲେ । ଟାଟା ପାୱାର ସାରା ଭାରତ ରେ ହସ୍ତ ଶିଳ୍ପ କାରିଗର ମାନଙ୍କ ଜୀବନ ଓ ଜୀବିକା ର ବିକାଶ ଦିଗରେ ବହୁବିଧ କାର୍ଯ୍ୟ କରୁଥିବା ବିଷୟ ଅନୁଷ୍ଠାନ ତରଫରୁ ପ୍ରକାଶ କରାଯାଇଥିଲା । କାରିଗରମାନେ ନିଜ ହାତରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରିବା ସହିତ ପାରମ୍ପରିକ କାରିଗରୀ କୌଶଳର ଜୀବନ୍ତ ପ୍ରଦର୍ଶନ କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା । କାର୍ଯ୍ୟକ୍ରମ ରେ ହସ୍ତଶିଳ୍ପ ରେ ପାରଦର୍ଶିତା ଅର୍ଜନ କରିଥିବା ୫ ଜଣ କାରିଗର ଙ୍କୁ ଟି ପି ସି ଓ ଡି ଏଲ୍ ତରଫରୁ ଶ୍ରୀମତୀ ରଶ୍ମି ପଟ୍ଟନାୟକ , ସୌରଭ ଦେବ ଦର୍ଶୀ ଓ ଶୁଭମ୍ ପୁରୋହିତ, ମହାଶକ୍ତି ଫାଉଣ୍ଡେସନ ତରଫରୁ ଆଭା ମିଶ୍ର , ଯୁଗଳ କିଶୋର ପଟ୍ଟନାୟକ ଓ ଶୁଭଶ୍ରୀ ମହାପାତ୍ର ସମ୍ମାନିତ କରିଥିଲେ ।କାର୍ଯ୍ୟକ୍ରମ କୁ ମହାଶକ୍ତି ଫାଉଣ୍ଡେସନ ର ବରିଷ୍ଠ ପରିଚାଳିକା ସୁଶ୍ରୀତା ରଥ ପରିଚାଳନା କରିଥିବାବେଳେ ନିର୍ଦ୍ଦେଶକ ଶ୍ରୀ ମୋହନ କୁମାର ବଳିୟାରସିଂହ କାର୍ଯ୍ୟକ୍ରମ ର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ଶେଷରେ ପ୍ରିୟଙ୍କା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୃଷ୍ଟିବାଧିତ ଅନୁଷ୍ଠାନ ସାଇ ଚାରିଟି ଫାଉଣ୍ଡେସନର ସ୍ୱାଧୀନତା ଦିବସ ପାଳନ

**ଭୁବନେଶ୍ୱର (ବ୍ୟୁରୋ)** ଭୁବନେଶ୍ୱରର ତମାଣ୍ଡୋସ୍ଥିତ ଦୃଷ୍ଟିହୀନ ଅନୁଷ୍ଠାନ ସାଇ ଚାରିଟି ଫାଉଣ୍ଡେସନ ଦ୍ୱାରା ୮୦ ତମ ସ୍ୱାଧୀନତା ଦିବସ ଆନନ୍ଦରସହ ପାଳିତ ହୋଇଯାଇଛି। ସମାଜସେବୀ ମନୋରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଦୃଷ୍ଟିହୀନ, ଦିବାକର ପଲେଇ ପତାକା ଉତ୍ତୋଳନ କରିଥିବା ବେଳେ ସମ୍ପାଦିକା ସୁରମା ପ୍ରଧାନ ସମବେତ ଦୃଷ୍ଟିହୀନ ସଭ୍ୟ ସଭ୍ୟା ତଥା ଉପସ୍ଥିତ ଲୋକମାନଙ୍କୁ ଉଦବୋଧନ ଦେଇଥିଲେ। ଦୃଷ୍ଟିବାଧିତ ସଂଗୀତଜ୍ଞ ସୁବାସ ବେହେରା ଏବଂ କାନ୍ହୁ ଛୁଆଲସିଂ ଦେଶାତ୍ମବୋଧ ସଂଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରୀ ୱେଲଫେଆର କ୍ଲବ ଅଫ ଭୁବନେଶ୍ୱର, ଓସେଡୋ, ଟ୍ୱିନ ହିଲ ଲେଡ଼ିଜ ୱାର୍କର୍ସ କ୍ଲବ ଏବଂ ଅଧିକାର ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇ ଦୃଷ୍ଟିବାଧିତ ଲୋକମାନଙ୍କୁ ଉଦବୋଧନ ଏବଂ ଆଶ୍ୱାସନା ଦେବାସହ ସାହାଯ୍ୟ ସହଯୋଗର ହାତ ବଢ଼ାଇବାର ପ୍ରତିଶ୍ରୁତି ଦେଇଥିଲେ। ଓସେଡୋର ନିର୍ଦ୍ଦେଶକା ରିଭା ମହାନ୍ତି, ରୋଟାରୀ ୱେଲଫେୟାର କ୍ଲବର ସଭାପତି ଦୟାନିଧି



ନାୟକ , ସମ୍ପାଦିକା କଲ୍ୟାଣୀ ପଟ୍ଟନାୟକ, ଉପଦେଷ୍ଟା ପ୍ରଶାନ୍ତ କୁମାର ମିଶ୍ର ଏବଂ ଯୋଗିନାଥ ସେନାପତି, ଲେଡ଼ିଜ ୱାର୍କର୍ସ କ୍ଲବର ସଭାନେତ୍ରୀ ପ୍ରତିମା ସାହୁ, ମଞ୍ଜୁଶ୍ରୀ ରାଉତ, ସରୋଜିନୀ ସିଂ, ଗୀତା ମାଡାମ ଏବଂ ମମତା ରାଉତ,ପ୍ରମୁଖ ଯୋଗଦେଇ ସମସ୍ତ ଦୃଷ୍ଟିହୀନ ମାନଙ୍କୁ ସ୍ୱାଧୀନତା ଦିବସ ବିଷୟରେ ବୁଝାଇବା ସହ ଚକୋଲେଟ, ବିସ୍କୁଟ,ଟିଫିନ ବିତରଣ କରି ମଧ୍ୟାହ୍ନ ଭୋଜନ ପରିବେଷଣ କରିଥିଲେ ଏତଦଭିନ୍ନ ରୋଟାରୀ ୱେଲଫେୟାର ତରଫରୁ ରାସନ ଇତ୍ୟାଦି ଯୋଗାଇ ଦିଆଯାଇଥିଲା। ଶେଷରେ ଉଚ୍ଚ ନ୍ୟାଳୟର ଅଧିବକ୍ତା ପ୍ରସନ୍ନ କୁମାର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଗୁପ୍ତେଶ୍ୱର ବଳବନ୍ତରାୟ ଏବଂ ତାଙ୍କ ପରିବାରମିଶି ସଫଳତାରସହ ପରିଚାଳନା କରିଥିଲେ।

# ରିଅଲ୍‌ମି ୧୬ଏକ୍ସ ୫ଜିର ବଜାରପ୍ରବେଶ

**ଭୁବନେଶ୍ୱର(ବ୍ୟୁରୋ)**ଭାରତୀୟ ଯୁବପିଢିଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ଏହାର ନମ୍ବର ସିରିଜରେ ନୂତନ ସ୍ମାର୍ଟଫୋନ ରିଅଲ୍‌ମି ୧୬ଏକ୍ସ ୫ଜିର ଲଂଚ ଘୋଷଣା କରାଯାଇଛି । ସେଗମେଂଟରେ 'ବେଷ୍ଟ ଅଲ୍-ରାଉଣ୍ଡର ସ୍ମାର୍ଟଫୋନ' ଭାବେ ଅବସ୍ଥାପିତ ରିଅଲ୍‌ମି ୧୬ଏକ୍ସ ୫ଜିକୁ ଆଜିର ଜୀବନଶୈଳୀ ସହ ତାଳ ଦେବା ପାଇଁ ଡିଜାଇନ କରାଯାଇଛି, ଏହି ଡିଭାଇସ ଏକ ସେଗ୍‌ମେଂଟ-ଲିଡିଂ ୭୦୦୦ ଏମଏଏଚ ଟାଇଟନ ବ୍ୟାଟେରୀ, ୪୫ୱାଟ ସୁପରଭିଓଓସି ଫାଷ୍ଟ ଚାର୍ଜ, ୧୪୪ଏଚଜେଡ ଅଲ୍‌ଟ୍ରା ବ୍ରାଇଟ ଡିସ୍‌ପ୍ଲେ ଓ ୫ ବର୍ଷର ସୁଗମ କାର୍ଯ୍ୟଦକ୍ଷତାକୁ ଏକାଠି କରିଛି । ଏହି ସ୍ମାର୍ଟଫୋନ ଆକର୍ଷଣୀୟ ଗ୍ଲୋରୀ ହ୍ୱାଇଟ ଓ ଏଣ୍ଡୁରାନ୍ସ ବ୍ରାଉନ ରଙ୍ଗରେ ଉପଲବ୍ଧ ହେଉଛି । ଏହି ସ୍ମାର୍ଟଫୋନ ଗ୍ଲୋରୀ ହ୍ୱାଇଟ ଓ ଏଣ୍ଡୁରାନ୍ସ ବ୍ରାଉନ କଲରରେ, ୪ଜିବି+୧୨୮ଜିବି ଭାରିଆଂଟ ପାଇଁ ୨୩,୯୯୯ ଟଙ୍କା (ଅଫର ମୂଲ୍ୟ), ୬ଜିବି+୧୨୮ଜିବି ପାଇଁ ୨୫,୯୯୯ ଟଙ୍କା (ଅଫର ମୂଲ୍ୟ) ଏବଂ ୬ଜିବି+୨୫୬ଜିବି ଭାରିଆଂଟ ପାଇଁ ୨୮,୯୯୯ ଟଙ୍କା(ଅଫର ମୂଲ୍ୟ)ରେ ଉପଲବ୍ଧ ହେଉଛି । ରିଅଲମି ୧୬ଏକ୍ସ ୫ଜିର ସେଲ ଅଗଷ୍ଟ ୧୩ ତାରିଖ, ଦିନ ୧୨ଟାରୁ Flipkart, realme.com ଓ ମେନଲାଇନ ଷ୍ଟୋର ମାଧ୍ୟମରେ ଆରମ୍ଭ ହୋଇଛି । ରିଅଲମି ୧୬ଏକ୍ସ ୫ଜି ପ୍ରତିକ୍ରିୟାଶୀଳ ମଲ୍ଟିଟାସ୍କିଙ୍ଗ ଓ ଦକ୍ଷ ପ୍ରଦର୍ଶନ ପାଇଁ ୧୮ଜିବି ପର୍ଯ୍ୟନ୍ତ ଡାଇନାମିକ ରାମ ଓ ୨୫୬ ଜିବି ପର୍ଯ୍ୟନ୍ତ ଷ୍ଟୋରେଜ ସହିତ ଏକ ୬ଏନଏମ ପ୍ରୋସେସ ଉପରେ ନିର୍ମିତ ମିଡିଆଟେକ ଡାଇମେନ୍‌ସିଟି ୬୩୦୦ ୫ଜି ଚିପ୍‌ସେଟ ଦ୍ୱାରା ପରିଚାଳିତ । ଏହି ସ୍ମାର୍ଟଫୋନ ଆଣ୍ଡ୍ରଏଡ ୧୬ ଉପରେ ଆଧାରିତ ରିଅଲ୍‌ମି ୟୁଆଇ ୭.୦ ଉପରେ ପରିଚାଳିତ । ରିଅଲ୍‌ମି ୧୬ଏକ୍ସ ୫ଜିରେ ଜିଟି ବୁଷ୍ଟ ସହ ଏକ ବୃହତ ୫୩୦୦ ଏମଏମ୨ ଏୟାରଫ୍ଲୋ ଭାପୋର ଚାମ୍ବର କୁଲିଙ୍ଗ ସିଷ୍ଟମ ଏବଂ ହାଇପର କୁଲିଂ ଟେକ୍ନୋଲୋଜି ରହିଛି । ଏହାର ବୃହତ ୬.୮ ଇଂଚ ଅଲ୍‌ଟ୍ରା ବ୍ରାଇଟ ଡିସ୍‌ପ୍ଲେକୁ ନିଜ ସେଗମେଂଟରେ ସର୍ବୋତମ ଦୃଶ୍ୟତା ଅନୁଭୂତି ଦେବା ପାଇଁ ଡିଜାଇନ କରାଯାଇଛି ଏବଂ ଏଥିରେ ଶ୍ରେଣୀ ଅଗ୍ରଣୀ ୧୪୪ଏଚଜେଡ ରିଫ୍ରେଶ ରେଟ ଓ ୧୨୦୦ ନିଟ୍‌ସ ପର୍ଯ୍ୟନ୍ତ ହାଇ ବ୍ରାଇଟନେସ ମୋଡ୍ ରହିଛି । ରିଅଲ୍‌ମି ୧୬ଏକ୍ସ ୫ଜିର ୭୦୦୦ ଏମଏଏଚ ଟାଇଟନ ବ୍ୟାଟେରୀକୁ ସାରାଦିନର ସହନଶୀଳତା ଏବଂ ଏକ ସୁଗମ, ଅଲ୍‌ୱେଜ-ଅନ ଅନୁଭୂତି ପାଇଁ ନିର୍ମାଣ କରାଯାଇଛି । ଏହି ବ୍ୟାଟେରୀକୁ ୬ ବର୍ଷର ବ୍ୟବହାର ପରେ ମଧ୍ୟରେ ୮୦% ବ୍ୟାଟେରୀ ସ୍ୱାସ୍ଥ୍ୟ ବଜାୟ ରଖିବା ଏବଂ ୧୬୦୦ ପର୍ଯ୍ୟନ୍ତ ଚାର୍ଜିଙ୍ଗ ସାଇକେଲକୁ ସପୋର୍ଟ କରିବା ପାଇଁ ଡିଜାଇନ କରାଯାଇଛି । ଫାଷ୍ଟ ଚାର୍ଜିଙ୍ଗ ପାଇଁ ରିଅଲ୍‌ମି ୧୬ଏକ୍ସ ୫ଜି ୪୫ୱାଟ ସୁପରଭିଓଓସି ଫାଷ୍ଟ୍ ଚାର୍ଜକୁ ସପୋର୍ଟ କରିଥାଏ । ଏହି ଡିଭାଇସରେ ବାଇପାସ ଚାର୍ଜିଙ୍ଗ ଓ ୬.୫ ୱାଟ ରିଭର୍ସ ଚାର୍ଜିଙ୍ଗ ପାଇଁ ସପୋର୍ଟ ରହିଛି । ଏହାବ୍ୟତୀତ ଏହି ସ୍ମାର୍ଟଫୋନରେ ସେଗ୍‌ମେଂଟରେ ସର୍ବୋତମ କ୍ୟାମେରା ଅନୁଭୂତି ପ୍ରଦାନ କରିବା ପାଇଁ ଏକ ୫୦ଏମ୍‌ପି ଏଆଇ କ୍ୟାମେରା ରହିଛି । ଏଥିରେ ଏଆଇ ଅଲ୍‌ଟ୍ରା କ୍ଲାରିଟି, ଏଆଇ ଇରେଜର, ଏଆଇ ଗ୍ଲେୟାର ରିମୁଭର, ମୋଶନ ଫଟୋ ଏବଂ ଡୁଆଲ-ଭ୍ୟୁ ଭିଡିଓ ଭଳି ଏଆଇ ଇମେଜିଂ ଟୁଲ୍‌ଗୁଡିକର ଏକ ସ୍ମାର୍ଟ ସେଟ ରହିଛି ଯାହା ରିଲ୍‌ସ, ଟ୍ରାଭେଲ ଅପ୍‌ଡେଟ ଓ ଦୈନନ୍ଦିନ ଷ୍ଟୋରୀଟେଲିଂ ପାଇଁ ଉପଯୁକ୍ତ ଅଟେ । ରିଅଲ୍‌ମି ୧୬ଏକ୍ସ ୫ଜିରେ ଗୁଗଲ ଜେମିନାଇ, ଏଆଇ ଆସିଷ୍ଟାଂଟ ଫର୍ ନୋଟ୍‌ସ, ଟେକ୍ସଟ ସ୍କାନର, ଏଆଇ ଡକ୍ୟୁମେଂଟ ଏନ୍‌ହାନ୍ସମେଂଟ ଭଳି ଟୁଲ ଏବଂ ଏଆଇ-ପରିଚାଳିତ ଏକ୍ସପୋର୍ଟ କ୍ଷମତା ରହିଛି ।

# ରଙ୍ଗତୂଳୀରେ ସୃଜନଶୀଳତାର ଅନନ୍ୟ ପ୍ରଦର୍ଶନ

**ଭୁବନେଶ୍ୱର(ବ୍ୟୁରୋ)** ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ମେଡୋଜ୍ ପକ୍ଷରୁ ଏହାର ପ୍ରମୁଖ ଆନ୍ତଃବିଦ୍ୟାଳୟ ଚିତ୍ରକଳା ପ୍ରତିଯୋଗିତା "ରଙ୍ଗତୁଳୀ-୨୦୨୬"ର ପଞ୍ଚମ ସଂସ୍କରଣ ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମ୍‌ରେ ସଫଳତାର ସହ ଆୟୋଜିତ ହୋଇଛି। ଭୁବନେଶ୍ୱରର ୧୦୦ରୁ ଅଧିକ ବିଦ୍ୟାଳୟର ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ ।,ପ୍ରତିଯୋଗିତାରେ ପଞ୍ଚମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଦୁଇଟି ବର୍ଗରେ ଅଂଶଗ୍ରହଣ କରିଥିଲେ। ପଞ୍ଚମରୁ ସପ୍ତମ ଶ୍ରେଣୀ ପାଇଁ ବିଷୟ ଥିଲା "ପ୍ଲାଷ୍ଟିକ୍ ପ୍ରଦୂଷଣକୁ ନା କୁହନ୍ତୁ", ଯେତେବେଳେ ଅଷ୍ଟମରୁ ଦଶମ ଶ୍ରେଣୀ ପାଇଁ ବିଷୟ ଥିଲା "ଡିଜିଟାଲ୍ ଇଣ୍ଡିଆ – ମୋ ସ୍ମାର୍ଟ ଗ୍ରାମ"। ଉଦ୍‌ଘାଟନୀ ସମାରୋହରେ ଭୁବନେଶ୍ୱରର ମାନ୍ୟବର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରୋଟାରୀ ଇଣ୍ଟରନ୍ୟାସନାଲ୍ ଡିଷ୍ଟ୍ରିକ୍ଟ ୩୨୬୨ର ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ୍ ଅନିଲ କୁମାର ସାମଲ, ଆଇଏଏସ୍ (ଅବସରପ୍ରାପ୍ତ) ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଯୁବ ଶିଳ୍ପୀମାନେ ନିଜର କଳ୍ପନାଶକ୍ତି, ସୃଜନଶୀଳତା ଓ ଶିଳ୍ପୀସୁଲଭ ପ୍ରତିଭାର ଅନନ୍ୟ ପରିଚୟ ଦେଇଥିଲେ। ରଙ୍ଗିନ ଚିତ୍ର ମାଧ୍ୟମରେ ସେମାନେ ପରିବେଶ ସୁରକ୍ଷା, ଡିଜିଟାଲ୍ ପରିବର୍ତ୍ତନ ଓ ଏକ ଉନ୍ନତ ଭବିଷ୍ୟତ ପାଇଁ ନିଜର ଚିନ୍ତାଧାରାକୁ ପ୍ରକାଶ କରିଥିଲେ। ଏହି ବିଷୟଗୁଡ଼ିକ ଛାତ୍ରଛାତ୍ରୀଙ୍କୁ ସମସାମୟିକ ସମସ୍ୟାଗୁଡ଼ିକୁ ବୁଝିବା ସହିତ ନିଜର ଚିନ୍ତାକୁ ସୃଜନଶୀଳ ଭାବରେ ପ୍ରକାଶ କରିବାର ସୁଯୋଗ ଦେଇଥିଲା। ପୁରସ୍କାର ବିତରଣ ସମାରୋହରେ ଭୁବନେଶ୍ୱର ମହାନଗର ନିଗମର ମାନ୍ୟବର ମେୟର ଶ୍ରୀମତୀ ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ୍ ଅନିଲ କୁମାର ସାମଲ, ଆଇଏଏସ୍ (ଅବସରପ୍ରାପ୍ତ) ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ବିଜେତାମାନଙ୍କୁ ମୋଟ ୧ ଲକ୍ଷ ଟଙ୍କାର ନଗଦ ପୁରସ୍କାର, ପ୍ରମାଣପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ସହିତ ପ୍ରତ୍ୟେକ ବର୍ଗରେ ୧୦ଟି ଲେଖାଏଁ ସାନ୍ତ୍ୱନାମୂଳକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଏହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ଓ ପ୍ରୟାସକୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ମେଡୋଜ୍ ?ର ସଭାପତି ରୋଟାରିଆନ୍ ବିକାଶ ଗରାବଡୁ କହିଥିଲେ ଯେ, ରଙ୍ଗତୁଳୀ କେବଳ ଏକ ଚିତ୍ରକଳା ପ୍ରତିଯୋଗିତା ନୁହେଁ, ବରଂ ଯୁବ ମନକୁ ଚିନ୍ତା କରିବା, କଳ୍ପନା କରିବା ଓ ନିଜର ଭାବନାକୁ ପ୍ରକାଶ କରିବା ପାଇଁ ଏକ ଅନନ୍ୟ ମଞ୍ଚ। ସେ କହିଥିଲେ, "ରଙ୍ଗତୁଳୀ ପିଲାମାନଙ୍କୁ ଏପରି ଏକ ମଞ୍ଚ ପ୍ରଦାନ କରୁଛି, ଯେଉଁଠାରେ କଳା ସଚେତନତା, କଳ୍ପନା ଓ ସକାରାତ୍ମକ ପରିବର୍ତ୍ତନର ମାଧ୍ୟମ ହୋଇପାରୁଛି। ଛାତ୍ରଛାତ୍ରୀଙ୍କ ଅଭୂତପୂର୍ବ ଅଂଶଗ୍ରହଣ ଓ ଅସାଧାରଣ ସୃଜନଶୀଳତା ଆମ ଯୁବପିଢ଼ିର ଅପାର ସମ୍ଭାବନାକୁ ପ୍ରମାଣିତ କରୁଛି।" କ୍ଲବ୍ ସେକ୍ରେଟାରୀ ରୋଟାରିଆନ୍ ଦୀପକ ଜେନା ଏବଂ ପିପି ସନ୍ତୋଷ ସେନାପତି, ପ୍ରୋଜେକ୍ଟ ଚେୟାର, ରଙ୍ଗତୁଳୀ-୨୦୨୬, ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା



ବିଦ୍ୟାଳୟ, ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ପ୍ରାୟୋଜକ, ସହଯୋଗୀ, ରୋଟାରାକ୍ଟର, ସ୍ୱେଚ୍ଛାସେବୀ ଓ ରୋଟାରିଆନ୍‌ମାନଙ୍କୁ ସେମାନଙ୍କର ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ପ୍ରେସିଡେଣ୍ଟ-ଇଲେକ୍ଟ ରୋଟାରିଆନ୍ ପ୍ରିୟବ୍ରତ ମହାନ୍ତି ଧନ୍ୟବାଦ ଅର୍ପଣ କରିବା ସହିତ ସମାରୋହକୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ମାନ୍ୟଗଣ୍ୟ ଅତିଥି, ପ୍ରତିଯୋଗୀ ଓ ସହଯୋଗୀଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। ଆୟୋଜକମାନଙ୍କ କହିବା ଅନୁସାରେ, ରଙ୍ଗତୁଳୀ ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ମେଡୋଜ୍‌ର ଶିକ୍ଷା, ଯୁବ ବିକାଶ ଓ ସମାଜସେବା ପ୍ରତି ଥିବା ପ୍ରତିବଦ୍ଧତାର ଏକ ପ୍ରତିଫଳନ। ଏହି ପଦକ୍ଷେପ କେବଳ ପ୍ରତିଯୋଗିତାରେ ସୀମିତ ନ ରହି ପିଲାମାନଙ୍କୁ ନିଜ ଚାରିପାଖର ଦୁନିଆକୁ ଅନୁଧ୍ୟାନ କରିବା, ସାମାଜିକ ଓ ପରିବେଶ ସମ୍ବନ୍ଧୀୟ ସମସ୍ୟାକୁ ବୁଝିବା ଏବଂ ସୃଜନଶୀଳତା ମାଧ୍ୟମରେ ନିଜର ଭାବନା ପ୍ରକାଶ କରିବାକୁ ପ୍ରେରିତ କରୁଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଓ ଅତିଥିମାନଙ୍କ ଉତ୍ସାହଜନକ ଉପସ୍ଥିତି ଦେଖିବାକୁ ମିଳିଥିଲା। ରଙ୍ଗତୁଳୀ-୨୦୨୬ର ସଫଳ ଆୟୋଜନରେ ରଙ୍ଗତୁଳୀ କୋର୍ ଟିମ୍, ରୋଟାରୀ ସଦସ୍ୟ, ରୋଟାରାକ୍ଟର ଓ ସ୍ୱେଚ୍ଛାସେବୀମାନଙ୍କର ଅବଦାନ ରହିଥିଲା। ପଞ୍ଚମ ସଂସ୍କରଣର ସଫଳ ସମାପ୍ତି ସହିତ ରଙ୍ଗତୁଳୀ ବିଦ୍ୟାଳୟସ୍ତରର ପିଲାମାନଙ୍କ ମଧ୍ୟରେ କଳା ପ୍ରତିଭାର ବିକାଶ, ସୃଜନଶୀଳତା, ସଚେତନତା ଓ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରୁଥିବା ଏକ ଉଲ୍ଲେଖନୀୟ ମଞ୍ଚ ଭାବେ ନିଜର ସ୍ଥାନକୁ ଆହୁରି ସୁଦୃଢ଼ କରିଛି।

## ଶ୍ରୀଲୋକନାଥଙ୍କ ପୀଠରେ ଜଳଲାଗି କଲେ ହଜାର ହଜାର କାଉଡିଆ







## ଭାରତୀୟ ମଜଦୁର ସଂଘ ପକ୍ଷରୁ ପିଏମ ଓ ସିଏମଙ୍କ ଉଦ୍ଦେଶ୍ୟରେ ଦାବିପତ୍ର






## ୧୩୯ତମ ଦିନରେ ପୁରୀବାସୀଙ୍କ ସତ୍ୟାଗ୍ରହ ପଦଯାତ୍ରା








ଅମୃତ ଦୁନିଆ
The Amruta Dunia
RNI No. ODIODI / 2014 / 56157 www.amrutadunia.org
Vol.13, Issue.119, Tuesday, 18 August 2026, Puri, Pages - 21, Rs. 9/-
ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୯, ମଙ୍ଗଳବାର, ୧୮ ଅଗଷ୍ଟ ୨୦୨୬, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

